

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store



ପ୍ରଖ୍ୟାତ କବିଙ୍କୁ ଶ୍ରଦ୍ଧାଞ୍ଜଳି |୬

ପୁଣି ପରଦାକୁ ଫେରିଲେ ସ୍ମୃତି ଇରାନୀ |୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୦୦ Vol. 22 No-100 10 JULY 2025 THURSDAY, BHUBANESWAR ଗୁରୁବାର, ୧୦ ଜୁଲାଇ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ସଂକ୍ଷେପରେ...

### ସଞ୍ଜିବ ପଣ୍ଡା ନକ୍ସଲ ବିରୋଧୀ ଅପରେସନ ଏଡିଜି

ଭୁବନେଶ୍ୱର,୯।୭(ଭାସ୍କର ନ୍ୟୁଜ): ରାଜ୍ୟ ସରକାର ବୁଧବାର ଆଇପିଏସ୍ ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ୧୯୯୪ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ସଞ୍ଜିବ ପଣ୍ଡାଙ୍କୁ ନକ୍ସଲ ବିରୋଧୀ ଅପରେସନ ଏଡିଜି ଦାୟିତ୍ୱ ଅର୍ପଣ କରାଯାଇଛି। ସେହିଭଳି ୨୦୦୯ ବ୍ୟାଚ୍‌ର ଆଇପିଏସ୍ ଅଖିଳେଶ୍ୱର ସିଂଙ୍କୁ ସ୍ୱତନ୍ତ୍ର ଗୁଇନ୍ଦା ଶାଖାର ଡିଆଇଜି ଭାବେ ଅବସ୍ଥାପିତ କରାଯାଇଥିବାବେଳେ ୨୦୧୦ ବ୍ୟାଚ୍‌ର ଆଇପିଏସ୍ ଅଫିସର କନୱାର ବିଶାଲସିଂଙ୍କୁ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ଦାୟିତ୍ୱ ଦିଆଯାଇଛି।

### ୨୫ ଲକ୍ଷର ଧଳାଜହର ଜବତ, ୫ ଗିରଫ

ଭୁବନେଶ୍ୱର,୯।୭(ଭାସ୍କର ନ୍ୟୁଜ): କମିଶନରେଟ ପୋଲିସର ଏକ ଟିମ୍ ଭୁବନେଶ୍ୱର ମୈତ୍ରୀବିହାରର ଏକ ଅଞ୍ଚଳରେ ଧଳାଜହର କାରବାର କରୁଥିବାବେଳେ ୫ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨୪୫ ଗ୍ରାମର ବ୍ରାଉନସୁଗର ଜବତ କରିଛନ୍ତି। ଜବତ ସାମଗ୍ରୀର ମୂଲ୍ୟ ୨୫ଲକ୍ଷ ଟଙ୍କା ହେବ ବୋଲି ପୋଲିସ କହିଛି।


### ଯୋରରେ ଭାସିଗଲେ ଦୁଇ ଭାଇ

ବିନିକା,୯।୭(ଭାସ୍କର ନ୍ୟୁଜ): ଡୁଙ୍ଗୁରିପାଲି ମାଝିମୁଣ୍ଡା ଯୋରକୁ ଗାଧୋଇବାକୁ ଯାଇ ଦୁଇଭାଇ ଭାସି ଯାଇଥିବା ଭଳି ଅଭାବନୀୟ ଘଟଣା ବୁଧବାର ଘଟିଛି। ସାନଭାଇକୁ ଉଦ୍ଧାର କରିବାକୁ ଯାଇ ବଡ଼ଭାଇ ଭାସି ଯାଇଥିବା ସୂଚନା ମିଳିଛି। ଖବର ପାଇ ପୋଲିସ ଓ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି।

ସେନ୍‌ସେକ୍ସ: ୮୩,୫୩୬.୦୮
ସର୍ବାଧିକ: ୨୯ ଡିଗ୍ରୀ
ସର୍ବନିମ୍ନ: ୨୬ ଡିଗ୍ରୀ

**୯।୭ ।୨୦୨୫ ର ମତାମତ**

ଝାଡ଼ାବାନ୍ତି ନିୟନ୍ତ୍ରଣ ପାଇଁ ସରକାର ଠୋସ୍ ପଦକ୍ଷେପ ଗ୍ରହଣ କରିବା ଉଚିତ୍ ନୁହେଁ କି?




**ଆଜିର ପ୍ରସଙ୍ଗ**

ବାର୍ଡଫ୍ଲୁ ନେଇ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବା ଉଚିତ୍ ନୁହେଁ କି?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ www.odishabhaskar.com

## ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ସହ ଦେଶବ୍ୟାପୀ ଶ୍ରମିକ ଧର୍ମଘଟ

# ବନ୍ଦ, ବନ୍ଦ, ସବୁ ବନ୍ଦ





### ଗଡ଼ିଲାନି ବସ୍, ଯାତ୍ରୀ ହୀନସ୍ତା, ସବୁ ବସ୍‌ଷ୍ଟାଣ୍ଡ ଖାଁ ଖାଁ
### ମନ୍ତ୍ରୀଙ୍କ ସହ ମହାସଂଘର ଆଲୋଚନା ବିଫଳ
### ଦେଶବ୍ୟାପୀ ଧର୍ମଘଟରେ ୨୫ କୋଟି କର୍ମଚାରୀ ସାମିଲ
### ୧୦ ଦଫା ଦାବି ପୂରଣ ପାଇଁ ପୁଣି ଦାବି
### ବ୍ୟାଙ୍କିଙ୍ଗ୍, ବୀମା, ଡାକସେବା,କଳକାରଖାନା, ଖଣି ପ୍ରଭାବିତ
### କାଁ ଭାଁ ଗଣ୍ଡଗୋଳକୁ ଛାଡ଼ିଦେଲେ ଧର୍ମଘଟ ଶାନ୍ତିପୂର୍ଣ୍ଣ

ଭୁବନେଶ୍ୱର/ନୂଆଦିଲ୍ଲୀ,୯।୭ (ବ୍ୟୁରୋ): ଗୋଟିଏ ପଟେ ଡ୍ରାଇଭର ମହାସଂଘର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଓ ଅନ୍ୟପକ୍ଷରେ ଶ୍ରମିକ ସଂଗଠନର ଭାରତ ବନ୍ଦ ଡାକରା । ଏହା ପ୍ରଭାବରେ ସାରା ଓଡ଼ିଶାରେ ପରିବହନ ବ୍ୟବସ୍ଥା ଏକ ପ୍ରକାର ଠପ୍ ହୋଇଥିବାବେଳେ ସାରା ଦେଶରେ ମଧ୍ୟ ବୁଧବାର ଅଚଳାବସ୍ଥା ଦେଖା ଦେଇଥିଲା। ଓଡ଼ିଶାର ବିଭିନ୍ନ ବସ୍‌ଷ୍ଟାଣ୍ଡ ଖାଁ ଖାଁ ଲାଗୁଥିଲା। ଭୁବନେଶ୍ୱରର ବରମୁଣ୍ଡା ବସ୍‌ଷ୍ଟାଣ୍ଡଠାରୁ ଆରମ୍ଭ କରି କଟକର ନେତାଜୀ ସୁଭାଷଚନ୍ଦ୍ର ବୋଷ ବସ୍ ଟର୍ମିନାଲରେ ଯାତ୍ରୀଙ୍କୁ ମଧ୍ୟ ଦେଖିବାକୁ ମିଳିନଥିଲା। କେବଳ ସରକାରୀ ଓ ଆମ ବସ୍ ଚଳାଚଳ କରୁଥିଲା। ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁ ଦେଶରେ ତୈଳ ପରିବହନ ପ୍ରଭାବିତ ହୋଇଛି। ଦୁଇଦିନ ହେବ କୌଣସି ଟାଙ୍କିକୁ ତେଲ ଆସୁନାହିଁ। ରାଜ୍ୟ ପେଟ୍ରୋଲିୟମ ସଂଘ ପକ୍ଷରୁ କୁହାଯାଇଛି ଯେ ଯଦି ଆନ୍ଦୋଳନ ଜାରି ରହେ ତେବେ ଗୁରୁବାରଠାରୁ ପେଟ୍ରୋଲ ମିଳିବା ଅସମ୍ଭବ ହୋଇପଡ଼ିବ। ପାରାଦୀପ, ବାଲେଶ୍ୱର, ଜଟଣୀ ଓ ଝାରସୁଗୁଡ଼ା ତେଲ ଡିପୋରେ ମଧ୍ୟ ଧର୍ମଘଟ ଜାରି ରହିଛି। ୬ ଦଫା ଦାବିରେ ଡ୍ରାଇଭର ମହାସଂଘ ଦୁଇଦିନ ହେବ ଷ୍ଟିଅରିଂ ବନ୍ଦ ଆନ୍ଦୋଳନ କରିଥିବାରୁ ପରିବହନ ବ୍ୟବସ୍ଥା ଅଟକି ଯାଇଛି। ପରିବହନ ମନ୍ତ୍ରୀଙ୍କ ସହ ଡ୍ରାଇଭର ସଂଘର ଆଲୋଚନା ବି ବିଫଳ ହୋଇଛି। ସଂଘ ସଭାପତି କହିଛନ୍ତି ଯେ ସରକାର ସମସ୍ତ ଦାବି ମାନିଥିଲେ ମଧ୍ୟ ଲିଖିତ ପ୍ରତିଶ୍ରୁତି ନ ଦେବା ପର୍ଯ୍ୟନ୍ତ ଆନ୍ଦୋଳନରୁ ହଟିବାର ପ୍ରଶ୍ନ ଉଠୁନାହିଁ । ସେହିପରି ଶ୍ରମିକ ସଂଗଠନର ଭାରତ ବନ୍ଦ ଯୋଗୁ ବ୍ୟାଙ୍କ, ବୀମା, ଡାକ, କଳକାରଖାନା ଇତ୍ୟାଦିରେ ସେବା ପ୍ରଭାବିତ ହୋଇଛି। ୧୦ ପ୍ରମୁଖ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଓ କୃଷକ ସଂଗଠନ ମିଳିତ ମଞ୍ଚ ପକ୍ଷରୁ ବୁଧବାର ଦିଆଯାଇଥିବା ଭାରତ ବନ୍ଦ ଡାକରାର ପ୍ରଭାବ ବେଶ୍ ଅନୁଭୂତ ହୋଇଛି। କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ, କୃଷକ ବିରୋଧୀ ● ପୃଷ୍ଠା ୫ ଦେଖନ୍ତୁ

## ଖୁବ୍‌ଶୀଘ୍ର ହେବ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ: ମନମୋହନ



ଭୁବନେଶ୍ୱର,୯।୭(ଭାସ୍କର ନ୍ୟୁଜ): ଖୁବ୍‌ଶୀଘ୍ର ହେବ ରାଜ୍ୟ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ। ବୁଧବାର ପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ଦର୍ଶନ ପରେ ଏହା କହିଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। ସେ କହିଛନ୍ତି, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ସଡ଼କ ଇତ୍ୟାଦି ରାଜ୍ୟବାସୀଙ୍କୁ ଯୋଗାଇ ଦେବା ଆମର ପ୍ରାଥମିକତା। ନୂଆ ରାଜ୍ୟ କମିଟି ସହ ବୋର୍ଡ, ନିଗମ ପଦବୀ ଖାଲି ପଡ଼ିବା ଉପରେ ସେ କହିଥିଲେ, ଏ ନେଇ ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଚୂଡ଼ାନ୍ତ ପ୍ରକ୍ରିୟା ବାକି ରହିଛି। ଖୁବ୍‌ଶୀଘ୍ର ସବୁ ପଦବୀ ପୂରଣ କରାଯିବ। ବିଜେପି ସରକାରରେ କାମ ଧିମା ଚାଲିଥିବା ଅଭିଯୋଗ ଉପରେ ମତ ରଖି ଶ୍ରୀ ସାମଲ କହିଥିଲେ, 'ସ୍ଲୋ ଆଣ୍ଡ ଷ୍ଟିଡି ୱିନ ଦ ରେସ୍'। ଠିକ୍ ସମୟରେ ଠିକ୍ କାମ ହେବ। ଆମ ଦଳ ୧୯୫୧ ମସିହାଠାରୁ କେବେ ବି ବିଭାଜନ ହୋଇନି। କାହାକୁ ଅପେକ୍ଷା କିମ୍ବା ଉପେକ୍ଷା କରିନି। କୃଷି, ବାଣିଜ୍ୟ, ଶିଳ୍ପ କ୍ଷେତ୍ରରେ ରାଜ୍ୟରେ ଅନେକ ସମ୍ଭାବନା ରହିଛି। ଏହାକୁ ଉପଯୋଗ କରାଯିବ। ଓଡ଼ିଶାରୁ ଦାରିଦ୍ର୍ୟ ହଟିବ। ବାହାରକୁ ଖଟିବା ପାଇଁ ଆଉ କେହି ଯିବେ ନାହିଁ। ତେବେ ମନମୋହନଙ୍କ ନୂତନ ଟିମ୍‌ରେ ଯୁବନେତା, ପୁରୁଖା ନେତାଙ୍କୁ ସାମିଲ କରାଯିବ। କେନ୍ଦ୍ର ସହ ଏ ନେଇ ଆଲୋଚନା ସରିଛି ଓ ଅନେକ ନିଷ୍ପତ୍ତି ମଧ୍ୟ ନିଆଯାଇଛି। ବୋର୍ଡ ଓ ନିଗମ ନିଯୁକ୍ତି ନେଇ ପୂର୍ବରୁ ଦୁଇଥର ବୈଠକ ସରିଥିବାବେଳେ ତାଲିକା ବି ପ୍ରସ୍ତୁତ କରାଯାଇଥିବା ସେ କହିଥିଲେ। ସୂଚନାଯୋଗ୍ୟ ଯେ ମନମୋହନ ଏକମାତ୍ର ପ୍ରାର୍ଥୀ ଭାବେ ମଙ୍ଗଳବାର ରାଜ୍ୟ ବିଜେପି ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ନିର୍ବାଚିତ ହେବାପରେ ସେ କହିଥିଲେ ଯେ ଦଳ ସରକାର ପଛରେ ଖୁଣ୍ଟପରି ଛିଡ଼ା ହେବ। ରାଜ୍ୟରେ ବିଜେପି ସରକାର ଆସିବା ପରେ ଲୋକଙ୍କ ଆଶା ପୂରଣ କରିବାର ଦାୟିତ୍ୱ ବଢ଼ିଛି। ସରକାର ଆସିବା ପରେ ଶୋଇବାନି କି କାହାକୁ ଶୁଆଇ ଦେବାନାହିଁ ବୋଲି ସେ କହିଛନ୍ତି।

## ଜେଲ୍‌ରୁ ମୁକୁଳିଲେ ଜଗନ୍ନାଥ



ଭୁବନେଶ୍ୱର,୯।୭(ଭାସ୍କର ନ୍ୟୁଜ): ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ଜାମିନ। ଜାମିନ ପ୍ରଦାନ କଲେ ଖୋର୍ଦ୍ଧା ଜିଲ୍ଲା ଦୌରାଜଜ୍ ଅଦାଲତ। ଜାମିନ ଆବେଦନର ଶୁଣାଣି କରି ଅଦାଲତ ଜଣେ ଜାମିନଦାର ଓ ୩୦ ହଜାର ଟଙ୍କା ଜମା ବଦଳରେ ଜାମିନ ପ୍ରଦାନ କରିଛନ୍ତି। ଜାମିନ ମିଳିବା ପରେ ବୁଧବାର ସନ୍ଧ୍ୟାରେ ଶ୍ରୀ ପ୍ରଧାନ ଝାରପଡ଼ା ଜେଲରୁ ମୁକୁଳିଛନ୍ତି। ତାଙ୍କୁ ତାଙ୍କର ସମର୍ଥକ ଓ ଶୁଭେଚ୍ଛୁମାନେ ସ୍ୱାଗତ ଜଣାଇବା ସହ ଏକ ବିରାଟ ଶୋଭାଯାତ୍ରାରେ ନେଇଥିଲେ। ଭୁବନେଶ୍ୱର ମହାନଗର ନିଗମ ଅତିରିକ୍ତ କମିଶନରଙ୍କୁ ମାଡ଼ ମାରିବା ଘଟଣାରେ ତାଙ୍କୁ ଗିରଫ କରାଯାଇଥିଲା। ସୂଚନାଯୋଗ୍ୟ ଯେ ଜଗନ୍ନାଥଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଦଫା କମିଶନରେଟ ପୋଲିସ ଲଗାଇଥିଲା। ଦଫା ୩୩୩, ୧୨୧(୧), ୧୨୧(୨), ● ପୃଷ୍ଠା ୫ ଦେଖନ୍ତୁ

## ପୋଲ ଭୁଶୁଡ଼ି ୧୩ ମୃତ

ଭଦୋଦରା,୯।୭: ଗୁଜରାଟର ଭଦୋଦରା ଜିଲ୍ଲା ପାଦରା ସବ୍‌ଡିଭିଜନର ମହିସାଗର ନଦୀ ଉପରେ ଥିବା ଏକ ବ୍ରିଜ ବୁଧବାର ସକାଳୁ ଭୁଶୁଡ଼ି ପଡ଼ିବାରୁ ୧୩ ଜଣଙ୍କର ମୃତ୍ୟୁ ଘଟିଛି। ଏଥିସହ ୫ଟି ୪ଚକିଆ ଗାଡ଼ି ନଦୀ ଭିତରେ ଖସିପଡ଼ିଛି। ଏକ ବଡ଼ ଟ୍ୟାଙ୍କର ମଧ୍ୟ ନଦୀ ଭିତରେ ପଡୁପଡୁ ଅଳ୍ପକେ ବର୍ତ୍ତିଯାଇ ଭଙ୍ଗା ବ୍ରିଜରେ ଫସିଯାଇଥିବା ଦେଖିବାକୁ ମିଳିଛି। ଖବର ପାଇବା ପରେ ଅଗ୍ନିଶମବାହିନୀ, ପୋଲିସ ଓ ସ୍ଥାନୀୟ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଖସିପଡ଼ିଥିବା ଗାଡ଼ି ଭିତରୁ ୯ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ୧୩ଜଣଙ୍କର ମୃତ୍ୟୁ ହୋଇଛି। ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ଯେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ବ୍ରିଜ୍। ଏହା କେନ୍ଦ୍ରୀୟ ଗୁଜରାଟ ଓ ସୌରାଷ୍ଟ୍ରକୁ ସଂଯୋଗ କରୁଛି। ଏଥିସହ ● ପୃଷ୍ଠା ୫ ଦେଖନ୍ତୁ







**୧୧ ଜୁଲାଇ 'ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ' ମହାସମାବେଶ**





୧୧ ତାରିଖ ୧୧ଟାରେ ଭୁବନେଶ୍ୱର ଚାଲ

ବହୁ ସଂଖ୍ୟାରେ ଯୋଗ ଦେବାକୁ ଆହ୍ୱାନ

ଆମର ନେତା, ତୁମର ନେତା ରାହୁଲ ଗାନ୍ଧୀ ଦେଶର ନେତା

**କଂଗ୍ରେସ** ଅହିଂସା ଆନ୍ଦୋଳନ କରି ଦେଶକୁ ସ୍ୱାଧୀନତା ଦେଇଥିଲା ଅଥଚ ଏବେ ମୋଦୀଙ୍କ ଶାସନରେ ଗୋଟିଏ ପରେ ଗୋଟିଏ ସାମ୍ବିଧାନିକ ଅନୁଷ୍ଠାନକୁ ଦୁର୍ବଳ କରାଯାଉଛି। କଂଗ୍ରେସ ସଦାସର୍ବଦା ଜାତୀୟ ସଂହତି, ଧର୍ମନିରପେକ୍ଷତା ଓ ଜନସାଧାରଣଙ୍କ ମୌଳିକ ଅଧିକାର ପାଇଁ ଲଢ଼େଇ କରିଆସିଛି। **ଶ୍ରୀ ରାହୁଲ ଗାନ୍ଧୀ କନ୍ୟାକୁମାରୀ ଠାରୁ କାଶ୍ମୀର ପର୍ଯ୍ୟନ୍ତ ଭାରତ ଯୋଡ଼ୋ ପଦଯାତ୍ରା** କରି ଯେଉଁ **'ସମ୍ବିଧାନ ବଞ୍ଚାଅ, ଦେଶ ବଞ୍ଚାଅ'** ଆହ୍ୱାନ ଦେଇଛନ୍ତି, ସେଥିରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଲକ୍ଷଲକ୍ଷ ଲୋକ ଯୋଗଦେଇ ସେମାନଙ୍କର ସମର୍ଥନ ଜଣାଇଛନ୍ତି।

ପରିତାପର କଥା, **ମୋଦୀ ସରକାର ସାମାଜିକ ନ୍ୟାୟର ବିପରୀତ କାର୍ଯ୍ୟ କରୁଛି।** ଆଦିବାସୀ, ଦଳିତ ଓ ପଛୁଆବର୍ଗଙ୍କ ପାଇଁ ସମ୍ବିଧାନରେ ଦିଆଯାଇଥିବା ସଂରକ୍ଷଣ ସୁବିଧାକୁ ସୁଦ୍ଧା ହଟେଇ ଦେବା ପାଇଁ ବଡ଼ ଚକ୍ରାନ୍ତ ଚାଲିଛି। ଜାତି ଜନଗଣନା ପାଇଁ କଂଗ୍ରେସ ଯେଉଁ ଆହ୍ୱାନ ଦେଇଥିଲା, ଅନିଚ୍ଛା ସତ୍ତ୍ୱେ କେନ୍ଦ୍ର ବାଧ ହୋଇ ତାକୁ ଗ୍ରହଣ କରିଛି। ନେହେରୁଙ୍କ ପ୍ରଧାନମନ୍ତ୍ରୀତ୍ୱରେ, ସମ୍ବିଧାନ ପ୍ରଣେତା ଡ. ବିଆର୍ ଆମ୍ବେଦକରଙ୍କ ପ୍ରଚେଷ୍ଟାରେ ବିଶ୍ୱର ଏହି ଶ୍ରେଷ୍ଠ ଗଣତାନ୍ତ୍ରିକ ସମ୍ବିଧାନ ତିଆରି ହୋଇଥିଲା। ଏହା ଆମ ଗଣତନ୍ତ୍ରର ସବୁଠାରୁ ବଡ଼ ଧର୍ମଗ୍ରନ୍ଥ। କେନ୍ଦ୍ର ଓ ରାଜ୍ୟର ଡବଲ ଇଞ୍ଜିନ ସରକାର ସମସ୍ତ ବିଧିବ୍ୟବସ୍ଥାକୁ ନଷ୍ଟଭ୍ରଷ୍ଟ କରି ଦେଶରେ ଏକଛତ୍ରବାଦ ପ୍ରତିଷ୍ଠା କରିବାକୁ ଯେଉଁ ଚକ୍ରାନ୍ତ କରୁଛନ୍ତି, ତାକୁ ରୋକିବାକୁ **ଶ୍ରୀ ରାହୁଲ ଗାନ୍ଧୀ** ଆହ୍ୱାନ ଦେଇଛନ୍ତି।

ଯାଏ କଥା ଗଲା। ହଜାରହଜାର ଭିଆଇପି ଓ ଦଳୀୟ କର୍ମୀଙ୍କୁ ପାସ୍ ଦେଇ ମହାପ୍ରଭୁ ଓ ଭକ୍ତଙ୍କ ମଧ୍ୟରେ ଫାଟ ସୃଷ୍ଟି କରାଗଲା। ଯୁଗଯୁଗରୁ ଚାଲିଆସିଥିବା ଏହି **ମହାପ୍ରଭୁ ଓ ଭକ୍ତକୈନ୍ଦ୍ରିକ** ରଥଯାତ୍ରାକୁ **ଦଳ ଓ ଭିଆଇପିକୈନ୍ଦ୍ରିକ** କରିଦିଆଗଲା। ସତେ ଯେମିତି ରଥଯାତ୍ରା ବିଜେପିର ଏକ ଦଳୀୟ ଇଭେଣ୍ଟ ଥିଲା!

ବିଜେପି ସରକାର ନାରା ଦେଲେ ବେଟି ବଚାଓ, ବେଟି ପଢ଼ାଓ। କିନ୍ତୁ ଅସଲରେ **ଓଡ଼ିଶାରେ ନାରୀ ଓ ଶିଶୁ ନିର୍ଯାତନା** ହୁ ହୁ ହୋଇ ଏମିତି ବଢ଼ିଲା ଯେ, ଆମେରିକା ନିଜ ଲୋକଙ୍କୁ ଓଡ଼ିଶା ବିଷୟରେ ସତର୍କ କରାଇବା ଯାଏ କଥା ଗଲା। ଦୁଷ୍କର୍ମ, ଗଣଦୁଷ୍କର୍ମ ଓ ହତ୍ୟା ଏପରି ନିତିଦିନିଆ ହୋଇଛି (ଦିନକୁ ହାରାହାରି ୧୫ଟି ଦୁଷ୍କର୍ମ ଘଟଣା) ଯେ, ରାଜ୍ୟରେ ନାରୀ ସୁରକ୍ଷିତ ନ ଥିବା ଭଳି ଏକ ଧାରଣା ସୃଷ୍ଟି ହୋଇଛି। ଧରାକୋଟରେ ଯାହା ହୋଇଗଲା, କୌଣସି ସଭ୍ୟ ସମାଜରେ ତାହା ଆଦୌ ଗ୍ରହଣୀୟ ନୁହେଁ।

ସମସ୍ତଙ୍କୁ **ପାଇପ ଯୋଗେ ସ୍ୱଚ୍ଛ ପିଇବା ପାଣି ଯୋଗାଣର ପ୍ରତିଶ୍ରୁତି** କୁଆଡ଼େ ଗଲା? ଓଲଟା ରାଜ୍ୟବାସୀଙ୍କୁ ଏହି ସରକାର **ହଇଜା ମହାମାରୀ** ପରି ଆଉ ଏକ ଉପହାର ଦେଲେ। କିଛି ସ୍ଥାନରେ ବର୍ଷବର୍ଷ ଧରି ପାଇପ୍ ପଡ଼ିଛି, ଠିକାଦାର କିନ୍ତୁ ଛୁ'। ବ୍ୟାପକ ହରିଲୁଟ୍; ଫଳ ଶୂନ୍। **ରାଜ୍ୟରେ ଏକତୃତୀୟାଂଶ ଡାକ୍ତର ପଦବି ଖାଲିପଡ଼ିଛି। ହଜାରହଜାର ଶିକ୍ଷକ ଓ ଅଧ୍ୟାପକ ପଦବି ମଧ ଖାଲି।** ଠିକା ଭିତ୍ତିରେ ସବୁକିଛି

**ରାଜ୍ୟରେ ନାରୀ ଅସୁରକ୍ଷିତ, ବେକାରୀ ଚିନ୍ତିତ, ଚାଷୀ ହନ୍ତସନ୍ତ ଓ ସାଧାରଣ ଜନତା ପ୍ରତାରିତ**

ଯେଉଁ ରାଜ୍ୟରେ ଜନତା ଓ ଜଗନ୍ନାଥ ସମସ୍ତେ ଅସୁରକ୍ଷିତ, ସେଭଳି ସରକାରଙ୍କୁ ଗାଦିଚ୍ୟୁତ କରିବା ପାଇଁ ଜନତା ଆଗେଇ ଆସିବା ଦରକାର। ତେଣୁ 'ମୋଦୀ ହଟାଅ, ସମ୍ବିଧାନ ଓ ଦେଶ ବଂଚାଅ' କଂଗ୍ରେସର ମୂଳମନ୍ତ୍ର ହୋଇଛି। କଂଗ୍ରେସର ଡାକରାରେ ଆସନ୍ତା ୧୧ ତାରିଖ, ଶୁକ୍ରବାର ଦିନ ୧୧ଟାରେ ରାଜଧାନୀ ଭୁବନେଶ୍ୱର ବରମୁଣ୍ଡା ପଡ଼ିଆରେ ଆୟୋଜିତ ହେଉଥିବା 'ସମ୍ବିଧାନ ବଂଚାଅ ଦେଶ ବଂଚାଅ' ମହାସମାବେଶରେ କଂଗ୍ରେସର ସର୍ବମାନ୍ୟ ନେତା, ଲୋକସଭାରେ ବିରୋଧୀ ଦଳ ନେତା ତଥା ପୂର୍ବତନ ଅଖିଳ ଭାରତ କଂଗ୍ରେସ କମିଟି ଅଧକ୍ଷ ରାହୁଲ ଗାନ୍ଧୀ, ଏ.ଆଇ.ସି.ସି. ଅଧକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ଓ ଶ୍ରୀ ଭେନୁଗୋପାଲ୍ ଯୋଗଦେବେ।

ରାଜ୍ୟରେ ଗତ ଏକବର୍ଷର ବିଜେପି ସରକାର ଯେଉଁ ସବୁ ପ୍ରତିଶ୍ରୁତି ଦେଇଥିଲେ, ତାହା ପ୍ରତାରଣାରେ ପରିଣତ ହୋଇଛି। **'କଥା ଦେଇ କଥା ରଖିଲେ ମୋହନ ସରକାର' ଏକ ପ୍ରବଞ୍ଚନା ମାତ୍ର।** ବରଂ ଓଲଟା କରୁଛନ୍ତି ସେମାନେ **କଥା ଦେଇ କୌଣସି କଥା ରଖିଲେନି ମୋହନ ସରକାର।** ବର୍ଷେ ହୋଇଗଲା ପଛେ ଶ୍ରୀମନ୍ଦିର ପରିଚାଳନା କମିଟି ଗଠନ ହୋଇପାରିଲାନି କି ଗତବର୍ଷ ରଥଯାତ୍ରାରେ ପ୍ରଭୁ ବଳଭଦ୍ର ପଡ଼ିଯିବା ଅଘଟଣର ରିପୋର୍ଟ ସୁଦ୍ଧା ପ୍ରସ୍ତୁତ ହୋଇପାରିଲାନି। ଓଡ଼ିଆ ଜାତିର ଆରାଧ ଦେବତା ଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଘୋଷଯାତ୍ରା ଦିନ ଏଥର ମାତ୍ର ଚକେ ଗଡ଼ିଲେ। ଭିଭିଆଇପିଙ୍କ ପାଇଁ ମହାପ୍ରଭୁଙ୍କୁ ଅପେକ୍ଷା କରେଇଦେଲେ ସରକାର। **'ଓଡ଼ିଆ ଅସ୍ମିତା'ର ଦୁହାଇ ଦେଇ କ୍ଷମତାକୁ ଆସିଥିବା ରାଜ୍ୟ ସରକାର ସେଇ 'ଓଡ଼ିଆ ଅସ୍ମିତା'କୁ ଧୂଳିସାତ କରିଦେଲା।** ଏହି ମନୁଷ୍ୟକୃତ ମହାବିଭ୍ରାଟକୁ ଲୁଚେଇବା ପାଇଁ 'ଏହା କାଳିଆର ଲୀଳା' କହି ଖସି ଯିବାକୁ ବସିଥିଲେ ବିଜେପି ସରକାର. ଗୁଣ୍ଡିଚା ମନ୍ଦିର ଆଗରେ ରଥାରୂଢ଼ ଜଗନ୍ନାଥଙ୍କ ଦର୍ଶନ ବେଳେ ଯେଉଁ ଦଳାଚକଟା ହେଲା, ଅକାଳରେ ୩ ଜଣଙ୍କ ପ୍ରାଣଗଲା। ଏହି ବାହାଦୁରିଆ ସରକାରଙ୍କ ଅପାରଗତା ପଦାରେ ପଡ଼ିଲା। ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ କ୍ଷମା ମାଗିବା

ଜରାଇନେବାକୁ ସରକାର ତତ୍ପର। ଉଭୟ ଶିକ୍ଷା ଓ ସ୍ୱାସ୍ଥ୍ୟସେବାର ଅବସ୍ଥା ଅତ୍ୟନ୍ତ ଦୟନୀୟ। ସରକାର କହିଲେ, ଏଥର ମଣ୍ଡିରେ କଟ୍‌ନିଛଟ୍‌ନି ବନ୍ଦ ହେବ। ଫଳ କିନ୍ତୁ ଓଲଟା ଧାନ କ୍ୱିଣ୍ଟାଲ ପିଛା **୫ କିଗ୍ରାରୁ ବଢ଼ି ଏ ଥର ୮ କିଗ୍ରା କଟନିଛଟ୍‌ନି** ହେଲା। ଧାନର ଅଭାବୀ ବିକ୍ରି ରୋକାଯାଉନାହିଁ କି ଚାଷୀଙ୍କ ପାଇଁ ବୀମା ନାହିଁ।

**ବିଏମ୍‌ସିରେ ବିଜେପିର ଗୁଣ୍ଡାରାଜ** ସଭିଏଁ ଦେଖିଲେ। ପଦାଧିକାରୀଙ୍କୁ ଘୋଷାରି ଘୋଷାରି ମାଡ଼ ମାରିବା ଦୃଶ୍ୟ ରାଜ୍ୟରେ ସମସ୍ତଙ୍କୁ ହତବାକ୍ କରିଦେଲା। ଚାରିଦିନ କାଳ ଶାସନ ଚକ ଗଡ଼ିଲାନି। ଲୋକେ ହନ୍ତସନ୍ତ ହେଲେ। ବିରୋଧୀଙ୍କ ଚାପରେ ବାଧ ହୋଇ ସମର୍ପଣ କଲେ ସରକାର।

ଓଡ଼ିଶାର ମହିଳା, ଛାତ୍ର, ଯୁବକ, ଶ୍ରମିକ, ଚାଷୀ ସମସ୍ତେ ଆସନ୍ତା ୧୧ ତାରିଖ ରାହୁଲ ଗାନ୍ଧୀଙ୍କ ମହାସମାବେଶରେ ସାମିଲ ହେବା ପାଇଁ ଅନୁରୋଧ କରୁଛି। 'ସମ୍ବିଧାନ ବଂଚାଅ, ଦେଶ ବଂଚାଅ' ସମାବେଶକୁ ସଫଳ କରିବା ପାଇଁ ଓଡ଼ିଶାବାସୀ ଆଗେଇ ଆସନ୍ତୁ।



ନିବେଦକ
**ଭକ୍ତ ଚରଣ ଦାସ**
ସଭାପତି, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି


## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ଭାରତ ବନ୍ଦକୁ ଚକ ଅଖ ବନ୍ଦ
ଡ୍ରାଇଭର ଆନ୍ଦୋଳନ
ଯାତ୍ରୀଙ୍କ ଅବସ୍ଥା କହିଲେ ନ ସରେ
ହେଉଛନ୍ତି ହୀନିମାନ
ଦୁର୍ବିସହ ଏ ଜୀବନ
କେହି ବୁଝୁନାହିଁ କାହାରି ଦୁଃଖକୁ
ନିଜ ସ୍ୱାର୍ଥରେ ନିମଗ୍ନ...।



କଟକ(ଭାସ୍କର ନ୍ୟୁଜ୍): ହାଇକୋର୍ଟରେ ଆଜି ଆଇଏଏସ୍ ଧୀମନ୍ ଚକ୍‌ମାଙ୍କ ଜାମିନ ମାମଲାର ଶୁଣାଣି ଘୁଞ୍ଚିଛି । ଆଜି ହାଇକୋର୍ଟରେ ମାମଲଶର ଶୁଣାଣି ବେଳେ ତଦନ୍ତକାରୀ ସଂସ୍ଥା ଭିଜିଲାନସ୍ ପକ୍ଷରୁ ମାମଲାର କେସ୍ ଡାଏରୀ ଓ ରେକର୍ଡପତ୍ର ହାଇକୋର୍ଟରେ ଦାଖଲ କରାଯାଇଛି । ଆସ୍ନା ସପ୍ତାହରେ ତାଙ୍କ ଜାମିନ ଆବେଦନ ମାମଲାର ଶୁଣାଣି ହେବ । ସେ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବା ମାମଲାରେ ଜେଲ୍ ଯାଇଥିଲେ । ସୂଚନାଥାଉକି ସେ ୧୦ ଲକ୍ଷ ଟଙ୍କା ଲାଞ୍ଚ ଗ୍ରହଣ ପ୍ରସଙ୍ଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ । ୨୦୨୧ ବ୍ୟାଚ ଆଇଏଏସ ଧୀମନ ଚକମା କଳାହାଣ୍ଡି ଧର୍ମଗଡ଼ ଉପଜିଲାପାଳ ଭାବେ କାର୍ଯ୍ୟ କରୁଥିବାବେଳେ ଜଣେ ବ୍ୟବସାୟୀଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଥିଲେ । ଏହି ଘଟଣା ଘଟିବା ପରେ ମୁଖ୍ୟମନ୍ତ୍ରୀ ଚକମାଙ୍କୁ ନିଲମ୍ବନ କରିଛନ୍ତି । ତେବେ ଏହି ମାମଲାରେ ଭିଜିଲାନ୍ସ ଚକମାଙ୍କ ଲିଙ୍କରେ ତ୍ରିପୁରା ଓ ହିମାଚଳ ପ୍ରଦେଶରେ ଛାନଭିନ କରିଥିଲା । ତ୍ରିପୁରାସ୍ଥିତ ଚକମାଙ୍କ ବାସଭବନରେ ଭିଜିଲାନ୍ସର ୩ ଜଣିଆ ଟିମ ପହଁଚିଥିଲା । ଏଥିସହ ହିମାଚଳ ପ୍ରଦେଶରେ ଥିବା ଶଶୁର ଘରେ ମଧ୍ୟ ଭିଜିଲାନ୍ସ ତଲାସୀ କରିଥିଲା ।



## ରାଜଧାନୀରେ ଭାରତ ବନ୍ଦର ପ୍ରଭାବ

# ମିଳିବନି ପେଟ୍ରୋଲ, ବଢ଼ିବ ଦର




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱରରେ ଭାରତ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି । ଶ୍ରମିକ ସଂଗଠନ ପକ୍ଷରୁ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ ବସଷ୍ଟାଣ୍ଡରେ ପ୍ରତିବାଦ କରି ବସ ଚଳାଚଳ ଓ ରାସ୍ତା ବନ୍ଦ କରାଯାଇଛି । ଯାହାଫଳରେ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହୋଇଛନ୍ତି । ଏଠାରେ ସୂଚନାଯୋଗ୍ୟ, ସର୍ବ ଭାରତୀୟ ଶ୍ରମିକ ସଂଗଠନ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଛି । ୪ ଶ୍ରମ କୋଡ୍ ବାତିଲ, ସ୍କିମ ୱାର୍କରଙ୍କୁ ଶ୍ରମିକର ମାନ୍ୟତା ରାଷ୍ଟ୍ରୀୟ ଉଦ୍ୟୋଗୀକୁ ଘରୋଇକରଣ ବିରୁଦ୍ଧରେ ଭାରତ ବନ୍ଦ ଡାକରା ଦେଇଛି ସଂଗଠନ । ଏହାର ପ୍ରଭାବରେ ଏବେ ରାଜଧାନୀ ବଜାର ମହରଗ ହୋଇପଡିଛି । ପନିପରିବାର ଦର ଆକାଶଛୁଆଁ ହୋଇଥିବା ବେଳେ ଏବେ ପେଟ୍ରୋଲ ପମ୍ପରେ ପେଟ୍ରୋଲ ନମିଳିବା ଚିନ୍ତାଜନକ ବିଷୟ ପାଲଟିଛି । ଯଦି ଏହା ବଳବତ୍ତର ରହେ ତେବେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ଆକାଶଛୁଆଁ ହୋଇପଡିବ ବୋଲି ସବୁଠି ଆଲୋଚନା ଜୋର ଧରିଛି । ବନ୍ଦ ପ୍ରଭାବରେ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହ ଦୂରଦୂରାନ୍ତରୁ ଆସିଥିବା ଯାତ୍ରୀମାନେ ରାଜଧାନୀର ବିଭିନ୍ନ ବସ୍ ଷ୍ଟାଣ୍ଡରେ ରହି ନାହିଁ ନଥିବାର ଅସୁବିଧାର ସମ୍ମୁଖୀନ ହୋଇଥିବାଦେଖିବାକୁ ମିଳିଛି । ଏହାର ଫାଇଦା ଉଠାଇ କିଛି ମୁନାଫାଖୋର ଡ୍ରାଇଭର ଚଢ଼ା ଦରରେ ସେମାନଙ୍କ ଗାଡିରେ ନେଇ ଯାତ୍ରୀଙ୍କୁ ଘରେ ଛାଡିଥିବା ଦେଖିବାକୁ ମିଳିଛି । ଅପରପକ୍ଷରେ ପେଟ୍ରୋଲ ନମିଳିବା ଖବର ପ୍ରଚାରିତ ହେବା ପରେ ରାଜଧାନୀର ସବୁ ପେଟ୍ରୋଲ ପମ୍ପରେ ଗ୍ରାହକଙ୍କ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିବା ବେଳେ ଆଜି କିଛି ପେଟ୍ରୋଲ ପମ୍ପ ବନ୍ଦ ହୋଇଥିବା ଜଣାପଡିଛି । ତେବେ ଏଭଳି ଭାବେ ଭାରତ ବନ୍ଦର ପ୍ରଭାବ ରାଜ୍ୟ ରାଜଧାନୀରେ ଦେଖିବାକୁ ମିଳିଛି ।

### ଆଇନ୍ ଅମାନ୍ୟ କରି ୨୦୦ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ଠାରେ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ମାନଙ୍କ ପକ୍ଷରୁ ୧୭ ଦଫା ଦାବିକୁ ନେଇ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଯଥା: ରେଲୱେଷ୍ଟେସନ, ସିଟି ବସଷ୍ଟାଣ୍ଡ, ବ୍ୟାଙ୍କ, ଲେବର କମିଶନର, ରସୁଲଗଡ଼, ବାଣୀ ବିହାର, କ୍ରାଉନ୍ ହୋଟେଲ, ଡୁମୁଡୁମା, ନାଲ୍‌କୋ, ଜୟଦେବ ବିହାର, ବରମୁଣ୍ଡା ବସଷ୍ଟାଣ୍ଡ, ମାଷ୍ଟରକ୍ୟାଣ୍ଟିନ ଛକ, ରାଜମହଲ ଓ ଗାନ୍ଧୀମାର୍ଗ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ବିଭିନ୍ନ ସଂଗଠନ ପକ୍ଷରୁ ରାଜମହଲରୁ ଗାନ୍ଧୀମାର୍ଗ ପର୍ଯ୍ୟନ୍ତ ଶୋଭାଯାତ୍ରା ବାହାରି ଏକ ପ୍ରତିବାଦ ବିକ୍ଷୋଭ କରାଯାଇଥିଲା । ପୋଲିସ୍ ପ୍ରାୟ ୨୦୦ ବିକ୍ଷୋଭକାରୀଙ୍କୁ ଆଇନ ଅମାନ୍ୟ କରିବା ଅଭିଯୋଗରେ ଗାନ୍ଧୀ ମାର୍ଗରୁ ଗିରଫ କରିଥିବା ଜଣାପଡିଛି ।




## କଟକରେ ଧର୍ମଘଟ

କଟକ(ଭାସ୍କର ନ୍ୟୁଜ୍): କେନ୍ଦ୍ରୀୟ ଶ୍ରମିକ ସଂଗଠନ ମାନଙ୍କ ପକ୍ଷରୁ ଦେଶବ୍ୟାପୀ ଧର୍ମଘଟ ଡାକରାରେ ଆଜି ବିଭିନ୍ନ ଅଫିସ ଦପ୍ତର ସମ୍ମଖରେ ଶ୍ରମିକ ସଂଗଠନମାନେ ପିକେଟିଂ ସହ ବିଭିନ୍ନ ସ୍ଥାନରେ ବନ୍ଦ ପାଳନ କରିଛନ୍ତି । ଶ୍ରମିକ ବିରୋଧୀ ଶ୍ରମ କୋଡ ବାତିଲ କରିବା, ଚାଷୀ ଫସଲର ଉଚିତ୍ ମୂଲ୍ୟ ପାଇଁ ଆଇନ୍ କରିବା, ଖାଲି ପଡିଥିବା ପଦବୀରେ ସ୍ଥାୟୀ ନିଯୁକ୍ତି କରିବା, ଅସ୍ଥାୟୀ ଶ୍ରମିକଙ୍କୁ ସ୍ଥାୟୀ କରିବା, ଘରୋଇକରଣ ବନ୍ଦ କରିବା, ନିତ୍ୟ ପ୍ରୟୋଜନୀୟ ଜିନିଷର ଦର ବୃଦ୍ଧି ବନ୍ଦ କରିବା ଆଦି ୧୭ ଦଫା ଦାବିରେଆଇ ଏଇଏନଟିୟୁସି, ଏଆଇଟିୟୁସି, ଏଚଏମଏସ, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଏଲପିଏଫ, ଏନଏଫଆଇଟିୟୁ ପ୍ରମୁଖ ୧୧ଟି ଶ୍ରମିକ ସଂଗଠନ ପକ୍ଷରୁ ଷ୍ଟେଟ ବ୍ୟାଙ୍କ ମଖ୍ୟସାଖା, ଜିଲାପାଳ ଅଫିସ ଓ ଅନ୍ୟାନ୍ୟ ଅଫିସ ମାନଙ୍କ ସମ୍ମୁଖରେ ପିକେଟିଂ କରିଥିଲେ । ଏହି ଧର୍ମଘଟରେ ଶ୍ରମିକ ନେତା କିଶୋର ଜେନା, ରବିନାରାୟଣ ମଲ୍ଲିକ, ଖଗେଶ୍ୱର ସେଠୀ, ଲକ୍ଷ୍ମୀପ୍ରିୟା ମହାନ୍ତି, ସନ୍ତୋଷ ଭୋଳ, ମନୋରଞ୍ଜନ ମହାରଣା, ଯୁଧିଷ୍ଠିର ମହାରଣା, ପ୍ରଶାନ୍ତ ମିଶ୍ର, ବଦ୍ରୀ ନାରାୟଣ ଦାସ, ଅମରେନ୍ଦୁ ମହାନ୍ତି, ସୌଭାଗ୍ୟ ସାମଲ, ଉମେଶ ନାୟକ ପ୍ରମୁଖ ସାମିଲ ହୋଇଥିଲା । ଜନସାଧାରଣ ଧର୍ମଘଟକୁ ଅକୁଣ୍ଠ ସମର୍ଥନ ଦେଇଥିବାରୁ ସଂଗଠନ ମାନଙ୍କ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି ।



ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଓଡ଼ିଶା ଖଣି ନିଗମ କାର୍ଯ୍ୟର ସମୀକ୍ଷା

## ୧୪ରେ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି

# ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଷ୍ଟ୍ରପତି ଦୌପଦୀ ମୁର୍ମୁଙ୍କର ୧୪ ଓ ୧୫ ତାରିଖ ଦୁଇ ଦିନିଆ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ରହିଛି । ଏହି ପରିପ୍ରେକ୍ଷୀରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ବୁଧବାର ଲୋକସେବା ଭବନରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଆଲୋଚିତ ସୂଚନା ଅନୁସାରେ ଜୁଲାଇ ୧୪ ତାରିଖ ସଂଧ୍ୟାରେ ରାଷ୍ଟ୍ରପତି ଅଖିଳ ଭାରତୀୟ ଆର୍ୟୁବିଜ୍ଞାନ ସଂସ୍ଥାନ(ଏମ୍ସ), ଭୁବନେଶ୍ୱରର ୫ମ ସମାବର୍ତନ ସମାରୋହରେ ଯୋଗ ଦେବେ ଏବଂ ଜୁଲାଇ ୧୫ ତାରିଖ ପୂର୍ବାହ୍ନରେ ରେଭେନ୍ସା ବିଶ୍ୱ ବିଦ୍ୟାଳୟର ତ୍ରୟୋଦଶ ବାର୍ଷିକ ସମାବର୍ତନ ଉତ୍ସବରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ପରେ ପରେ ସେ କଟକ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟ ଉନ୍ନତିକରଣ କାର୍ଯ୍ୟର ଭିତିପ୍ରସ୍ତର ସ୍ଥାପନ କରିବେ । ଜୁଲାଇ ୧୫ ତାରିଖ ଅପରାହ୍ଣରେ ରାଷ୍ଟ୍ରପତି କଟକ ତୁଳସୀପୁର ବିଜୁ ପଟ୍ଟନାୟକ ଛକ ସ୍ଥିତ ଶାରଳା ଭବନ ଯାଇ ଆଦିକବି ଶାରଳା ଦାସଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ ପୂର୍ବକ ସେଠାରେ ଶାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଆଦିକବି ଶାରଳା ଦାସଙ୍କ ୬୦୦ତମ ଜୟନ୍ତୀରେ ମୁଖ୍ୟ ଅତିଥିଭାବେ ଯୋଗଦାନ କରିବା ସହ 'କଳିଙ୍ଗ ରତ୍ନ ପୁରସ୍କାର-୨୦୨୪' ପ୍ରଦାନ କରିବେ । ରାଷ୍ଟ୍ରପତି ୧୪ ତାରିଖ ଅପରାହ୍ଣରେ ନୂଆଦିଲ୍ଲୀରୁ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ଭୁବନେଶ୍ୱର ବିମାନ ବନ୍ଦର ଠାରେ ପହଁଚିବେ ଏବଂ ୨ ଦିନ ଧରି ଭୁବନେଶ୍ୱର ସମେତ କଟକରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରି ଜୁଲାଇ ୧୫ ତାରିଖ ସଂଧ୍ୟାରେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ । ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗସତ୍ୟବ୍ରତ ସାହୁ, ପୋଲିସ ମହା ନିର୍ଦ୍ଦେଶକ ୱାଇ ବି ଖୁରାନିଆଙ୍କ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗର ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକ ଓ ଖୋର୍ଦ୍ଧା ଜିଲ୍ଲାପାଳ ଓ ଅନ୍ୟ ସମ୍ପୃକ୍ତ କାର୍ଯ୍ୟାଳୟର ଉଚ୍ଚ କର୍ତ୍ତୃପକ୍ଷମାନେ ବୈଠକରେ ଯୋଗ ଦେଇଥିଲେ ।

### ଏବିଭିପି ପ୍ରତିଷ୍ଠା ଦିବସର ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଏବିଭିପି ପ୍ରତିଷ୍ଠା ଦିବସର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଜ୍ଞାନ-ଚରିତ୍ର-ଏକତାର ସୂତ୍ର ସହ ଭାରତୀୟ ମୂଲ୍ୟବୋଧ ଅନୁରୂପ ରାଷ୍ଟ୍ର ଚେତନା ନିର୍ମାଣ ଓ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ରାଷ୍ଟ୍ରପ୍ରେମର ସଂସ୍କାର ସଞ୍ଚାର କରୁଥିବା ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ୭୭ ତମ ପ୍ରତିଷ୍ଠା ଦିବସ ଅବସରରେ ରାଷ୍ଟ୍ରସେବାରେ ସମର୍ପିତ ପରିଷଦର ଅଗଣିତ କାର୍ଯ୍ୟକର୍ତ୍ତା ଓ ସମଗ୍ର ବିଦ୍ୟାର୍ଥୀ ସମାଜକୁ ହାର୍ଦ୍ଦିକ ଅଭିନନ୍ଦନ ।

### ୱାଟର ଲଗିଙ୍ଗ କମ୍ କରିବାକୁ ପଦକ୍ଷେପ ନିଆଯାଉଛି: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀରେ ୱାଟର ଲଗିଙ୍ଗ କମ୍ କରାଯିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର କହିଛନ୍ତି । ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଏହା ଉପରେ ଅନୁଧ୍ୟାନ କରୁଛନ୍ତି । ଏହାକୁ ନେଇ ଆହୁରି ଯୋଜନା କରାଯାଉଛି । ଯେଉଁ ଯେଉଁ ଜାଗାରେ ୱାଟର ଲଗିଙ୍ଗ ହେଉଛି ସେସବୁ ଜାଗାରେ ନ ହେବା ପାଇଁ ପ୍ରୟାସ ଜାରି ରହିଛି । ବର୍ଷା ପୂର୍ବରୁ ସ୍ୱତନ୍ତ୍ର ଟିମ୍ ଦ୍ୱାରା ୱାଟର ଲଗିଙ୍ଗ ପଏଣ୍ଟ ସବୁକୁ ମନିଟରିଙ୍ଗ କରାଯାଇଥିଲା । ସେସବୁ ପଏଣ୍ଟରେ ଜଳ ନିଷ୍କାସନ ପାଇଁ ଗୁରୁତ୍ୱ ଦିଆଯାଉଛି । ୱାଟର ଲଗିଙ୍ଗ କେମିତି ନ ହେବ ସେଥିପାଇଁ ଚେଷ୍ଟା କରାଯାଉଛି । ଅନ୍ୟପକ୍ଷରେ ରାଜଧାନୀ ରାସ୍ତାରେ ଅଯଥା ଖୋଳା ଯିବା ଅଭିଯୋଗ ପ୍ରସଙ୍ଗରେ ମନ୍ତ୍ରୀ କହିଛନ୍ତି ଯେ ଅଯଥା ଖୋଳା ଯାଉ ନଥିବ । ଯେଉଁଠି ଆବଶ୍ୟକତା ବା କାମ ଥିବ ସେଠାରେ ଖୋଳା ଯାଉଥିବ । ଯଦି ସେମିତି ଅଭିଯୋଗ ଆସେ ସେ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ।

### ଭଦୋଦରା ବ୍ରିଜ ଦୁର୍ଘଟଣାକୁ ନେଇ ଦୁଃଖ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭଦୋଦରା ବ୍ରିଜ ଦୁର୍ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭଦୋଦରାରେ ଦୁଃଖଦ ବ୍ରିଜ ଦୁର୍ଘଟଣା ହୃଦୟ ବିଦାରକ । ମୃତକଙ୍କ ପରିଜନଙ୍କୁ ଗଭୀର ସମବେଦନା ଜଣାଉଛି । ଏହି ଦୁଃଖଦ ସମୟରେ ମହାପ୍ରଭୁ ଜଗନ୍ନାଥ ସେମାନଙ୍କୁ ଧୈର୍ଯ୍ୟ , ଶକ୍ତି ଓ ଶାନ୍ତି ପ୍ରଦାନ କରନ୍ତୁ । ଆହତଙ୍କ ଆଶୁ ଆରୋଗ୍ୟ କାମନା କରୁଛି । ସେହିପରି ଭଦୋଦରା ବ୍ରିଜ ଦୁର୍ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏନେଇ ସୋସିଆଲ ମିଡିଆ ଏକ୍ସରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଭଦୋଦରାରେ ବ୍ରିଜ ଦୁର୍ଘଟଣା ହୃଦୟ ବିଦାରକ । ମୃତକଙ୍କ ପରିବାରକୁ ସମବେଦନା ଜଣାଉଛି । ଆହତଙ୍କ ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛି ।

## ୧୧ରେ ୧୧ଟାରେ ପହଁଞ୍ଚିବେ ରାହୁଲ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଆସନ୍ତା ୧୧ ଜୁଲାଇ କଂଗ୍ରେସର 'ସମ୍ବିଧାନ ବଞ୍ଚାଅ', ମହାସମାବେଶରେ ଯୋଗଦେବା ପାଇଁ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧି ଓ ସଂଗଠନ ସାଧାରଣ ସମ୍ପାଦକ ଭେଣୁଗୋପାଳ ଭୁବନେଶ୍ୱର ଆସୁଛନ୍ତି । ବୁଧବାର ମଧ୍ୟାହ୍ନରେ କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସର ବରିଷ୍ଠ ନେତାଙ୍କ ଗହଣରେ ପିସିସି ସଭାପତି ଭକ୍ତଚରଣ ଦାସ ଏହି ଗସ୍ତ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଛନ୍ତି । ସେ କହିଛନ୍ତି, ସେମାନେ ସେଦିନ ୧୧ଟାରେ ଭୁବନେଶ୍ୱର ବିମାନ ବନ୍ଦର ରେ ପହଁଚିବେ । ବିମାନ ବନ୍ଦରରୁ ସିଧା ବରମୁଣ୍ଡା ପଡିଆ ଯିବେ । ରାସ୍ତାରେ ବିଭିନ୍ନ ଛକରେ ରାହୁଲଙ୍କ ସ୍ୱାଗତ ପାଇଁ ରହିବେ କଂଗ୍ରେସ କର୍ମୀ । ମଧ୍ୟାହ୍ନ ୧୨ଟାରେ ସଭାରେ ଯୋଗ ଦେବେ । ସଭା ସରିବା ପରେ ଚାଷୀଙ୍କ ଦୁଇଟି ପ୍ରତିନିଧି ଦଳକୁ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି । ଅପରାହ୍ନ ୩ଟାରେ କଂଗ୍ରେସ ଭବନରେ ବସିବ ବଡ଼ ବୈଠକ । ପ୍ରଥମେ ପଲିଟିକାଲ ଏଫାୟର୍ସ କମିଟି ସହ ବୈଠକ କରିବେ ରାହୁଲ ଓ ଏଆଇସିସି ସଭାପତି । ଏହା ପରେ ବିଧାୟକ ଓ ପିସିସି କାର୍ଯ୍ୟକର୍ତାଙ୍କ ସହ ହେବ ଆଲୋଚନା । ସନ୍ଧ୍ୟା ୫ଟାରେ ଦିଲ୍ଲୀ ଫେରିଯିବେ । ପୂର୍ବତନ ସଭାପତି ନିରଞ୍ଜନ ପଟ୍ଟନାୟକ ରାହୁଲଙ୍କ ଆଗାମୀ ଗସ୍ତ ରାଜ୍ୟରେ କଂଗ୍ରେସକୁ ପୁଣି ବଳଶାଳୀ କରିବ ବୋଲି ଆଶାପ୍ରକାଶ କରିଥିବା ବେଳେ ଅନ୍ୟତମ ଦୁଇ ପୂର୍ବତନ ସଭାପତି ଶରତ ପଟ୍ଟନାୟକ ଓ ଜୟଦେବ ଜେନା ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଗଣମାଧ୍ୟମମାନେ ରାହୁଲଙ୍କ ଗସ୍ତର ବ୍ୟାପକ ପ୍ରଚାର ପ୍ରସାର କରିବା ପାଇଁ ଆହ୍ୱାନ ଦେଇଥିଲେ । ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ କଂଗ୍ରେସର ଐତିହ୍ୟ ସ୍ମରଣ କରାଇଦେଇଥିବା ବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ସରକାର ଖଣି ସେସ୍ ନ କରିବା ଦ୍ୱାରା ରାଜ୍ୟ ଦୁଇ ଲକ୍ଷ କୋଟିର ଅଣରାଜସ୍ୱ ଆୟ କାହା ସ୍ୱାର୍ଥରେ ହରାଇଲେ ବୋଲି ପ୍ରଶ୍ନ କରିବା ସହ ପଛୁଆ ବର୍ଗ ପାଇଁ ଆବଶ୍ୟକ ସଂରକ୍ଷଣ ଲାଗୁ କରିବାକୁ ଦାବି କରିଥିଲେ । ନବନିଯୁକ୍ତ ମିଡିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ ମହାସମାବେଶକୁ ସଫଳ କରିବାକୁ ଆହ୍ୱାନ ଦେଇଥିବା ବେଳେ ବରିଷ୍ଠ କଂଗ୍ରେସ ନେତା ତାରାପ୍ରସାଦ ବାହିନୀପତି ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବହାନିପତି, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାଶ, ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର, ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ରାଜ୍ୟ ଲ' କମିଶନଙ୍କ ଲୋଗୋ ଓ ଇ-ମେଲ ଆଇଡି ଉନ୍ମୋଚିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡିଶା ରାଜ୍ୟ ଲ' କମିଶନଙ୍କ ପ୍ରଥମ ବୈଠକ ବୁଧବାର ତୋଷାଳୀ ଭବନ ସ୍ଥିତ କମିଶନଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ତଥା ପଦାଧିକାରୀ ସଦସ୍ୟ ମାନସ ରଞ୍ଜନ ବାରିକ, ପ୍ରଫେସର ଲଳିତ କୁମାର ଦେବ, ବରିଷ୍ଠ ଆଇନଜୀବୀ ସୂର୍ଯ୍ୟ ପ୍ରସାଦ ମିଶ୍ର ଏବଂ ସୌର ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥଲେ । ବୈଠକରେ ଆଇନ ବିଭାଗର ତାରିଖ ୧୬.୦୩.୧୬ ରେ ହୋଇଥିବା ସଂକଳ୍ପ ପତ୍ରର ଧାରା ୧୯ (୧) ଅନୁଯାୟୀ ପ୍ରଫେସର ଲଳିତ କୁମାର ଦେବ, ବରିଷ୍ଠ ଆଇନଜୀବୀ ସୂର୍ଯ୍ୟ ପ୍ରସାଦ ମିଶ୍ର ଏବଂ ସୌର୍ଯ୍ୟ ଚନ୍ଦ୍ର ମହାପାତ୍ରଙ୍କୁ ଓଡ଼ିଶା ରାଜ୍ୟ ଆଇନ କମିଶନର ଉପ-କମିଟିର ନିଯୁକ୍ତିକୁ ମଧ୍ୟ ଅନୁମୋଦନ କରାଯାଇଥିଲା । ଏଥିସହିତ ଧାରା ୧୪(୨) ଅନୁଯାଇ ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗ, କର୍ତ୍ତୃପକ୍ଷ, ବିଭିନ୍ନ ସଂସ୍ଥା ପକ୍ଷରୁ ଆଇନ୍‌ରେ ସଂଶୋଧନ, ଆଇନଗତ ସହାୟତା, ପରାମର୍ଶ ନେଇ ଆସିବାକୁ ଥିବା ସମସ୍ତ ଦରଖାସ୍ତକୁ ବିଚାରକୁ ନେଇ ଆବଶ୍ୟକ ପରାମର୍ଶ ସୁପାରିଶ ଏବଂ ଚିଠିପତ୍ର ପଠାଇବା କ୍ଷେତ୍ରରେ କମିଶନର ସଚିବଙ୍କୁ ଅନୁମୋଦନ କରାଯାଇଥିବା ନେଇ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

## ୩୫ ତମ ଡ୍ୟାସବୋର୍ଡ ସମୀକ୍ଷା

# ସ୍ମାର୍ଟ ଗଭର୍ଣ୍ଣାନ୍ସ-ତ୍ୱରିତ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୩୫ତମ ଡ୍ୟାସବୋର୍ଡ ସମୀକ୍ଷା ବୈଠକ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନାଗରିକ-କୈନ୍ଦ୍ରିକ ଶାସନ ଉପରେ ଗୁରୁତ୍ୱ ସହିତ ମୁଖ୍ୟ ସହରାଞ୍ଚଳ ବିକାଶ ପଦକ୍ଷେପଗୁଡ଼ିକରେ ପ୍ରଗତିକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ସେହିପରି ସମନ୍ୱିତ ନିର୍ଦ୍ଦେଶ ଏବଂ ନିୟନ୍ତ୍ରଣ କେନ୍ଦ୍ର ଯାହାକୁ ଅଭିଯୋଗ ସମାଧାନ, ବାସ୍ତବ-ସମୟ ସହରାଞ୍ଚଳ ତଦାରଖ ଏବଂ ବିଭାଗଗୁଡ଼ିକ ମଧ୍ୟରେ ସୁଗମ ସମନ୍ୱୟ ପାଇଁ ସ୍ନାୟୁ କେନ୍ଦ୍ର ଭାବରେ ଅବସ୍ଥାପିତ କରାଯାଉଛି । ନାଗରିକଙ୍କ ଆବଶ୍ୟକତା ପ୍ରତି ପ୍ରତିକ୍ରିୟାଶୀଳତା ବୃଦ୍ଧି କରିବା ପାଇଁ ଆଇ ସି ସି ସିର କାର୍ଯ୍ୟକୁ ଆହୁରି ସୁଗମ କରିବାର ଆବଶ୍ୟକତା ଉପରେ ଶ୍ରୀମତୀ ପାଢୀ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ବିଭିନ୍ନ ସହରାଞ୍ଚଳ ଯୋଜନା ଅଧୀନରେ ବଜେଟ୍ ବ୍ୟବହାରର ସମୀକ୍ଷା , ସମୟୋଚିତ କାର୍ଯ୍ୟାନ୍ୱୟନ ଏବଂ ସେବା ପ୍ରଦାନ ସୁନିଶ୍ଚିତ କରିବା ପାଇଁ ପାଣ୍ଠି ବିନିଯୋଗକୁ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସହରାଞ୍ଚଳ ପରିମଳ, ଜଳ ଯୋଗାଣ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଡିଜିଟାଲ୍ ସେବା ପ୍ରଦାନ ଉପରେ ଅଧିକ ଧ୍ୟାନ ଦିଆଯାଇଥିଲା । ସାମ୍ପ୍ରତିକ କ୍ଷେତ୍ର ପରିଦର୍ଶନରୁ ମିଳିଥିବା ଅନ୍ତର୍ଦୃଷ୍ଟି ଏବଂ ମତାମତ ଉପସ୍ଥାପନ କରାଯାଇ ଆଲୋଚନା କରାଯାଇଥିଲା, ଯାହା ଭୂମିଗତ ଚ୍ୟାଲେଞ୍ଜ ଏବଂ ଉନ୍ନତିର ସମ୍ଭାବ୍ୟ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବାରେ ସାହାଯ୍ୟ କରିବ । ପ୍ରମୁଖ ସଚିବ ଶ୍ରୀମତୀ ପାଢ଼ୀ ଅଧିକାରୀ ମାନଙ୍କୁ ନବସୃଜନଶୀଳ ଅଭ୍ୟାସ ଗ୍ରହଣ କରିବା, ଆନ୍ତଃ-ଏଜେନ୍ସି ସମନ୍ୱୟକୁ ସୁଦୃଢ଼ କରିବା ଏବଂ ସମସ୍ତ ସ୍ତରରେ ଦାୟିତ୍ୱ ବଜାୟ ରଖିବା ପାଇଁ ଉତ୍ସାହିତ କରିଥିଲେ । ଉଷା ପାଢୀ ସଶକ୍ତ ସହର ଏବଂ ସ୍ଥିର ସହରାଞ୍ଚଳ ବ୍ୟବସ୍ଥା ପ୍ରତି ବିଭାଗର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଥିଲେ, ସମସ୍ତ ଅଂଶୀଦାରମାନଙ୍କୁ 'ବିକଶିତ ଓଡ଼ିଶା ଅ୨୦୩୬'ର ଦୃଷ୍ଟିକୋଣ ସହିତ ସମନ୍ୱୟ ରକ୍ଷା କରି କାମ କରିବାକୁ ପରାମର୍ଶ ଦେଇଥିଲେ ।

### ଓଡ଼ିଶା ପୋଲିସ ଟିମକୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ୨୦ଟି ପଦକ ଜିତିଥିବା ଓଡ଼ିଶା ପୋଲିସ ଟିମକୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଯୁକ୍ତରାଷ୍ଟ୍ର ଆମେରିକାର ବର୍ମିଂହାମରେ ଚାଲିଥିବା ବିଶ୍ୱ ପୋଲିସ ଓ ଅଗ୍ନିଶମ କ୍ରୀଡ଼ା ପ୍ରତିଯୋଗିତା-୨୦୨୫ରେ ଅସାମାନ୍ୟ କ୍ରୀଡ଼ା କୌଶଳ ପ୍ରଦର୍ଶନ କରି ୨୦ଟି ପଦକ ଜିତିଥିବା ଓଡ଼ିଶା ପୋଲିସ ଟିମକୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା । ୧୩ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ୪ଟି କାଂସ୍ୟ ପଦକ ସହିତ ଏହି ଐତିହାସିକ ସଫଳତା ପୋଲିସ ବିଭାଗ, ସମଗ୍ର ଦେଶ ଓ ରାଜ୍ୟ ପାଇଁ ଗୌରବର ବିଷୟ । ଆପଣମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଓ ଉତ୍ତରୋତ୍ତର ଉନ୍ନତି କାମନା କରୁଛି ।

## ପରିବର୍ତ୍ତିତ ହେଲା ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ପରୀକ୍ଷା ପରିଚାଳନା

# ମୌଳିକ ଶିକ୍ଷାସ୍ତର ବୃଦ୍ଧି ନିମନ୍ତେ ପ୍ରୟାସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ସରକାରଙ୍କ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମ, ୨୦୧୦ରେ ସଂଶୋଧନ କରାଯାଇ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର (ସଂଶୋଧନ) ଅଧିନିୟମ, ୨୦୨୫ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇଛି । ନୂତନ ସଂଶୋଧନ ଅନୁଯାୟୀ ପ୍ରତ୍ୟେକ ଶିକ୍ଷାବର୍ଷ ଶେଷରେ ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଶୃଙ୍ଖଳିତ ପରୀକ୍ଷା ବ୍ୟବସ୍ଥା ପ୍ରଚଳନ କରାଯିବ । ଏହି ପଦକ୍ଷେପ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଅଧିକ ସକ୍ଷମ କରିବାକୁ ଚେଷ୍ଟା କରାଯିବ । ପରବର୍ତ୍ତୀ ଶ୍ରେଣୀକୁ ଯିବା ପୂର୍ବରୁ ଛାତ୍ରଟିଏ ଯେପରି ତାହାର ମୌଳିକ ଶିକ୍ଷାସ୍ତର ହାସିଲ୍ କରିପାରିବ ସେ ନେଇ ପ୍ରୟାସ କରାଯାଇଛି । ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀଙ୍କୁ ଏବେ ବାର୍ଷିକ ପରୀକ୍ଷା ଦେବାକୁ ପଡ଼ିବ । ଯଦି କୌଣସି ପିଲା ଏହି ପରୀକ୍ଷାରେ ବିଫଳ ହୁଏ, ତେବେ ଫଳାଫଳ ଘୋଷଣାର ଦୁଇ ମାସ ମଧ୍ୟରେ ପୁନଃପରୀକ୍ଷା ପାଇଁ ସୁଯୋଗ ପ୍ରଦାନ କରାଯିବ । ପୁନଃପରୀକ୍ଷା ପରେ ମଧ୍ୟ ଆବଶ୍ୟକୀୟ ପଦୋନ୍ନତି ମାନଦଣ୍ଡ ପୂରଣ କରିବାରେ ବିଫଳ ହେଉଥିବା ଛାତ୍ରଛାତ୍ରୀମାନଙ୍କୁ ସମାନ ଶ୍ରେଣୀରେ ରଖାଯାଇପାରିବ । ସଂଶୋଧନ ମାଧ୍ୟମରେ ସ୍ପଷ୍ଟ କରାଯାଇଛି ଯେ ପ୍ରାଥମିକ ଶିକ୍ଷା ସମାପ୍ତ ନହେବା ପର୍ଯ୍ୟନ୍ତ କୌଣସି ପିଲାଙ୍କୁ ବିଦ୍ୟାଳୟରୁ ବହିଷ୍କାର କରାଯିବ ନାହିଁ । ଏହି ସଂଶୋଧନ ଶିଶୁଙ୍କ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ, ୨୦୦୯ର ଧାରା ୩୮ ସହିତ ସମନ୍ୱିତ । ଏହା ଓଡ଼ିଶା ଗେଜେଟରେ ପ୍ରକାଶିତ ହେବା ପରେ କାର୍ଯ୍ୟକାରୀ ହେବ । ଏହି ପରିବର୍ତ୍ତନ ଶିକ୍ଷାଗତ ମାନ ବୃଦ୍ଧି କରିବା ସହ କୌଣସି ଶିଶୁ ଯେପରି ଶିକ୍ଷା ଅଧିକାରରୁ ବଂଚିତ ନହେବ ସେ ନେଇ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ ।


झारखण्ड सरकार
GOVERNMENT OF JHARKHAND
हर हर महादेव
राजकीय श्रावणी मेला - 2025
उद्घाटन समारोह
मुख्य अतिथि
श्री सुदिव्य कुमार
माननीय मंत्री, पर्यटन, कला संस्कृति, खेलकूद एवं युवा कार्य विभाग, नगर विकास एवं आवास विभाग, उच्च एवं तकनीकी शिक्षा विभाग
श्री संजय प्रसाद यादव
माननीय मंत्री, श्रम, नियोजन, प्रशिक्षण एवं कौशल विकास विभाग, उद्योग विभाग
श्री हफीज़ुल हसन
माननीय मंत्री, जल संसाधन विभाग, अल्पसंख्यक कल्याण विभाग
श्रीमती दीपिका पाण्डेय सिंह
माननीय मंत्री, ग्रामीण विकास विभाग, ग्रामीण कार्य विभाग,पंचायती राज विभाग
विशिष्ट अतिथि
डॉ. निशिकान्त दुबे
माननीय सांसद, गोड्डा लोकसभा क्षेत्र
श्री नलिन सोरेन
माननीय सांसद, दुमका लोकसभा क्षेत्र
श्री सुरेश पासवान
माननीय विधायक, देवघर विधानसभा क्षेत्र
श्री उदय शंकर सिंह
माननीय विधायक, सारठ विधानसभा क्षेत्र
श्री देवेन्द्र कुंवर
माननीय विधायक, जरमुण्डी विधानसभा क्षेत्र
श्रीमती किरण कुमारी
माननीय अध्यक्ष, जिला परिषद, देवघर
दिनांक: 10 जुलाई 2025 | समय:10:30 पूर्वाहन | स्थान: दुम्मा, देवघर
सूचना एवं जनसम्पर्क विभाग, झारखण्ड सरकार
PR NO- 356937(IPRD) 2025-26

ଓଡ଼ିଶା ଭାସ୍କର
ସମ୍ପାଦକୀୟ



ତୁମେ ତ ରହିବ ଜୀଇଁ, ମାଟି ପାଣି ଆଉ ଆକାଶର ପରମ ବ୍ୟାପ୍ତିରେ। ଛୋଟ ତାରାଫୁଲ ହୋଇ ଯୁଗ ଯୁଗ ପାଇଁ।

-କବିବର ରାଧାନାଥ ରାୟ



କଷ୍ଟ ମଣିଷକୁ ପରିବର୍ତ୍ତନ କରେ। କଷ୍ଟ ମଣିଷକୁ ଶକ୍ତିଶାଳୀ କରେ। ପ୍ରତ୍ୟେକ କଷ୍ଟର ଅଭିଜ୍ଞତା ଆମ ପାଇଁ ଏକ ନୂତନ ଶିକ୍ଷା ଅଟେ।

-ଶିରିଡି ସାଇ



## ବିହାରରେ ନିର୍ବାଚନ ଉଷ୍ମତା

# ନୀତିଶଙ୍କ ଦୁଇଟି ମାଷ୍ଟର ଷ୍ଟ୍ରୋକ୍

ବିହାର ବିଧାନସଭା ନିର୍ବାଚନ ଆଉ ମାତ୍ର ୩/୪ ମାସ ବାକି ଥିବାବେଳେ ରାଜ୍ୟର ରାଜନୈତିକ ବାତାବରଣ ଖୁବ୍ ସରଗରମ୍ ହୋଇ ଉଠିଛି। ଏହି ନିର୍ବାଚନର ଫଳାଫଳ ଜାତୀୟ ରାଜନୀତିକୁ ଅନେକାଂଶରେ ପ୍ରଭାବିତ କରିବାର ସମ୍ଭାବନା ଥିବାରୁ ଉଭୟ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ଓ ବିରୋଧୀ ଦଳଗୁଡ଼ିକର 'ଇଣ୍ଡିଆ' ମେଣ୍ଟ ରାଜ୍ୟର ଶାସନ କ୍ଷମତା ଦଖଲ କରିବାକୁ ଜୋରଦାର ପ୍ରୟାସ ଜାରି ରଖିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇତିମଧ୍ୟରେ ବିହାରକୁ ଏକାଧିକବାର ଗସ୍ତରେ ଯାଇ ଅନେକ ଉନ୍ନୟନମୂଳକ ଯୋଜନାର ଶୁଭାରମ୍ଭ କରିବା ସଙ୍ଗେ ସଙ୍ଗେ କେନ୍ଦ୍ରୀୟ ଅନୁଦାନ ରାଶି ଅଜାଡି ଦେଇଛନ୍ତି। ଅନ୍ୟପକ୍ଷରେ ମୁଖ୍ୟ ବିରୋଧୀ ଦଳ ଆର୍‌ଜେଡି ସୁପ୍ରିମୋ ଲାଲୁପ୍ରସାଦ ଯାଦବ ଇଣ୍ଡିଆ ମେଣ୍ଟର ରଣନୀତି ପ୍ରସ୍ତୁତ କରିବା ସହିତ ତାଙ୍କର କନିଷ୍ଠ ପୁତ୍ର ଯୁବନେତା ତେଜସ୍ୱୀ ଯାଦବଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ରୂପେ ଉପସ୍ଥାପନ କରିଛନ୍ତି। କ୍ଷମତାସୀନ ଏନ୍‌ଡିଏ ମେଣ୍ଟରେ ଯଦିଓ ବିଜେପିର ସଂଖ୍ୟାଧିକ ବିଧାୟକ ଅଛନ୍ତି, ତଥାପି କମ୍ ବିଧାୟକ ଥିବା ଜେଡିୟୁ ସୁପ୍ରିମୋ ନୀତିଶ୍ କୁମାରଙ୍କୁ ଦଳ ମୁଖ୍ୟମନ୍ତ୍ରୀ ଗାଦିରେ ଅଧିଷ୍ଠିତ କରାଇଛି। ଏଥର ନିର୍ବାଚନରେ ନୀତିଶ୍ କୁମାରଙ୍କୁ ଆଉ ଏନ୍‌ଡିଏର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଉପସ୍ଥାପନ କରାଯିବ କି ନାହିଁ ସେଥିନେଇ କିଛିଟା ସନ୍ଦେହ ରହିଛି। ପୂର୍ବରୁ ବାରମ୍ବାର ମୁଖ୍ୟମନ୍ତ୍ରୀ ଆସନରେ ଅଧିଷ୍ଠିତ ହୋଇଥିବା ନୀତିଶ ଜଣେ ସଚ୍ଚୋଟ ରାଜନେତା ହେଲେ ହେଁ ଅତ୍ୟଧିକ କ୍ଷମତା ଲୋଭ ଓ ସୁବିଧାବାଦୀ ଭୂମିକା ଯୋଗୁଁ ସେ ସମାଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। କେବଳ ମୁଖ୍ୟମନ୍ତ୍ରୀ ଗାଦିରେ ବସିବାକୁ ସେ ଅନେକ ଥର ମେଣ୍ଟ ପରିବର୍ତ୍ତନ କରିଥିବାରୁ ତାଙ୍କୁ 'ପଲଟୁ ରାମ୍' ଓ 'କୁର୍ସି କୁମାର' ଆଖ୍ୟା ଦେଇ ବିରୋଧୀ ସମାଲୋଚନା କରିଥାନ୍ତି। ଏହି ପୃଷ୍ଠଭୂମିରେ ସି-ଭୋଟର୍ ପକ୍ଷରୁ ଅଳ୍ପଦିନ ପୂର୍ବେ କରାଯାଇଥିବା ଏକ ଜନମତ ସର୍ଭେରେ ସର୍ବାଧିକ ମତଦାତାଙ୍କର ତେଜସ୍ୱୀ ଯାଦବ ମୁଖ୍ୟମନ୍ତ୍ରୀ ରୂପେ ପ୍ରଥମ ପସନ୍ଦ ହୋଇଥିବା ବେଳେ ନୀତିଶ କୁମାର ତାଙ୍କ ଠାରୁ ବହୁ ତଳେ ରହିଥିଲେ। ଇତିମଧ୍ୟରେ ବିହାର ରାଜନୀତିରେ ଏକ ତୃତୀୟ ଶକ୍ତିର ଉତ୍‌ଥାନ ଘଟିଛି, ଯାହାର ଗ୍ରହଣୀୟତା ଆସନ୍ତା ନିର୍ବାଚନରେ ପ୍ରମାଣିତ ହେବ। ଜଣାଶୁଣା ରାଜନୀତି ରଣନୀତିକାର ପ୍ରଶାନ୍ତ କିଶୋରଙ୍କ ନେତୃତ୍ୱରେ ଗଠିତ 'ଜନ ସୁରାଜ ପାର୍ଟି' ଏଥର ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇ ସମସ୍ତ ଆସନରେ ପ୍ରାର୍ଥୀ ଦେବାକୁ ଯାଉଛି। ପ୍ରଶାନ୍ତ କିଶୋରଙ୍କ ଦଳର ଭୋଟ୍ ହାର ଏନ୍‌ଡିଏ କିମ୍ବା ଇଣ୍ଡିଆ କାହାକୁ କ୍ଷତିଗ୍ରସ୍ତ କରିବ, ତାହା ଏବେ ଠୁ ଆକଳନ କରିବା ସମ୍ଭବ ନୁହେଁ। ତେବେ ଆସନ୍ନ ନିର୍ବାଚନକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନୀତିଶ୍ କୁମାର ମଙ୍ଗଳବାର ଦିନ ଏକ ବଡ଼ ରାଜନୈତିକ ଖେଳ ଖେଳିଛନ୍ତି। ବିହାରର ମୂଳ ବାସିନ୍ଦା ହୋଇଥିବା ମହିଳାମାନଙ୍କ ପାଇଁ ରାଜ୍ୟର ସମସ୍ତ ସରକାରୀ ଚାକିରୀରେ ୩୫ ପ୍ରତିଶତ ସଂରକ୍ଷଣ ଲାଗୁ ହେବ ବୋଲି ସେ ଘୋଷଣା କରିଛନ୍ତି। ଏହି ପଦକ୍ଷେପ ମହିଳାମାନଙ୍କୁ କର୍ମକ୍ଷେତ୍ରରେ ଅଧିକ ଅଂଶଗ୍ରହଣ ଓ ପ୍ରଶାସନରେ ବଡ଼ ଭୂମିକା ନେବାରେ ବିଶେଷ ସହାୟକ ହେବ ବୋଲି ଆଶା କରାଯାଉଛି। ସେହିପରି ଯୁବବର୍ଗଙ୍କୁ ଆକୃଷ୍ଟ କରିବା ଲକ୍ଷ୍ୟରେ ସେ ବିହାର ଯୁବ କମିଶନ ଗଠନ ପାଇଁ ଘୋଷଣା କରିଛନ୍ତି। ବିହାରର ଯୁବକମାନଙ୍କୁ ଅଧିକ ନିଯୁକ୍ତି ସୁଯୋଗ ଦେବା ଏବଂ ସେମାନଙ୍କୁ ତାଲିମ୍ ପ୍ରଦାନ କରି ସଶକ୍ତ ଓ ସମର୍ଥ କରିବାକୁ ଯୁବ କମିଶନ୍ ଗଠିତ ହୋଇଥିବାର ନୀତିଶ୍ ଉଲ୍ଲେଖ କରିଛନ୍ତି। ରାଜ୍ୟରେ ବିଧାନସଭା ନିର୍ବାଚନ ବିଗୁଲ ବାଜିବାର ଅବ୍ୟବହିତ ପୂର୍ବରୁ ନୀତିଶ୍‌ଙ୍କ ଏହି ମାଷ୍ଟର ଷ୍ଟ୍ରୋକ୍ ତାଙ୍କର କ୍ଷୟିଷ୍ଣୁ ଭାବମୂର୍ତ୍ତିକୁ ସଜାଡ଼ିବାରେ କେତେଦୂର ସହାୟକ ହେବ, ତାହା ଆଜି ଠାରୁ ଆକଳନ କରିବା ସମ୍ଭବ ନୁହେଁ।

# ବ୍ୟାସାୟ ବିଷ୍ଣୁ ରୂପାୟ



ଉମାଶଙ୍କର ପ୍ରସାଦ
ସଂସ୍କୃତି ଗବେଷକ, ଖୋର୍ଦ୍ଧା
ମୋ: ୬୩୭୦୬ ୭୫୫୬୨

ବିଷ୍ଣୁ ଯୋଗନିଦ୍ରାରେ ନିଦ୍ରିତ। ଠିକ୍ ଏହି ସମୟରେ ବ୍ରହ୍ମା ନିରାକାର ବ୍ରହ୍ମରେ ଯୋଗ ସମାଧିରେ ନିମଗ୍ନ ହେଲେ। ବ୍ରହ୍ମାଙ୍କ ହୃଦୟରୁ ଏକ ପ୍ରଚଣ୍ଡ ଶବ୍ଦକରି ନାଦବ୍ରହ୍ମ ଜାତ ହେଲେ। ସେହି ନାଦରୁ ସୃଷ୍ଟି ହେଲେ ପ୍ରଭାବିନ୍ଦୁ। ବିନ୍ଦୁ ତ୍ରିଗୁଣାତ୍ମକ ହୋଇ ବ୍ରହ୍ମା, ବିଷ୍ଣୁ ଓ ରୁଦ୍ର ନାମରେ ପରିଚିତ ହୋଇ ଏକାକ୍ଷର ବ୍ରହ୍ମ ଜାତ ହେଲେ। ନାଦ ବ୍ରହ୍ମ ସହ ଅକ୍ଷର ବ୍ରହ୍ମର ସଂଯୋଗରେ ସୃଷ୍ଟି ହେଲେ ମୁନୀ, ଋଷି, ସନ୍ଥ ଓ ମହାପୁରୁଷଗଣ। ସେମାନେ ବ୍ରହ୍ମଶକ୍ତି ଧାରଣ କରି ଧରାବକ୍ଷରେ ବିଭିନ୍ନ ଶାସ୍ତ୍ର ପୁରାଣ ମାଧ୍ୟମରେ ସୃଷ୍ଟି କଲେ ଅନ୍ତର୍ଜଗତର ଦର୍ଶନ। ଏପରି ବ୍ରହ୍ମ ଶକ୍ତି ଧାରଣ କରି ମହର୍ଷି ବ୍ୟାସ ଆବିର୍ଭାବ ହୋଇଥିଲେ। ତାଙ୍କର ଅନ୍ୟନାମ ଥିଲା କୃଷ୍ଣ ଦ୍ୱୈପାୟନ। ମହର୍ଷି ବ୍ୟାସଙ୍କର ପିତାଙ୍କ ନାମ ମୁନୀ ପରାଶର। ସେ ମଧ ବ୍ରହ୍ମ ଶକ୍ତି ଧାରଣ କରିଥିଲେ। ତା ସତ୍ତ୍ୱେ ତାଙ୍କର କାମନା ଥିଲା। କଥିତ ଅଛି ମହର୍ଷି ବ୍ୟାସ ଦ୍ୱାପର ଯୁଗର ଶେଷ ଭାଗରେ ଜନ୍ମଗ୍ରହଣ କରିଥିଲେ। ପରାଶର ଋଷି ଓ ମତ୍ସ୍ୟକନ୍ୟା ସତ୍ୟବତୀଙ୍କ ଔରସରୁ ଏକ ଆଶ୍ଚର୍ଯ୍ୟଜନକ ପରିସ୍ଥିତିରେ ସେ ଜନ୍ମଗ୍ରହଣ କରିଥିଲେ। ପରାଶର ବିଶିଷ୍ଟ ଜ୍ଞାନୀ ଓ ଜ୍ୟୋତିଷଶାସ୍ତ୍ରରେ ଏକ ମହାନ ପ୍ରବୀଣ ପଣ୍ଡିତ ଥିଲେ। ଜ୍ୟୋତିଷ ଶାସ୍ତ୍ରରେ ତାଙ୍କ ରଚିତ 'ପରାଶର ହୋରା', ସାମାଜିକ ବ୍ୟବସ୍ଥା ଓ ଧର୍ମ ସମ୍ବନ୍ଧୀୟ ଗ୍ରନ୍ଥ 'ପରାଶର ସ୍ମୃତି' ରଚନା ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ। ପରାସର ନିଜର ଜ୍ଞାନ ବଳରେ ଜାଣିଥିଲେ ଯେ ଏକ ନିର୍ଦ୍ଦିଷ୍ଟ ମୁହୂର୍ତ୍ତରେ ପତ୍ନୀ ଗର୍ଭଧାରଣ କଲେ ବିଷ୍ଣୁ ଅଂଶଧାରୀ ସନ୍ତାନ ଜାତ ହୁଏ। ଦିନେ ପରାଶର ଏକ ନୌକାରେ ଯାତ୍ରା କରୁଥିଲେ। ସେ ନାଉରିଆକୁ ସେହି ଶୁଭ ମୁହୂର୍ତ୍ତ ପାଖେଇ ଆସୁଥିବାର ଜାଣିପାରି ନାଉରିଆର ବିବାହ ଯୋଗ୍ୟା କନ୍ୟାକୁ ବିବାହ କରିବାକୁ କହିଥିଲେ। ନାଉରିଆ ପରାଶରଙ୍କ ପବିତ୍ରତା, ଶ୍ରେଷ୍ଠତା ଓ ବ୍ରହ୍ମତ୍ୱର ଦିବ୍ୟତାକୁ ଉପଲବ୍ଧ କରି ନିଜର କନ୍ୟାକୁ ପରାଶରଙ୍କ ସହ ବିବାହ ବନ୍ଧନରେ ସମର୍ପଣ କରିଥିଲେ। ଏଠାରେ ଆଲୋଚିତ 'ବ୍ୟାସଦେବ' ସେହି ପରାଶର ଓ ମତ୍ସ୍ୟକନ୍ୟା ସତ୍ୟବତୀଙ୍କ ପୁତ୍ର। ଏହି ସଂଯୋଗ ଏକ ପକ୍ଷରେ ଜଣେ ପରମ ଜ୍ଞାନୀ ଓ ଅନ୍ୟ ପକ୍ଷରେ ଗୋଟିଏ ନୀଚ ଜାତିର କନ୍ୟା ମଧ୍ୟରେ ବିବାହ ଶିବଙ୍କ ଆଶୀର୍ବାଦରୁ ସଂଘଟିତ ହୋଇଥିଲା।

ଅତି ଅଳ୍ପ ବୟସରେ ବ୍ୟାସ ତାଙ୍କ ପିତା ମାତାଙ୍କ ଠାରୁ ଜଙ୍ଗଲକୁ ଯାଇ ତପଃ ଆଚରଣ କରିବା ପାଇଁ ଅନୁମତି ଭିକ୍ଷା କରିଥିଲେ କିନ୍ତୁ ମାତା ସତ୍ୟବତୀ ପ୍ରଥମେ ଏହି ଅନୁମତି ଦେବା ପାଇଁ କୁଣ୍ଠାବୋଧ କରିଥିଲେ ମାତ୍ର ଅନେକ ବିନତୀ ପରେ ମାତା ଅନୁମତି ପ୍ରଦାନ ପାଇଁ ଏକ ସର୍ତ୍ତ ରଖିଥିଲେ ଯାହାଥିଲା ତାଙ୍କ ମା' ଯେତେବେଳେ ତାଙ୍କର ଉପସ୍ଥିତି ଚାହିଁବେ ସେ ସଙ୍ଗେ ସଙ୍ଗେ ଉପସ୍ଥିତ ହେବେ। ପୁରାଣ ବର୍ଣ୍ଣିତ ଅନୁସାରେ ବ୍ୟାସ ତାଙ୍କର ଏକବିଂଶତମ ଗୁରୁ ମହର୍ଷି ବାସୁଦେବଙ୍କ ଦ୍ୱାରା ଦୀକ୍ଷିତ ହୋଇଥିଲେ। ବ୍ୟାସଦେବ ଲୋକମାନଙ୍କର ମଙ୍ଗଳ ଅଧ୍ୟୟନ ନିମିତ ବେଦକୁ ଭାଗ ଭାଗ କରିଥିଲେ। ସେ ପୁରାଣକୁ ପୁରୁଷ, ସ୍ତ୍ରୀ ଓ ଶୁଦ୍ରମାନଙ୍କ ପକ୍ଷରେ ସହଜରେ ବୁଝିବା ପାଇଁ ମହାଭାରତ ରଚନା କରିଥିଲେ। ସେ ଅଷ୍ଟାଦଶ ପୁରାଣକୁ ଉପାଖ୍ୟାନ ମାଧ୍ୟମରେ ବୁଝିବା ପାଇଁ ସହଜ ସରଳ ଭାବରେ ରଚନା କରିଥିଲେ। ସେ ତିନୋଟି ମାର୍ଗ ପ୍ରତିଷ୍ଠା କରିଛନ୍ତି ଯଥା :- କର୍ମ, ଉପାସନା, ଜ୍ଞାନ। ଶାସ୍ତ୍ର କହେ ସେ ତାଙ୍କ ମାତାଙ୍କ ପଦାଙ୍କ ଅନୁସରଣ କରିଥିଲେ, ଫଳରେ ଧୃତରାଷ୍ଟ୍ର, ପଣ୍ଡୁ ଏବଂ ବିଦୁର ତାଙ୍କଠାରୁ ଜାତ ହୋଇଥିଲେ। ଅଷ୍ଟାଦଶ ପୁରାଣର ରଚୟିତା ଥିଲେ ବିଷ୍ଣୁ ଦ୍ୱୈପାୟନ ବ୍ୟାସ କିନ୍ତୁ ତାଙ୍କର ସର୍ବଶ୍ରେଷ୍ଠ ଓ ଶେଷ ରଚନା ଅଟେ 'ଶ୍ରୀମଦ୍ ଭାଗବତ', ଯାହା ତାଙ୍କ ଜୀବନର ପରମ ଲକ୍ଷ୍ୟ ସାଧନର ସୃଷ୍ଟି। ସେ ସମଗ୍ର ରଚିତ ପୁରାଣର ନିର୍ଯ୍ୟାସରେ କହିଥିଲେ 'ଅଷ୍ଟାଦଶ ପୁରାଣସ୍ୟ ବ୍ୟାସସ୍ୟ ବଚ୍ଚନମ୍ ଦ୍ୱୟମ, ପରୋପକାରାୟ ସ୍ୱର୍ଗାୟ ପାପାୟ ପର ପିଡନେ'। ବ୍ୟାସଙ୍କୁ 'ଚିରଞ୍ଜୀବୀ' କୁହାଯାଏ। ଏହି ବିଷ୍ଣୁ ରୂପା ବ୍ୟାସ ଆଜି ସୁଦ୍ଧା ସଂସାରରେ ଭ୍ରମଣ କରି ବାସ୍ତବ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। କଥିତ ଅଛି ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ମହର୍ଷିମଣ୍ଡଳ ମିଶ୍ରଙ୍କ ଗୃହରେ ଦର୍ଶନ ଦେଇଥିଲେ। ଆଜି ଜ୍ୟେଷ୍ଠ ପୂର୍ଣ୍ଣମୀ ଯାହା ବ୍ୟାସ ପୂର୍ଣ୍ଣମୀ ଭାବରେ ପ୍ରସିଦ୍ଧି ଲାଭ କରିଛି। ସେହି ବ୍ୟାସ ହେଉଛନ୍ତି ବିଷ୍ଣୁଙ୍କର ସ୍ୱରୂପ।


# ଗୁରୁଭକ୍ତିର ମହୋତ୍ସବ ଗୁରୁ ପୂର୍ଣ୍ଣିମା

ନିହାର ରଞ୍ଜନ ସାବତ
ମଞ୍ଚେଶ୍ୱର ଶିକ୍ଷାଞ୍ଚଳ, ଭୁବନେଶ୍ୱର
ମୋ: ୯୭୭୭୦୧୧୯୬୮

ହିନ୍ଦୁ ସଂସ୍କୃତି ଓ ପରମ୍ପରାରେ ଆଷାଢ଼ ମାସର ପୂର୍ଣ୍ଣିମା 'ଗୁରୁ ପୂର୍ଣ୍ଣିମା' ଭାବେ ଅଭିହିତ ଏବଂ ଏକ ଅତ୍ୟନ୍ତ ପବିତ୍ର ଓ ଗୁରୁତ୍ୱପୂର୍ଣ୍ଣ ଦିବସ। ଏହି ଦିବସ କେବଳ ହିନ୍ଦୁମାନଙ୍କ ପାଇଁ ନୁହେଁ, ବରଂ ବୌଦ୍ଧ ଓ ଜୈନ ସମ୍ପ୍ରଦାୟର ଲୋକମାନଙ୍କ ପାଇଁ ମଧ୍ୟ ସମାନ ଭାବେ ଆଦରଣୀୟ। ଏହା ଆମ ଜୀବନରୁ ଅନ୍ଧକାର ଦୂର କରି ଜ୍ଞାନର ଆଲୋକ ପ୍ରଦାନ କରୁଥିବା ଗୁରୁମାନଙ୍କୁ ସମ୍ମାନ ଓ କୃତଜ୍ଞତା ଜଣାଇବାର ପର୍ବ ଏବଂ ଶିକ୍ଷା, ଜ୍ଞାନ ଓ ଆଧ୍ୟାତ୍ମିକତାର ମହତ୍ତ୍ୱକୁ ସ୍ମରଣ କରାଇବାର ଏକ ଅନନ୍ୟ ଅବସର।

ଗୁରୁ ପୂର୍ଣ୍ଣିମାର ମୂଳ ବୈଦିକ ଯୁଗରେ ନିହିତ। ଏହି ଦିବସ ହିନ୍ଦୁ ଧର୍ମର ମହାନ ଗ୍ରନ୍ଥ ମହାଭାରତର ରଚୟିତା ମହର୍ଷି ବେଦ ବ୍ୟାସଙ୍କ ଜନ୍ମଦିବସ ସହ ଜଡ଼ିତ। ବେଦ ବ୍ୟାସ, ଯିଏ କୃଷ୍ଣ ଦ୍ୱୈପାୟନ ନାମରେ ମଧ୍ୟ ପରିଚିତ, ଋଷି ପରାଶର ଓ ସତ୍ୟବତୀଙ୍କ ପୁତ୍ର ଥିଲେ। ତାଙ୍କ ଅବଦାନ ବୈଦିକ ଜ୍ଞାନର ସଂରକ୍ଷଣ ଓ ପ୍ରଚାରରେ ଅତୁଳନୀୟ। ସେ ବେଦମାନଙ୍କୁ ଋଗ୍‌ବେଦ, ଯଜୁର୍ବେଦ, ସାମବେଦ ଓ ଅଥର୍ବବେଦ ଭାବେ ବିଭକ୍ତ କରି ତାଙ୍କ ଚାରି ଶିଷ୍ୟ- ପୈଲ, ବୈଶମ୍ପାୟନ, ଜୈମିନି ଓ ସୁମନ୍ତୁଙ୍କୁ ଏହାର ଶିକ୍ଷା ଦେଇଥିଲେ। ଏହି କାର୍ଯ୍ୟ ଯୋଗୁଁ ତାଙ୍କୁ 'ବ୍ୟାସ' (ବିଭାଜନକାରୀ) ଉପାଧି ମିଳିଥିଲା, ଏବଂ ଏହି ଦିବସକୁ 'ବ୍ୟାସ ପୂର୍ଣ୍ଣିମା' ମଧ୍ୟ କୁହାଯାଏ। ଏହା ବ୍ୟତୀତ, ଗୁରୁ ପୂର୍ଣ୍ଣିମା ଆଦି ଗୁରୁ ଶିବଙ୍କ ସହ ମଧ୍ୟ ଜଡ଼ିତ। ଯୋଗ ପରମ୍ପରା ଅନୁସାରେ, ଏହି ଦିବସରେ ଶିବ, ଯିଏ ଆଦି ଯୋଗୀ ଭାବେ ପରିଚିତ, ସପ୍ତଋଷିମାନଙ୍କୁ ଯୋଗ ବିଦ୍ୟାର ଜ୍ଞାନ ପ୍ରଦାନ କରିଥିଲେ। ଏହା ଥିଲା ମାନବ ଜାତି ପାଇଁ ଆଧ୍ୟାତ୍ମିକ ଜ୍ଞାନ ପ୍ରସାରର ପ୍ରଥମ ପଦକ୍ଷେପ। ସପ୍ତଋଷିମାନେ ୮୪ ବର୍ଷ ଧରି ଶିବଙ୍କ ନିର୍ଦ୍ଦେଶରେ ସାଧନା କରିଥିଲେ, ଏବଂ ଆଷାଢ଼ ପୂର୍ଣ୍ଣିମାରେ ଶିବ ସେମାନଙ୍କୁ ଜ୍ଞାନର ଆଲୋକ ପ୍ରଦାନ କରିଥିଲେ। ଏହି ଘଟଣା ଗୁରୁ-ଶିଷ୍ୟ ପରମ୍ପରାର ଅୟମାରମ୍ଭ ଭାବରେ ବିବେଚିତ ହୁଏ।

ବୌଦ୍ଧ ପରମ୍ପରାରେ ଗୁରୁ ପୂର୍ଣ୍ଣିମା ଗୌତମ ବୁଦ୍ଧଙ୍କ ସହ ଜଡ଼ିତ। ଏହି ଦିବସରେ ବୁଦ୍ଧ ବୋଧଗୟାରେ ଜ୍ଞାନ ଲାଭ କରିବା ପରେ ସାରନାଥରେ ତାଙ୍କର ପ୍ରଥମ ଉପଦେଶ 'ଧର୍ମଚକ୍ର ପ୍ରବର୍ତ୍ତନ ସୂତ୍ର' ପ୍ରଦାନ କରିଥିଲେ। ଏହି ଉପଦେଶ ବୌଦ୍ଧ ଧର୍ମର ମୂଳଦୁଆ ସ୍ଥାପନ କରିଥିଲା। ଏହି ଘଟଣା ବୌଦ୍ଧମାନଙ୍କ ପାଇଁ ଗୁରୁ ପୂର୍ଣ୍ଣିମାକୁ ଏକ ପବିତ୍ର ଦିବସ ଭାବେ ପରିଣତ କରିଛି। ଜୈନ ପରମ୍ପରାରେ ମଧ୍ୟ ଏହି ଦିବସର ବିଶେଷ ମହତ୍ତ୍ୱ ରହିଛି। ଏହି ଦିବସରେ ଚତୁର୍ବିଂଶତମ ତୀର୍ଥଙ୍କର ମହାବୀର ତାଙ୍କର ପ୍ରଥମ ଶିଷ୍ୟ ଇନ୍ଦ୍ରଭୂତି ଗୌତମଙ୍କୁ ଗ୍ରହଣ କରିଥିଲେ, ଯାହା ଜୈନ ପରମ୍ପରାରେ ଗୁରୁ-ଶିଷ୍ୟ ସମ୍ପର୍କର ଆରମ୍ଭ ପ୍ରକ୍ରିୟାକୁ ଚିହ୍ନିତ କରେ। ଏହିଭଳି ଗୁରୁ ପୂର୍ଣ୍ଣିମା ବିଭିନ୍ନ ଧର୍ମ ଓ ପରମ୍ପରାରେ ଏକ ସାମଞ୍ଜସ୍ୟପୂର୍ଣ୍ଣ ମହତ୍ତ୍ୱ ରଖିଛି।




ଗୁରୁ ପୂର୍ଣ୍ଣିମାର ମହତ୍ତ୍ୱ ଏହାର ଆଧ୍ୟାତ୍ମିକ ଓ ସାଂସ୍କୃତିକ ମୂଲ୍ୟରେ ନିହିତ। ସଂସ୍କୃତ ଶବ୍ଦ 'ଗୁରୁ'ର ଅର୍ଥ ହେଉଛି 'ଅନ୍ଧକାରର ବିନାଶକ'। 'ଗୁ' ଅର୍ଥାତ୍ ଅଜ୍ଞାନତାର ଅନ୍ଧକାର, ଏବଂ 'ରୁ' ଅର୍ଥାତ୍ ତାହାର ବିନାଶକ। ଗୁରୁ ହେଉଛନ୍ତି ସେହି ଦୀପଶିଖା, ଯିଏ ଶିଷ୍ୟର ଜୀବନରୁ ଅଜ୍ଞାନତାର ଅନ୍ଧକାର ଦୂର କରି ଜ୍ଞାନର ଆଲୋକ ପ୍ରଦାନ କରନ୍ତି। ହିନ୍ଦୁ ପରମ୍ପରାରେ ଗୁରୁଙ୍କୁ ଈଶ୍ୱରଙ୍କ ସମକକ୍ଷ ମାନ୍ୟତା ଦିଆଯାଏ, କାରଣ ସେ ଶିଷ୍ୟଙ୍କୁ କେବଳ ଜ୍ଞାନ ନୁହେଁ, ବରଂ ଆତ୍ମସାକ୍ଷାତକାର ଓ ମୁକ୍ତିର ପଥ ମଧ୍ୟ ଦେଖାଇଥାନ୍ତି। ଏହି ଦିବସରେ ଶିଷ୍ୟମାନେ ସେମାନଙ୍କ ଗୁରୁଙ୍କୁ ସମ୍ମାନ ଜଣାଇବା ସହ ସେମାନଙ୍କ ଶିକ୍ଷା ଓ ମାର୍ଗଦର୍ଶନ ପାଇଁ କୃତଜ୍ଞତା ପ୍ରକାଶ କରନ୍ତି। ଅନେକ ଆଶ୍ରମ, ମଠ ଓ ଧାର୍ମିକ ସ୍ଥାନରେ ଗୁରୁ ପୂଜା, ପାଦପୂଜା, ଭଜନ, କୀର୍ତ୍ତନ, ହୋମ ଯଜ୍ଞ ଓ ଶାସ୍ତ୍ର ପାଠ ଆଦି ଅନୁଷ୍ଠିତ ହୁଏ। ଗୁରୁଙ୍କ ପାଦପୂଜା ବା ଗୁରୁଙ୍କ ପାଦୁକାର ପୂଜା ଏକ ପ୍ରତୀକାତ୍ମକ ବିଧି ଯାହା ଆମ ଜୀବନରେ ଗୁରୁଙ୍କ ମହତ୍ତ୍ୱ ଓ ଶିକ୍ଷାର ଗୁରୁତ୍ୱକୁ ପରିପ୍ରକାଶ କରିଥାଏ। ଗୁରୁ ପୂର୍ଣ୍ଣିମା କେବଳ ଗୁରୁଙ୍କୁ ସମ୍ମାନ ଦେବାର ଦିବସ ନୁହେଁ, ଏହା ଶିଷ୍ୟମାନଙ୍କ ମଧ୍ୟରେ ଏକତା, ସମର୍ପଣ ଓ ଆଧ୍ୟାତ୍ମିକ ବୃଦ୍ଧିର ଭାବନାକୁ ପ୍ରୋତ୍ସାହିତ କରେ। ଏହା ଏକ ସାମୂହିକ ଉତ୍ସବ, ଯେଉଁଥିରେ ଆଦର୍ଶ ଜୀବନ ଯାପନ, ସଂଘଶକ୍ତିର ପ୍ରତିଷ୍ଠା ଓ ଭାବ ବିନିମୟ ଉପରେ ଗୁରୁତ୍ୱ ଦିଆଯାଏ।

ଗୁରୁ ପୂର୍ଣ୍ଣିମା ଭାରତ, ନେପାଳ, ଭୁଟାନ ଆଦି ଦେଶରେ ବିଭିନ୍ନ ରୀତିନୀତି ଓ ଉତ୍ସାହରେ ପାଳନ କରାଯାଏ। ଏହି ଦିବସରେ ଶିଷ୍ୟମାନେ ସେମାନଙ୍କ ଗୁରୁଙ୍କୁ ସମ୍ମାନ ଜଣାଇବା ପାଇଁ ବିଭିନ୍ନ ଧାର୍ମିକ ଓ ଆଧ୍ୟାତ୍ମିକ ଅନୁଷ୍ଠାନରେ ଅଂଶଗ୍ରହଣ କରନ୍ତି। ଶିଷ୍ୟମାନେ ଗୁରୁଙ୍କ ପାଦୁକା ବା ପାଦକୁ ପୂଜା କରି ସେମାନଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ପ୍ରକାଶ କରନ୍ତି। ଏହା ଗୁରୁଙ୍କ ପବିତ୍ରତା ଓ ଶିକ୍ଷାର ପ୍ରତୀକ। ନେପାଳ ଦେଶରେ ଗୁରୁ ପୂର୍ଣ୍ଣିମାକୁ 'ଶିକ୍ଷକ ଦିବସ' ଭାବରେ ପାଳନ କରାଯାଏ, ଯେଉଁଠାରେ ଛାତ୍ରଛାତ୍ରୀମାନେ ସେମାନଙ୍କ ଶିକ୍ଷକମାନଙ୍କୁ ପୂଜାକରି, ସମ୍ବର୍ଦ୍ଧିତ କରି ସମ୍ମାନ ଓ କୃତଜ୍ଞତା ଜଣାଇଥାନ୍ତି। ଅନେକ ଆଶ୍ରମ ଓ ମନ୍ଦିରରେ ଭଜନ, କୀର୍ତ୍ତନ ଓ ଶାସ୍ତ୍ର ଆଲୋଚନାର ଆୟୋଜନ କରାଯାଏ। ଗୁରୁମାନେ ଆଧ୍ୟାତ୍ମିକ ଜ୍ଞାନ ଓ ଜୀବନର ମୂଲ୍ୟବୋଧ ସମ୍ପର୍କରେ ଉପଦେଶ ଦିଅନ୍ତି। ଅନେକ ଭକ୍ତ ଏହି ଦିବସରେ ଉପବାସ ରଖି ଧ୍ୟାନ ଓ ଆତ୍ମଚିନ୍ତନରେ ନିମଗ୍ନ ହୁଅନ୍ତି। ଏହା ସେମାନଙ୍କୁ ଆଧ୍ୟାତ୍ମିକ ଶୁଦ୍ଧତା ଓ ଅନ୍ତଃଶକ୍ତି ପ୍ରଦାନ କରେ। ଗୁରୁ ପୂର୍ଣ୍ଣିମାରେ ଦାନ ଓ ସେବାର ମହତ୍ତ୍ୱ ରହିଛି। ଭକ୍ତମାନେ ଗୁରୁଙ୍କ ନାମରେ ଦାନ କରିବା ସହ ସମାଜରେ ସେବାମୂଳକ କାର୍ଯ୍ୟରେ ଅଂଶଗ୍ରହଣ କରନ୍ତି।

ଗୁରୁ ପୂର୍ଣ୍ଣିମାର ଦାର୍ଶନିକ ମହତ୍ତ୍ୱ ଏହାର ସାର୍ବଜନୀନ ବାର୍ତ୍ତାରେ ନିହିତ। ଏହା ଆମକୁ ଶିକ୍ଷା ଦେଇଥାଏ ଯେ, ଜ୍ଞାନ ହେଉଛି ମାନବ ଜୀବନର ସବୁଠାରୁ ମୂଲ୍ୟବାନ ସମ୍ପଦ, ଏବଂ ଗୁରୁ ହେଉଛନ୍ତି ସେହି ମାର୍ଗଦର୍ଶକ, ଯିଏ ଏହି ସମ୍ପଦକୁ ଆମ ନିକଟରେ ପହଞ୍ଚାଇଥାନ୍ତି। ଏହି ଦିବସ ଆମକୁ ଆତ୍ମଚିନ୍ତନ, ଆତ୍ମଶୁଦ୍ଧି ଓ ନୈତିକତା ପୂର୍ଣ୍ଣ ଜୀବନର ଗୁରୁତ୍ୱ ସମ୍ପର୍କରେ ସଚେତନ କରାଇଥାଏ। ଗୁରୁ ପୂର୍ଣ୍ଣିମା ଏକ ଏମିତି ପର୍ବ, ଯେଉଁଥିରେ ଜ୍ଞାନ, ଶିକ୍ଷା ଓ ଆଧ୍ୟାତ୍ମିକତାର ସମ୍ମାନ କରାଯାଏ। ଏହା ଆମକୁ ସ୍ମରଣ କରାଇଥାଏ ଯେ, ଜୀବନରେ ଗୁରୁଙ୍କ ଭୂମିକା ଅତୁଳନୀୟ। ସେ କେବଳ ଜ୍ଞାନର ଆଲୋକ ପ୍ରଦାନ କରନ୍ତି ନାହିଁ, ବରଂ ଆମକୁ ଜୀବନର ସଠିକ୍ ପଥ ଦେଖାଇ ଆମର ଆତ୍ମବିଶ୍ୱାସ ଓ ନୈତିକତାକୁ ସୁଦୃଢ଼ କରନ୍ତି।

ଆଧୁନିକ ଯୁଗରେ, ଯେତେବେଳେ ମଣିଷ ଭୌତିକ ସୁଖ ଓ ସଫଳତାର ପଛରେ ଦୌଡ଼ୁଛି, ସେତେବେଳେ ଗୁରୁ ପୂର୍ଣ୍ଣିମା ଆମକୁ ଆତ୍ମଚିନ୍ତନ ଓ ଜ୍ଞାନର ମୂଲ୍ୟ ସମ୍ପର୍କରେ ସଚେତନ କରାଇଥାଏ। ଆଜିର ପ୍ରତିଯୋଗିତାତ୍ମକ ବିଶ୍ୱରେ, ଯେଉଁଠାରେ ମଣିଷ ଭୌତିକ ସଫଳତା ଓ ମାନସିକ ଶାନ୍ତିର ଅନୁସନ୍ଧାନରେ ରହିଛି, ଗୁରୁଙ୍କର ଭୂମିକା ଆହୁରି ଗୁରୁତ୍ୱପୂର୍ଣ୍ଣ ହୋଇଛି। ଆଧୁନିକ ସମାଜରେ, ଯେଉଁଠାରେ ମଣିଷ ସୂଚନାର ଅତିପ୍ରବାହ ଓ ଭୌତିକତାର ଚାପରେ ଦିଗଭ୍ରାନ୍ତ ହେଉଛି, ଗୁରୁ ପୂର୍ଣ୍ଣିମା ଏକ ପ୍ରତୀକ ଭାବେ କାର୍ଯ୍ୟ କରେ ଯେ, ଜ୍ଞାନ ଓ ମାର୍ଗଦର୍ଶନ ହିଁ ଜୀବନରେ ସଠିକ ପଥ ଦେଖାଇବାରେ ସକ୍ଷମ। ଏହି ଦିବସ ଆମକୁ ଆମର ଗୁରୁମାନଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବାକୁ ପ୍ରେରଣା ଦେଇଥାଏ, ଯେଉଁମାନେ ଆମ ଜୀବନକୁ ଆଲୋକିତ କରିଛନ୍ତି, ବଞ୍ଚିବାର ବାଟ ଦେଖାଇଛନ୍ତି। ଏହା ସହ ଏହା ଆମକୁ ଆତ୍ମଚିନ୍ତନ ଓ ଆଧ୍ୟାତ୍ମିକ ଉନ୍ନତି ଆଡ଼କୁ ପ୍ରେରିତ କରେ।


# ପୁରୁଷାର୍ଥ...



ମନୋଜ କୁମାର ବେହେରା
ୟୁନିଟ୍-୯(ଫ୍ଲାଟ), ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧

ସଫଳ ଜୀବନର ଦୁଇଟା ରାସ୍ତା ହେଲା, ପୁରୁଷାର୍ଥ ଆଉ କଷ୍ଟ ସହିବାର କ୍ଷମତା । ପୁରୁଷାର୍ଥରେ ଯାହାର ବିଶ୍ୱାସ ହୋଇଯାଏ, ସେ କଠିନରୁ କଠିନ କାମ କରିବାରେ ମଧ୍ୟ ଡରେ ନାହିଁ । ଉନ୍ନତିର ଶିଖର ଉପରେ ସେ ହିଁ ପହଞ୍ଚି ପାରନ୍ତି । ଯିଏ ପୁରୁଷାର୍ଥରେ ଆସ୍ଥା ରଖନ୍ତିନି ଆଉ ସେ ଜୀଇଁବା ଜାଣିଥାଏ, କିନ୍ତୁ ପୁରୁଷାର୍ଥ ବ୍ୟକ୍ତି ମଧ୍ୟ ମଝିରେ ଅଟକି ଯାଏ । ଯଦି ସେ କଷ୍ଟ ସହିବାରେ ସକ୍ଷମ ହୋଇନଥାଏ । ପୁରୁଷାର୍ଥର ପ୍ରଦୀପ୍ତ ଅସହିଷ୍ଣୁତାର ପବନରେ ଆହତ ହୋଇକରି ଲିଭିଯାଏ। ସହିଷ୍ଣୁତାର ଅଭାବ କାରଣରୁ ମନୁଷ୍ୟ ଚାଲି-ଚାଲି ଅଟକିଯାଏ ଆଉ ଅସଫଳତା, କୁଣ୍ଠା ଆଉ ନିରାଶାର ଶିକାର ହୋଇଯାଏ। ଆଧୁନିକ ମାନବ ଯଦି ଏହି କଥା ଶିଖିନେବ ତା'ହେଲେ ଉଚ୍ଚ ଲକ୍ଷ୍ୟ ପର୍ଯ୍ୟନ୍ତ ବହୁତ ଶୀଘ୍ର ପହଞ୍ଚି ପାରିବ। ପୁରୁଷାର୍ଥ ଆଉ କଷ୍ଟ ସହିଷ୍ଣୁତାର ବିକାଶ କରିବା ପାଇଁ ପ୍ରତ୍ୟେକ ମନୁଷ୍ୟରେ ନୂଆ ଆସ୍ଥା, ଶ୍ରଦ୍ଧା ଏବଂ ବିଶ୍ୱାସର ସଂଚାର ହେବା ଜରୁରି । ଶ୍ରଦ୍ଧାହୀନ ବ୍ୟକ୍ତି ଜ୍ଞାନ ପ୍ରାପ୍ତି କରିପାରିବେ ଆଉ ଜ୍ଞାନର ବିନା ସେ ଆଚାରବାନ ହୋଇ ପାରିବନି। ଆଚାରବାନ ବିନା ଆତ୍ମାର ଚରମ ବିକାଶର କଳ୍ପନା ମଧ୍ୟ କରାଯାଇ ପାରିବନି। ଉଚ୍ଚ ଆଚାରର ସହିତ ଆସ୍ଥାଶୀଳତାର ଅତୁଟ ସମ୍ବନ୍ଧ ଅଟେ। କ୍ଷେତ୍ର ତେଣିକି ଧର୍ମର ହେଉ ଅଥବା ବିଜ୍ଞାନର, ରାଜନୀତି ହେଉ କିମ୍ବା ବ୍ୟାପାରର, ଶିକ୍ଷାର ହେଉ ଅଥବା ରୋଜଗାରର ବିନା ଆସ୍ଥା ଏବଂ ବିଶ୍ୱାସର ଯେଉଁଠି ମଧ୍ୟ ସୁଫଳ ମିଳିନଥାଏ। ଆସ୍ଥାହୀନତା ଏକ ପ୍ରକାରର ଭଟକେଇବାର ନିମନ୍ତ୍ରଣ ଅଟେ। ଭଟକିବାର ଦୁଷ୍ପରିଣାମରୁ ବଞ୍ଚିବା ପାଇଁ ଆସ୍ଥାର ଦୀପ ହାତରେ ରଖିବାକୁ ହେବ । ମୂଲ୍ୟର କଥା ଏହା ଯେ ଆପଣଙ୍କର ଆସ୍ଥା,ଶ୍ରଦ୍ଧା ଏବଂ ବିଶ୍ୱାସ କେତେ ଦୃଢ ଅଛି । ଆପଣଙ୍କ ନିଜର ମନ୍ଦିର ସେତେବେଳେ ତିଆରି ହୋଇ ପାରିବ ଯେତେବେଳେ ଆପଣଙ୍କର ଆସ୍ଥା ପ୍ରଗାଢ ହେବ। ଯେଉଁ ବ୍ୟକ୍ତିର ଆସ୍ଥା କେନ୍ଦ୍ରିତ ହୋଇ ନଥାଏ,ତାହାର ଆକାଂକ୍ଷା ମଧ୍ୟ ନିୟନ୍ତ୍ରଣରେ ରହି ନଥାଏ। ଆକାଂକ୍ଷାସବୁ ଖୋଲା ଆକାଶରେ ଭାବିବା ବାଲା ଅନୁଶାସନ ମଧ୍ୟ ରଖେ ନାହିଁ । ବ୍ୟକ୍ତିର ଅସୀମିତ ମହତ୍ତ୍ୱକାଂକ୍ଷା ଆଉ ସ୍ୱଚ୍ଛନ୍ଦତା ଉପରେ ନିୟନ୍ତ୍ରଣ କରିବା ଜରୁରି।

# ଆର୍ଥିକ ଅଭିବୃଦ୍ଧିରେ ମତ୍ସ୍ୟକ୍ଷେତ୍ର



ପ୍ରକାଶ ତ୍ରିପାଠୀ
ମୋ: ୯୪୩୭୨୩୨୪୬୩

ଆଜିର (ଜୁଲାଇ ମାସ ଦଶ ତାରିଖ) ଦିନଟି ଓଡ଼ିଶା ପାଇଁ ଏକ ସ୍ମରଣୀୟ ଦିବସ। ଏହି ଦିନରେ ଓଡ଼ିଶା ମାଟିରେ ଭାରତୀୟ ମତ୍ସ୍ୟକ୍ଷେତ୍ରକୁ ଏକ ଉଲ୍ଲେଖନୀୟ ସଫଳତା ମିଳିଥିଲା ଓ ପ୍ରତ୍ୟେକ ଓଡ଼ିଶାବାସୀ ଏଥିପାଇଁ ଗର୍ବିତ। ୧୯୫୭ ମସିହା ଜୁଲାଇ ୧୦ ତାରିଖଦିନ ଅବିଭକ୍ତ ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ନାରାୟଣ ସାଗର ସରକାରୀ ମାଛ ଫାର୍ମରେ କାର୍ପ ମାଛର କୃତ୍ରିମ ପ୍ରଜନନ ପ୍ରକ୍ରିୟା ସଫଳତାର ସହ ସମ୍ପନ୍ନ ହୋଇଥିଲା। ଭାରତର ବିଶିଷ୍ଟ ମତ୍ସ୍ୟବିଜ୍ଞାନୀ ଡଃ କେ ଏଚ ଆଲିକୁନି ଏବଂ ଡଃ ହିରାଲାଲ ଚୌଧୁରୀଙ୍କ ଅକ୍ଳାନ୍ତ ପରିଶ୍ରମ ଓ ପ୍ରଚେଷ୍ଟା ତଥା ତତ୍କାଳୀନ ଓଡ଼ିଶା ମତ୍ସ୍ୟ ନିର୍ଦ୍ଦେଶକ ଡଃ ଗଜେନ୍ଦ୍ର ନାଥ ମିତ୍ରଙ୍କ ସହଯୋଗରେ ଆମ ଦେଶକୁ ଏହି ଐତିହାସିକ ସଫଳତା ମିଳିଥିଲା। ଏହି ମହତ୍ତ୍ୱପୂର୍ଣ୍ଣ ଐତିହାସିକ ସଫଳତାକୁ ମନେ ରଖିବା ପାଇଁ ଏହି ଦିନଟିକୁ ସାରା ଭାରତରେ ଜାତୀୟ ମତ୍ସ୍ୟଚାଷୀ ଦିବସ ରୂପେ ପାଳନ କରାଯାଇଥାଏ । ଦେଶର ପ୍ରଗତି ଓ ବିକାଶରେ ମତ୍ସ୍ୟଚାଷୀ/ମତ୍ସ୍ୟଜୀବୀ/ମତ୍ସ୍ୟ ଉଦ୍ୟୋଗୀ ଓ ମତ୍ସ୍ୟ ସହ ସମ୍ପୃକ୍ତ ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ଅବଦାନକୁ ସ୍ମରଣ କରାଯିବା ସହ ଏହି କ୍ଷେତ୍ରକୁ ନୂତନ ଜ୍ଞାନକୌଶଳ ଯୁକ୍ତ କରିବା ଓ ପରିବେଶ ଅନୁକୂଳଯୁକ୍ତ ସମୃଦ୍ଧି କରିବା ଏହିଦିବସ ପାଳନର ମୁଖ୍ୟଲକ୍ଷ୍ୟ ଓ ଉଦ୍ଦେଶ୍ୟ ଅଟେ। ଏକ ସହନଶୀଳ ମାଛ ବଂଶବୃଦ୍ଧି ସହ ସୁସ୍ଥ ପାରିବେଶିକ ଜଳସମ୍ପଦର ସୁରକ୍ଷା ଓ ଏଥିସହ ସମ୍ପୃକ୍ତ ପରିବାରଙ୍କ ଆର୍ଥିକ ବିକାଶକୁ ଗୁରୁତ୍ୱ ପ୍ରଦାନ ଏହି ଦିବସ ପାଳନର ଯଥାର୍ଥତାକୁ ପ୍ରତିପାଦନ କରିଥାଏ।

ମତ୍ସ୍ୟଚାଷ ଏବଂ ଜଳକୃଷି କ୍ଷେତ୍ର ଦେଶର ଖାଦ୍ୟ ସୁରକ୍ଷା, ପୁଷ୍ଟିଯୋଗାଣ, ନିଯୁକ୍ତି ଏବଂ ଆର୍ଥିକ ଅଭିବୃଦ୍ଧିର ଏକ ମୂଳଦୁଆ ଭାବରେ ଉଭା ହୋଇଛି। ଭାରତ ସରକାରଙ୍କ ବିଭିନ୍ନ ଯୋଜନା, ଘରୋଇ କ୍ଷେତ୍ରର ସହଯୋଗ ଏବଂ ମତ୍ସ୍ୟଜୀବୀ/ମତ୍ସ୍ୟ ଚାଷୀମାନଙ୍କ ଅମୂଲ୍ୟ ଅବଦାନ ମାଧ୍ୟମରେ, ଏହି କ୍ଷେତ୍ର ସମୃଦ୍ଧି ହାସଲ କରି ଚାଲିଛି। ଏହି କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ଏବଂ ଅଧିକ ସମର୍ଥନ କରିବାର ଆବଶ୍ୟକତାକୁ ସ୍ୱୀକାର କରି, ଭାରତ ସରକାର ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା (PMMSY) ଅନ୍ତର୍ଗତ ଏକ କେନ୍ଦ୍ରୀୟ କ୍ଷେତ୍ର ଉପ-ଯୋଜନା, ପ୍ରଧାନମନ୍ତ୍ରୀ ମତ୍ସ୍ୟ କିଷାନ ସମୃଦ୍ଧି ସହ-ଯୋଜନା (PMMKSSY)କୁ ଅନୁମୋଦନ କରିଛନ୍ତି। ପ୍ରଧାନମନ୍ତ୍ରୀ ମତ୍ସ୍ୟ କିଷାନ ସମୃଦ୍ଧି ସହ-ଯୋଜନା ମତ୍ସ୍ୟଚାଷକୁ ସୁଦୃଢ଼ କରି, ମୂଲ୍ୟ ଶୃଙ୍ଖଳା, ନିଯୁକ୍ତି ଏବଂ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବା ସହ ବିଶ୍ୱ ବଜାରରେ ଭାରତୀୟ ମତ୍ସ୍ୟଚାଷ ଉତ୍ପାଦର ବିପ୍ଳବ ଆଣିବାର ସମ୍ଭାବନା ସୃଷ୍ଟି କରିଛି। ଭାରତ ତୃତୀୟ ବୃହତ୍ତମ ମାଛ ଉତ୍ପାଦନକାରୀ ଏବଂ ବିଶ୍ୱର ଦ୍ୱିତୀୟ ବୃହତ୍ତମ ଜଳକୃଷି ମାଛ ଉତ୍ପାଦନକାରୀ ଦେଶ ଭାବେ ପରିଚିତ। ମତ୍ସ୍ୟଚାଷରେ ନିବେଶ, ପ୍ରଯୁକ୍ତିବିଦ୍ୟା ପ୍ରୟୋଗ, ତାଲିମ ଏବଂ ଦକ୍ଷତା ବିକାଶ ମାଧ୍ୟମରେ, ଜାତୀୟ ମାଛ ଉତ୍ପାଦନ ୨୦୨୩-୨୪ରେ ସର୍ବକାଳୀନ ସର୍ବାଧିକ ୧୮୪.୦୨ଲକ୍ଷ ମେଟ୍ରିକ ଟନଉରେ ପହଞ୍ଚିଛି ଯାହାକି ବିଗତ ଦଶ ବର୍ଷ ମଧ୍ୟରେ ପ୍ରାୟ ଦୁଇଗୁଣ ଅଧିକ ଅଟେ। ସେହିପରି ବିଗତ ଦୁଇ ଦଶନ୍ଧିରେ ସାମୁଦ୍ରିକ ଖାଦ୍ୟ ରପ୍ତାନି ପ୍ରାୟ ଦଶ ଗୁଣ ବୃଦ୍ଧି ପାଇଛି। ୨୦୦୩-୦୪ ରେ ରପ୍ତାନି ମୂଲ୍ୟ ୬୦୯.୯୫ କୋଟି ଟଙ୍କା ଥିଲା ବେଳେ ବିଶ୍ୱ ବଜାରରେ ଚ୍ୟାଲେଞ୍ଜ ସତ୍ତ୍ୱେ ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତ ୧୭. ୮୧୬ ଲକ୍ଷ ମେଟ୍ରିକ ଟନ୍ ସାମୁଦ୍ରିକ ଖାଦ୍ୟ ରପ୍ତାନି କରିଛି ଯାହାର ମୂଲ୍ୟ ୬୦୫୨୩.୮୯ କୋଟି ଟଙ୍କା ଅଟେ ।

ଭାରତ ବିଭିନ୍ନ ଜଳ ସମ୍ପଦ ଏବଂ ମତ୍ସ୍ୟ ପ୍ରଜାତିରେ ସମୃଦ୍ଧ । ଏହା ଦୁଇ ହଜାରରୁ ଅଧିକ ପ୍ରଜାତିର ମାଛର ଆବାସସ୍ଥଳ। ପ୍ରାକୃତିକ ଜଳ ସମ୍ପଦର ସ୍ଥାୟୀ ପରିଚାଳନା ଏବଂ ସଂରକ୍ଷଣ ହାସଲ କରିବା ପାଇଁ ନୀତି ନିର୍ଦ୍ଧାରକ, ବିଶେଷଜ୍ଞ , ଗବେଷକ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ସମନ୍ୱିତ ପ୍ରୟାସ ଏବଂ ଜଳଜ ସମ୍ପଦ ଉପରେ ଜ୍ଞାନ ପ୍ରସାରଣ ମାଧ୍ୟମରେ ଏହାକୁ ଅଧିକ ସମୃଦ୍ଧଶାଳୀ କରାଯାଉଛି। ବିଶ୍ୱର ୭୫ଟି ଦେଶକୁ ୫୦ରୁ ଅଧିକ ବିଭିନ୍ନ ପ୍ରକାରର ମାଛ ରପ୍ତାନି କରୁଥିବା ଭାରତ ବର୍ତ୍ତମାନ ଭାରତରୁ କୃଷି ରପ୍ତାନିରେ ସବୁଠାରୁ ବଡ଼ ଗୋଷ୍ଠୀ ଭାବରେ ଉଭା ହୋଇଛି। ଜାତୀୟ ମତ୍ସ୍ୟପାଳନ ଡିଜିଟାଲ୍ ପ୍ଲାଟଫର୍ମ ହେଉଛି ଭାରତ ସରକାରଙ୍କ ମତ୍ସ୍ୟପାଳନ ବିଭାଗ ଦ୍ୱାରା ହାତକୁ ନିଆଯାଇଥିବା ଏକ ପରିବର୍ତ୍ତନଶୀଳ ପଦକ୍ଷେପ। ଏହା ଏକ ମାଇଲଖୁଣ୍ଟ ସଫଳତା ହେବ କାରଣ ଏହା ସୂଚନାଭିତ୍ତିକ ନିଷ୍ପତ୍ତି ଗ୍ରହଣ, ଆବଶ୍ୟକତା ଭିତ୍ତିକ ନୀତି ଗଠନ ଏବଂ ସହଭାଗୀତା ଏବଂ ସହଯୋଗକୁ ସହଜ କରିବା ପାଇଁ ତଥ୍ୟ ସଂଗ୍ରହ ଏବଂ ବିଶ୍ଳେଷଣ ପାଇଁ ଏକ ବ୍ୟାପକ ଢାଞ୍ଚା ମାଧ୍ୟମରେ ପ୍ରମାଣ-ଆଧାରିତ ମତ୍ସ୍ୟପାଳନ ପରିଚାଳନା ପାଇଁ ମୂଳଦୁଆ ପକାଇବ। ଦେଶର ମତ୍ସ୍ୟକ୍ଷେତ୍ର ସହ ପ୍ରତ୍ୟକ୍ଷ ଓ ପରୋକ୍ଷରେ ସମ୍ପୃକ୍ତି ଦ୍ୱାରା ୧୪ ନିୟୁତ ଲୋକ ଉପକୃତ ହେବେ। ୨୦୨୫-୨୬ ବଜେଟ ଘୋଷଣା ରଣନୀତିକ ଭାବରେ ଆର୍ଥିକ ଅନ୍ତର୍ଭୁକ୍ତିକୁ ବୃଦ୍ଧି କରିବା, କଷ୍ଟମ୍ ଡ୍ୟୁଟି ହ୍ରାସ କରି ଚାଷୀଙ୍କ ଉପରେ ଆର୍ଥିକ ବୋଝ ହ୍ରାସ କରିବା ଏବଂ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ବିକାଶକୁ ଆଗକୁ ବଢ଼ାଇବା ଉପରେ ଗୁରୁତ୍ୱ ପ୍ରଦାନ କରେ। ଭାରତ ସରକାର ମତ୍ସ୍ୟଜୀବୀ, ମତ୍ସ୍ୟଚାଷୀ, ପ୍ରକ୍ରିୟାକରଣ ଏବଂ ଅନ୍ୟାନ୍ୟ ମତ୍ସ୍ୟଜୀବୀଙ୍କ ପାଇଁ ଋଣ ଉପଲବ୍ଧତାକୁ ବୃଦ୍ଧି କରିବା ପାଇଁ କିଷାନ କ୍ରେଡିଟ୍ କାର୍ଡ (KCC) ଋଣ ସୀମା ତିନି ଲକ୍ଷରୁ ପାଞ୍ଚ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି ଯାହାକି ସାଧାରଣ ମତ୍ସ୍ୟଜୀବୀଙ୍କ ଆର୍ଥିକ ବିକାଶରେ ଅନେକ ସମ୍ଭାବନା ସୃଷ୍ଟି କରିଛି।

ସେହିପରି ମତ୍ସ୍ୟ ସମ୍ପଦ ଦୃଷ୍ଟିରୁ ଭାରତର ପୂର୍ବ ଉପକୂଳ ରାଜ୍ୟ ଓଡ଼ିଶା ଏକ ଉନ୍ନତ ରାଜ୍ୟ। ୭.୦୮ ଲକ୍ଷ ହେକ୍ଟର ମଧୁର ଜଳ କ୍ଷେତ୍ର, ୪.୧୮ ଲକ୍ଷ ହେକ୍ଟର ଖାରିଜଳ କ୍ଷେତ୍ର ଓ ସର୍ବୋପରି ୫୭୫ କିମି ଉପକୂଳ ଅଞ୍ଚଳକୁ ନେଇ ଓଡ଼ିଶାର ମତ୍ସ୍ୟ ସମ୍ପଦ ସମୃଦ୍ଧ ।ମାଛ ଉତ୍ପାଦନ ବୃଦ୍ଧି ନିମନ୍ତେ ପର୍ଯ୍ୟାପ୍ତ ଉନ୍ନତ ମାଛ ଯାଆଁଳର ଆବଶ୍ୟକତା ଥିବାରୁ ଓଡ଼ିଶା ସରକାର କେବଳ ବର୍ଷାଋତୁ ନୁହେଁ, ତା ପୂର୍ବରୁ ଓ ବର୍ଷ ସାରା ସରକାରୀ ତଥା ଘରୋଇ ଫାର୍ମରୁ ଉନ୍ନତ ଜ୍ଞାନକୌଶଳ ପ୍ରୟୋଗ ପୂର୍ବକ ମାଛ ଯାଆଁଳ ଉତ୍ପାଦନକୁ ପ୍ରୋତ୍ସାହନ ଦେଉଛନ୍ତି। ରାଜ୍ୟରେ ମାଛ ଉତ୍ପାଦନ ବୃଦ୍ଧି ସହ ରାଜ୍ୟକୁ ମତ୍ସ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ କରିବା ପାଇଁ ଅନେକ କାର୍ଯ୍ୟପନ୍ଥା ଗ୍ରହଣ କରାଯାଇଛି। ବିଗତ ପାଞ୍ଚ ବର୍ଷ ମଧ୍ୟରେ ମାଛ ଯାଆଁଳ ଉତ୍ପାଦନ ୯୪.୭୨ କୋଟିରୁ ୩୧୦ କୋଟିରେ ପହଞ୍ଚିଛି। ଆମ ରାଜ୍ୟରେ ମାଛ ଉତ୍ପାଦନବିଗତ ୫ ବର୍ଷ ରେ ପ୍ରାୟ ୪୦ ପ୍ରତିଶତ ବୃଦ୍ଧି ପାଇ ୧୧.୯୨ ଲକ୍ଷ ମେଟ୍ରିକ ଟନ୍‌ରେ ପହଞ୍ଚିଛି। ବିଗତ ଦୁଇ ଦଶନ୍ଧିରେ ଜାତୀୟ ସ୍ତରରେ ମତ୍ସ୍ୟ ଉତ୍ପାଦନରେ ଓଡ଼ିଶା ଅଷ୍ଟମ ସ୍ଥାନରୁ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇପାରିଛି। ଓଡ଼ିଶାର ପ୍ରାୟ ୧୫ ଲକ୍ଷ ଲୋକ ମତ୍ସ୍ୟକ୍ଷେତ୍ର ସହ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସମ୍ପୃକ୍ତ। ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରୋତ୍ସାହନ ତଥା ମତ୍ସ୍ୟଚାଷୀଙ୍କ ସଫଳ ଉଦ୍ୟମ ଓ ନିଷ୍ଠାପର ମନୋଭାବ ଯୋଗୁଁ ଆମ ରାଜ୍ୟ ମାଛ ଉତ୍ପାଦନରେ କ୍ରମାଗତ ପ୍ରଗତି ହାସଲ କରିଚାଲିଛି। ଖାଦ୍ୟ ନିରାପତ୍ତା, ଜୀବିକା ସୁରକ୍ଷା, ମତ୍ସ୍ୟଚାଷୀ/ମତ୍ସ୍ୟଜୀବୀଙ୍କ କଲ୍ୟାଣ ଓ ନିଯୁକ୍ତି ସୃଷ୍ଟି ପାଇଁ ଜଳକୃଷିର ବିକାଶ ଓ ମତ୍ସ୍ୟ ସମ୍ପ୍ରସାରଣ କ୍ଷେତ୍ରରେ ଏକ ଅଗ୍ରଣୀ ରାଜ୍ୟ ଭାବେ ଓଡ଼ିଶା ନିଜକୁ ପ୍ରତିଷ୍ଠିତ କରିପାରିଛି। ଆମ ରାଜ୍ୟରେ ମୁଣ୍ଡପିଛା ବାର୍ଷିକ ମାଛ ବ୍ୟବହାର ଜାତୀୟ ହାର ଠାରୁ ଢେର ଅଧିକ। ଜାତୀୟ ସ୍ତରରେ ଏହା ବାର୍ଷିକ ୧୩.୧୦ କିଲୋଗ୍ରାମ ଥିଲାବେଳେ ଆମ ରାଜ୍ୟରେ ୧୮.୩୩ କିଲୋଗ୍ରାମ ଅଛି। ବୈଦେଶିକ ମୁଦ୍ରା ଅର୍ଜନରେ ମଧ ଓଡ଼ିଶାର ମତ୍ସ୍ୟ କ୍ଷେତ୍ରର ପ୍ରମୁଖ ଭୂମିକା ରହିଛି। ଗତ ୨୩ ବର୍ଷ ମଧ୍ୟରେ ରାଜ୍ୟରୁ ସାମୁଦ୍ରିକ ଖାଦ୍ୟ ରପ୍ତାନିରେ ପ୍ରାୟ ବାର ଗୁଣ ବୃଦ୍ଧି ଘଟିଛି। ୨୦୦୦-୦୧ ବର୍ଷରେ ୧୦୦୬୪ ମେଟ୍ରିକ ଟନ ସାମୁଦ୍ରିକ ଖାଦ୍ୟ ଓଡ଼ିଶା ରପ୍ତାନି କରିଥିଲା ବେଳେ ୨୦୨୪-୨୫ରେ ଏହା ୯ ଗୁଣ ଅର୍ଥାତ ୯୨୦୧୮ ମେଟ୍ରି ଟନ୍‌କୁ ବୃଦ୍ଧି ପାଇଛି। ସେହିପରି, ସେହି ସମୟ ମଧ୍ୟରେ ସାମୁଦ୍ରିକ ଖାଦ୍ୟ ରପ୍ତାନି ମୂଲ୍ୟ ୩୭୯ କୋଟି ଟଙ୍କାରୁ ୪୭୦୧.୪୬ କୋଟି ଟଙ୍କାକୁ ବୃଦ୍ଧି ପାଇଛି।

ନୂତନ ପୋଖରୀ ଖନନ କରି ଉଭୟ ମଧୁରଜଳ ମାଛ ଓ ଖାରିଜଳ ମାଛ/ଚିଙ୍ଗୁଡି ଚାଷ ନିମନ୍ତେ ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଯାଉଛି। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କୁ ଗ୍ରାମପଞ୍ଚାୟତ ପୋଖରୀକୁ ଦୀର୍ଘମିଆଦି ସୂତ୍ରରେ ଲିଜ୍ ପ୍ରଦାନ ପୂର୍ବକ ମାଛ ଚାଷ ପାଇଁ ସୁଯୋଗ ଦିଆଯାଉଛି। ଏହାଦ୍ୱାରା ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ସହ ଗ୍ରାମାଞ୍ଚଳରେ ଅପପୁଷ୍ଟି ଦୂର ଓ ମହିଳାମାନଙ୍କୁ ଆର୍ଥିକ ସଶକ୍ତ କରାଯାଇପାରୁଛି। ଉନ୍ନତ ଜ୍ଞାନକୌଶଳ ଯୁକ୍ତ ଜଳଭଣ୍ଡାରରେ ପଞ୍ଜୁରି ମଧ୍ୟରେ ମାଛଚାଷ, ବାୟୋଫ୍ଲକ ପଦ୍ଧତିରେ ମାଛଚାଷ, ପୁନଃ ସଂଚାଳନ ପଦ୍ଧତିରେ ମାଛ ଚାଷ ରାଜ୍ୟରେ ମତ୍ସ୍ୟ ଉତ୍ପାଦନ ବୃଦ୍ଧି ସହ ଏଥିରେ ସ୍ୱାବଲମ୍ବୀ ହେବାର ଦୃଢ ସମ୍ଭାବନା ସୃଷ୍ଟି କରିଛି। ମତ୍ସ୍ୟଚାଷୀ/ମତ୍ସ୍ୟଜୀବୀଙ୍କ କଲ୍ୟାଣ ପାଇଁ ସେମାନଙ୍କ ପରିବାରଙ୍କୁ ବୀମାଭୁକ୍ତ କରିବା, ସେମାନଙ୍କ ପୁଅ ଝିଅଙ୍କ ଉଚ୍ଚତର ଶିକ୍ଷାପାଇଁ ମେଧାବୃତ୍ତି ପ୍ରଦାନ, ମାଛଧରା କଟକଣା ସମୟରେ ଜୀବିକା ସହାୟତା ପ୍ରଦାନ, ମତ୍ସ୍ୟ ପରିବହନ ପାଇଁ ଭିତ୍ତିଭୂମି ଯୋଗାଣ, ଡଙ୍ଗା ଓ ଜାଲ ନିମନ୍ତେ ସହାୟତା, ବରଫକଳ ପ୍ରତିଷ୍ଠା, ମାଛ/ଚିଙ୍ଗୁଡି ହ୍ୟାଚେରୀ ପ୍ରତିଷ୍ଠା ପାଇଁ ପ୍ରୋତ୍ସାହନ, ମତ୍ସ୍ୟଜୀବୀ ସୋସାଇଟିର ଦୃଢୀକରଣ, ମତ୍ସ୍ୟ ଅବତରଣ କେନ୍ଦ୍ର/ମତ୍ସ୍ୟ ବନ୍ଦର ଗୁଡିକର ଆଧୁନିକ କରଣ, ଆଧୁନିକ ମତ୍ସ୍ୟ ବିକ୍ରୟ କେନ୍ଦ୍ର ପ୍ରତିଷ୍ଠା, ନଦୀ ଓ ଜଳଭଣ୍ଡାର ଗୁଡିକରେ ମାଛ ବଂଶ ବୃଦ୍ଧି ତଥା ଏହା ଉପରେ ନିର୍ଭର କରିଚାଲୁଥିବା ମତ୍ସ୍ୟଜୀବୀଙ୍କ ରୋଜଗାର ବୃଦ୍ଧି ପାଇଁ ଅଙ୍ଗୁଳିକା ମାଛ ଯାଆଁଳ ଛାଡିବା ଆଦି ସରକାରଙ୍କର ବିଭିନ୍ନ ପଦକ୍ଷେପ ରାଜ୍ୟର ମତ୍ସ୍ୟସମ୍ପଦ କ୍ଷେତ୍ରକୁ ସୁଦୃଢ କରିଛି। ରାଜ୍ୟର ଅଗଣିତ ମତ୍ସ୍ୟ ଚାଷୀ/ମତ୍ସ୍ୟଜୀବୀ/ମତ୍ସ୍ୟ ଉଦ୍ୟୋଗୀ ମାନଙ୍କ ପ୍ରଗାଢ ନିଷ୍ଠା ଓ ଦାୟିତ୍ୱସମ୍ପନ୍ନ ଆଭିମୁଖ୍ୟ ତଥା ରାଜ୍ୟ ସରକାରଙ୍କ ବହୁବିଧ ଯୋଜନାର ସଫଳ ରୂପାୟନ ଯୋଗୁଁ ରାଜ୍ୟକୁ ମତ୍ସ୍ୟସମ୍ପଦ ଅଭିବୃଦ୍ଧିରେ ମିଳିଛି ସାମଗ୍ରିକ ସଫଳତା। ମତ୍ସ୍ୟକ୍ଷେତ୍ରରେ ନିୟୋଜିତ ରହି ରାଜ୍ୟ ତଥା ଦେଶର ବିକାଶରେ ଭାଗିଦାରୀ ହେଉଥିବା ରାଜ୍ୟର ସମସ୍ତ ମତ୍ସ୍ୟଚାଷୀ/ମତ୍ସ୍ୟଜୀବୀ/ମତ୍ସ୍ୟ ଉଦ୍ୟୋଗୀ ମାନଙ୍କୁ ଆଜିର ଏହି ଜାତୀୟ ମତ୍ସ୍ୟଚାଷୀ ଦିବସରେ ସଦିଚ୍ଛା ଓ ଅଭିନନ୍ଦନ।



ଧର୍ମଗଡ଼, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଧର୍ମଗଡ ଥାନା ଅନ୍ତର୍ଗତ ବାଗବାହିଲି ଗ୍ରାମରେ ଅର୍ଥ ଆଦାୟକୁ ନେଇ ହୋଇଥିବା ଏକ ମରଣାନ୍ତକ ଆକ୍ରମଣ ଘଟଣାରେ ଦୁଇ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ବାଗବାହାଲି ଗ୍ରାମର ଶତ୍ରୁଘ୍ନ ହଂସ ସେହି ଗ୍ରାମର ଚନ୍ଦ୍ରଧ୍ୱଜ ହଂସଙ୍କ ଘରେ କିଛି ଦିନ ତଳେ ସେଣ୍ଟ ସାମଗ୍ରୀ ଲଗାଇଥିବା ବେଳେ ତହିଁର ମୂଲ୍ୟ ବାବଦକୁ ପଇସା ପାଇଁ ତାଙ୍କ ନିକଟକୁ ଯାଇଥିଲେ ତେବେ ସେଠାରେ ଦେବାନନ୍ଦ ହଂସ ଓରଫ ଠାକୁର ହଂସ ଓ ତାଙ୍କ ବାପା ଚନ୍ଦ୍ରଧ୍ୱଜ ହଂସ ଦୁହେଁ ମିଶି ଶତ୍ରୁଘ୍ନ ହଂସଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଧର୍ମଗଡ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ଧର୍ମଗଡ ପୋଲିସ ମାମଲା ରୁଜୁ କରି ବୁଧବାର ଦେବାନନ୍ଦ ହଂସ ଓ ଚନ୍ଦ୍ରଧ୍ୱଜ ହଂସଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ପ୍ରକାଶ ଥାଉ କି ଆକ୍ରମଣରେ ଗୁରୁତର ଆହତ ଶତ୍ରୁଘ୍ନ ହଂସଙ୍କୁ ପରିବାର ଲୋକେ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଧର୍ମଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭବାନୀପାଟଣା ଜିଲ୍ଲା ଚିକିତ୍ସାଳୟ ଓ ପରେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି।



## ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ନିୟନ୍ତ୍ରଣ ନେଇ ଟାସ୍କଫୋର୍ସ ବୈଠକ

ମାଲକାନଗିରି, (ଭାସ୍କର ନ୍ୟୁଜ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଞ୍ଚମ ମହଲା ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ନିୟନ୍ତ୍ରଣ ନିମନ୍ତେ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ବ୍ଲକ, ଗ୍ରାମ ଓ ପୌରାଞ୍ଚଳରେ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ପାଇଁ ବ୍ୟାପକ ଜନ ସଚେତନତା କରାଯିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ ବ୍ରଜବନ୍ଧୁ ପ୍ରତ୍ୟେକ ବିଦ୍ୟାଳୟରେ ପ୍ରାର୍ଥନା ପୂର୍ବରୁ ଜଳ ବାହିତ ରୋଗ ଓ ଭେକ୍ଟର ବାହିତ ରୋଗ ବିଷୟରେ ଆଲୋଚନା କରାଯିବ ଓ ପ୍ରତି ଆଦିବାସୀ ଆବାସିକ ବିଦ୍ୟାଳୟରେ ମେଲେରିଆ ପାଇଁ ରକ୍ତ ପରୀକ୍ଷା କରାଯିବ ବୋଲି ସୂଚନା ଦେଇଥିଲେ। ଏତଦ୍ ବ୍ୟତୀତ ଆଶା ଓ ଅଙ୍ଗନବାଡି ଘରକୁଘର ବୁଲି ଓଆରଏସ, ଜିଙ୍କ ଓ କୀଟନାଶକ ଉପଚାରିତ ମଶାରୀ ବଣ୍ଟନ କରିବେ। ଏହି ବୈଠକରେ ରାଜ୍ୟ ନୋଡାଲ ଅଧିକାରୀ ଡ଼ା ମୋହନ ମୋହନ ପ୍ରଧାନ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ହୁସେନ, ଭିଡିବି ନୋଡାଲ ଅଧିକାରୀ ଡ଼ା ରଣସିଂହ, ଡ଼ା ନିହାର ରଞ୍ଜନ ପ୍ରହରାଜ, ଡିପିଏମ ଓ ମୌସୁମୀ ମିଶ୍ର ଓ ମହାମାରୀ ବିଶେଷଜ୍ଞ ଡ଼ା ଦୁର୍ଗା ପ୍ରସାଦ ରାଜ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପ୍ରୋଗ୍ରାମ ଅଫିସର ଇନ୍ଦିରା ପ୍ରଧାନଙ୍କ ସମେତ ସମସ୍ତ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଧିକାରୀ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ।

# ବିପଦର ଦ୍ୱାରଦେଶରେ ଛାତ୍ରଛାତ୍ରୀ



କଣାସ, (ଭାସ୍କର ନ୍ୟୁଜ): କଣାସ ବ୍ଲକର ଚୁପୁରିଙ୍ଗି ଗ୍ରାମପଞ୍ଚାୟତ ଉଚ୍ଚବିଦ୍ୟାଳୟରେ ଏକ ଅଭାବନୀୟ ଓ ଅଶୋଭନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ବର୍ତ୍ତମାନ ସାରା ରାଜ୍ୟରେ ବର୍ଷାର ସ୍ଥିତି ଜାରି ରହିଥିବା ବେଳେ ମାଡ଼ି ଆସୁଅଛି ବନ୍ୟା ପାଣି। ସରକାରଙ୍କ ତରଫରୁ ସତର୍କ ସୂଚନା ଜାରି କରାଯାଇଛି କୌଣସି ବି ବ୍ୟକ୍ତି ନଦୀ ନିକଟକୁ ନଯିବା ପାଇଁ। ଏଠି କିନ୍ତୁ ତା'ର ସମ୍ପୂର୍ଣ୍ଣ ବ୍ୟତିକ୍ରମ ଦେଖାଦେଇଛି। ସରକାରଙ୍କ ଅଧିନରେ କାର୍ଯ୍ୟ କରୁଥିବା ଖୋଦ୍ ସରକାରୀ ଶିକ୍ଷକ ପିଲାମାନଙ୍କୁ ଖାଇ ସାରିବା ପରେ ନଦୀରେ ଥାଳି ଧୋଇବାକୁ ଯିବା ପାଇଁ କହିବା ବା ଅନୁମତି ଦେବାର ସମାଚାର ହସ୍ତଗତ ହୋଇଛି। ପୂର୍ବରୁ ଏହିଭଳି ଏକ ଘଟଣା ଏହି କଣାସ ଅଞ୍ଚଳରେ ଘଟିଥିବାର ପ୍ରମାଣ ରହିଛି ଏବଂ ଖବର ପ୍ରକାଶନ ପରେ ଶିକ୍ଷକମାନଙ୍କ ଦରମା ବନ୍ଦ କରାଯାଇଥିବାର ଖବର ମଧ୍ୟ ରହିଛି। ବର୍ତ୍ତମାନ ସେହି ଘଟଣାର ପୁନରାବୃତ୍ତି ହୋଇଛି। ଖବର ହସ୍ତଗତ ହେବା ପର୍ଯ୍ୟନ୍ତ ଶିକ୍ଷକମାନଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ଅଭିଭାବକମାନେ ତାଙ୍କ ପିଲାମାନଙ୍କୁ ପାଠ ପଢିବା ପାଇଁ ବିଦ୍ୟାଳୟକୁ ଛାଡୁଥିବା ବେଳେ ଏଠି ଶିକ୍ଷକମାନେ ପାଠ ପଢ଼ାଇବେ କ'ଣ, ପିଲାଙ୍କୁ ଦେଖାଉଛନ୍ତି ଯମାଳୟର ମୁଖ୍ୟ ଦରଜା। ଏ ଖବର ପ୍ରକାଶନ ପରେ ଶିକ୍ଷକମାନଙ୍କ ର'ଣ ପ୍ରତିକ୍ରିୟା ରହୁଛି ଓ ଶିକ୍ଷାଧିକାରୀ କି ପ୍ରକାର ପଦକ୍ଷେପ ନେଉଛନ୍ତି ଦେଖିବାକୁ ବାକି ରହିଥିଲା।

## 'ଗ୍ରୀନ ପାରାଦୀପ ଟ୍ରଷ୍ଟ' ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

ପାରାଦୀପ, (ଭାସ୍କର ନ୍ୟୁଜ): ପାରାଦୀପର ଅନ୍ୟତମ ଅଗ୍ରଣୀ ପରିବେଶଧର୍ମୀ ଅନୁଷ୍ଠାନ 'ଗ୍ରୀନ ପାରାଦୀପ ଟ୍ରଷ୍ଟ' ଏବଂ ପାରାଦୀପ ସାମ୍ବାଦିକମାନଙ୍କ ମିଳିତ ଆନୁକୂଲ୍ୟରେ ମଧୁବନ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ବୁଧବାର ସକାଳେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ତଥା ଯୁବ ସାମ୍ବାଦିକ ରାଜେଶ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ସମେତ ଟ୍ରଷ୍ଟର ସଦସ୍ୟ ଓ ସାମ୍ବାଦିକ ମାନେ ଯୋଗଦେଇ ମନ୍ଦିର ଭିତର ପରିସର ଓ ପରିସର ବାହାର ବଡଦାଣ୍ଡରେ ସଫେଇ କାର୍ଯ୍ୟ କରିଥିଲେ। ଏହି ସଫେଇ କାର୍ଯ୍ୟକ୍ରମରେ ଟ୍ରଷ୍ଟର ଉପଦେଷ୍ଟା ତଥା ସାମ୍ବାଦିକ ଶୁକଦେବ ଜେନା, ଶଶାଙ୍କ ଆଚାର୍ଯ୍ୟ, ରବିନ୍ଦ୍ର ଜେନା, ସୁଧାଂଶୁ ଭାରତୀ, ସନ୍ତୋଷ ଭାରତୀ, ଆଲୋକ ମହାପାତ୍ର, ଦୀପକ ଦାସ, ବିବେକାନନ୍ଦ ରାଉତ, ସଂଗ୍ରାମ ରାଉତ, ପ୍ରଭାସ ଦାସ, ଗୌରାଙ୍ଗ ଜେନା, ତ୍ରିଲୋଚନ ମହାପାତ୍ର, ପ୍ରୀତି ରଞ୍ଜନ ମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ତେବେ ଟ୍ରଷ୍ଟର ଏପରି ମହତକାର୍ଯ୍ୟକୁ ପୌରାଧ୍ୟକ୍ଷ ବିଶ୍ୱାଳ ଉଚ୍ଚ ପ୍ରଶଂସା



କରିବା ସହ ରଥଯାତ୍ରା ଅବସରରେ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଭାଗ ନେଇଥିବା ସମସ୍ତ ସ୍ୱେଚ୍ଛାସେବୀ ସଂଗଠନ ଓ ଏହାର ସଦସ୍ୟ ଓ ସଦସ୍ୟା ମାନଙ୍କୁ ପ୍ରଶଂସା କରିଥିଲେ।

## ସମାବେଶ ସଫଳ କରିବା ପାଇଁ ପାରାଦୀପ କଂଗ୍ରେସର ପ୍ରସ୍ତୁତି ବୈଠକ



ପାରାଦୀପ, (ଭାସ୍କର ନ୍ୟୁଜ୍): ଭୁବନେଶ୍ୱରର ବରମୁଣ୍ଡା ପଡିଆରେ କଂଗ୍ରେସ ଦଳ ପକ୍ଷରୁ ଆସନ୍ତା ଜୁଲାଇ ୧୧ ତାରିଖ ଶୁକ୍ରବାର ଦିନ 'ସମ୍ବିଧାନ ବଞ୍ଚାଅ' ସମାବେଶରେ ଲୋକସଭା ବିରୋଧୀ ଦଳ ତଥା କଂଗ୍ରେସ ଦଳର ନେତା ରାହୁଲ ଗାନ୍ଧୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତେବେ ଏହି ସମାବେଶକୁ ସଫଳ କରିବା ପାଇଁ ପାରାଦୀପ ନଗର କଂଗ୍ରେସ୍ କମିଟି ତରଫରୁ ଏକ ପ୍ରସ୍ତୁତି ବୈଠକ ନଗର କଂଗ୍ରେସ ସଭାପତି କେଦାରନାଥ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅପରାହ୍ନ ୪.୦୦ ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ୍ ସଭାପତି ନଟବର ବାରିକ୍ ଏବଂ ପାରାଦୀପ ନିର୍ବାଚନ ମଣ୍ଡଳୀର କଂଗ୍ରେସ୍ ପ୍ରାର୍ଥୀ ନିରଞ୍ଜନ ନାୟକ ଉପସ୍ଥିତ ରହି ସମ୍ପୂର୍ଣ୍ଣ ସମୀକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା କେଦାର ଜେନା, କାଳନ୍ଦୀ ଦାସ, ସରୋଜ ପ୍ରଧାନ, ଚନ୍ଦ୍ରଶେଖର ମହାପାତ୍ର, ପଦ୍ମଶମ୍ଭୁତ ମହାନ୍ତି, ତ୍ରିନାଥ ମହାନ୍ତି, ବିନତି ପଡ଼ିଆରୀ, କୌଶିଲ୍ୟା ମହାନ୍ତି, ଖୁଲଣା ଜେନା, ଧରିତ୍ରୀ ସାମଲ, ପୁଷ୍ପା ଦାସ, ବାସୁକା ମଲିକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ୭ ଦଫା ଦାବି ନେଇ ଗର୍ଜିଲେ ଆଶାକର୍ମୀ

ରାଜନଗର, (ଭାସ୍କର ନ୍ୟୁଜ୍): କେନ୍ଦ୍ରୀୟ ଟ୍ରେଡ ଇଉନିୟନ ଓ ସ୍ୱାଧୀନ ଫେଡେରେସନ ଡାକରାରେ ବିଭିନ୍ନ ଦାବୀ ନେଇ ଆଜି ଜୁଲାଇ ୯ ତାରିଖରେ ସର୍ବ ଭାରତୀୟ ଧର୍ମଘଟ ଅନୁଷ୍ଠିତ ହେଉଅଛି। ଏହି ପରିପ୍ରେକ୍ଷୀରେ ନିଖିଳ ଓଡିଶା ଆଶାକର୍ମୀ ସଂଘ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ସିଏଚସି କମିଟିର ଆଶା ସଂଘର ସଭାନେତ୍ରୀ କବିତା ରାଉତ ଓ ସମ୍ପାଦିକା ଦମୟନ୍ତୀ କୁଣ୍ଡଙ୍କ ନେତୃତ୍ୱରେ ରାଜନଗର ଜଗନ୍ନାଥ ମନ୍ଦିର ଠାରୁ ଆଶାକର୍ମୀ ମାନେ ୭ ଦଫା ଦାବି ନେଇ ଏକ ବିରାଟ ରାଲିରେ ବଜାର ପରିକ୍ରମା କରି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଧର୍ମଘଟରେ ବସିଥିଲେ। ଆଶାକର୍ମୀ ସଂଘର ପ୍ରତିନିଧି ମାନେ ତହସିଲଦାରଙ୍କୁ ଭେଟି ତାଙ୍କ ମାଧ୍ୟମରେ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବୀପତ୍ର ପ୍ରଦାନ କରିଥିଲେ। ଏହି ଦାବିଗୁଡ଼ିକ ହେଲା ଆଶାକର୍ମୀଙ୍କୁ ସ୍ଥାୟୀ କରାଯାଇ ସରକାରୀ କର୍ମଚାରୀ ଭାବେ ମାନ୍ୟତା ଦିଆଯିବା ସହ ମାସିକ ୨୬ ହଜାର ଟଙ୍କା ଦରମା ଲାଗୁ ହେବା




ସହିତ ଏମାନଙ୍କୁ ଏନ୍‌ଏମ୍ ଜିଏନଏମ ପଦବୀକୁ ପ୍ରମୋସନ କରାଯାଉ, ଆଶାକର୍ମୀ କର୍ମକ୍ଷେତ୍ରରେ ମୃତ୍ୟୁ ବରଣ କଲେ ତାଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଦେବା ସହ ପରିବାରରୁ ଜଣଙ୍କୁ ନିଯୁକ୍ତି ଦିଆଯାଉ, ଆଶାକର୍ମୀମାନେ ଅବସର ନେଲେ ତାଙ୍କୁ ମାସିକ ସର୍ବ ନିମ୍ନ ୧୦ହଜାର ଟଙ୍କା ପେନସନ ଦିଆଯାଉ, ତାଛଡା ଚାରୋଟି ଶ୍ରମ କୋର୍ଡକୁ ବାତିଲି କରି ପୂର୍ବପରି ଶ୍ରମ ଆଇନ ଲାଗୁ କରାଯାଉ, ଦରଦାମ୍ ବୃଦ୍ଧି ନିୟନ୍ତ୍ରଣ କରିବା ସହିତ ଘରୋଇ କରଣ ବନ୍ଦ କରାଯିବା ଭଳି ଦାବିପତ୍ରରେ ଉଲ୍ଲେଖ ଅଛି। ଏହି କାର୍ଯ୍ୟକ୍ରମରେ ଆଶାକର୍ମୀ ସଂଘର ରାଜ୍ୟ ଆବାହକ ରମଣୀ ରଞ୍ଜନ ରାଉତରାୟ ଯୋଗଦେଇ ଆଶାକର୍ମୀମାନଙ୍କ କାର୍ଯ୍ୟକୁ ସରକାରଙ୍କର ସ୍ୱଳ୍ପ ଅନୁଦାନକୁ ନେଇ ସରକାଙ୍କ ଉପରେ ବର୍ଷି ଥିଲେ ଏବଂ ଆଶାକର୍ମୀମାନଙ୍କ ୭ ଦଫା ଦାବିକୁ ସରକାର ମାନିନେବାକୁ ଚେତାବନୀ ଦେଇଥିଲେ। ଦାବି ପ୍ରତି ସରକାର ବିଚାର ନକରନ୍ତି ଆଗାମି ଦିନରେ ସଂଘ ଯେଉଁ ନିଷ୍ପତ୍ତି ନେବ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ରାଉତରାୟ କହିବା ସହ ମୋହନ ସରକାରଙ୍କ ଉପରେ ସଂଘ ଆଶା ପ୍ରକଟ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂଯୋଜକ ଅକ୍ଷୟ କୁମାର ମଲ୍ଲିକ, ଉପସଭାପତି ଭଜହରି ରାଉତ, ମିନତି ସାମଲ, ଶାନ୍ତି ଲତା ସାହୁ, ରୀନାରାଣୀ ନାୟକ, ଗାୟତ୍ରୀ ବାରିକ, ରଞ୍ଜୁଲତା ରାଉତ, ରଙ୍ଗଲତା ରାଉତ, ବିଜୟା ଲକ୍ଷ୍ମୀ ନାଥ ଓ ସୁଷମା ବେହେରା ପ୍ରମୁଖ କର୍ମକର୍ତ୍ତା ସହଯୋଗ କରିଥିଲେ।

## ବିନାୟକ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ବନ ମହୋତ୍ସବ

ଭୁବନ, (ଭାସ୍କର ନ୍ୟୁଜ୍): ବିନାୟକ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ୭୬ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଙ୍ଗଲ କ୍ଷୟ ହିଁ ଜଳବାୟୁ ପରିବର୍ତ୍ତନ ଓ ସୁନାମିର ମୁଖ୍ୟ କାରଣ। ବର୍ଷାଦିନେ ବର୍ଷା ନହେବା ଅନ୍ୟତମ ପ୍ରମୁଖ କାରଣ। ଏଥି ପାଇଁ ଆମ୍ଭଙ୍କୁ ପର୍ଯ୍ୟାପ୍ତ ବୃକ୍ଷରୋପଣ କରି ସମ୍ଭାବ୍ୟ ବିପଦରୁ ସାରା ବିଶ୍ୱକୁ ରକ୍ଷା କରିବାକୁ ପଡ଼ିବ ବୋଲି ମତବ୍ୟକ୍ତ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟି ସଭାପତି ନନ୍ଦ କିଶୋର ସାହୁ, ସମ୍ପାଦକ ସମୀର କୁମାର ସାହୁ ଓ ଭୁବନ ବନପାଳ ଯୋଗଦେଇ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଗହଣରେ ସାମୂହିକ ବୃକ୍ଷରୋପଣ କରିଥିଲେ।

# ଗରମ ପେଜରେ ପଡ଼ି ଶିଶୁ ମୃତ

ଧର୍ମଗଡ଼ (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ଅନ୍ତର୍ଗତ ଗଡ଼ିଆଯୋର ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଅସାବଧାନତା ଯୋଗୁଁ ଜଣେ ଶିଶୁ ଗରମ ପେଜରେ ପଡି ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତ ଶିଶୁଟି ଗ୍ରାମର ରବୀନ୍ଦ୍ର ପାରିଙ୍କ ଏକବର୍ଷର ଶିଶୁକନ୍ୟା ଆଲିଶା ପାରି (୦୧)। ସୂଚନା ଯେ ଭାତ ରୋଷେଇ କରୁଥିବା ବେଳେ ଶିଶୁ କନ୍ୟାଟି ମା' ନିକଟରେ ଖେଳୁଥିଲା। ମା' ଭାତ ଗାଳୁଥିବା ବେଳେ ଗରମ ତୋରାଣିରେ ହଠାତ ଶିଶୁ କନ୍ୟାର ହାତ ପଡିବା ଫଳରେ ଛଟପଟ ହୋଇ ଗୁରୁତର ହୋଇପଡିଥିଲା। ଶିଶୁ କନ୍ୟାକୁ ତୁରନ୍ତ ଧର୍ମଗଡ଼ ଉପଖଣ୍ଡ ଚିକିତ୍ସାଳୟ ଆଣିଥିଲେ ହେଁ ସ୍ୱାସ୍ଥ୍ୟ ବସ୍ଥା ଗୁରୁତର ହେବା ଯୋଗୁଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନନ୍ତରିତ କରାଯାଇଥିଲା। ହେଲେ ସେଠାରେ ଶିଶୁ କନ୍ୟାକୁ ଡାକ୍ତର ମୃତ ଘୋଷଣା କରିଥିଲେ। ସାମାନ୍ୟ ଅସାବଧାନତା ଯୋଗୁଁ ଗୋଟେ ଶିଶୁ କନ୍ୟାର ଜୀବନ ଚାଲିଯିବା ଘଟଣା ଏବେ ଅଞ୍ଚଳରେ ଚହଳ ପଡିଛି।

## ମହିଳାଙ୍କୁ ଅସଦାଚରଣ ନେଇ ଅଭିଯୁକ୍ତଙ୍କୁ ପୋଲିସ ଜିମା ଦେଲେ ଲୋକେ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ବୁଧବାର ମଧ୍ୟାହ୍ନରେ ବଳଙ୍ଗା ବଜାରରେ ରହୁଥିବା ଜଣେ ମହିଳାଙ୍କୁ ଅସଦାଚରଣ ଉଦ୍ୟମ କରି ଘରୁ ଟଙ୍କା ଚୋରୀ କରିବା ଅଭିଯୋଗରେ ବଳଙ୍ଗା ପୋଲିସ ଅଭିଯୁକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ଏହି ଥାନା ଅନ୍ତର୍ଗତ ଚନ୍ଦ୍ରାଦେଇପୁର ଗ୍ରାମର ଚନ୍ଦନ ନାୟକ ବୋଲି ପୋଲିସ ସୂଚନା ଦେଇଛି। ଅଭିଯୋଗ ମହିଳା ଜଣକ ଘରେ ଶୋଇଥିବା ବେଳେ ଅଭିଯୁକ୍ତ ଚନ୍ଦନ ଘରେ ପଶି ଫ୍ରିଜ୍ ଉପରେ ଥିବା ସାଢ଼େ ୪ ହଜାର ଟଙ୍କା ଚୋରୀ କରିବା ପରେ ମହିଳା ଜଣକ ଶୋଇବା ଦେଖି ଚନ୍ଦନ ମହିଳାଙ୍କ ପ୍ରତି ଅସଦାଚରଣ କରିବାରେ ମହିଳା ଜଣକ ପାଟି କରିବାରୁ ବାରିପଟେ ଥିବା ମହିଳାଙ୍କ ସମ୍ପର୍କୀୟମାନେ ଚନ୍ଦନକୁ ନିକଟରେ ଥିବା ଏକ ହୋଟେଲ ନିକଟରେ କାବୁ କରି ପୋଲିସ ଜିମା ଦେବା ସହ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଅଭିଯୁକ୍ତ ଚନ୍ଦନକୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି।

### ଶିକ୍ଷୟିତ୍ରୀଙ୍କ ବଦଳିକୁ ନେଇ ଅସନ୍ତୋଷ

# ଧାରଣାରେ ବସିଲେ ଅଭିଭାବକ ଓ ଛାତ୍ରଛାତ୍ରୀ

ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲା ତିହିଡ଼ି ବ୍ଲକ ଭାଟପଡ଼ା ପଞ୍ଚାୟତ ଅଧୀନ ଶଂଖିଡ଼ା ସରକାରୀ ପ୍ରାଥମିକ ସ୍କୁଲର ଜଣେ ଶିକ୍ଷୟିତ୍ରୀଙ୍କୁ ବଦଳି କରିବାକୁ ନେଇ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଶିକ୍ଷୟିତ୍ରୀଙ୍କ ବଦଳି ପ୍ରତିବାଦରେ ବୁଧବାର ସ୍କୁଲ ଖୋଲିବା ପରେ ଅବିଭାବକ ଓ ଛାତ୍ରଛାତ୍ରୀମାନେ ସ୍କୁଲରେ ତାଲା ପକାଇ ଧାରଣାରେ ବସିଥିବା ଜଣାପଡ଼ିଛି। ଖବର ପାଇ ବ୍ଲକ ଶିକ୍ଷାଧିକାରୀ ସୂର୍ଯ୍ୟଶିଖା ମହାନ୍ତିଙ୍କ ନିର୍ଦ୍ଦେଶରେ ଏବିଇଓ ଲକ୍ଷ୍ମୀପ୍ରିୟା ମାଝୀ ସ୍କୁଲରେ ପହଞ୍ଚି ଅବିଭାବକ ମାନଙ୍କୁ ବୁଝାସୁଝା କରିବା ସହିତ ସରକାର ନିୟମକୁ ପାଳନ କରି ଯାହା ପଦକ୍ଷେପ ନିଆଯିବା କଥା ତାହା ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ



ହୋଇଥିଲା। ପ୍ରକାଶ ଯେ, ଶଂଖିଡ଼ା ସରକାରୀ ପ୍ରାଥମିକ ସ୍କୁଲରେ ୩ଜଣ ଶିକ୍ଷୟିତ୍ରୀ ଅଛନ୍ତି। ଏହି ସ୍କୁଲରେ ବାଲବାଟିକା ସହିତ ୬ଟି ଶ୍ରେଣୀରେ ୫୫ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ସ୍କୁଲର ୩ଜଣ ଶିକ୍ଷୟିତ୍ରୀଙ୍କ ମଧ୍ୟରୁ ବୈଜୟନ୍ତୀ ପଟ୍ଟନାୟକଙ୍କ ବଦଳି କରାଯାଇଛି। ଏହି ଶିକ୍ଷୟିତ୍ରୀଙ୍କ ବଦଳି ପ୍ରତିବାଦରେ ଅବିଭାବକ ଓ ଛାତ୍ରଛାତ୍ରୀ ଧାରଣାରେ ବସିଥିଲେ। ସ୍କୁଲର ୩ଜଣ ଶିକ୍ଷୟିତ୍ରୀଙ୍କ ମଧ୍ୟରୁ ପଟ୍ଟନାୟକଙ୍କର ବଦଳି ହେବା ପରେ ଆଉ ଦୁଇ ଜଣ ଶିକ୍ଷୟିତ୍ରୀ ଶିକ୍ଷାଦାନ କରିବେ। ମାତ୍ର ଆଉ ୩ମାସ ପରେ ପ୍ରଧାନ ଶିକ୍ଷୟିତ୍ରୀ ଅବସର ନେବେ। ଯାହା ଫଳରେ ସ୍କୁଲରେ ମାତ୍ର ଜଣେ ଶିକ୍ଷୟିତ୍ରୀ ରହିବେ। ଯେଉଁଥିପାଇଁ ସ୍କୁଲରେ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାହତ ହେବ। ସେଥିପାଇଁ ଅବିଭାବକମାନେ ବଦଳି ହୋଇଥିବା ଶିକ୍ଷୟିତ୍ରୀ ପଟ୍ଟନାୟକଙ୍କ ବଦଳି ବାତିଲ ଦାବି କରି ସ୍କୁଲରେ ତାଲା ପକାଇ ଧାରଣାରେ ବସିଥିଲେ। ସିଆରସିସି ତ୍ରିନାଥ ସେଠୀ ସ୍କୁଲରେ ପହଞ୍ଚି ବୁଝାସୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରିନଥିଲା। ସ୍କୁଲର ପରିଚାଳନା କମିଟି ସଭାପତି ଲକ୍ଷ୍ମୀଧର ପାଢ଼ୀ, ଅଭିଭାବକ ମହେଶ୍ୱର ସେଠୀ, ଅକ୍ଷୟ ରାଉତ, ସୌମେନ୍ଦ୍ର ପଣ୍ଡା, ଅଂଜଳି ରାଉତ, ଗୌରୀମଣି ଜେନା, ମାନସୀ ଜେନା, ବିମଳା ଜେନା, ସଂଜୁଲତା ଜେନା, ମମତା ସାହୁ ପ୍ରମୁଖଙ୍କ ସହିତ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ଧାରଣାରେ ସାମିଲ ହୋଇଥିଲେ।

# ଡେଲାଙ୍ଗରେ କୁକୁଡ଼ା ମଡ଼କ



ଡେଲାଙ୍ଗ, (ଭାସ୍କର ନ୍ୟୁଜ୍): ଡେଲାଙ୍ଗ ବ୍ଲକ୍‌ରେ କିଛି କିଛି ବ୍ରୟଲର ଫାର୍ମରେ କୁକୁଡ଼ା ମଡ଼କ ଦେଖାଦେଇଛି। କୁକୁଡ଼ା ମଡ଼କରେ ବହୁତ କୁକୁଡ଼ା ଚାଷୀ ହତାସ ହୋଇଯାଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଡେଲାଙ୍ଗ ବ୍ଲକ୍‌ର ସରକାରୀ ପ୍ରାଣୀଚିକିତ୍ସା ବିଭାଗ ପକ୍ଷରୁ ଡାକ୍ତରଙ୍କ ଜଏଣ୍ଟ ଡାଇରେକ୍ଟର ଡ. ପ୍ରଦୀପ ସେଠୀ, ସିଡିଭିଓ ଡ. ସରତ କୁମାର ବେହେରା, ଏଡିଭିଓ ଡ. ସତ୍ୟବ୍ରତ ଦାସ, ବିଭିଓ ପ୍ରୀତିତୋଷ ମହାପାତ୍ର, ଏମ୍‌ଭିୟୁ-ଭିଏସ୍- ସୋମନାଥ ଦାସ ଯୋଗ ଦେଇ କ୍ଷେତ୍ର ପରିଦର୍ଶନ କରିଥିଲେ। ଏତଦ୍ ବ୍ୟତୀତ ପାଦ୍ରୀର ଅନ୍ୟ ବିଶେଷଜ୍ଞ ମାନେ ଡେଲାଙ୍ଗ ବ୍ଲକ୍‌ର ଗଡ଼ବେଗୁନିଆ ପଡ଼ା ଓ ବଡ଼ଆଙ୍କୁଲାର ଫାର୍ମକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ସହ ଚାଷୀମାନଙ୍କୁ ସଚେତନ କରାଇଥିଲେ। ବ୍ଲାଡ଼ ଫ୍ଲୁ ଯୋଗୁଁ ପ୍ରାୟ ୩୦୦୦ରୁ ଅଧିକ କୁକୁଡ଼ାମାନେ ମରିଥିବା ଅନୁମାନ କରାଯାଉଛି। କୁକୁଡ଼ାର ସ୍ୱାବ ନମୁନା ପରୀକ୍ଷା ପରେ ମରିବାର କାରଣ ଜଣାପଡ଼ିବ ବୋଲି ଡ଼ାକ୍ତର ଟିମ୍ ପକ୍ଷରୁ ସୂଚନା ମିଳିଛି। ବିଶେଷଜ୍ଞମାନେ ମରିଥିବା କୁକୁଡ଼ାକୁ ଗାତଖୋଳି ପୋତିବା ସହ ଫାର୍ମଗୁଡ଼ିକୁ ଉତ୍ତମ ଭାବେ ବିଶୋଧନ କରିବା ପାଇଁ ପରାମର୍ଶ ଦେଇଥିଲେ। ଏ ନେଇ ଡେଲାଙ୍ଗ ବ୍ଲକ୍ କୁକୁଡ଼ା ଚାଷୀ ସଂଘର ସଭାପତି ଗୋପାଳ ଚନ୍ଦ୍ର ସ୍ୱାଇଁ ଓ ସମ୍ପାଦକ ପ୍ରଶାନ୍ତ ପ୍ରଧାନଙ୍କ ସହ ଅନ୍ୟ ସଦସ୍ୟମାନେ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦେବା ସହ ଆଉ ଯେଭଳି ଅଜଣା ରୋଗରେ କୁକୁଡ଼ା ମଡ଼କ ନହୁଏ ସେଥିପ୍ରତି ଉପଯୁକ୍ତ ପଦକ୍ଷେପ ନେବାକୁ ପ୍ରାଣୀ ବିଭାଗକୁ ନିବେଦନ କରିଛନ୍ତି।

## ନିଯୁକ୍ତି ପର୍ବ ଅନୁଷ୍ଠିତ

ଢ଼େଙ୍କାନାଳ, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ମହିଷାପାଟ ସ୍ଥିତ ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ କାର୍ଯ୍ୟାଳୟ ଠାରେ ଏକ ନିଯୁକ୍ତି ପର୍ବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଢେଙ୍କାନାଳସ୍ଥିତ ଅଟୋମୋବାଇଲ ଡକ୍ଟର ଇଣ୍ଡିଆ, କ୍ୱିଭାନ୍ ସ୍କିଲ ଏମ୍ପାଓ୍ୱାରମେଣ୍ଟ ପ୍ରା. ଲିଃ. ଏବଂ ପ୍ରୋଡ଼ାଟାରେ ଟ୍ରେନିଂ ପ୍ରାପ୍ତ ୩୬ ଜଣ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। କର୍ମଠ ହୋଇ ସାଧୁତାର ସହ କାର୍ଯ୍ୟକରି ଢେଙ୍କାନାଳର ଗର୍ବ ଓ ଗୌରବ ବୃଦ୍ଧିରେ ସହାୟକ ହୁଅନ୍ତୁ ବୋଲି କହିଥିଲେ। ପ୍ରାରମ୍ଭରେ ଜିଲ୍ଲା ନିଯୋଜନ ଅଧିକାରୀ ତତ୍ତ୍ୱମସୀ ମହାପାତ୍ର ଛାତ୍ରଛାତ୍ରୀମାନଙ୍କୁ କିପରି ଟ୍ରେନିଂ ପ୍ରଦାନକରି ଶତ ପ୍ରତିଶତ ନିଯୁକ୍ତିର ସୁବିଧା ସୁଯୋଗ ସୃଷ୍ଟି ହେଉଛି ସେ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ ଯେ, ସମସ୍ତ ଛାତ୍ର ଛାତ୍ରୀମାନେ ପ୍ରମୂଖ ଅଟୋ ମୋବାଇଲ ଓ ଆଇ-ଫୋନ ମୋବାଇଲ କମ୍ପାନୀରେ ନିଯୁକ୍ତ ହେବ। ଏହି ନିଯୁକ୍ତି ପର୍ବରେ ଜିଲ୍ଲା ପରିଷଦର ମୂଖ୍ୟ ଉନ୍ନୟନ ଅଧିକାରୀ ଦିପ୍ତିରଂଜନ ସେଠୀ ଏବଂ କୋଅପରେଟିଭ ସୋସାଇଟିର ଡେପୁଟି ରେଜିଷ୍ଟ୍ରାର ଉମାଶଙ୍କର ଦାସ ଯୋଗ ଦେଇଥିଲେ।

## ନିମାପଡ଼ା ଟ୍ରେଡ୍ ୟୁନିୟନ ପକ୍ଷରୁ ୨୪ଘଣ୍ଟିଆ ଭାରତ ବନ୍ଦ



ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ୧୮ ଦଫା ଦାବିରେ ବୁଧବାର ଟ୍ରେଡ୍ ୟୁନିୟନ ପକ୍ଷରୁ ୨୪ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଛି। ଏହାକୁ ସମର୍ଥନ ଜଣାଇ ନିମାପଡ଼ା ବ୍ଲକ୍ ଅଞ୍ଚଳରେ ସିପିଆଇ ନେତା କୃଷ୍ଣଚନ୍ଦ୍ର ରାଉତଙ୍କ ନେତୃତ୍ୱରେ ନିମାପଡ଼ା ଠାରେ କୃଷକ ନେତା ସନାତନ ପାତ୍ର, ଦେବେନ୍ଦ୍ର ନାଥ ସାହୁ, ପ୍ରଫୁଲ୍ଲ ଚନ୍ଦ୍ର ସାହୁ, ଦଣ୍ଡପାଣି ସାହୁ, ରବୀନ୍ଦ୍ର ପ୍ରଧାନ, ମୁନା ଖାଁ, ଭୁବନାନନ୍ଦ ପ୍ରଧାନ, ସୁଶାନ୍ତ ଭୋଇ, ମଦନ ଭୋଇ, ପ୍ରତାପ ଭୋଇ, ସୁକାନ୍ତ ମହାନ୍ତି, ପ୍ରଦୀପ ଦାସ ଏବଂ ଚାରିଛକ ଠାରେ ଅରକ୍ଷିତ ଜେନା, ରାମଚନ୍ଦ୍ର ଜେନା, ସଚିଦାନନ୍ଦ ପାତ୍ର, ଶଙ୍କର ପରିଡ଼ା, କାଳନ୍ଦୀ ବେହେରା, ଗୋବର୍ଦ୍ଧନ ସାହୁ, ପରମୁ ବାଘ, ସନ୍ତୋଷ ବେହେରା, ଦୈତାରୀ ଦାସ, ଗନି ବେହେରା, କୁମାର ଭୋଇଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏବଂ କଂଗ୍ରେସର ବରିଷ୍ଠ କର୍ମୀ ଚାରିଛକ ମୁଖ୍ୟ ବଜାରରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ମୁଖ୍ୟ ଦାବିଗୁଡ଼ିକ ମଧ୍ୟରେ ୪ଟି ଶ୍ରମ ବୋର୍ଡ଼ ଗଠନ ଲାଗୁ କରିବାକୁ ପ୍ରତିବନ୍ଧକ, ଆଖିବୁଜା ଘରୋଇକରଣ/ନିଗମକରଣ ଉପରେ ପ୍ରତିବନ୍ଧନ ଲଗାଯାଉ, ରାଷ୍ଟ୍ରୀୟ ସମ୍ପତି ଓ ମୌଳିକ ଢାଞ୍ଚାକୁ ବିକ୍ରି କରିବା ବନ୍ଦ କର, ରାଷ୍ଟ୍ରୀୟ ମୁଦ୍ରାକରଣ ପାଇପ୍ ଲାଇନ୍ (ଏନ୍‌ଏମ୍‌ପି)କୁ ତୁରନ୍ତ ବନ୍ଦ କର, ବିଜୁଳି ବିଲ ଫେରସ୍ତ ନିଅ, ସ୍ମାର୍ଟ ପ୍ରିପେଡ୍ ବିଜୁଳି ମିଟର ଲଗାଇବା ଯୋଜନା ରଦ୍ଦ କରାଯାଉ, ମାସିକ ସର୍ବନିମ୍ନ ମଜୁରୀ ୪୧ ହଜାର ଟଙ୍କା ଡ଼ିଏ ସହିତ ଦିଆଯାଉ, ଘୋଷଣା ହୋଇଥିବା ସର୍ବନିମ୍ନ ମଜୁରୀ ଏବଂ ଶ୍ରମ ଆଇନକୁ ଦୃଢ଼ତାର ସହିତ ଲାଗୁ କରାଯାଉ, ଓପିଏସ୍ ଲାଗୁ କର, ଏନପିଏସ୍ ଏବଂ ୟୁପିଏସ୍‌କୁ ରଦ୍ଧ କର, ବିଭାଜନକାରୀ ଓ୍ୱାକପ ବୋର୍ଡ଼ ଆଇନକୁ ରଦଦ କରାଯାଉ ଆଦି ୧୮ ଦଫାରେ ଏହି ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦରେ ବିଭିନ୍ନ ରାଷ୍ଟ୍ରାୟତ ବ୍ୟାଙ୍କ, ପୋଷ୍ଟଅଫିସ, ବଡ଼ବଡ଼ ବ୍ୟବସାୟ ପ୍ରତିଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସହିତ ଯାନବାହନ ସବୁ ବନ୍ଦ ରହିଥିଲା। ଯାହା ଫଳରେ ଜନସାଧାରଣ ନାନା ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି।

## ଆଦିତ୍ୟ ଆଲୁମିନିୟମର ପ୍ରତିଭା ସମ୍ମାନ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ଆଦିତ୍ୟ ଆଲୁମିନିୟମ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟକ୍ରମରେ ମାଟ୍ରିକରେ ୭୦% ରୁ ଅଧିକ ମାର୍କ ରଖି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ସାମୁହିକ ପ୍ରତିଭା ସମ୍ମାନ କାର୍ଯକ୍ରମରେ ଉଚ୍ଚ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ସମୁଦାୟ ୨୩ ଜଣ ଛାତ୍ରଛାତ୍ରୀଙ୍କୁ ଚୟନ କରାଯାଇ ସେମାନଙ୍କୁ ଗୋଟି ଲେଖାଏ ଟ୍ୟାବ୍ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯକ୍ରମଟି ଆଦିତ୍ୟ ଆଲୁମିନିୟମ ସ୍ଥିତ କ୍ଲବ ହାଉସରେ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବ୍ଲକ ଅଧ୍ୟକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ସମିତି ସଭ୍ୟ କିରଣ ବେହେରା, ବ୍ଲକ ଶିକ୍ଷାଧିକାରୀ ମହେନ୍ଦ୍ର ବାଗ୍, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମୋନିକା ବହିଦାର, ୮ ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଶିକ୍ଷୟତ୍ରୀ, ୬ଟି ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ। ଆଦିତ୍ୟ



ଆଲୁମିନିୟମ କାରଖାନାର ମୁଖ୍ୟ ଜଗନ୍ନାଥ ପ୍ରସାଦ ନାୟକ ଯୋଗଦେଇ ଶିକ୍ଷାର ପ୍ରସାର ଏବଂ ଭିତ୍ତିଭୂମି ଉପରେ ଆଲୋଚନା କରି ଗୁଣାତ୍ମକ ଶିକ୍ଷାକୁ ସ୍ଥାନୀୟ ଲୋକମାନଙ୍କ ପାଖରେ ପହଞ୍ଚାଇବାକୁ ପ୍ରବର୍ତ୍ତାଇ ଥିଲେ। ଏହା ସହିତ ମାନବ ସମ୍ବଳର ମୁଖ୍ୟ ବିନୋଦା ନନ୍ଦ ଠାକୁର କହିଥିଲେ ଯେ ନୂତନ ଶିକ୍ଷା ପ୍ରଣାଳୀ ଅନୁଯାୟୀ ଡିଜିଟାଲ ଶିକ୍ଷାକୁ କିପରି ଆହୁରି ସମୃଦ୍ଧ କରିବା ଓ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାକୁ ପ୍ରତିଶ୍ରୁତି ଦେଇଥିଲେ। ପାରିପାର୍ଶ୍ୱିକ ଉନ୍ନୟନ ମୁଖ୍ୟ ରବି ନିଓ୍ୱାଶ ତାଙ୍କର ବକ୍ତବ୍ୟରେ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଭଲ କ୍ୟାରିୟର ଗଠନ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ କାରଖାନାର ଅଧିକାରୀ ଗୁଲସନ୍ ତିଓ୍ୱାରୀ, ରଞ୍ଜିତ୍ କୁମାର, ରଜତ୍ ମଜୁମଦାର, ମନୋଜ ଶର୍ମା, ଶୁଭେନ୍ଦୁ ବିଶ୍ୱାସ, ହେମ ରଞ୍ଜନ ପଟ୍ଟନାୟକ, ମଧୁସୂଦନ ଜେନା ଓ ନୀଳମାଧବ ପତି ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ। ପରିଶେଷରେ ସମସ୍ତ ଅଭିଭାବ ମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମଟି ସିଏସଅର୍ ବିଭାଗ ଦ୍ୱାରା କରାଯାଇ ଥିବାରୁ ସ୍ଥାନୀୟ ବୁଦ୍ଧିଜୀବୀ ମାନେ ଉଚ୍ଚ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମକୁ ମନୋରଞ୍ଜନ ବେହେରା ଓ ସିଏସଆର ଟିମ୍ ଦ୍ୱାରା ଆୟୋଜନ ଓ ପରିଚାଳନା କରାଯାଇ ଥିଲା।

## କେନାଲରେ ଭାସିଯାଇ ନାବାଳକ ମୃତ

ଆଳି, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଜଣେ ୮ବର୍ଷର ବାଳକ ଗ୍ରାମ ମଧ୍ୟକୁ ବୁଲିବାକୁ ଯାଇ ସାଇକେଲ ଯୋଗେ ଫେରୁଥିବା ବେଳେ ଗ୍ରାମ ନିକଟରେ ଥିବା କଲଭର୍ଟରୁ ଖସିପଡି କେନାଲରେ ନିଖୋଜ ହୋଇଯାଇଥିବା ବେଳେ ସନ୍ଧ୍ୟାରେ ନାବାଳକଙ୍କ ମୃତ ଦେହ ଉଦ୍ଧାର ହୋଇଥିବା ସୂଚନା ମିଳିଛି। ଖବରରୁ ପ୍ରକାଶ ଆଳି ଥାନା ଗୋବିନ୍ଦପୁର ଗ୍ରାମର ଅଭିମନ୍ୟୁ ବାରିକଙ୍କ ଏକମାତ୍ର ପୁଅ ମାନସ (୮) ଗ୍ରାମ ମଧ୍ୟକୁ ବୁଲିବାକୁ ଯାଇଥିଲେ। ଗ୍ରାମ ମଧ୍ୟ ଦେଇ ଯାଇଥିବା ଖରସ୍ରୋତା ନଦୀର ଶାଖା କେନାଲ ମାହାରା ନିକଟରେ ଥିବା କଲଭର୍ଟରେ ସେ ଯାଉଥିବା ସମୟରେ ବନ୍ୟା ଜଳରେ ଉଛୁଳା ଜଳ ସ୍ରୋତରେ ଖସିପଡି ଥିଲେ। ଅଗ୍ନିଶମ ବିଭାଗ ପହଞ୍ଚି ଓ ସ୍ଥାନୀୟ ଲୋକେ ଖୋଜାଖୋଜି ଜାରି ରଖିଥିଲେ। ସ୍ଥାନୀୟ ଲୋକ ଏବଂ ଅଗ୍ନିଶମ ବାହିନୀର ଦୀର୍ଘ ୬ ଘଣ୍ଟା ଖୋଜା ଖୋଜି ପରେ ନିଖୋଜ ନାବାଳକ କେନାଲ ମଧ୍ୟରୁ ଉଦ୍ଧାର କରାଯାଇ ଥିଲା। ସ୍ଥାନୀୟ ଲୋକେ ମାନସଙ୍କୁ ପ୍ରଥମେ ଗୋବିନ୍ଦପୁର ମେଡିକାଲକୁ ନେଇଥିଲେ। ଗୋବିନ୍ଦପୁର ମେଡିକାଲରେ ଡାକ୍ତର ନାବାଳକଙ୍କୁ ମୃତ ଘୋଷଣା କରିଥିଲେ। ପରେ ନାବାଳକଙ୍କ ମୃତ ଶରୀରକୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶବ ବ୍ୟବଚ୍ଛେଦ ପାଇଁ ପଠା ଯାଇଥିଲା।

## ବନ୍ୟାଜଳ ପାଇଁ ବନ୍ଦ ହେଲା ବାଲିଘାଟ

ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ଅଞ୍ଚଳରେ ଥିବା ନଦୀବନ୍ଧ କାଟି ବାଲି ମାଫିଆମାନେ ବ୍ୟାପକ ପରିମାଣରେ ରାଜସ୍ୱ ଲୁଣ୍ଠନ କରିଥିବା ବେଳେ ନଦୀରେ ପାଣି ପଡ଼ିଲେ ମଧ୍ୟ ସେପଟେ ନଦୀ ପାଣି ଏପେଟ ଚାଲିଛି ବାଲି ଲୁଣ୍ଠନ। ଯାହାକୁ ନେଇ କୋଟିକୋଟି ଟଙ୍କାର ରାଜସ୍ୱ ହାନୀ ଘଟୁଛି। କ'ଣ ପାଇଁ ଏହି ମାଫିଆମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ ତାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକଟ ହୋଇଛି। ବୁଧବାର ଭାର୍ଗବୀ ନଦୀରେ ପ୍ରଥମ ବନ୍ୟାଜଳ ପ୍ରବେଶ କରିଛି। ହୀରାକୁଦ ଗେଟ୍ ଖୋଲିଯିବା ମାତ୍ର ୨ଦିନ ପରେ ଭାର୍ଗବୀ ନଦୀରେ ପ୍ରବେଶ କରିଛି ବନ୍ୟାଜଳ। ବର୍ତ୍ତମାନ ବନ୍ୟାଜଳ ନଦୀ ପଠା ମଧ୍ୟରେ ପ୍ରଭାବିତ ହେଉଥିବାରୁ ନଦୀବନ୍ଧ ପ୍ରତି ସେଭଳି କୌଣସି ବିପଦ ନଥିବା କୁହାଯାଉଛି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ଉପଖଣ୍ଡ ଅଧିକାରୀ ବନ୍ୟା ଜଳକୁ ଦେଖିବାକୁ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଆଗ୍ରହ ଦେଖା ଦେଇଥିବା ବେଳେ ବିଭିନ୍ନ ସ୍ଥାନରେ ନଦୀବନ୍ଧ କଟାଯାଇ ଥିବାରୁ ସେହି ନଦୀବନ୍ଧକୁ ବାଲି ବସ୍ତା ସାହାଯ୍ୟରେ ପୋତାଯାଇଛି। ବେଆଇନ୍ ବାଲି ଘାଟ ଉପରେ ଅଙ୍କୁଶ ଲାଗି ଥିବା ବେଳେ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ଆଶ୍ୱସ୍ତି ଦେଖାଦେଇଛି। ନଦୀବନ୍ଧର ବିଭିନ୍ନ ସ୍ଥାନରେ ବେଆଇନ୍ ଭାବେ ବାଲି ଚୋରା ଚାଲାଣ କରାଯାଇ ବନ୍ଧକୁ ଦୁର୍ବଳ କରାଯାଇଥିବାବେଳେ ନଦୀବନ୍ଧ ଦାଢ଼ରେ ରହୁଥିବା ଗ୍ରାମବାସୀ ମାନେ ଆତଙ୍କିତ ହୋଇପଡ଼ିଛନ୍ତି।



କୁଜଙ୍ଗ, (ଭାସ୍କର ନ୍ୟୁଜ) : ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦ୍ୱୀପ ଗଡ ପଞ୍ଚାୟତ ପାରାଦୀପ ଗଡ ଶ୍ରୀ ମା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମାନ୍ୟବର ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୃକ୍ଷ ରୋପଣ କରିଥିଲେ। ଜଳବାୟୁ ପରିବର୍ତ୍ତନ ଯୋଗୁ ଋତୁ ଚକ୍ରରେ ପରିବର୍ତନ କାରଣରୁ ଠିକ୍ ସମୟରେ ବର୍ଷା ଓ ଶୀତ ନହେବା ଓ ଗ୍ରୀଷ୍ମ ତାପ ବୃଦ୍ଧି ପାଇବା ଯୋଗୁ ରିତୁ ଚକ୍ରରେ ସ୍ଥିରତା ରହୁନାହିଁ, ଏଥିପାଇଁ ବ୍ୟାପକ ବୃକ୍ଷରୋପଣର ଆବଶ୍ୟକତା ରହିଛି ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ସ୍ୱାଇଁ ପ୍ରକାଶ କରିଥିଲେ। କୁଜଙ୍ଗ ବନ ବିଭାଗ ତରଫରୁ ଅମ୍ଳଜାନ ଉତ୍ପାଦନ ଜାତୀୟ ବୃକ୍ଷ ଯୋଗାଇ ଦିଆ ଯାଇଥିଲା କ୍ଷ ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ସରପଞ୍ଚ ସସ୍ମିତା ବେହେରା, କୁଜଙ୍ଗ ରେଞ୍ଜ ଅଫିସର୍ କାର୍ତିକେଶ୍ୱର୍ ଖଣ୍ଡେଇ, ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରା, ଶ୍ରୀ ମା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଇତିଶ୍ରୀ ସାହୁ, ପ୍ରଭାତ ନଳିନୀ ବେହେରା, ଆଇଶ୍ମିତା ସାହୁ, ରମାକାନ୍ତ ଖଣ୍ଡୁଆଳ, ସାଗରିକା ସ୍ୱାଇଁ, ସମ୍ପଦ ମୁଦୁଲି, ମିନର୍ଭା ସ୍ୱାଇଁ ଓ ପ୍ରଭାତୀ ସାହୁ ପ୍ରମୁଖ ଯୋଗଦେଇ ବନ ମହୋତ୍ସବରେ ସହଯୋଗ କରିଥିଲେ।



# ମିଛ ଖେଳରୁ ନାବାଳକର ଲିଭିଲା ଜୀବନ ଦୀପ

ବଡ଼ଚଣା, (ଭାସ୍କର ନ୍ୟୁଜ୍): ଯାଜପୁର ଜିଲ୍ଲା ବଡ଼ଚଣା ଥାନା ଧାନ ମଣ୍ଡଳ ଫାଣ୍ଡି ଅଧିନସ୍ଥ ଚଣ୍ଡୀ ତଳ ପଞ୍ଚାୟତ ଜୋରାବାଟି ଗ୍ରାମର ଏକ ଅଭାବନୀୟ ଘଟଣା ଘଟିଛି। ଘର ଲୋକଙ୍କଠୁ ଖବର ପାଇ ପୋଲିସ ଘଟଣାସ୍ଥଳକୁ ଯାଇ ନାବାଳକ ଶବକୁ ଜବତ୍ କରି ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି। ଥାନା ଅଧିକାରୀ ମଧୁସ୍ମିତା ବେହେରା ତଦନ୍ତ ଭାର ମାନସୀ ବରାଳଙ୍କୁ ଦାୟିତ୍ୱ ଦେଇଥିଲେ। ଥାନାରେ କେଶ୍ ନମ୍ବର ୧୪/୨୫ ଅପମୃତ୍ୟୁ ମାମଲା ରୁଜୁ କରି ପ୍ରାଥମିକ ତଦନ୍ତ ଆରମ୍ଭ କରାଯାଇଥିଲା। ମଙ୍ଗଳବାର ଦିନ ଆନୁମାନିକ ସମୟ ଚାରିଟାରେ ଭାଇ ଭଉଣୀଙ୍କ ମିଛ ମିଛିକା ଖେଳରେ ନିରିହ ୧୩ ବର୍ଷର ନାବାଳକ ରାହୁଲ (ସିରାଜ ଉଦ୍ଦିନ୍) ଗଳାରେ ରଶି ଲଗାଇବା କାରଣରୁ ଜୀବନ ହାରିବାକୁ ପଡ଼ିଛି। ବାପା ତସିର ମା ଅନାରା ବେଗମ୍ ଧାନ ମଣ୍ଡଳ ବଜାର ଆସିଥିବା ବେଳେ ନିଜର ଆଇମା ଘରେ ଏହାର ସୁଯୋଗ ନେଇ ଦୁଇ ଭାଇ ଗୋଟିଏ ଭଉଣୀ ଜୀବନ ମୃତ୍ୟୁ ଖେଳ ଖେଳି ଥିଲେ ବୋଲି ନଅ ବର୍ଷର ଭଉଣୀ ପୋଲିସ ଆଗରେ ବୟାନ ଦେଇଛି। ଥାନା ଅଧିକାରୀ ଏଥିରେ ସନ୍ତୁଷ୍ଟ ନହୋଇ ଘଟଣା ଘଟିଥିବା ସ୍ଥଳକୁ ସାଇଣ୍ଟିଫିକ୍ ଦଳକୁ ପଠାଇ ତଦନ୍ତ କରାଇଥିବା ଜଣାପଡିଛି। ଅଧିକା ତଦନ୍ତ ପାଇଁ ଶବ ବ୍ୟବଚ୍ଛଦ କରିବାକୁ ଯାଜପୁର ଜିଲ୍ଲା ମେଡିକାଲକୁ ପଠାଇ ଦିଆଯାଇଛି। ଶବ ବ୍ୟବଚ୍ଛଦ ରିପୋର୍ଟ ମିଳିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଥାନା ଅଧିକାରୀ ମଧୁସ୍ମିତା ବେହେରାଙ୍କ ଠାରୁ ପ୍ରକାଶ।

# ପଞ୍ଚାୟତ ମୁଖ୍ୟ ରାସ୍ତା ନିର୍ମାଣ ପ୍ରତିଶ୍ରୁତିରେ ସୀମିତ



କନ୍ଧମାଳ, (ଭାସ୍କର ନ୍ୟୁଜ୍): କନ୍ଧମାଳ ବ୍ଲକ ଶିମିଳିପଦର ପଞ୍ଚାୟତ ସଦର ମହକୁମା ଠାରୁ ଯାମ୍ବୁମାଳ ଯାଇଥିବା ରାସ୍ତାଟିକୁ ପିଚୁ ରାସ୍ତା ନିର୍ମାଣ କରିବାପାଇଁ ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଏହି ରାସ୍ତା ନିର୍ମାଣ କରିବା ପାଇଁ ଅଞ୍ଚଳବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳ ପର୍ଯ୍ୟନ୍ତ ଅଭିଯୋଗ କରିଥିଲେ ମଧ ଖାଲି ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ମିଳୁଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, କନ୍ଧମାଳ ବ୍ଲକ ଶିମିଳିପଦର ପଞ୍ଚାୟତରୁ ମାତ୍ର ତିନି କିଲୋମିଟର ଜାମ୍ବୁମାଳକୁ ଯାଇଥିବା ରାସ୍ତାଟି ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତାଦେଇ ଦୈନନ୍ଦିନ ଅନେକ ଛାତ୍ରଛାତ୍ରୀଙ୍କ ସହ ହଜାର ହଜାର ଲୋକ, ଗାଡ଼ି ମୋଟର ଆଦି ଯିବା ଆସିବା କରନ୍ତି। ଉକ୍ତ ପଞ୍ଚାୟତବାସୀ ଏହି ରାସ୍ତା ଉପରେ ଗବଜୋର, ପଥର୍ଲା, ଲୋକାପଡ଼ା, ଜାମ୍ବୁମାଳ, ତୁଳସୀକଟା, ଫଗୁଣାମାଳ, କୀର୍ଲା ଓ କଣ୍ଟିଆପାଲି ପ୍ରମୁଖ ଗ୍ରାମ ଗୁଡ଼ିକର ଲୋକେ ପଞ୍ଚାୟତକୁ ଭଡ଼ା ଓ ଚାଉଳ ନେଇଯିବା ସହ ମନମୁଣ୍ଡା ତଥା ପଡୋଶୀ ଜିଲ୍ଲା ସୁବର୍ଣ୍ଣପୁର ଯିବାକୁ ମଧ ଏହି ରାସ୍ତା ସୁବିଧା ହୁଏ। ବର୍ଷା ଦିନେ ଏହି ରାସ୍ତା ଖାଲଖମା ସହ ନାଳରେ ପାଣି ଜମୁଥିବାରୁ ଯାତାୟତରେ ଲୋକେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଞ୍ଚଳବାସୀଙ୍କ ବାରମ୍ବାର ଦାବି ସତ୍ୱେ ରାସ୍ତା ମରାମତି ହେଉ ନଥିବାରୁ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନେତାଙ୍କ ପ୍ରତିଶ୍ରୁତି ଓ ପ୍ରତାରଣାର ଦୋଛକିରେ ଦୀର୍ଘ ବର୍ଷ ହେଲା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ପଞ୍ଚାୟତବାସୀ। ସରକାର ଗମନା ଗମନ କ୍ଷେତ୍ରରେ ଅନେକ ଯୋଜନା ପ୍ରଣୟନ କରି ବିପୁଳ ଅର୍ଥ ବିନିଯୋଗ କରୁଥିବା କହୁଛନ୍ତି। କିନ୍ତୁ ଉକ୍ତ ପଞ୍ଚାୟତର ମୁଖ୍ୟ ରାସ୍ତାଟି ଆଜି ପର୍ଯ୍ୟନ୍ତ ନିର୍ମାଣ ନହେବା ସରକାରୀ ଯୋଜନାର ବିପର୍ଯ୍ୟସ୍ତତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିଧାୟକ ଶ୍ରୀ ଡାଙ୍ଗ ଉକ୍ତ ରାସ୍ତା ନିର୍ମାଣ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି ।

# ନିମ୍ନମାନର ଷ୍ଟ୍ରିଟଲାଇଟକୁ ନେଇ ଅଭିଯୋଗ

ରଘୁନାଥପୁର, (ଭାସ୍କରନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଜଗନ୍ନାଥପୁର ବଜାରରେ ନିମ୍ନମାନର ଷ୍ଟ୍ରିଟଲାଇଟ ଲଗାଯିବାକୁ ନେଇ ଜଗନ୍ନାଥ ପୁର ବଜାରକମିଟ ପକ୍ଷରୁ ରଘୁନାଥପୁର ବିଡ଼ିଓ ବିରଞ୍ଚି ନାରାୟଣ ବେହେରାଙ୍କୁ ଏକ ଲିଖିତ ଅଭିଯୋଗ କରିଥିବା ଜଣାଯାଇଛି। ଏଠାରେ ସୂଚନଯୋଗ୍ୟ ଜଗନ୍ନାଥପୁର ବଜାରକୁ ଆଲୋକିକରଣ କରାଯିବା ପାଇଁ ପୂର୍ବତନ ବିଧାୟକ ବିଜୟଶଙ୍କର ଦାସ ବିଧାୟକ ପାଣ୍ଠିରୁ ୨୩ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ଏହି ଅର୍ଥକୁ ବ୍ଲକ ମାଧ୍ୟମରେ ବିନିଯୋଗ କରାଯାଇ ବଜାରରେ ୨୬ଟି ଲାଇଟ ଲଗାଯାଇଥିଲା। ଏହି ଲାଇଟ ଗତ ୨୦୨୪ ଅଗଷ୍ଟ ମାସରେ ଲଗାଯାଇଥିଲା।

**ବର୍ଷକରେ ୫ଥର ଖରାପ**

ଲାଇଟ ଲଗାଯିବାର ବର୍ଷେ ନପୁରୁଣୁ ବାରମ୍ବାର ଖରାପ ହେଉଛି ଠିକାଦାରଙ୍କୁ କହିଲେ ସେ ଆସି ଟିକେ କଣ କରିଦେଇ ପଳାଉଛନ୍ତି ହେଲେ ଲାଇଟଅବସ୍ଥା ସୁଧୁରୁନାହିଁ। ଏବେ ୨ମାସହେବ ଲାଇଟ ଖରାପ ହୋଇପଡିଥିଲେ ବି ଠିକାଦାର କର୍ଣ୍ଣପାତ କରୁନାହାନ୍ତି। ବର୍ଷକ ମଧ୍ୟରେ ଲାଇଟ ବାରମ୍ବାର ଖରାପହୋଇ ପଡୁଥିବାରୁ ଅଞ୍ଚଳରେ ଏହକୁ ନେଇ ତିବ୍ରଅସୋନ୍ତଷ ଦେଖାଦେଇଛି। ତେବେ ଅସଲ କଥାହେଲା ଠିକାଦାର ଦାମି କମ୍ପାନିର ଷ୍ଟିକର ଲଗାଇ ନକଲି ବ୍ରାଣ୍ଡର ଲାଇଟ ଲଗାଇଥିବାରୁ ଏହା ବାରମ୍ବାର ଖରାପହେଉଛି ଓ ଯନ୍ତ୍ରୀ, ଠିକାଦାରଙ୍କ ଭିତିରି ବୁଝାବଣାରେ ସରକାରଙ୍କ ୨୩ ଲକ୍ଷଟଙ୍କା ପାଣିରେ ପଡିଲା ବୋଲି ବଜାର କମିଟି ଅଭିଯୋଗ ଉଠାଇଛି। ଯଦି ଏହି ଲାଇଟର ଅବସ୍ଥାର ସ୍ଥାୟୀ ସମାଧାନ କରାନଯାଏ ତାହାଲେ ଏହାକୁ ରେଜୁଲେସନ କରି କମିଟି ଅନୁମୋଦନରେ ଭିଜିଲାନ୍ସ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ବଜାର କମିଟିର କାର୍ଯ୍ୟକାରୀ ସଭାପତି, ସମ୍ପାଦକଙ୍କ ସମେତ ଶତାଧିକ ବ୍ୟବସାୟୀ ମାନେ ବିଡିଓଙ୍କୁ ଲିଖିତ ଦେବା ସହିତ ଗଣମାଧ୍ୟମକୁ ମଧ କହିଛନ୍ତି।

# ସାରସକଣା ଶିଶୁ ମନ୍ଦିର ଯିବା ରାସ୍ତା ପାଲଟିଛି ମରଣଯନ୍ତା




ସାରସକଣା, ( ଭାସ୍କର ନ୍ୟୁଜ୍) : ସାରସକଣା ବ୍ଲକର ସାରସକଣା ପଞ୍ଚାୟତର ଶିଶୁ ମନ୍ଦିରର ରାସ୍ତା ପାଲଟିଛି ମରଣଯନ୍ତା, ଲଗାଣ ବର୍ଷା ଯୋଗୁଁ ଶିଶୁ ମନ୍ଦିର କୁ ପହଞ୍ଚିବା କଷ୍ଟକର ହୋଇପଡିଛି। ଏହି ବ୍ଲକ ର ଶିଶୁ ମନ୍ଦିର ରେ ପ୍ରାୟ ସାତଶହ ପିଲା ପାଠ ପଢୁଛନ୍ତି। ଯେତିକି ବେସରକାରୀ ଶିକ୍ଷନୁଷ୍ଠାନ ରହିଛି ସବୁଠାରୁ ଭଲ ରେଜଲ୍ଟ ଏଠାରେ ହେଉଛି। ସାରସକଣାରେ ବ୍ଲକ, ତହସିଲ, ହସପିଟାଲ, ଓ ଅନ୍ୟାନ୍ୟ କାର୍ଯ୍ୟାଳୟ ର ରାସ୍ତା ଚକା ଚକ୍ ଥିବା ବେଳେ, ଯେଉଁଠାରେ ପିଲାମାନେ ନିଜର ଭବିଷ୍ୟତ ଗଢ଼ିବା ପାଇଁ ଯାଉଛନ୍ତି ସେଇ ଅନୁଷ୍ଠାନ ର ରାସ୍ତା ମରଣଯନ୍ତା ରେ ପରିଣତ ହେବା ଏହା ଅତ୍ୟନ୍ତ ଦୁଃଖର ବିଷୟ। ବର୍ଷା ଯୋଗୁଁ ଗୁରୁଜୀ, ଗୁରୁମା ମାନେ ସ୍କୁଲ କୁ ଆସି ପାରୁନାହାଁନ୍ତି । ପିଲାମାନେ ଆସିବା ତ ଦୂରର କଥା। ତେଣୁ ପ୍ରଶାସନ କୁ ଅନୁରୋଧ ଏହାର ବିହିତ ଓ ସ୍ଥାୟୀ ସମାଧାନ ନିମନ୍ତେ ପଦକ୍ଷେପ ନେଲେ ଜନସାଧାରଣ ଉପକୃତ ହେବେ ବୋଲି ଆଶା କରାଯାଉଛି।

# ପଞ୍ଚାୟତରେ ଉନ୍ନୟନମୂଳକ କାମ ଉପରେ ଆଲୋଚନା

ଖପ୍ରାଖୋଲ, (ଭାସ୍କର ନ୍ୟୁଜ୍) : ସ୍ଥାନୀୟ ପଞ୍ଚାୟତ ସମିତି ସଭା ଗୃହ ଠାରେ ପଞ୍ଚାୟତ ସମିତି ବୈଠକ ଅଧକ୍ଷା ନିରୂପମା ପଟେଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ସ୍ୱାଗତ ଜଣାଇଥିବା ବେଳେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପରମେଶ୍ୱର ନାଏକ ପୂର୍ବ ବୈଠକର ବିବରଣୀ ପଠନ କରିବା ସହିତ ତାହା ଗୃହିତ କରିଥିଲେ। ଏହି ଅବସରରେ ବିଭିନ୍ନ ଉନ୍ନୟନ ମୂଳକ କାମର ପ୍ରସ୍ତାବ ଓ ଆଲୋଚନା ହୋଇଥିଲା। ସେହିପରି କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ, ବିଦ୍ୟୁତ୍ କାଟ ଉପରେ ଆଲୋଚନା ହୋଇଥିଲା। ବୈଠକରେ ଉପମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ସାଂସଦଙ୍କ ବ୍ଲକ ପ୍ରତିନିଧି ସନ୍ତୋଷ କୁମାର ଭଇଁସାଲ,ଜିଲ୍ଲାପରିଷଦ ସଭ୍ୟା ସଂଯୁକ୍ତା ମେହେର, ପ୍ରମିଳା ପାଥର, ସହକାରୀ ଯନ୍ତ୍ରୀ କୁଳମଣି ଭୋଇ, ସହକାରୀ ଯନ୍ତ୍ରୀ ରାଜ କିଶୋର ନାଏକ, ସୂର୍ଯ୍ୟ ଭାନୁ ମେହେର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ ଡାକ୍ତର ସୁରଜ କୁମାର ଦୀପ, ବନପାଳ ସୁଧିର କୁମାର ଜେନା, ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଅମିତ ମିଶ୍ର, ପାନୀୟ ଜଳ ଯୋଗାଣ ବିଭାଗ ସହକାରୀ ଯନ୍ତ୍ରୀ ଶ୍ୟାମ କୁମାର, କନିଷ୍ଠ ଯନ୍ତ୍ରୀ ଚିନ୍ମୟ ପ୍ରଧାନ, ବ୍ଲକ୍ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଜିନୀତା ବରୁଆ, ବୈଦ୍ୟନାଥ ମିଶ୍ର, ସୁଶିଳ କୁମାର ଗୁରୁ, ରୀନା ଜାଲ, ସୁମତି ପ୍ରଧାନ, ଉପେନ୍ଦ୍ର ଭୋଇ ପ୍ରମୁଖ ବିଭିନ୍ନ ପଞ୍ଚାୟତର ସମିତି ସଭ୍ୟା ସଭ୍ୟ, ସରପଞ୍ଚ, ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ମହାପ୍ରଭୁଙ୍କ ନୀଳାଦ୍ରୀବିଜେ



ବାଲିମେଳା, (ଭାସ୍କର ନ୍ୟୁଜ୍) : ନବଦିନାତ୍ମକ ଯାତ୍ରା ସାରି ଜନ୍ମ ବେଦିକୁ ବାହୁଡ଼ି ଆସିଛନ୍ତି ଦାରୁଦିଅଁ। ଭଉଣୀ ଭାଇଙ୍କ ସହ ଭକ୍ତଙ୍କ ଗହଣରେ ଶ୍ରୀମନ୍ଦିରରେ ପହଁଞ୍ଚିଲେ ମହାପ୍ରଭୁ। ମାଲକାନଗିରି ଜିଲ୍ଲା ବାଲିମେଳା ସହରରେ ମଙ୍ଗଳବାର ଶ୍ରୀଜୀଉଙ୍କ ନୀଳାଦ୍ରୀବିଜେ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନରୁ ରଥରେ ଠାକୁରଙ୍କ ପୂଜାର୍ଚ୍ଚନା ପରେ ଅପରାହ୍ନରେ ଅନ୍ନ ପ୍ରସାଦ ଭୋଗ ଜରାଯାଇଥିଲା। ଏହା ପରେ ସେବକମାନେ ଠାକୁରଙ୍କୁ ପହଣ୍ଡି କରି ମନ୍ଦିରକୁ ନେଇଥିଲେ। ସନ୍ଧ୍ୟାରେ ଜନ୍ମ ବେଦୀରେ ଆଳତି ସହ ପୂଜାର୍ଚ୍ଚନା ବିଧି ଅନୁଷ୍ଠିତ ହୋଇଛି। ଠାକୁରଙ୍କ ନୀଳାଦ୍ରୀବିଜେ ଦେଖିବା ପାଇଁ ବାଲିମେଳା ସହର ସମେତ ଆଖ ପାଖ ଅଞ୍ଚଳରୁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ଏବିଭିପି ପକ୍ଷରୁ ଚାରାରୋପଣ

ଗୁଣପୁର, (ଭାସ୍କର ନ୍ୟୁଜ୍) : ୧୯୪୯ ମସିହାରେ ଜୁଲାଇ ୯ ତାରିଖରେ ପ୍ରତିଷ୍ଠା ହୋଇଥିବା ଏବିଭିପିର ଆଜି ସାରା ଦେଶରେ ୭୭ ତମ ପ୍ରତିଷ୍ଠା ଦିବସ ପାଳନ କାରାଯାଉଛି। ଏହି ପରିପ୍ରେକ୍ଷୀରେ ଆଜି ଗୁଣପୁର ଶାଖା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ପ୍ରତିଷ୍ଠା ଦିବସ ପାଳନ କରାଯାଇଛି। ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ପ୍ରଧାନ ଆଚାର୍ଯ୍ୟ ପ୍ରଫୁଲ୍ଲ ଶତପଥୀଙ୍କ ତତ୍ୱାବଧାନରେ ପରିଷଦର ପତାକା ଉତ୍ତୋଳନ କରାଯାଇଛି। ନଗର ସଭାପତି ଅଧାପକ ଲକ୍ଷ୍ମୀ ମହାକୁଡ ପତକା ଉତ୍ତୋଳନ କରିଥିବା ବେଳେ ବିଭାଗ ପ୍ରମୁଖ ଉମା ଶଙ୍କର ଦାଶ ମାର୍ଗଦର୍ଶନ କରିଥିଲେ। ବିଭାଗ ପ୍ରମୁଖ ଉମାଶଙ୍କର ଦାଶ ପୌରହିତ୍ୟ କରିବା ସହ ଉପସ୍ଥିତ ଶତାଧିକ କଲେଜ ବିଦ୍ୟାର୍ଥୀ ବିଦ୍ୟାର୍ଥନୀ ମାନେ 'କାନ ଖୁଲି କରି ଶୁଣ ସରକାର ପାଠପଢା ସଂଗେ କାମ ଦରକାର', ଶିକ୍ଷା ନିମନ୍ତେ ରାଜ୍ୟ ବଜେଟରେ ୧୦ ପ୍ରତିଶତ ଅର୍ଥ ବରାଦ ଦାବି, 'ରାଜନୀତି କି ପଞ୍ଜୋସେ ଶିକ୍ଷା କୋ ଆଜାଦ କର', 'ଖୁନ୍ ଭି ଦେଙ୍ଗେ ଯାନ ଭି ଦେଙ୍ଗେ ଦେଶ କି ମିଟି କଭି ନା ଦେଙ୍ଗେ' ଭଳି ଦେଶ ଭକ୍ତି ସ୍ଲୋଗାନ ମାନ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟର୍ଥୀ ପରିଷଦର ଅଧାପକ ମାନେ ଉପସ୍ଥିତ ରହି ସଞ୍ଚାଳନ କରିଥିଲେ । ଏହି ଅବସରରେ ସମସ୍ତ କାର୍ଯ୍ୟକର୍ତ୍ତା ଓ ବିଦ୍ୟାର୍ଥୀ ମାନଙ୍କୁ ଶିଶୁ ମନ୍ଦିର ପରିସରରେ ବିଭିନ୍ନ କିସମର ବୃକ୍ଷ ନିମ, ବଉଳ, ଅଁଳା ଓ ବାଦାମ ଭଳି ଅନେକ ବୃକ୍ଷରୋପଣ ବଣ ବିଭାଗ ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ପାତ୍ରଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ କରାଯାଇଥିଲା।

# ଦୁର୍ଘଟଣାରେ ୨ ଆହାତ

ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍): ୪୯ ନମ୍ବର ଜାତୀୟ ରାଜପଥ ଗାନ୍ଧୀଛକ ଫାଣ୍ଡି ଅନ୍ତର୍ଗତ ଆମ୍ବଦରହ ନିକଟରେ ଏକ କାର ନିୟନ୍ତ୍ରଣ ହରାଇ ଦୁର୍ଘଟଣା ଗସ୍ତ ହୋଇଛି। କାରଟି ବେଲପାହାଡ଼ରୁ ବ୍ରଜରାଜନଗର ଅଭିମୁଖେ ଯାଉଥିବା ବେଳେ ନିୟନ୍ତ୍ରଣ ହରାଇ ରାସ୍ତା ତଳକୁ ଖସିପଡିଥିଲା। ଦୁର୍ଘଟଣାରେ କାରରେ ଥିବା ମଣ୍ଡଳିଆ ଅଞ୍ଚଳର ୨ଜଣ ବ୍ୟକ୍ତି ଆହତ ହୋଇଛନ୍ତି। ଆହତଙ୍କୁ ପ୍ରାଥମିକ ଚିକିତ୍ସା ଲାଗି ଏକ ଘରୋଇ ଡାକ୍ତରଖାନାକୁ ପଠାଯାଇଥିଲା ଓ ସେମାନେ ସୁରକ୍ଷିତ ଭାବେ ଘରକୁ ଫେରିଥିବା ସୂଚନା ମିଳିଛି। ଖବରପାଇ ଗାନ୍ଧିଛକ ଫାଣ୍ଡି ଅଧିକାରୀ ମଦନ ମୋହନ ନାୟକ ଘଟଣାସ୍ଥଳରେ ପହଞ୍ଚି ଅନୁସନ୍ଧାନ ଜାରି ରଖିଛନ୍ତି।

# ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ



ମାଲକାନଗିରି, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା ସଦର ମହକୁମା ସ୍ଥିତ ବୁଟିଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ବନ ମହୋତ୍ସବ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଦୁର୍ଯ୍ୟୋଧନ ପାତ୍ର ଉପସ୍ଥିତ ଥିଲେ। ଚଳିତ ମାସ ୧ ତାରିଖରୁ ବନ ମହୋତ୍ସବ ଦିବସ ରୂପେ ପାଳନ ହେଉଥିବା ବେଳେ ଆଜି ବୁଟିଗୁଡା ସରକାରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ବନ ମହୋତ୍ସବ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରାଯାଇଛି।ମୁଖ୍ୟ ଅତିଥିଙ୍କ ସହ ଅନ୍ୟାନ୍ୟ ଅତିଥି ମାନେ ଗଛ ଲଗାଇବା ଦ୍ୱାରା କି ଉପକାର ହୁଏ ଓ ଗଛ ଲଗାଇ ଏହାର ଯତ୍ନ ନେଲେ ଗଛ ଦ୍ୱାରା ଆମେ କି ଉପକାର ପାଉ ସେ ସମ୍ବନ୍ଧରେ ବୁଝାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ଖଣ୍ଡପାଣି, ଏବିଓ ଗୌରାଙ୍ଗ ସଜ୍ଜନ, ମାଲକାନଗିରି କଲେଜର ବାଣିଜ୍ୟ ବିଭାଗର ମୁଖ୍ୟ ଡ଼. ରଞ୍ଜନ କୁମାର ସ୍ୱାଇଁ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# କେନ୍ଦ୍ର ବାଲ୍ ସାହିତ୍ୟ ପୁରସ୍କାରରେ ସମ୍ମାନୀତ ହେଲେ ଡ଼କ୍ଟର ରାଜକିଶୋର




ଧର୍ମଶାଳା, (ଭାସ୍କର ନ୍ୟୁଜ୍) : ଧର୍ମଶାଳା ବ୍ଲକ କୋଟପୁର ନିବାସୀ ଡ଼. ରାଜକିଶୋର ପାଢ଼ୀଙ୍କୁ କେନ୍ଦ୍ର ବାଲ ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରଦାନ କରାଯିବା ପାଇଁ ଘୋଷଣା ହୋଇଛି । ଏହାକୁ ନେଇ ଧର୍ମଶାଳା ଅଞ୍ଚଳ ଉତ୍ସବ ମୁଖର ହୋଇ ଉଠିଛି। ବିଭିନ୍ନ ଅନୁଷ୍ଠାନ ଡ଼. ଶ୍ରୀ ପାଢ଼ୀଙ୍କୁ ସମ୍ବର୍ଦ୍ଧନା ଦେଇଥିବା ବେଳେ ଆଉ କିଛି ଅନୁଷ୍ଠାନ ସମ୍ବର୍ଦ୍ଧନା ଦେବାପାଇଁ ସଜବାଜ ହେଉଛନ୍ତି । ଡ଼. ଶ୍ରୀ ପାଢ଼ୀ ଶିକ୍ଷାଦାନ କରିଥିବା ଅଚ୍ୟୁତପୁରସ୍ଥିତ ଦାମୋଦର ବିଦ୍ୟାପୀଠର ପୁରାତନ ଛାତ୍ର ସଂସଦ ପକ୍ଷରୁ ପୂଜ୍ୟପୂଜା କରିବା ସହିତ ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି । ଦାମୋଦର ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଛାତ୍ର ସଂସଦର ସଭାପତି ପ୍ରଶାନ୍ତ କୁମାର ଗନ୍ତାୟତ ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ସ୍ତମ୍ଭକାର ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି ଯୋଗ ଦେଇ ଡ଼. ପାଢ଼ୀଙ୍କ ସ୍ୱଲିଖିତ ୮୦ ଖଣ୍ଡ ପୁସ୍ତକର ସମୀକ୍ଷା କରିବା ସହ ଉଚ୍ଚକୋଟୀର ଲେଖାକୁ ଭୂୟଂସୀ ପ୍ରଶଂସା କରିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ନରେନ୍ଦ୍ର ଚନ୍ଦ୍ର ରାଉତ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରତ୍ନାକର ନାୟକ, ପ୍ରାକ୍ତନ ପ୍ରଧାନ ଶିକ୍ଷୟତ୍ରୀ ତନୁଜା ଦାଶ, ପ୍ରଧାନ ଶିକ୍ଷୟତ୍ରୀ ମନୋସ୍ୱିନୀ ଆଇଚ, ସମାଜସେବୀ କାହ୍ନୁଚରଣ ଦାଶ ଯୋଗ ଦେଇ କେନ୍ଦ୍ର ବାଲ୍ ସାହିତ୍ୟ ପୁରସ୍କାର ପାଇବାକୁ ଘୋଷଣା ହୋଇଥିବା ଡ଼କ୍ଟର ପାଢ଼ୀଙ୍କ ଜୀବନଆଦର୍ଶ ଉପରେ ଆଲୋକପାତ କରି ଏକ ଭାବାବେଗ ପରିବେଶ ସୃଷ୍ଟି କରିଥିଲେ । ମୁଖ୍ୟଅତିଥି ଶ୍ରୀ ମହାନ୍ତି ଡ଼. ପାଢ଼ୀଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ପ୍ରଦତ୍ତ ମାନପତ୍ରକୁ ପ୍ରଶାନ୍ତ କୁମାର ପଣ୍ଡାଁ ପାଠ କରିଥିଲେ । ଅନୁଷ୍ଠାନ ସମ୍ପାଦକ ଅଶୋକ କୁମାର ବେହେରା ସୂଚନା ପ୍ରଦାନ କରିଛନ୍ତି । ଛାତ୍ର ସଂସଦର ବରିଷ୍ଠ ସଦସ୍ୟ ତଥା ଶିଶୁ ସାହିତ୍ୟିକ ଦୀନବନ୍ଧୁ କର ଅତିଥି ପରିଚୟ ଓ ସ୍ୱାଗତ ଜଣାଇଥିଲେ । ସମ୍ବର୍ଦ୍ଧନା ଉତ୍ତରରେ ଡ଼. ପାଢ଼ୀ କହିଲେ ଯେ, ଧର୍ମଶାଳା ମାଟି ସାହିତ୍ୟିକ ସୃଷ୍ଟି କରିବାରେ ରାଜ୍ୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଏହି ସ୍କୁଲ୍‌ରେ ଶିକ୍ଷାଦାନ କରିବା ବେଳେ ମୁଁ ସମୟାନୁବର୍ତ୍ତିତାକୁ ପ୍ରାଧାନ୍ୟ ଦେଇ ଛାତ୍ରଛାତ୍ରମାନଙ୍କ ସହ ମିଶି ଯାଉଥିଲି । ଶିକ୍ଷାଦାନ ସମୟରେ ଶିଶୁମାନଙ୍କ ମନସ୍ତତ୍ୱକୁ ନେଇ ଅନେକ ଶିଶୁ କବିତା ରଚନା କରିଛି ବୋଲି ସେ କହିଥିଲେ । ଡ଼. ପାଢ଼ୀ ୮୦ଟି ପୁସ୍ତକ ରଚନା କରିଥିବା ବେଳେ ସେଥିରୁ ୨୦୨୩ ମସିହାରେ ପ୍ରକାଶିତ 'କେତେ ଫୁଲ ଫୁଟିଛି' ଶିଶୁ କବିତା ସଙ୍କଳନ ପାଇଁ କେନ୍ଦ୍ର ବାଲ ସାହିତ୍ୟ ପୁରସ୍କାର ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଛାତ୍ର ସଂସଦ ସଦସ୍ୟ ସରୋଜ କୁମାର ପାଢ଼ୀ, ଦିଗ୍‌ବିଜୟୀ ରାଉତ, ଜୟପ୍ରକାଶ ରାଉତ, ରାମଚନ୍ଦ୍ର ସେଠୀ, ପ୍ରକାଶ ଶତପଥୀ, ସୁଶାନ୍ତ ବରାଳ ପ୍ରମୁଖ ସହାୟତା କରିଥିବା ବେଳେ ଶେଷରେ ପ୍ରଦୀପ୍ତ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବନ ମହୋତ୍ସବ ଅବସରରେ ବନୀକରଣ

ଏରସମା, (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଗଡକୁଜଙ୍ଗ ପଞ୍ଚାୟତ ମା 'ସାତ ଭଉଣୀ ଗ୍ରାମଦେବତୀ ମନ୍ଦିର ନିକଟରେ ୭୬ତମ ବନ ମହୋତ୍ସବ ଅବସରରେ ବନୀକରଣ କରାଯାଇଛି। ସରକାରଙ୍କ ବନ ବିଭାଗ ପକ୍ଷରୁ ଗଡକୁଜଙ୍ଗର ଗ୍ରାମଦେବତୀ ନିକଟରେ ଝାଉଁ, ବଉଳ, ଅଁଳା, ଶିଶୁ, ଅର୍ଜୁନ, ସିରିସ, କୃଷ୍ଣ ଚୁଡା, ରାଧା ଚୁଡା ଆଦି ଚାରା ରୋପଣ କରାଯାଇଛି ।

# ବନ୍ୟା ବିତ୍ପାତ: ଭାଙ୍ଗିଛି କଚା ଘର



କୁଚିଣ୍ଡା, (ଭାସ୍କର ନ୍ୟୁଜ୍) : ବାଦଲ ଫଟା ବର୍ଷାରେ ବନ୍ୟା ବିପନ୍ନରେ ଉପଖଣ୍ଡର ଚାଷୀଙ୍କ ଜମିରେ ନଦୀ ସ୍ରୋତ ଚାଲିବା ଫଳରେ, ବହୁ ଚାଷ ଜମି ବାଲି ଚୋର ହେବା ସହ, ପ୍ରାୟ ୧୦୦ରୁ ଅଧିକ ଜମି ହୁଡା ଭାଙ୍ଗି ବ୍ୟାପକ କ୍ଷତି ହୋଇଛି। କିଛି ଜମିରେ ପହ୍ଲା ପକାଇ ଥିଲେ ଚାଷୀ, ତାହା ମଧ ଭଷାଇ ନେଇଛି। ନିମ୍ନ ଓ ମଧ୍ୟବିତ ଚାଷୀଙ୍କ ସମାସ୍ୟା ବଢ଼ିଯାଇଛି। ଏଣେ ବନ୍ୟା ପରିସ୍ଥିତି ଅଞ୍ଚଳରେ, ୩ ଗୋଟି ବ୍ଲକ୍‌ରେ ବହୁ ପରିବାରଙ୍କ କଚା ଘର ଭୁଷୁଡି ପଡିବା ପରେ, ପରିବାର କାଳଯାପନ କରିବା କଷ୍ଟ ସାଧ ହୋଇପଡିଛି। ବନ୍ୟାଞ୍ଚଳ ପରିଦର୍ଶନ କରିଛନ୍ତି ମନ୍ତ୍ରୀ ରବିନାରାୟଣ ନାଏକ, ଓ ସମ୍ବଲପୁର ଜିଲ୍ଲାପାଳ ସିର୍ଦ୍ଧେଶ୍ୱର ବଳି ରାମ ବନ୍ଦର, କ୍ଷତିଗ୍ରସ୍ତ ଚାଷୀ ଓ ବାସର ତୁରନ୍ତ ତଦନ୍ତ କରି କ୍ଷତିପୂରଣ ସରକାର ପ୍ରଦାନ ନ କଲେ ସମସ୍ୟା ଅଧିକ ଗମ୍ଭୀର ହେବ ବୋଲି ବିଭିନ୍ନ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବିଶେଷ କରି ମହୁଲ ପାଲି, ତୁରେଇ, ଗଡ଼ପୋଷ ଜମନକିରା ବ୍ଲକ ଇତ୍ୟାଦୀ ଚାଷୀ ଘର ଭାଙ୍ଗିବା ପରେ ପରିବାର ଅନ୍ୟ ଛହରେ ଆଶ୍ରୟ ନେଇଥିବା ମଧ ସୂଚନା ମିଳୁଛି। ଏବେ ପୁଣି ବର୍ଷା ଅପରିବର୍ତ୍ତିତ ଥିବା ହେତୁ ଚାଷୀ ଓ ପରିବାର ଆଶଙ୍କା ବଢ଼ାଇଛି।

# ବିଡିସିସି ବ୍ୟାଙ୍କର ପଦୋନ୍ନତିରେ ବ୍ୟାପକ ଅନିୟମିତତା ଅଭିଯୋଗ

ବଲାଙ୍ଗୀର, (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଓ ସୁବର୍ଣ୍ଣପୁର ଜିଲ୍ଲାର ଚାଷୀଙ୍କ ଜୀବନରେଖା କୁହାଯାଉଥିବା ବଲାଙ୍ଗୀର କେନ୍ଦ୍ରସମବାୟ ବ୍ୟାଙ୍କ(ବିଡିସିସି)ରେ ବ୍ୟାପକମାତ୍ରାରେ ଅନିୟମିତତା କରାଯାଉଥିବା ଅଭିଯୋଗ ଉଠିଛି। ବ୍ୟାଙ୍କ ପରିଚାଳନାରେ ତୃଟିଯୋଗୁଁ ବ୍ୟାଙ୍କରେ ବହୁ ପରିମାଣରେ କ୍ଷତି ହେଉଛି। ବ୍ୟାଙ୍କର ଏନ୍‌ପିଏ ୧୦% ଉପରକୁ ଯାଇ ସାରିଥିବା ବେଳେ ବ୍ୟାଙ୍କ ସି ଗ୍ରେଡକୁ ଖସିସାରିଛି। ଏପରିକି ବିଡିସିସି ବ୍ୟାଙ୍କର ୱାର୍କିଂ କ୍ୟାପିଟାଲ ୨୫୦୦ କୋଟିରୁ ୬୨୩ କୋଟି ଟଙ୍କାର ଇମ୍‌ବାଲାନ୍ସ ବାହାରୁଛି। ଏହାର କୌଣସି ହିସାବ ମିଳୁନାହିଁ। ତଥାପି ବ୍ୟାଙ୍କ ପକ୍ଷରୁ କର୍ମଚାରୀଙ୍କୁ ପଦୋନ୍ନତି ଦିଆଯାଇ ଦରମା ବଢାଯାଇଛି। ଏପରିକି ବ୍ୟାଙ୍କରେ ହୋଇଥିବା ପଦୋନ୍ନତିରେ ବ୍ୟାପକ ଅନିୟମିତତା କରାଯାଇ ଥିବା ଅଭିଯୋଗ ଉଠିଛି। ଖୋଦ ଆପଏଣ୍ଟମେଣ୍ଟ କମିଟିରେ ଥିବା ଜଣେ ନିର୍ଦ୍ଦେଶକ ନୀହାର ସ୍ୱାଇଁ ବୋର୍ଡ ବୈଠକରେ ପଦୋନ୍ନତିରେ ଅନିୟମିତତା କରାଯାଇଥିବା ଅଭିଯୋଗ ଉଠାଇଥିଲେ ଓ ଏହାକୁ ନେଇ କିଛି ଦିନ ତଳେ ହୋଇଥିବା ବୋର୍ଡ ବୈଠକରେ ହୋହଲ୍ଲା ହୋଇ ୬ଜଣ ନିର୍ଦ୍ଦେଶକ ବୈଠକରୁ ଉଠିଚାଲିଯାଇଥିବା ସୂଚନା ମିଳିଛି। ଖବର ନେବାରୁ ଜଣାଯାଇଛି ଯେ, ବିଡିସିସି ବ୍ୟାଙ୍କରେ ଗତ କିଛିଦିନ ତଳେ ୪୪ଜଣ କର୍ମଚାରୀଙ୍କୁ ପଦୋନ୍ନତି ଦିଆଯାଇଛି। ସେଥିପାଇଁ ବ୍ୟାଙ୍କର ଆପଏଣ୍ଟମେଣ୍ଟ କମିଟିର ବୈଠକ ବସିଥିଲା। ସେଥିରେ ଯିଏ ପଦୋନ୍ନତି ପାଉଥିଲେ ସେ ନିଜେ ସ୍କ୍ରିନି କମିଟିରେ ରହିଥିଲେ। ଯାହାକୁ ନେଇ ସେହି କମିଟିର ସଭ୍ୟ ନୀହାର ସ୍ୱାଇଁ ଆପତ୍ତି ଉଠାଇଥିଲେ। କିନ୍ତୁ ସଂପାଦକ ଖାତିର କରିନଥିଲେ। ପଦୋନ୍ନତି ଦେଲା ବେଳେ ସବୁ ନିୟମକାନୁନକୁ ଉଲଂଘନ କରାଯାଇଛି ଓ ସେ ନିଜେ କମିଟରେ ଥାଇ ସୁଦ୍ଧା କିଏ କିଏ କିଭଳି ପଦୋନ୍ନତି ପାଇଲେ ଜାଣିପାରିଲେ ନାହିଁ ବୋଲି ନିର୍ଦ୍ଦେଶକ ନୀହାର ସ୍ୱାଇଁ ଅଭିଯୋଗ ଉଠାଇଥିଲେ। କମିଟିର ବୈଠକ ଦିନ କେବଳ ଉପସ୍ଥାନ ଖାତାରେ ଦସ୍ତଖତ ନେଇ ପଦୋନ୍ନତି ତାଲିକା ଅନୁମୋଦନରେ ତାଙ୍କର ଦସ୍ତଖତ ନିଆଯାଇ ନାହିଁ ବୋଲି ଶ୍ରୀ ସ୍ୱାଇଁ କହିଥିଲେ। ତେବେ ନିୟମ ଅନୁଯାୟୀ ନିଯୁକ୍ତି ବେଳେ ଯେଉଁ କର୍ମଚାରୀମାନଙ୍କର ୫ବର୍ଷରୁ ଅଧିକ ସମୟ ଚାକିରି ହୋଇଥିବ ଓ ତାଙ୍କ ୱାର୍କ ପରଫର୍ମାନ୍ସକୁ ବିଚାରକୁ ନେଇ ପଦୋନ୍ନତି ଦିଆଯାଇଥାଏ। ଗ୍ରେଡେସନ, ସିନିଅରିଟି ଓ ଓଆର୍‌ଭି ଆକ୍ଟ ଅନୁଯାୟୀ ପଦୋନ୍ନତିର ବିଚାର କରାଯାଇଥାଏ। କିନ୍ତୁ କେତେକ କର୍ମଚାରୀଙ୍କ ଚାକିରି ୫ବର୍ଷ ପୂରଣ କରିନଥିଲେ ହେଁ ସେମାନଙ୍କୁ ପଦୋନ୍ନତି ଦିଆଯାଇଛି। ଠିକ୍ ସେହିପରି ୬ଜଣ ସବ-ଷ୍ଟାଫ ଇଲିଜିବୁଲ ଥିବା ବେଳେ ୧୨ଜଣଙ୍କୁ ବେଆଇନ ଭାବରେ ପଦୋନ୍ନତି ଦିଆଯାଇଥିବା ତଥା ଓଆର୍‌ଭି ଆକ୍ଟକୁ ଖୋଲାଖୋଲି ଉଲଂଘନ କରାଯାଇଥିବା ଅଭିଯୋଗ ହୋଇଛି। ଏହା ସହିତ ସୁବର୍ଣ୍ଣପୁର ଜିଲ୍ଲାର ବିନିକା, ଡୁଙ୍ଗୁରିପାଲି, ରାମପୁର ଭଳି ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ସୁପରଭାଇଜର ନିଯୁକ୍ତି ଦିଆଯାଇନାହିଁ। ବ୍ୟାଙ୍କର ବ୍ରାଞ୍ଚମାନଙ୍କରେ ଠିକ ହିସାବରେ ନଗଦ ରାଶି ରହିନଥିବାରୁ ଚାଷୀମାନେ ବ୍ୟାଙ୍କରୁ ଟଙ୍କା ଉଠାଣରେ ଅସୁବିଧା ହେଉଛି। ଗତ ଏକମାସ ତଳେ ବୋର୍ଡର ନିର୍ଦ୍ଦେଶକମାନେ ବିଭିନ୍ନ ବ୍ରାଞ୍ଚକୁ ଯାଇ ସେଠିକାର ସମସ୍ୟାଗୁଡିକୁ ସମାଧାନ ପାଇଁ ନିର୍ଦ୍ଦେଶ କରିଥିଲେ। କିନ୍ତୁ ବ୍ୟାଙ୍କର ସଂପାଦକ ସେହି ନିର୍ଦ୍ଦେଶକୁ ପାଳନ କରିନାହାଁନ୍ତି। ସେଥିପାଇଁ ବ୍ୟାଙ୍କର ଅବସ୍ଥା ଆହୁରି ବିଗୁଡୁଛି। ବ୍ୟାଙ୍କ ମୁଖ୍ୟାଳୟରେ ଅନେକ ସିନିୟର ମ୍ୟାନେଜର ରହିଥିବା ବେଳେ ଅନେକଗୁଡିଏ ବ୍ରାଞ୍ଚରେ ଇନଚାର୍ଜ ବ୍ରାଞ୍ଚ ମ୍ୟାନେଜର ରଖାଯାଇଛି କାହିଁକି ବୋଲି ନିର୍ଦ୍ଦେଶକମାନେ ପ୍ରଶ୍ନ କରିଥିଲେ। କିନ୍ତୁ ସଂପାଦକଙ୍କଠାରୁ କୌଣସି ସନ୍ତୋଷ ଜନକ ଉତ୍ତର ନମିଳିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଶେଷରେ ବ୍ୟାଙ୍କର ଅନିୟମିତତାକୁ ନେଇ ହୋହଲ୍ଲା ହୋଇଥିଲା। ୮ଜଣ ନିର୍ଦ୍ଦେଶକ ବୈଠକ ଛାଡି ଉଠିଯାଇଥିଲେ ବୋଲି ଜଣାପଡିଛି। ଏନେଇ ବ୍ୟାଙ୍କ ନିର୍ଦ୍ଦେଶକ ନୀହାର ସ୍ୱାଇଁଙ୍କୁ ପଚାରିବାରୁ ସେ ବୋର୍ଡ ବୈଠକରେ ପଦୋନ୍ନତି ଅନିୟମିତତା ନେଇ କଥା ଉଠିଥିଲା ଓ ସନ୍ତୋଷଜନକ ଉତ୍ତର ନମିଳିବାରୁ ଆମେ ୱାର୍କଆଉଟ କରି ବୈଠକ ଛାଡି ଚାଲି ଆସିଥିଲୁ ବୋଲି କହିଛନ୍ତି। ଠିକ ସେହିପରି ଅନ୍ୟତମ ନିର୍ଦ୍ଦେଶକ ସୁଶିଳ ଚାନ୍ଦଙ୍କୁ ମଧ ପଚରାଯିବାରୁ ବୈଠକ ଛାଡି ଚାଲିଆସିଥିବା କଥାକୁ ସ୍ୱୀକାର କରିଥିଲେ। ବୈଠକରେ ନିର୍ଦ୍ଦେଶକ ଲକ୍ଷ୍ମଣକୁମାର ମେହେର, ରାଜକିଶୋର ଡାଙ୍ଗ, ନୀହାର ସ୍ୱାଇଁ, ଶୁଶିଳ ଚାନ୍ଦ, ବନମାଳି ମେହେର ଓ କୃତ୍ତିବାସ ବାଘ ପ୍ରମୁଖ ବୈଠକ ଛାଡି ଚାଲିଯାଇଥିଲେ ବୋଲି ସୂଚନା ମିଳିଛି । ତେବେ ଏହି ଅଭିଯୋଗ ବିଷୟରେ ବଲାଙ୍ଗୀର କେନ୍ଦ୍ରସମବାୟ ବ୍ୟାଙ୍କର ମୁଖ୍ୟ ନିର୍ବାହୀ ଅଧିକାରୀ(ସିଇଓ) ହରିଶ୍ଚନ୍ଦ୍ର ଦାସଙ୍କୁ ପଚାରିବାରୁ ବୈଠକରେ ପଦୋନ୍ନତି ନେଇ ଆଲୋଚନା ହୋଇଥିଲା ବୋଲି କହିଛନ୍ତି। କିନ୍ତୁ ଅନିୟମିତତାକୁ ଅସ୍ୱୀକାର କରି କମିଟି ବୈଠକରେ ଡିଆର୍‌ସିଏସ୍‌ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ସେହି କମିଟି ବୈଠକ ହୋଇଥିଲା ଓ ପଦୋନ୍ନତିର ତାଲିକା ଫାଇନାଲ ହୋଇଥିଲା ବୋଲି କହିଛନ୍ତି। ବ୍ୟାଙ୍କର ଅବସ୍ଥା ବିଷୟରେ ପଚାରିବାରୁ ରାଜ୍ୟର ସବୁ ବ୍ୟାଙ୍କରେ ସେହି ସମାନ ସମସ୍ୟା ରହିଛି ବୋଲି ଶ୍ରୀ ଦାସ କହିଥିଲେ ।



ଆଳି, (ଭାସ୍କର ନ୍ୟୁଜ):କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ଜଣେ ୮ ବର୍ଷର ବାଳକ ଗ୍ରାମ ମଧ୍ୟକୁ ବୁଲିବାକୁ ଯାଇ ସାଇକେଲ ଯୋଗେ ଫେରୁଥିବାବେଳେ ଗ୍ରାମ ନିକଟରେ ଥିବା କଲଭର୍ଟରୁ ଖସିପଡି କେନାଲରେ ନିଖୋଜ ହୋଇଯାଇଥିବା ବେଳେ ସନ୍ଧ୍ୟାରେ ନାବାଳକଙ୍କ ମୃତ ଦେହ ଉଦ୍ଧାର ହୋଇଥିବା ସୂଚନା ମିଳିଛି । ଖବର ସୂତ୍ରରୁ ପ୍ରକାଶ ଆଳି ଥାନା ଗୋବିନ୍ଦପୁର ଗ୍ରାମର ଅଭିମନ୍ୟୁ ବାରିକଙ୍କ ଏକମାତ୍ର ପୁଅ ମାନସ (୮) ଗ୍ରାମ ମଧ୍ୟକୁ ବୁଲିବାକୁ ଯାଇଥିଲେ । ଗ୍ରାମ ମଧ୍ୟ ଦେଇ ଯାଇଥିବା ଥିବା ଖରସ୍ରୋତା ନଦୀର ଶାଖା କେନାଲ ମାହାରା ନିକଟରେ ଥିବା କଲଭର୍ଟରେ ସେ ଯାଉଥିବା ସମୟରେ ବନ୍ୟା ଜଳରେ ଉଛୁଳା ଜଳସ୍ରୋତରେ ସେ ଖସିପଡି ଥିଲେ । ଅଗ୍ନିଶମ ବିଭାଗ ପହଞ୍ଚି ଓ ସ୍ଥାନୀୟ ଲୋକେ ଖୋଜାଖୋଜି ଜାରି ରଖିଥିଲେ । ସ୍ଥାନୀୟ ଲୋକ ଏବଂ ଅଗ୍ନିଶମ ବାହିନୀ ର ଦୀର୍ଘ ୬ ଘଣ୍ଟା ଖୋଜା ଖୋଜି ପରେ ନିଖୋଜ ନାବାଳକ କେନାଲ ମଧ୍ୟରୁ ଉଦ୍ଧାର କରାଯାଇଥିଲା । ସ୍ଥାନୀୟ ଲୋକେ ବାଇକ ସାହାଯ୍ୟରେ ମାନସଙ୍କୁ ପ୍ରଥମେ ଗୋବିନ୍ଦପୁର ମେଡିକାଲକୁ ନେଇଥିଲେ । ଗୋବିନ୍ଦପୁର ମେଡିକାଲରେ ଡାକ୍ତର ନାବାଳକକୁ ମୃତଘୋଷଣା କରିଥିଲେ । ପରେ ନାବାଳକଙ୍କ ମୃତ ଶରୀରକୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶବ ବ୍ୟବଚ୍ଛେଦ ପାଇଁ ପଠା ଯାଇଥିବା ବେଳେ ବୁଧବାର ପିଲାଟିର ଶବ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି । ଅପରପକ୍ଷେ ଆଳି -ଗୋବିନ୍ଦପୁର ରାସ୍ତା ଶୋଚନୀୟ ଅବସ୍ଥାରେ ଥିବାରୁ ଦମକଳ ଗାଡି ବିଳମ୍ବରେ ପହଞ୍ଚିଥିଲା ଯାହାକୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ ।



# ସ୍କୁଲରେ ତାଲା ପକାଇଲେ ଛାତ୍ରଛାତ୍ରୀ ଓ ଅଭିଭାବକ



## ଶିକ୍ଷକ ନିଯୁକ୍ତ ଦାବି

ଧାମନଗର(ଭାସ୍କର ନ୍ୟୁଜ୍): ଧାମନଗର ବ୍ଲକ ରାଧାବଲ୍ଲଭପୁର ପଞ୍ଚାୟତ ବନ୍ଧଟିଆ ଉତ୍କଳମଣି ନୋଡ଼ାଲ ଉଚ୍ଚ ବିଦ୍ୟାପୀଠରେ ଶିକ୍ଷକ ଅଭାବକୁ ନେଇ ଗେଟରେ ଚାବି ପକାଇଲେ ଛାତ୍ରଛାତ୍ରୀ ଓ ଅଭିଭାବକ। ପ୍ରକାଶ ଥାଉକି ଉକ୍ତ ବିଦ୍ୟାଳୟରେ ଦୀର୍ଘଦିନ ହେବ ଗଣିତ ଓ ହିନ୍ଦୀ ଶିକ୍ଷକ ନାହାନ୍ତି। ୧୦ ବର୍ଷ ହେବ ସ୍ଥାୟୀ ପ୍ରଧାନ ଶିକ୍ଷକ ବି ନାହାନ୍ତି। ଏଣୁ ମଙ୍ଗଳବାର ଉକ୍ତ ବିଦ୍ୟାଳୟର ଛାତ୍ର ଛାତ୍ରୀ ଓ ଅଭିଭାବକମାନେ ସ୍କୁଲ ଖୋଲିବା ପୂର୍ବରୁ ଗେଟରେ ତାଲା ପକାଇ ଶିକ୍ଷକ ନିଯୁକ୍ତି ନେଇ ପ୍ରତିବାଦ ଓ ଦାବି କରିଥିଲେ। ସୂଚନା ଥାଉକି ଉକ୍ତ ବିଦ୍ୟାଳୟ ଟି ପୂରାତନ ବିଦ୍ୟାଳୟ। ୧୯୬୭ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରେ ୬ ରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ସ୍କୁଲ୍ ଉପରେ ୩ ଟି ପଞ୍ଚାୟତର ଥିବା ଗ୍ରାମ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର କିଛି ଗ୍ରାମର ଛାତ୍ରଛାତ୍ରୀ ପାଠ ପଢିବାକୁ ନିର୍ଭର କରିଥାନ୍ତି। ଏହି ସ୍କୁଲରେ ଚଳିତ ବର୍ଷ ୧୮୦ ଜଣ ପିଲା ପାଠ ପଢୁଛନ୍ତି। ଏଥିଲାଗି ବିଭିନ୍ନ ବିଷୟ ଓ କ୍ରୀଡାକୁ ମିଶାଇ ୮ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଶିକ୍ଷାଦାନ କରୁଛନ୍ତି। ହେଲେ ଗଣିତ ଓ ହିନ୍ଦୀ ବିଷୟ ପାଇଁ ଶିକ୍ଷକ ନାହାନ୍ତି। ଗଣିତରେ ୨ ବର୍ଷ ପୂର୍ବେ ଶିକ୍ଷକ ଅବସର ଗ୍ରହଣ କରିଥିବା ବେଳେ ହିନ୍ଦୀ ବିଷୟ ପାଇଁ ୫ ବର୍ଷ ପୂର୍ବେ ଶିକ୍ଷକ ଅବସର ଗ୍ରହଣ କରିସାରିଛନ୍ତି। ସେହିପରି ୧୦ ବର୍ଷ ହେବ ସ୍ଥାୟୀ ପ୍ରଧାନ ଶିକ୍ଷକ ନାହାନ୍ତି। ସେହିପରି ଏବେ ଯିଏ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ଅଛନ୍ତି ତାଙ୍କର ମନ ମୁଖୀକାର୍ଯ୍ୟ ନେଇ ଶିକ୍ଷା ଦାନ ବିପର୍ଯ୍ୟସ୍ତ ହୋଇପଡ଼ିଛି। ବିଭିନ୍ନ ସମସ୍ୟା ନେଇ ଗ୍ରାମବାସୀମାନେ ଭଦ୍ରକ ଶିକ୍ଷାଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ ପରେବି କୌଣସି ସମସ୍ୟାର ସମାଧାନ ହୋଇ ପାରିଲା ନାହିଁ। ଏପରି କି ପ୍ରଧାନ ଶିକ୍ଷୟିତ୍ରୀଙ୍କ ର କୌଣସି ଉଦ୍ୟମ ରହିଲା ନାହିଁ। ବାଧ୍ୟ ହୋଇ ସ୍କୁଲ ଗେଟରେ ଚାବି ପକାଇ ଶିକ୍ଷକ ନିଯୁକ୍ତି ପାଇଁ ଦାବି କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀ ମାନେ ୨ ରୁ ୩ ଘଣ୍ଟା ଗେଟ ଆଗରେ ଛିଡ଼ା ହୋଇ ରହିଥିଲେ। ଘଟଣା ସଂପର୍କରେ ଭଦ୍ରକ ଡିଇଓ ଖବର ପାଇବା ପରେ ଶିକ୍ଷକ ନିଯୁକ୍ତି ନେଇ ତତ୍ପରତା ଦେଖାଇଥିଲେ। ତତକ୍ଷଣାତ୍ ଜାହାଙ୍ଗୀର ଜନତା ଉଚ୍ଚ ବିଦ୍ୟାଳୟର ଗଣିତ ଶିକ୍ଷକ ସୁରଜ ମହାପାତ୍ରଙ୍କୁ ଡେପୁଟେସନରେ ପଠାଇଥିଲେ। ସେ ସପ୍ତାହରେ ୪ ଦିନ ବନ୍ଧଟିଆ ଉତ୍କଳମଣି ନୋଡ଼ାଲ ଉଚ୍ଚ ବିଦ୍ୟାପୀଠରେ ଶିକ୍ଷାଦାନ କରିବା ନେଇ ଚିଠି କରିଥିଲେ। ତାହା ସହ ଶୀଘ୍ର ଅନ୍ୟ ବିଷୟର ଶିକ୍ଷକ ଓ ସ୍ଥାୟୀ ପ୍ରଧାନ ଶିକ୍ଷକ ନିଯୁକ୍ତି ନେଇ ପ୍ରତିଶ୍ରୁତି ଦେଲା ପରେ ଚାବି ଖୋଲିଥିଲେ। ସେପଟେ ଚିଠି ମିଳିବା ପରେ ସୁରଜ ମହାପାତ୍ର ଆଜି ସ୍କୁଲରେ ଯୋଗ ଦେଇଛନ୍ତି। ଶିକ୍ଷକ ଅଭାବ ନେଇ ବାରମ୍ବାର ଉଚ୍ଚ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଛି ବୋଲି ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଉର୍ବଶୀ ସାମନ୍ତ କହିଛନ୍ତି ।

# ଅବ୍ୟବସ୍ଥା ଘେରରେ ନିଆଳି ସ୍ୱାସ୍ଥ୍ୟକେନ୍ଦ୍ର



ନିଆଳି (ଭାସ୍କର ନ୍ୟୁଜ୍): ନିଆଳି ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ମଙ୍ଗଳବାର ଅପରାହ୍ନରେ ରୋଗୀ ମାନଙ୍କ ହୋ ହଲାରେ କମ୍ପିଥିଲା । ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ମାନଙ୍କ ଟୋକନ ଲେଖିବା ନିମନ୍ତେ କୌଣସି ସରକାରୀ କର୍ମଚାରୀ ନାହାନ୍ତି। ଏଠାରେ ଠିକା କର୍ମଚାରୀ ଟୋକନ ଲେଖୁଥିବା ବେଳେ ସେ ମଧ୍ୟ ମନମୁଖିରେ କାର୍ଯ୍ୟ କରୁଛନ୍ତି। ଯାହାଫଳରେ ରୋଗୀମାନଙ୍କ ପ୍ରଶ୍ନ ଠିକା କର୍ମଚାରୀମାନଙ୍କୁ ନିଯୁକ୍ତି ଦେଇଛି କିଏ ?ଯାହାଫଳରେ ଆଜି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ମଙ୍ଗଳବାର ଦିନ କାର୍ଯ୍ୟରତ ଥିବା ଡାକ୍ତର ସଦାନନ୍ଦ ରାଉତଙ୍କ ଚିକିତ୍ସା ସମୟରେ ଶତାଧିକ ରୋଗୀଙ୍କ ସମାଗମ ଘଟିଥିବାରୁ ପରିସ୍ଥିତି ଅଣାୟତ୍ତ ହୋଇଥିଲା। ତାଙ୍କ ବାରିଦିନ ରୋଗୀମାନେ ଅଧିକ ଆସୁଥିବାରୁ ସୁରକ୍ଷା କର୍ମୀ ଉପସ୍ଥିତ ରହି ମଧ୍ୟ ରୋଗୀମାନଙ୍କ ଶାନ୍ତି ଶୃଙ୍ଖଳା ରକ୍ଷା କରି ପାରୁନାହାନ୍ତି। ଯାହାଫଳରେ ଶତାଧିକ ରୋଗୀଙ୍କ ଭିଡ଼ ଜମିଥିଲା। ଏମିତିକି ରୋଗୀମାନେ ପାଟି ତୁଣ୍ଡ କରିବାକୁ ପଛାଇ ନଥିଲେ। ନିଆଳି ସ୍ୱାସ୍ଥ୍ୟକେନ୍ଦ୍ରର ଅଧକ୍ଷ ଏସ ନବୀନ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନ ଆସି ବହୁ ସମୟ ଅନୁପସ୍ଥିତ ରହଆସୁଛନ୍ତି । ନିଜ ମନ ମର୍ଜିରେ ଠିକା କର୍ମଚାରୀଙ୍କୁ ନିଯୁକ୍ତି ଦେବା, ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀମାନଙ୍କୁ ଉଦ୍ଦେଶ୍ୟ ମୂଳକ ଭାବେ ହଇରାଣ କରିବା ଭଳି ସାଙ୍ଘାତିକ ଅଭିଯୋଗ ହେଉଛି। ନିଆଳି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ହଜାର ହଜାର ରୋଗୀ ନିର୍ଭର କରୁଥିବାବେଳେ କାହିଁକି ଏତେ ଅବହେଳା। କେତେବେଳେ ଲିଫ୍ଟ ଖରାପ ହୋଇ ରୋଗୀ ଫସି ରହୁଛନ୍ତି ତ ଆଉ କେତେବେଳେ ରୋଗୀ ଟୋକନ ପାଇଁ ହୋ ହଲା କରୁଛନ୍ତି। ନିତି ଆବଶ୍ୟକ ଔଷଧ ସ୍ୱାସ୍ଥ୍ୟ କେନ୍ଦ୍ରରେ ମିଳୁନଥିବା ବେଳେ ବାହାରୁ ରୋଗୀମାନେ ବାଧ ହୋଇ କିଣୁଛନ୍ତି। ଏଥିପ୍ରତି ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହେଉଛି।

# ସନ୍ଦେହଘେରରେ ମହିଳାଙ୍କ ମୃତ୍ୟୁ

## ମେଡିକାଲରୁ ବଳପୂର୍ବକ ନେଇଗଲେ ମୃତଦେହ

ରଘୁନାଥପୁର(ଭାସ୍କର ନ୍ୟୁଜ୍): ରଘୁନାଥପୁର ଥାନା ତାରପୁର ପଞ୍ଚାୟତ ଖଣ୍ଡତରୀ (ତଳପଡ଼ା)ରୁ ରଘୁନାଥପୁର ପୋଲିସ ଖବର ପାଇ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି।ମହିଳାଙ୍କ ମୃତ୍ୟୁର ସଠିକ କାରଣ ଜଣାପଡ଼ି ନଥିବା ବେଳେ ବିଷପାନ ଯୋଗୁଁ ମୃତ୍ୟୁ ହୋଇଥିବାର ଅଞ୍ଚଳରେ ଚର୍ଚ୍ଚା ହେଉଛି। ପୋଲିସ ଅପମୃତ୍ୟୁ ମାମଲା ୭/୨୫ ରୁଜୁ କରି ତଦନ୍ତ ଜାରି ରଖିଛି। ମୃତମହିଳା ଜଣଙ୍କ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଯୁଆଣିଆ ଗ୍ରାମର ବିଜୟ କୁମାର ମଲ୍ଲିକଙ୍କ ଝିଅ ପ୍ରିତିମୟୀ ମଲ୍ଲିକ (୨୩) ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ମଙ୍ଗଳବାର ସକାଳୁ ପ୍ରିତିମୟୀଙ୍କୁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଅଣାଯାଇଥିଲା।ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ମହିଳାଙ୍କ ସ୍ୱାମୀ ଖଣ୍ଡତରି (ତଳପଡ଼ାର)ଚିତ୍ତରଞ୍ଜନ ମଲ୍ଲିକଙ୍କ ପୁଅ ଶୁଭମ ଅନ୍ୟତ୍ର ଚିକିତ୍ସା କରାଇବା ପାଇଁ ବଳପୂର୍ବକ ପ୍ରୀତିମୟୀଙ୍କ ମୃତଦେହକୁ ନେଇ ଆସିବାରୁ ମେଡିକାଲ ପକ୍ଷରୁ ପୋଲିସକୁ ଏ ସମ୍ପର୍କରେ ଅବଗତ କରାଯାଇଥିଲା। ଏସ୍ଆଇ ରିତାଞ୍ଜଳି ନାୟକ ଓ ଯୋଗେଶ୍ୱର ବେହେରା ଘଟଣା ସ୍ଥଳରେ ପହଞ୍ଚି ଶୁଭମକୁ ପଚରଉଚରା କରିଥିବାବେଳେ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରିଛି। ପୋଲିସ ପ୍ରିତିମୟୀଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ ସୁଧା ସେମାନେ ଆସିନଥିଲେ। ଅପରାହ୍ନରେ ଅତିରିକ୍ତ ତହସିଲଦାର ତପନ କୁମାର ପରିଡା ପହଞ୍ଚି ଯାଞ୍ଚ କରିବା ପରେ ସ୍ଥାନୀୟ ସରପଞ୍ଚ ସୁଷମା ମଲ୍ଲିକଙ୍କ ଉପସ୍ଥିତିରେ ପୋଲିସ ମୃତଦେହକୁ ପୋଷ୍ଟମର୍ଟମ ପାଇଁ ପଠାଇଥିଲା।

# ଉଦ୍‌ଘାଟନର ବର୍ଷେ ପରେ ଭଡ଼ାଘରେ ଚାଲିଛି ଅବକାରୀ ଥାନା, ନୂତନ ଗୃହରେ ଝୁଲୁଛି ତାଲା





## ବେଧଡ଼କ୍ ମଦ ବିକ୍ରି

ଆଳି, (ଭାସ୍କର ନ୍ୟୁଜ):ଏଠି ପିଇବା ପାଇଁ ପାଣି ମିଳେ ନାହିଁ, କିନ୍ତୁ ଗାଁ ଠୁ ବଜାର ଯେଉଁଠି ଖୋଜିବେ ସେଠି ମଦ ମିଳିଯିବ। ଗାଁ ରେ ଛୋଟ କେବିନଟିଏ ହେଉ କି ବଜାରରେ ପାନ ଦୋକାନ ଠୁ ଆରମ୍ଭ କରି ର । ସ ନ ଦୋକାନରେ ଖୁଲମ ଖୁଲା ମିଳିଯାଏ ମଦ। ଛକ ଛକ ରେ ପାନ ଦୋକାନ ଠାରୁ ଛୋଟ ବଡ଼ ହୋଟେଲ ରେ ବେଧଡକ ଭାବେ ବିକ୍ରି ହୁଏ ଚୋରା ମଦ। ବେଧଡ଼କ ଭାବେ ଚାଲିଛି ଆଳିରେ ଚୋରାମଦ କାରବାର । ସବୁ ଜାଣି ଯେମିତି ଅଜଣା ଅବକାରୀ ବିଭାଗ । ଯେମିତି ମନେ ହୁଏ ଅବକାରୀ ବିଭାଗ କୋମାରେ ରହିଛି । ଚୋରା ମଦ ରୋକିବା ପାଇଁ ରାଜ୍ୟ ସରକାରଙ୍କ ତହବିଲରୁ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ଅବକାରୀ ଥାନା ପ୍ରତିଷ୍ଠା ହୋଇଥିଲା ଚୋରା ମଦ କାରବାର କୁ ରୋକିବା ପାଇଁ , କିନ୍ତୁ ବର୍ଷେରୁ ଉର୍ଦ୍ଧ୍ୱ ହେବ ଆଳିରେ ଅବକାରୀ ବିଭାଗର ନୂତନ ଥାନା ଉଦଘାଟନ ସରିଥିଲେ ବି ଥାନାରେ ଝୁଲୁଛି ତାଲା । ଏନେଇ ବାରମ୍ବାର ଖବର ପ୍ରସାରଣ ପରେ ମଧ୍ୟ କୌଣସି କର୍ମଚାରୀଙ୍କ ଦେଖା ନାହିଁ । ଲୋକେ ଅବକାରୀ ବିଭାଗ ଥାନା କୋଉଠି ଖୋଜିଲେ ମିଳୁନି ଅବକାରୀ ବିଭାଗ । ରାଜ୍ୟରେ ଚୋରାମଦ କାରବାର ରୋକିବା ପାଇଁ ଅବକାରୀ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ନୂତନ ଥାନା ନିର୍ମାଣ କରାଯାଇଛି ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ଆଳିରେ ଅବକାରୀ ବିଭାଗ ପକ୍ଷରୁ ନୂତନ ଥାନାର କାର୍ଯ୍ୟାଳୟ ଗତ ୨୦୨୪ ମସିହା ଫେବୃଆରୀ ୨୭ ତାରିଖରେ କେନ୍ଦ୍ରାପଡ଼ାର ପୂର୍ବତନ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଓ ଅବକାରୀ ଅଧିକ୍ଷକ ଦେବୀ ପ୍ରସାଦ ମିଶ୍ରଙ୍କ ଦ୍ୱାରା ଉଦଘାଟନ ହୋଇଥିଲେ ହେଁ ଉଦଘାଟନର ବର୍ଷେ ବିତି ଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପଡିନି ଅବକାରୀ ବିଭାଗର କର୍ମଚାରୀଙ୍କ ଦର୍ଶନ ମିଳୁନାହିଁ। କାର୍ଯ୍ୟାଳୟ ପରିସରର ଅନାବନା ଗଛ ଗୁଡିକରେ ଭର୍ତି ହୋଇ ଛୋଟ ଜଙ୍ଗଲ ର ଭ୍ରମ ସୃଷ୍ଟି କରୁଛି। ଏହି କାର୍ଯ୍ୟାଳୟଟି ବିଲ ମଝିରେ ଏବଂ ଆଳି କୋର୍ଟ ଓ ଅଗ୍ନିଶମ କେନ୍ଦ୍ର ପଛ ପଟେ ହୋଇଥିବାରୁ ଏବଂ ଗମନାଗମନର ସୁବିଧା ନ ଥିବାରୁ ଅଧିକାଂଶ ଲୋକମାନେ ସମସ୍ୟା ନେଇ ଅଫିସ ଖୋଜିଲେ ପାଉନାହାନ୍ତି ସେଥିରେ ହାଲକା ବର୍ଷା ହେଲେ ବର୍ଷା ଦିନେ ପାଣି କାଦୁଅରେ ଅଫିସ ପାଖକୁ ବି ଯାଇ ହେଉ ନାହିଁ । ସବୁ ଅସୁବିଧା କୁ ଡେଇଁ ଶେଷରେ କାର୍ଯ୍ୟାଳୟ ନିକଟରେ ପହଞ୍ଚିବା ପରେ ଅଫିସରେ ତାଲା ଝୁଲିବାର ଦେଖିବାକୁ ମିଳେ । ପୁଣି ସେଥିରେ କାର୍ଯ୍ୟାଳୟରେ କାମ ଏତେ ନିମ୍ନମାନର ହୋଇଛି ଯେ ଟାଇଲ ଭାଙ୍ଗି ଗଲାଣି, ଦିୱାଲ ଅଧ ପନ୍ତରିଆ ପ୍ଲାଷ୍ଟର ହୋଇରହିଛି । କିନ୍ତୁ ଏଭଳି ଭାବେ ଥାନା ଉଦଘାଟନ ସରିଛି । ଆଳି ବ୍ଲକର ସାଧାରଣ ଲୋକମାନେ ଖୋଜୁଛନ୍ତି କେଉଁଠି ରହିଛି ଏହି ଆଳି ଅବକାରୀ ବିଭାଗ । କାର୍ଯ୍ୟାଳୟ ନଥିବାରୁ ଦୀର୍ଘ ଦିନ ହେବ ଏକ ଭଡାଘରେ କାର୍ଯ୍ୟାଳୟ ଚାଲିଥିବା ବେଳେ ଆଜିକୁ ଏକ ବର୍ଷ ଏକ ମାସ ହେବ ନୂଆ ଥାନା ନିର୍ମାଣ ହୋଇଥିବା ବେଳେ କଣ ପାଇଁ ତାହା ଖୋଲୁନି ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି । ଆଳି ବ୍ଲକ ରେ ନିଶା କାରବାର ବୃଦ୍ଧି ପାଉଥିବା ବେଳେ, ଅଭିଯୋଗ କରିବା ଲାଗି ଅଞ୍ଚଳ ବସି ଖୋଜୁଛନ୍ତି ଅବକାରୀ ଥାନା ବୋଲି କହିଛନ୍ତି । ଆଳି ଅଂଚଳରେ ଅବକାରୀ ବିଭାଗ ଅଛି କି ନାହିଁ ବୋଲି ପ୍ରଶ୍ନ କରିଛନ୍ତି ବରିଷ୍ଠ ନାଗରିକମାନେ । ଆଳି ଅଞ୍ଚଳ ରେ ଗାଁ ପାନ ଦୋକାନମାନଙ୍କ ରେ ଚୋରା ମଦ କାରବାର ଚାଲିଛି ଅବକାରୀ ଅଧିକାରୀ କଣ କରୁଛନ୍ତି, ଆମେ ମାନେ ଦିନକ ଲାଗି ଦେଖିନୁ କେଉଁଠି ଚଢ଼ାଉ କରିଛନ୍ତି ଅବକାରୀ ବିଭାଗ କର୍ମଚାରୀ ମାନେ ବୋଲି ମିଳିତ ଓଡିଶା ନିଶା ନିବାରଣ କମିଟି ଆଳି ଶାଖାର ବୀର କିଶୋର ପଣ୍ଡା, ଲକ୍ଷ୍ମୀଧର ଦୀକ୍ଷିତ, ଗୋବିନ୍ଦ ଚନ୍ଦ୍ର ନନ୍ଦ, ବିଦ୍ୟାଧର ପଣ୍ଡା, ସୋହନା ବେଗମ, ଧନେଶ୍ୱର ରାଉତ ଙ୍କ ସହ ଆଳି ଅଞ୍ଚଳର ବହୁ ବୁଦ୍ଧିଜୀବୀ ଓ ସମାଜସେବୀ ମାନେ ଅଭିଯୋଗ କରିଛନ୍ତି ।ଏଥିପ୍ରତି ରାଜ୍ୟସରକାର ଓ ଅବକାରୀ ବିଭାଗ ର ଉପରିସ୍ଥ ତୁରନ୍ତ ଦୃଷ୍ଟି ଦେବାକୁ ଆଳିବାସୀ ଦାବୀ କରିଛନ୍ତି। ଏହି ଅଭିଯୋଗ ନେଇ ବହୁବାର କାର୍ଯ୍ୟାଳୟ କୁ ପ୍ରତିକ୍ରିୟା ପାଇଁ ଯାଇଥିଲେ ମଧ୍ୟ କୌଣସି ଅଧିକାରୀ ଙ୍କର ମତାମତ ମିଳି ପାରିନାହିଁ ।

## ଜରାଜୀର୍ଣ୍ଣ ଅବସ୍ଥାରେ କରୋନେସନ୍ ପାର୍କ

# ରକ୍ଷଣାବେକ୍ଷଣ ଅଭାବରୁ ଖତଖାଉଛି ଯନ୍ତ୍ରାଂଶ





ଆସିକା, (ଭାସ୍କର ନ୍ୟୁଜ୍) : ଆସିକା ସହରର ୧୩ ନମ୍ବର ୱାର୍ଡ ତଥା ସହରର କେନ୍ଦ୍ରସ୍ଥଳରେ ରହିଛି ୧୨୧ ବର୍ଷ ପୁରାତନ କରୋନେସନ୍ ପାର୍କ। ପ୍ରାୟ ଏକ କୋଟି ଟଙ୍କାବ୍ୟୟ ଅଟକଳରେ ୨୦୨୧ ମସିହା ଅଗଷ୍ଟ ୩୧ ତାରିଖରେ ଏହି ଉଦ୍ୟାନର ପୁନରୁଦ୍ଧାର ଏବଂ ନବୀକରଣ ହେବା ପରେ ତାହା ସମସ୍ତଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଉକ୍ତ ବର୍ଷ ଉଦ୍‌ଘାଟନ ପରେ ଆସିକା ସହରକୁ ଏହି ପାର୍କ ଏକ ନୂଆ ପରିଚୟ ଦେଇଥିଲା। କିନ୍ତୁ ଉଚିତ ରକ୍ଷଣାବେକ୍ଷଣ ଅଭାବରୁ ବର୍ତ୍ତମାନ ଏହି ପୁରାତନ ପାର୍କ ରୁଗ୍ଣ ଅବସ୍ଥା ଆଡ଼କୁ ଗତି କରିବାରେ ଲାଗିଛି। ଏଥି ମଧ୍ୟରେ ଥିବା ୱାଟର ସ୍ପ୍ରେ ଆଉ କାମ କରୁନାହିଁ ଯାହାଦ୍ୱାରା ସେହି ସ୍ଥାନରେ ମଇଳା ପାଣି ଜମା ହୋଇ ରହିଛି। ଆଉ ଧୀରେ ଧୀରେ ଲୋକଙ୍କ ସଂଖ୍ୟା କମିବାରେ ଲାଗିଛି। ପ୍ରକାଶ ଥାଉକି ୧୯୦୩ ମସିହାରେ ଆନ୍ଧ୍ରପ୍ରଦେଶର ଟି.ଭି. ଜୋଗୁଲ୍ ରାଓ ପାରୁଲୁଗାରୁ ଏବଂ ତାଙ୍କ ସ୍ତ୍ରୀ ମୁଦ୍ରରାଜାଙ୍କ ପ୍ରଚେଷ୍ଟାରେ ୪ଏକର ଜମି ଉପରେ ଏହି ପାର୍କ ନିର୍ମାଣ କରାଯାଇଥିଲା। କିଛି ସହୃଦୟ ବ୍ୟକ୍ତିଙ୍କ ସହାୟତାରେ ପାର୍କକୁ ବିଦ୍ୟୁତ୍ ସଂଯୋଗୀକରଣ ହୋଇଥିଲା। ପାର୍କକୁ ଆକର୍ଷଣୀୟ କରିବା ପାଇଁ ଭିତରେ ମହାତ୍ମାଗାନ୍ଧୀ, ସୁଭାଷ ଚନ୍ଦ୍ର ବୋଷ, କସ୍ତୁରବା ଗାନ୍ଧି ଏବଂ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଭଳି ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଗଲା। ନିର୍ମାଣ କାମ ସରିଯିବା ପରେ ଏହା ୧୯୫୭ ମସିହା ପର୍ଯ୍ୟନ୍ତ ଜନସାଧାରଣଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ୧୯୫୭ରେ ଆସିକା ଏନ୍ଏସି ଗଠନ ହେବା ପରେ ପାର୍କର ରକ୍ଷଣାବେକ୍ଷଣ ଦାୟିତ୍ୱ ହାତକୁ ନେଲା। କିନ୍ତୁ ସମୟ ଗଡ଼ିବା ସାଙ୍ଗକୁ ଏହି ପାର୍କ ପରିତ୍ୟକ୍ତ ଅବସ୍ଥା ଆଡ଼କୁ ଗତି କରିଥିଲା। ତେବେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ଓ ଦାବି ପରେ ୨୦୧୯ରେ ଏହାର ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ ହୋଇ ୨୦୨୧ରେ ଶେଷ ହୋଇଥିଲା। ସବୁଠୁ ବଡ଼କଥା ହେଉଛି, ଆସିକା ଏନ୍ଏସି ଗଠନର ୬୪ ବର୍ଷ ପରେ ସହରରେ ସୌନ୍ଦର୍ଯ୍ୟାକରଣ ପାଇଁ କୌଣସି ଯୋଜନା ହୋଇଥିଲା। ଶିଶୁଙ୍କ ଖେଳକୁଦ ପାଇଁ ବିଶେଷ ଧ୍ୟାନ ଦିଆଯାଇଛି। ପାର୍କ ମଧ୍ୟରେ ହାତୀ ଓ ଜିରାଫ୍ ଆଦି ପଶୁଙ୍କ ସବୁଜ ପ୍ରତିକୃତି, ୱାଟର ଫାଉଣ୍ଟେନ୍, ରାତ୍ରୀ ଆଲୋକମାଳା, ଘାସପଡ଼ିଆ ସାଙ୍ଗକୁ ପାଦଚଲା ରାସ୍ତା ନିର୍ମାଣ କରାଯାଇଛି। ପ୍ରତିଦିନ ଅପରାହ୍ନ ୪ଟାରୁ ରାତି ୮ଟା ପର୍ଯ୍ୟନ୍ତ ପାର୍କ ଖୋଲାଯାଉଛି। ସହରବାସୀଙ୍କ ପାଇଁ ଏହା ପ୍ରମୁଖ ଭ୍ରମଣସ୍ଥାନ ପାଲଟିଥିଲା। ତେବେ ବର୍ତ୍ତମାନ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ମ୍ୟାଜିକାଲ୍ ୱାଟର ଫାଉଣ୍ଟେନ୍ ପାର୍କ ଖୋଲିବା ଦିନରୁ କାର୍ଯ୍ୟକ୍ଷମ ହୋଇନି। ସେଥିରୁ ମାସାଧିକ ସମୟ ଧରି ପାଣି ଜମି ନିଷ୍କାସନ ହେଉ ନଥିବାରୁ ଦୁର୍ଗନ୍ଧ ବାହାରୁଛି। ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଏବେ ଖତ ଖାଉଛି। ସେପଟେ ଦୋଳି ଗୁଡ଼ିକ ଛିଣ୍ଡି ପଡ଼ିଥିବା ବେଳେ ଭାଙ୍ଗି ପଡ଼ିଥିବା କ୍ରୀଡ଼ା ଉପକରଣ ଗୁଡ଼ିକର ମରାମତି ପାଇଁ ଏନ୍ଏସି ପ୍ରଶାସନର ନିଘା ନାହିଁ। ଆଗରୁ ମାସିକ ଲକ୍ଷାଧିକ ଟଙ୍କା ରାଜସ୍ୱ ଆଦାୟ ହେଉଥିବା ବେଳେ ଗତ ଜାନୁଆରୀମାସରୁ ଏକ ମହିଳା ଏସ୍ଏଚ୍‌ଜିକୁ ଦୈନିକ ମାତ୍ର ୮୫୦ ଟଙ୍କାରେ ଭଡ଼ା ଆକାରରେ ଲିଜ ଆକାରରେ ଦିଆଯାଇଛି। ପାଞ୍ଚବର୍ଷ ବୟସରୁ ଅଧିକ ସମସ୍ତ ବର୍ଗର ଜନସାଧାରଣଙ୍କଠୁ ଭିକ୍ଷାରା ଦୈନିକ ୧୦ ଟଙ୍କା ପ୍ରବେଶ ଶୁଳ୍କ ଆଦାୟ କରୁଛନ୍ତି। ରକ୍ଷଣାବେକ୍ଷଣ ଦାୟିତ୍ୱ କିନ୍ତୁ ପୌର ପ୍ରଶାସନ ହାତରେ ରହିଛି। ମାସିକ ଯେତେ ଟଙ୍କା ଆଦାୟ ହେଉଛି, ତା'ଠାରୁ ଅଧିକ ଏହାର ରକ୍ଷଣାବେକ୍ଷଣରେ ଖର୍ଚ୍ଚ ହେଉଛି। ସେହିପରି ଶୌଚାଳୟ ଅବସ୍ଥା ନକହିବା ଭଲ। ତୁରନ୍ତ ଏଦିଗରେ ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି।

# ଭାରତ ବନ୍ଦ କାର୍ଯ୍ୟକ୍ରମ ସଫଳ







ଚାନ୍ଦବାଲି, (ଭାସ୍କର ନ୍ୟୁଜ୍): କର୍ପୋରେଟ ଓ ସାଂପ୍ରଦାୟିକ କାର୍ଯ୍ୟସୂଚୀକୁ କାର୍ଯ୍ୟକାରୀ କରିବାକୁ ଯାଇ କେନ୍ଦ୍ରର ମୋଦି ସରକାର ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ଆଣିବା ସହ ଭାରତର ସରକାରୀ ଶିକ୍ଷାର ସାଂପ୍ରଦାୟିକରଣ କରିବାକୁ ଯାଉଛନ୍ତି। ଭାରତ ବର୍ଷର ସମ୍ବିଧାନର ମୁଖବନ୍ଧରେ ଥିବା ଧର୍ମନିରପେକ୍ଷ ଓ ସମାଜବାଦକୁ ହଟାଇବା ପାଇଁ ମୋଦି ସରକାର ଷଡଯନ୍ତ୍ର କରୁଛନ୍ତି। ନେସନାଲ୍ ମନିଟାଇଜେସନ ପାଇପଲାଇନ ନାମରେ ଆମ ଦେଶର ଅର୍ଥନୈତିକ ସାର୍ବଭୌମତ୍ୱକୁ ମୋଦି ସରକାର ଦେଶୀ ବିଦେଶୀ ପୁଞ୍ଜିପତି ମାନଙ୍କ ହାତକୁ ଟେକି ଦେଉଛନ୍ତି, ଆମ ଦେଶର ସମସ୍ତ ସ୍ୱାଧୀନ ଜାତୀୟ ପ୍ରତିଷ୍ଠାନରେ ସାଂପ୍ରଦାୟିକ ଶକ୍ତିଙ୍କ ଗେରୁଆ ଏଜେଣ୍ଡାକୁ ଲଦିଦେବାକୁ ଯାଇ ଆମ ଦେଶର ଧର୍ମନିରପେକ୍ଷ ଗଣତନ୍ତ୍ର ଉପରେ ମୋଦି ସରକାର ଆଘାତ କରୁଛନ୍ତି। ଆମ ଦେଶର ଦଳିତ, ଆଦିବାସୀ, ମହିଳା, ସଂଖ୍ୟାଲଘୁ ମାନଙ୍କ ଉପରେ ହିନ୍ଦୁତ୍ୱବାଦୀ ଶକ୍ତି ମାନେ ପ୍ରତ୍ୟେକ ଦିନ ଆକ୍ରମଣ କରୁଛନ୍ତି। ୟୁଏପିଏ ଓ ପିଏମଏଲଏ ଆଇନ ବଳରେ ହଜାର ହଜାର ଭାରତୀୟଙ୍କୁ ମୋଦି ସରକାର ଜେଲଖାନାରେ ଭର୍ତ୍ତି କରିଛନ୍ତି। ପ୍ରତ୍ୟେକ ଦିନ ଆମ ଦେଶର ଜାତୀୟ ସଂପତ୍ତିକୁ ବିକ୍ରି କରୁଛନ୍ତି। ଆମ ଦେଶର ଯୁବକ ଯୁବତୀ ମାନେ ନିଯୁକ୍ତି କଥା ଦାବି କଲେ ମୋଦି ସରକାର ସେମାନଙ୍କୁ ଭାରତୀୟ କି ନୁହେଁ ପରିଚୟ ମାଗୁଛନ୍ତି । ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ଜିଏସଟି ଲଗାଇ ମୋଦି ସରକାର ଅତ୍ୟାବଶ୍ୟକ ସାମଗ୍ରୀର ଦର ଆକାଶ ଛୁଆଁ କରିଛନ୍ତି । ମୋଦି ସରକାରଙ୍କ ଏହି ଜନବିରୋଧି ନୀତିକୁ ବିରୋଧ କରି, ଶ୍ରମ କୋର୍ଡ ବାତିଲ ଓ ଓଡିଶାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ର ସୁଧାର ଆଣିବା ଦାବି ନେଇ ମିଳିତ ଟ୍ରେଡ୍ ୟୁନିୟନ ଓ ଫେଡେରେସନ ସମୂହ ପକ୍ଷରୁ ଭଦ୍ରକ ଜିଲ୍ଲାର ଚାନ୍ଦବାଲି ଠାରେ ବଂଦ ଆନ୍ଦୋଳନ ସଂଗଠିତ ହୋଇଛି । ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥକୁ ଚାନ୍ଦବାଲି ବଜାରରେ ବଂଦ ରଖିବା ସହ ଚାନ୍ଦବାଲି ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ,ଚାନ୍ଦବାଲି କୋର୍ଟ, ଚାନ୍ଦବାଲି ବଜାର, ମତୋ ବଜାର, ଘଣ୍ଟେଶ୍ୱର ବଜାର, ଯଶିପୁର ବଜାର, ଧାମରା ବଜାର, ଚାନ୍ଦବାଲି ମହାବିଦ୍ୟାଳୟ, ମତୋ ମହାବିଦ୍ୟାଳୟ, ଘଣ୍ଟେଶ୍ୱର ମହାବିଦ୍ୟାଳୟ, ଚାନ୍ଦବାଲି ବ୍ଲକର ସମସ୍ତ ରେଭିନ୍ୟୁ କାର୍ଯ୍ୟାଳୟ, ଚାନ୍ଦବାଲି ବ୍ଲକର ସମସ୍ତ ଫେରିଘାଟ ବଂଦ ରହିଥିଲା । ଏହି ବଂଦ ଆନ୍ଦୋଳନରେ ସିପିଆଇ(ଏମ) ଭଦ୍ରକ ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ସିଆଇଟିୟୁ ଚାନ୍ଦବାଲି ବ୍ଲକ ସଭାପତି ମଳୟ ଭୋଇ, ସିପିଆଇ ର ଯୁବ ନେତା ଗୌରହରି ମିଶ୍ର, ସିପିଆଇ ଜୋନ୍ ସଂପାଦକ ଅନନ୍ତ ପ୍ରସାଦ ମହାନ୍ତି , ସିପିଆଇ(ଏମ) ଚାନ୍ଦବାଲି ଆଞ୍ଚଳିକ କମିଟି ସଂପାଦକ ଗୌରାଙ୍ଗ ଯେନା, ଶ୍ରମିକ ନେତା ଘନଶ୍ୟାମ ଦାସ, ଜୟପ୍ରକାଶ ମହାନ୍ତି, ଦିବାକର ସେନାପତି, ଜୟୀରାମ ଦାସ, ଯୁବ ନେତା ଅଞ୍ଜନ ଦାସ, ହାକିମ ଦାସ, ପ୍ରତାପ ମହାଳିକ, ସୁଶାନ୍ତ ସେଠୀ, ଭାଗିରଥି ରାଉତ, ଅମରେନ୍ଦ୍ର ମହାନ୍ତି, ଗଙ୍ଗାଧର ମହାଳିକ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ରାଶିଫଳ

ଗୁରୁବାର, ୧୦ ଜୁଲାଇ ୨୦୨୫



**ମେଷ:** ଏହି ରାଶିର ବ୍ୟକ୍ତିମାନେ ସମ୍ପତ୍ତି ସହିତ ଜଡିତ କୌଣସି ବଡ଼ ଲାଭ ପାଇପାରିବେ। ସମ୍ପତ୍ତି କାର୍ଯ୍ୟରେ ନିରନ୍ତର ସଫଳତା ହାସଲ ହେବ। ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ। ଆପଣ ଲଗାଇଥିବା ପ୍ରୟାସ ଏହାର ସଠିକ୍ ଫଳାଫଳ ପାଇବ। ରୋଜଗାର ବୃଦ୍ଧି ହେବାର ସମ୍ଭାବନା ଅଛି।




**ବୃଷ:** ଏହି ରାଶି ଥିବା ବ୍ୟକ୍ତିମାନେ ଆଜି ସେମାନଙ୍କ କାର୍ଯ୍ୟରେ ନିୟୋଜିତ ହେବେ। ଛାତ୍ରମାନେ ଶିକ୍ଷା କ୍ଷେତ୍ରରେ ସଫଳ ହେବେ। ପ୍ରଭାବଶାଳୀ ଲୋକମାନେ ମାର୍ଗ ଦର୍ଶନ ପାଇ ପାରିବେ। ମସ୍ତିଷ୍କରେ ନୂତନ ଚିନ୍ତାଧାରା ସୃଷ୍ଟି ହୋଇପାରେ। ଆପଣ ସାମାଜିକ କ୍ଷେତ୍ରରେ ସମ୍ମାନ ପାଇବେ।



**ମିଥୁନ:** ଏହି ରାଶିର ଲୋକମାନେ କେବଳ କମ୍ ପରିଶ୍ରମ ସହିତ କାର୍ଯ୍ୟ ହାସଲ କରିବେ। ଦୀର୍ଘ ଦିନ ଧରି ଅଟକି ରହିଥିବା କାର୍ଯ୍ୟ ସମାପ୍ତ ହେବ। ଚାକିରି କ୍ଷେତ୍ରରେ ସହକର୍ମୀମାନେ ଆପଣଙ୍କୁ ସମ୍ପୂର୍ଣ୍ଣ ସମର୍ଥନ କରିବେ।



**କର୍କଟ:** ଏହି ବ୍ୟକ୍ତିମାନେ ଭାଇମାନଙ୍କର ସମ୍ପୂର୍ଣ୍ଣ ସମର୍ଥନ ପାଇବେ। ବ୍ୟବସାୟ ଗତିଶୀଳ ହୋଇପାରେ। ପୁଞ୍ଜି ବିନିଯୋଗ ସମ୍ବନ୍ଧୀୟ କାର୍ଯ୍ୟରେ ଆବଶ୍ୟକୀୟ ଲାଭ ପାଇବା ସମ୍ଭାବନା ଅଛି। ପୁରୁଣା ସାଙ୍ଗମାନଙ୍କୁ ଭେଟିବାର ସମ୍ଭାବନା ଅଛି।



**ସିଂହ:** ଏହି ବ୍ୟକ୍ତିମାନେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହ ଯୋଗାଯୋଗ କରିପାରିବେ। ଆପଣ ଏକ ନୂତନ କାର୍ଯ୍ୟ ଆରମ୍ଭ କରିବେ। ହଠାତ୍ ଟେଲି ଯୋଗାଯୋଗ ମାଧ୍ୟମରେ କିଛି ଭଲ ଖବର ପାଇବାର ସମ୍ଭାବନା ଅଛି। ଆୟ ରହିବ। ଶତ୍ରୁମାନେ ସକ୍ରିୟ ରହିବେ, ତେଣୁ ସତର୍କ ରୁହନ୍ତୁ। ଆଜି କୌଣସି ପ୍ରକାରର ବିତର୍କକୁ ଉତ୍ସାହିତ କରନ୍ତୁ ନାହିଁ।




**କନ୍ୟା:** ଏହି ରାଶି ଥିବା ଲୋକମାନେ ଭାଗ୍ୟ ଦ୍ୱାରା କରାଯାଇଥିବା ପ୍ରୟାସର ଉପଯୁକ୍ତ ଫଳାଫଳ ପାଇବେ। ଆପଣ ଏକ ଲାଭଜନକ ଯାତ୍ରାକୁ ଯାଇପାରିବେ। ଯଦି ଆପଣ କୌଣସି ସ୍ଥାନରେ ବିନିଯୋଗ କରିବାକୁ ଯୋଜନା କରୁଛନ୍ତି, ତେବେ ଭଲ ଭାବରେ ଚିନ୍ତା କରନ୍ତୁ।



**ତୁଳା:** ଏହି ଲୋକଙ୍କ ଆର୍ଥିକ ସ୍ଥିତିରେ ବହୁତ ଉନ୍ନତି ହେବାର ସମ୍ଭାବନା ଅଛି। ଅନେକ ଉପାୟରେ ଲାଭ ପାଇବାର ଲକ୍ଷଣ ଅଛି। ଆପଣ ଏକ ବଡ କାର୍ଯ୍ୟ କରିବାକୁ ସମର୍ଥ ହୋଇପାରନ୍ତି। ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ। ଆପଣଙ୍କ ମନ ବହୁତ ଖୁସି ହେବ। ଆପଣ ଭଲ ପ୍ରକୃତି ଅନ୍ୟମାନଙ୍କୁ ପ୍ରଭାବିତ କରିପାରିବ।



**ବିଛା:** ଏହି ବ୍ୟକ୍ତିମାନେ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନିଷ୍ପତ୍ତି ନେବାବେଳେ ତତ୍ପର ହୁଅନ୍ତି ନାହିଁ, ନଚେତ୍ କ୍ଷତି ହୋଇପାରେ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଦେଇ ଗତି କରିବାକୁ ପଡିବ। ବ୍ୟବସାୟ ଭଲ ହେବ। ଯାନବାହାନ ଏବଂ ଯନ୍ତ୍ରପାତି ବ୍ୟବହାରରେ ଅବହେଳା କର ନାହିଁ, ନଚେତ୍ ଏହା ଅସମ୍ଭବ ହୋଇପାରେ।



**ଧନୁ:** ଚାକିରିଆ ଲୋକଙ୍କୁ ଅଫିସରେ ପରିଚାଳନା କରିବାକୁ ପଡିବ କାରଣ ଗୁପ୍ତ ଶତ୍ରୁମାନେ ଆପଣଙ୍କୁ ହଇରାଣ କରିବାକୁ ଚେଷ୍ଟା କରିବେ। ରାଜନୀତି କ୍ଷେତ୍ର ସହିତ ଜଡିତ ଲୋକମାନେ ସଫଳତା ପାଇବେ। ଆପଣ ଆପଣଙ୍କ ଯୋଜନା ଉପରେ ଧ୍ୟାନ ଦିଅନ୍ତୁ। ନକାରାତ୍ମକ ଚିନ୍ତାଧାରା ଆପଣଙ୍କୁ ପ୍ରାଧାନ୍ୟ ଦେବାକୁ ଦିଅନ୍ତୁ ନାହିଁ। ପୁରୁଣା ଜିନିଷକୁ ନେଇ ଚିନ୍ତା ଏବଂ ଟେନସନ ବୃଦ୍ଧି ପାଇପାରେ। ପାରିବାରିକ ପରିବେଶ ଭଲ ରହିବ।



**ମକର:** ଏହି ରାଶିର ଲୋକଙ୍କ ଅପଚୟ ଖର୍ଚ୍ଚରେ ବୃଦ୍ଧି ଘଟିବ, ଯେଉଁ କାରଣରୁ ବଜେଟ୍ ନଷ୍ଟ ହୋଇପାରେ। ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ। ଆପଣଙ୍କର କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବିଳମ୍ବ ହୋଇପାରେ, ଯାହା ପାଇଁ ଆପଣ ବହୁତ ଚିନ୍ତିତ ହେବେ। ଚାକିରି କ୍ଷେତ୍ରରେ ଅଧିକ କାର୍ଯ୍ୟ ଭାର ରହିବ। ଧର୍ଯ୍ୟର ଅଭାବ ରହିବ। ଆପଣ ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ବିଷୟରେ ଖରାପ ଅନୁଭବ କରିପାରନ୍ତି।



**କୁମ୍ଭ:** ଏହି ରାଶିର ଲୋକମାନେ ସେମାନଙ୍କର ଟଙ୍କା ଫେରସ୍ତ ପାଇ ପାରିବେ। ଆପଣ ଏକ ଲାଭଜନକ ଯାତ୍ରାକୁ ଯାଇପାରିବେ। ଲାଭ ପାଇଁ ଅନେକ ସୁଯୋଗ ହାତକୁ ଯିବ। ଘର ବାହାରେ ଖୁସିର ପରିବେଶ ରହିବ। ଆପଣଙ୍କର ଉତ୍ସାହ ବୃଦ୍ଧି ପାଇବ। ଚାକିରି କ୍ଷେତ୍ରରେ, ଆପଣ ସମସ୍ତ କାର୍ଯ୍ୟ ଠିକ୍ ସମୟରେ ସମାପ୍ତ କରିପାରିବ।



**ମୀନ:** ଏହି ଲୋକଙ୍କ ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜିତ ହୋଇପାରିବ। ଅବିବାହିତ ଲୋକମାନେ ବିବାହ ପ୍ରସ୍ତାବ ପାଇବାର ସମ୍ଭାବନା ଅଛି। ଚାକିରିରେ ପଦୋନ୍ନତି ଇତ୍ୟାଦି ମିଳିପାରିବ। ସାମାଜିକ କ୍ଷେତ୍ରରେ ସମ୍ମାନ ବୃଦ୍ଧି ପାଇବ। ଆପଣ ବ୍ୟବସାୟରେ ଲାଭବାନ ହେବାର ସମ୍ଭାବନା ଅଛି। ଆପଣ ପ୍ରଭାବଶାଳୀ ବ୍ୟକ୍ତିଙ୍କଠାରୁ ମାର୍ଗଦର୍ଶନ ପାଇବେ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ (ଭାସ୍କର ନ୍ୟୁଜ୍): ଓଡ଼ିଶା ଡ୍ରାଇଭର ମହାସଂଘର ୭ ଦଫା ଦାବି ନେଇ ରାଜ୍ୟବ୍ୟାପୀ ମଙ୍ଗଳବାର ଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଷ୍ଟିଅରିଂ ଛାଡ ଆନ୍ଦୋଳନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ନବରଙ୍ଗପୁର ଜିଲ୍ଲା ଉମରକୋଟ ସ୍ଥିତ ଚିକଲପଦର କାର୍ଯ୍ୟାଳୟ ଠାରେ ସମସ୍ତ ଡ୍ରାଇଭର ମହାସଂଘ ସଦସ୍ୟ ମାନେ ଷ୍ଟିଅରିଂ ଛାଡ କରି ଆନ୍ଦୋଳନ କରିଛନ୍ତି। ଡ୍ରାଇଭର ମହାସଂଘ ସମସ୍ତ ସଦସ୍ୟ ମାନେ ସକାଳୁ ଏକତ୍ରିତ ହୋଇ ନାରାବାଜି ଦେଇ ସମସ୍ତ ଦାବି ଗୁଡିକୁ ମାନିବା ପାଇଁ ଅନୁରୋଧ କରିଛନ୍ତି।ଆନ୍ଦୋଳନ ସମୟରେ ଜରୁରୀକାଳୀନ ସେବାରେ ଡ୍ରାଇଭରମାନଙ୍କୁ ଛାଡ଼ି, ବସ୍, ଟ୍ରକ୍ ଏବଂ ଅଟୋ-ରିକ୍ସା ସମେତ ଅନ୍ୟ ସମସ୍ତେ ସେମାନଙ୍କର ଦାବି ପୂରଣ ନହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଛନ୍ତି । ଏଥିସହିତ ଅଟୋ ଚାଳକଙ୍କୁ ଡ୍ରାଇଭର କଲ୍ୟାଣ ସଂଘରେ ସାମିଲ କରିବା, ୬୦ ବର୍ଷ ବୟସ ପରେ ପରେ ଡ୍ରାଇଭରଙ୍କୁ ଭତ୍ତା, ୧୦୦ କିଲୋମିଟର ଅନ୍ତରରେ ପାର୍କିଂ ଓ ଶୌଚାଳୟର ବ୍ୟବସ୍ଥା, ୧ ସେପ୍ଟେମ୍ବରକୁ ଡ୍ରାଇଭର ଦିବସ ରୂପେ ଘୋଷଣା କରାଯାଉ ବୋଲି କହିଛନ୍ତି ଏହିଭଳି ୭ ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରୁଛି ଡ୍ରାଇଭର ସଂଘ ।

# ଡାକ୍ତର ନାହାଁନ୍ତି, ରୋଗୀସେବା ବାଧାପ୍ରାପ୍ତ

## ନାଁକୁ ଖାଲି ସରକାରୀ ଡାକ୍ତରଖାନା

କନ୍ଧମାଳ(ଭାସ୍କର ନ୍ୟୁଜ୍):କନ୍ଧମାଳ ଜିଲ୍ଲା ସଦର ମହକୁମାର ଫୁଲବାଣୀ ମୁଖ୍ୟ ଡାକ୍ତରଖାନା ନାମକୁ ମାତ୍ର ସରକାରୀ ମାନ୍ୟତା ପାଇଥିବା ଏବେ ସାଧାରଣରେ ଚର୍ଚ୍ଚା ହେଉଥିବା ବେଳେ ଡାକ୍ତର ଓ ଆସିଷ୍ଟାଣ୍ଟ ଡାକ୍ତରଙ୍କ ଅଭାବ ଫଳରେ ସଦାସର୍ବଦା ରୋଗୀ ସେବା ବାଧାପ୍ରାପ୍ତ ଯୋଗୁଁ ନାମକୁ ମାତ୍ର ସରକାରୀ ବୋଲି ପ୍ରମାଣ ଦେଇଥିବା ମଧ୍ୟ ଚର୍ଚ୍ଚାର ବିଷୟ ପାଲଟିଛି । ଦେଖିବାକୁ ମିଳୁଛି ଯେ ସାଧାରଣ ବାହ୍ୟ ବିଭାଗ ୪ ଗୋଟି ରହିଥିବାବେଳେ ସେଥିମଧ୍ୟରୁ ୧୦ ନମ୍ବର ଓ ୧୨ ନମ୍ବରଟି ବନ୍ଦ ରହୁଥିବାର ଦେଖିବାକୁ ମିଳିଥିବାବେଳେ ୧୧,୧୩ ନମ୍ବର ସାଧାରଣ ବାହ୍ୟ ବିଭାଗ ଟି ଖୋଲା ରହୁଥିବାର ଦେଖିବାକୁ ମିଳିଛି । ସେଠାରେ ଦୁଇଜଣ ଡାକ୍ତର ରହିବା ବଦଳରେ ଅଧିକାଂଶ ସମୟ ଗୋଟିଏ ଡାକ୍ତର କିମ୍ବା ଜଣେ ଆସିଷ୍ଟାଣ୍ଟ ଡାକ୍ତର ରହୁଥିବାର ଦେଖିବାକୁ ମିଳୁଛି । କିନ୍ତୁ ଅନ୍ୟ ଦୁଇଟି ବିଭାଗରେ କୌଣସି ଡାକ୍ତର କିମ୍ବା ଆସିଷ୍ଟାଣ୍ଟ ଡାକ୍ତର ରହୁ ନ ଥିବାର ଦେଖିବାକୁ ମିଳୁଛି । ୧୦ ନମ୍ବର ସାଧାରଣ ବାହ୍ୟ ବିଭାଗଟି ସମ୍ପୂର୍ଣ୍ଣ ବନ୍ଦ ରହୁଥିବା ମଧ୍ୟ ଦେଖିବାକୁ ମିଳିଛି । ଅପର ପକ୍ଷରେ ଅନ୍ୟ ଯେଉଁ ତିନୋଟି ବିଭାଗ ରହିଛି ସେଥିରେ ଜଣେ ଲେଖାଏଁ ଡାକ୍ତର ରହୁଥିବାର ଅଧିକାଂଶ ସମୟ ଦେଖିବାକୁ ମିଳୁଥିବା ବେଳେ ଏଥି ମଧ୍ୟରେ କେଉଁ ଦିନ କେଉଁ କେଉଁ ଡାକ୍ତର ରହୁଛନ୍ତି ସେହି ଡାକ୍ତର ବା ଆସିଷ୍ଟାଣ୍ଟ ପ୍ରଫେସର ରହୁଛନ୍ତି ସେହିମାମାନଙ୍କର ନାମ ଲେଖାଯାଉନାହିଁ କିନ୍ତୁ କେତେ ସମୟରୁ କେତେ ସମୟ ଡାକ୍ତର ଡିୟୁଟି କରିବେ ସେହି ସମୟ ଲେଖାଯାଇଛି। କହିବାକୁ ଗଲେ ଡାକ୍ତର, ଆସିଷ୍ଟାଣ୍ଟ ପ୍ରଫେସର ଲିଖିତ ସମୟ ଅନୁସାରେ ନ ରହି ବିଭିନ୍ନ ପ୍ରାଇଭେଟ କ୍ଲିନିକରେ ଯାଇ ରୋଗୀସେବା କରୁଥିବାର ଦେଖିବାକୁ ମିଳିଛି। ଯାହାକୁ ନେଇ ଜନସାଧରଣ ରେ ବେଶଚର୍ଚ୍ଚା ହେଉଛି। ଏପରି ଅବ୍ୟବସ୍ଥା ଫଳରେ ରୋଗୀ ହେଉ ବା ସାଧାରଣ ଜନତା ରୋଗୀ ସେବା ପାଇବାରେ ବ୍ୟାହତ ଘଟୁଥିବା ଓ ସରକାରୀ ମାନ୍ୟତା ଡାକ୍ତରଖାନାରେ ଠିକ ଭାବରେ ସେବା ଦେଉନଥିବାର ସାଧାରଣରେ ଚର୍ଚ୍ଚା ହେଉଛି । ଅପର ପକ୍ଷରେ ମାସକରେ କିଛି ଦିନ ଚିକିତ୍ସାଳୟରେ ଅଧିକାଂଶ ଡାକ୍ତର, ଆସିଷ୍ଟାଣ୍ଟ ପ୍ରଫେସର କାର୍ଯ୍ୟ ନ କରି ପାଳି କରି ଅଧିକାଂଶ ଦିନ ଗୁଡ଼ିକରେ ଛୁଟିରେ ରହିବା ଓ କ୍ଲିନିକ୍ ମାନଙ୍କୁ ଅଧିକ ପ୍ରାଧାନ୍ୟ ଦେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏହାକୁ ନେଇ ରୋଗୀସେବା ବ୍ୟାହତ ହେବା ସହିତ ଜିଲ୍ଲା ମୁଖ୍ୟ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟ ଉପରେ ରୋଗୀଙ୍କ ତଥା ସାଧାରଣ ଲୋକଙ୍କ ଭରସା କମିବାରେ ଲାଗିଛି। ସାଧାରଣ ଲୋକ ବା ରୋଗୀ ବାଧ ହୋଇ ନିଜ ଜୀବନକୁ ସୁରକ୍ଷିତ ରଖିବା ପାଇଁ ଅନ୍ୟ ଜିଲ୍ଲାର ଚିକିତ୍ସାଳୟ ଆଶ୍ରୟ ନେବା ସହ ଏବଂ କ୍ଲିନିକ୍ ମାନଙ୍କ ଉପରେ ନିର୍ଭର କରୁଥିବା ସାଧାରଣରେ ଚର୍ଚ୍ଚା ହେଉଥିବା ଜଣାପଡିଛି । କନ୍ଧମାଳ ଜିଲ୍ଲା ଏକ ଅନୁନ୍ନତ ଜିଲ୍ଲା ହୋଇ ଥିବାରୁ ଏଠାକୁ ଭଲ ଡାକ୍ତର,ଆସିଷ୍ଟାଣ୍ଟ ପ୍ରଫେସର ଆସୁଛନ୍ତି ସତ, କିନ୍ତୁ ଡକ୍ଟର,ଆସିଷ୍ଟାଣ୍ଟ ପ୍ରଫେସର ଙ୍କ କାର୍ଯ୍ୟ ଶୈଳୀ ବାଟମାରଣା ହେଉଥିବା ଜଣାପଡିଛି । ଯାହାଫଳରେ ରୋଗୀସେବା ବାଧାପ୍ରାପ୍ତ। ଉତ୍ତମ ସେବା ନ ଦେବା ରେ ମୃତ୍ୟୁମୁଖରେ ରୋଗୀ ପଡୁଥିବା କନ୍ଧମାଳର ମୁଖ୍ୟ ଚିକିତ୍ସାଳୟ ସହିତ ତଥା କନ୍ଧମାଳର ଅନ୍ୟ ଚିକିତ୍ସାଳୟ ମାନଙ୍କରେ ମଧ୍ୟ ଏପରି ଦୃଶ୍ୟ ଦେଖିବାକୁ ମିଳୁଛି। ଡାକ୍ତର, ଆସିଷ୍ଟାଣ୍ଟ ପ୍ରଫେସର ପାଳି କରି ଡିୟୁଟି ଓ ଛୁଟି ନେଉଥିବାବେଳେ କାର୍ଯ୍ୟରେ ଖିଲାପ କରୁଥିବା ଉପରେ ବିଜେପି ସରକାର, ସ୍ୱାସ୍ଥ୍ୟମନ୍ତ୍ରୀ ଦୃଷ୍ଟି ଦେଲେ କନ୍ଧମାଳ ଜିଲ୍ଲା ରେ ରୋଗୀସେବା ଉତ୍ତମ ଉନ୍ନତମାନର ହୋଇପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

# ଧୋବାବନ୍ଧ ପୁନରୁଦ୍ଧାର ସହ ଉଦ୍‌ଘାଟିତ

ପାରଳାଖେମୁଣ୍ଡି(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ସ୍ଥିତ ରେଲୱେ ଷ୍ଟେସନ ନିକଟବର୍ତ୍ତୀ ଶାନ୍ତି ନଗର ପାଖରେ ଥିବା ଧୋବା ବନ୍ଧର ପୁନରୁଦ୍ଧାର କରିବା ସହ ଉଦଘାଟନ କରିଥିଲେ ପାରଳା ବିଧାୟକ ଶ୍ରୀ ଇଂ ରୁପେଶ କୁମାର ପାଣିଗ୍ରାହୀ । ଏହି ଉଦ୍‌ଘାଟନରେ ବିଧାୟକ ସହ ହାଇଟେକ ଗ୍ରୁପ ଅଧ୍ୟକ୍ଷ ଡ଼ଃ. ତିରୁପତି ପାଣିଗ୍ରାହୀ, ଜିଲ୍ଲା ବିଜୁ ଜନତା ଦଳର ସଭାପତି ପ୍ରଦୀପ ନାୟକ, ଜି.ତିରୁପତି ରାଓ, ପୌରପରିଷଦ ଅଧ୍ୟକ୍ଷା ନିର୍ମଳା ସେଠୀ,ପୌରପରିଷଦ ଉପାଧ୍ୟକ୍ଷ ଲେଙ୍କା ମଧୁ, କାଶୀନଗର ବ୍ଲକ ଅଧ୍ୟକ୍ଷା ବଲାସାୟାମ୍ମା,ଏନଏସି କାଶୀନଗର ଉପାଧ୍ୟକ୍ଷ ରଘୁରାମ ସାହୁ,ଗୋଷାଣୀ ବ୍ଲକ ଅଧ୍ୟକ୍ଷ ଏନ.ଭୀରରାଜୁ, ଗୋଷାଣୀ ଜିଲ୍ଲାପରିଷଦ ଏସ.ବାଲାରାଜୁ,ଗୁମ୍ମା ବ୍ଲକ ଉପାଧ୍ୟକ୍ଷ ଶ୍ରୀନିବାସ,ବରିଷ୍ଠ ବିଜୁ ଜନତା ଦଳର ନେତା ଗଜପତି ରାଓ ଓ ଲକ୍ଷ୍ମୀ ପରିଚ୍ଛା ଏବଂ ସମସ୍ତ କଉଁସେଲର ପ୍ରମୁଖ ଉପସ୍ଥିତ ଥିଲେ ।

# ମିଥ୍ୟା ବିଲ୍ କରି ଟଙ୍କା ଆତ୍ମସାତ୍

## ତଦନ୍ତ ପାଇଁ ଜିଲ୍ଲାପାଳଙ୍କୁ ଅଭିଯୋଗ

ବୌଦ୍ଧ(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ପ୍ରତ୍ୟେକ କାର୍ଯ୍ୟରେ ସ୍ୱଚ୍ଛତା ରଖିବା ପାଇଁ ତଳୁ ଉପର ପର୍ଯ୍ୟନ୍ତ ଅଧିକାରୀ ନିଯୁକ୍ତ କରିଛନ୍ତି। ହେଲେ ମଧ୍ୟ ଅଧିକାରୀଙ୍କ ଲାଭଖୋର ମନୋଭାବ ଯୋଗୁଁ ଯୋଜନାର ସ୍ୱଚ୍ଛତା ନେଇ ଉଠିଛି ପ୍ରଶ୍ନବାଚୀ। ଏଭଳି ଏକ ଦୁର୍ନୀତି ବୌଦ୍ଧ ବ୍ଲକ ଅନ୍ତର୍ଗତ ଖୁଣ୍ଟବନ୍ଧ ପଂଚାୟତରେ ହୋଇଛି। ଯାହାର ତଦନ୍ତ ପାଇଁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରାମ୍ୟ ବିକାଶ ପରିଷଦ, ବୁରକଟାର ସଭାପତି ସୁଧାଂଶୁ ଶେଖର ମିଶ୍ର ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ୨୦୨୧ ମସିହାରେ ଖୁଣ୍ଟବନ୍ଧ ପଞ୍ଚାୟତର ଗୋବିନ୍ଦପୁର ମଙ୍ଗଳା ମନ୍ଦିରଠାରୁ ମହାନଦୀ ଫେରିଘାଟର ଉନ୍ନତିକରଣ ପାଇଁ ତତ୍କାଳୀନ ପିଇଓ ୮୪ ହଜାର ୪୪୩ ଟଙ୍କା, ଖୁଣ୍ଟବନ୍ଧ ଚରଦା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ରାସ୍ତାରୁ ବ୍ରହ୍ମଚାରୀ ରାସ୍ତାର ଉନ୍ନତିକରଣ ପାଇଁ ୮୪ ହଜାର ୪୪୩ ଟଙ୍କା, ସେହିପରି ପୋଲାମ ଗାଁ ମୁଣ୍ଡରୁ ସାଲୁଙ୍କି ରାସ୍ତାର ଉନ୍ନତିକରଣ ପାଇଁ ୮୪ ହଜାର ୪୪୩ ଟଙ୍କା ନିଜ ଏକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ। ତେବେ ଏହି ତିନିଟି ରାସ୍ତାର ମୁଠାଏ ମଧ୍ୟ ମାଟି ପଡ଼ିନାହିଁ। ଏହି ମିଥ୍ୟା ବିଲର ତତ୍କାଳୀନ ସରପଞ୍ଚ ମିତ୍ରଭାନୁ ପ୍ରଧାନ ଜିଲ୍ଲାପାଳ, ବିଡ଼ିଓ, ପଂଚାୟତରାଜ ବିଭାଗକୁ ପଂଚାୟତ ପ୍ୟାଡରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଫଳରେ ଶ୍ରୀ ମିଶ୍ର ଏହାର ତଦନ୍ତ ପାଇଁ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ତୁରନ୍ତ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ସହକାରୀ ନିର୍ବାହୀ ଯନ୍ତ୍ରୀ ସ୍ୱାଧୀନ କୁମାର ଦାସଙ୍କୁ ଯୋଗାଯୋଗ କରିବାରୁ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

# ଭାରତୀୟ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଆର୍ଥିକ ସ୍ୱାକ୍ଷରତା ସଚେତନତା




ମାଲକାନଗିରି (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବିବେକାନନ୍ଦ ବିଜ୍ଞାନ ମହାବିଦ୍ୟାଳୟ ଠାରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ତରଫରୁ ଏକ ଦିବସୀୟ ସଚେତନ ସଭା ଅନୁଷ୍ଠିତ ହୋଇଛି। ଏହି ସଭାକୁ ସୁନୀଲ ସରକାର ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ରୂପେ ମାଲକାନଗିରି ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ମୁଖ୍ୟ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ଯୋଗଦାନ କରି ବ୍ୟାଙ୍କର ବିଭିନ୍ନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ରୂପେ ଚକ୍ରଧର ନାୟକ, ଏଲ.ଡି.ଏମ୍, ଭାରତୀୟ ଷ୍ଟେଟ ବ୍ୟାଙ୍କ ମାଲକାନଗିରି ଯୋଗଦାନ କରି ଅଟଳ ପେନସନ ଜୀବନ ବୀମା ଏବଂ ପାଠପଢା ଋଣ ବିଷୟରେ ଆଲୋଚନା କରିଥିଲେ । ସମ୍ମାନୀତ ଅତିଥି ରୂପେ ଏଫ.ଏଲ.ସି ହରିନାଥ ପଣ୍ଡା ବ୍ୟାଙ୍କର କିପରି ଠକେଇରୁ ଦୂରେଇ ରହିବେ ସେ ବିଷୟରେ ଆଲୋଚନା କରିଥିଲେ। ଅଧ୍ୟକ୍ଷ ଡାନିଏଲ ସରକାର ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୮୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦାନ କରି ବିଭିନ୍ନ ପ୍ରକାର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ସମସ୍ତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସଭା ଶେଷରେ କେନାରାମ ସରକାର, ଏମ୍.ଡି ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା।

# ବ୍ରାହ୍ମଣ ଜାତିକୁ ଆକ୍ଷେପ ପ୍ରତିବାଦରେ ଥାନାରେ ଏତଲା

ମୋହନା(ଭାସ୍କର ନ୍ୟୁଜ୍): ବ୍ରାହ୍ମଣ ଜାତିକୁ ଆକ୍ଷେପ ଓ କଟୁ ମନ୍ତବ୍ୟ ଦେବା ପ୍ରତିବାଦରେ ମଙ୍ଗଳବାର ମଧ୍ୟାହ୍ନରେ ମୋହନା ଥାନାରେ ଲିଖିତ ଅଭିଯୋଗ ଦେଇଛନ୍ତି ସ୍ଥାନୀୟ ବ୍ରାହ୍ମଣ ସମାଜ କର୍ମକର୍ତ୍ତା। ଗଜପତି ଜିଲ୍ଲା ମୋହନାରେ ଚଳିତ ମାସ ୧ ତାରିଖରେ ବିଭିନ୍ନ ସଙ୍ଗଠନ ଓ ମୋର୍ଚ୍ଚା ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଥିଲା।ଏହି ଭାରତ ବନ୍ଦ ଡାକରାରେ ରାଷ୍ଟ୍ରୀୟ ଖ୍ରୀଷ୍ଟିଆନ ମୋର୍ଚ୍ଚାର କିଛି କର୍ମୀ ବିଜେପି,ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଓ ବ୍ରାହ୍ମଣ ସମାଜ (ଜାତି)କୁ ଆକ୍ଷେପ ଓ କଟୁ ମନ୍ତବ୍ୟ ଦେଇ କହିଥିଲେ , ଆମେ ମୂଳ ନିବାସୀ ଓ ବ୍ରାହ୍ମଣମାନେ ବିଦେଶରୁ ଆସିଛନ୍ତି ସେମାନେ ଦଳିତ ଓ ପଛୁଆ ବର୍ଗଙ୍କୁ ତଳି ତଳାନ୍ତ କରୁଛନ୍ତି। ଏମାନେ ଦଙ୍ଗା ସୃଷ୍ଟିକାରୀ ବୋଲି କହିଥିଲେ। ଏହା ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ମୋହନା ବ୍ରାହ୍ମଣ ସମାଜ ଏହାକୁ ତୀବ୍ର ବିରୋଧ କରିବା ସହ ଏଭଳି ମନ୍ତବ୍ୟକୁ ଦୃଢ଼ ପ୍ରତିବାଦ କରି ବ୍ରାହ୍ମଣ ସମାଜ ବିରୋଧରେ ଏଭଳି ବିଭ୍ରାନ୍ତିକର ମନ୍ତବ୍ୟ ଦେଇଥିବା ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରିବା ନେଇ ଦାବି କରିଛନ୍ତି।ଏହା କରାନଗଲେ ଏହି ଆନ୍ଦୋଳନ ଜିଲ୍ଲା ଓ ସାରା ରାଜ୍ୟକୁ ବ୍ୟାପିବା ସହ ଆନ୍ଦୋଳନ ବ୍ୟାପକ ହେବ ବୋଲି କାର୍ଯ୍ୟକର୍ତ୍ତା ଓ ସଦସ୍ୟମାନେ ଚେତାବନୀ ଦେଇଛନ୍ତି। ବ୍ରାହ୍ମଣ ସମାଜର ସଭାପତି ବରିଷ୍ଠ ଓକିଲ ସନ୍ତୋଷ କୁମାର ପାଢ଼ୀଙ୍କ ନେତୃତ୍ୱରେ ମୋହନାରେ ବସବାସ କରୁଥିବା ଶତାଧିକ ବ୍ରାହ୍ମଣ ମା'ତାରିଣୀଙ୍କ ମନ୍ଦିରରେ ଏକତ୍ରିତ ହୋଇ ବୈଠକ କରାଯିବା ପରେ ଥାନାକୁ ଆସି ଦୋଷୀ ପ୍ରତି ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଥାନା ଅଧିକାରୀଙ୍କୁ ଲିଖିତ ଅଭିଯୋଗ ଦେଇଛନ୍ତି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ, ସାଂସଦ, ବିଧାୟକ, ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଓଡ଼ିଶା ବ୍ରାହ୍ମଣ ମହାସଂଘ, ଜିଲ୍ଲା ବ୍ରାହ୍ମଣ ସଂଘଙ୍କୁ ସଂଘ ପକ୍ଷରୁ ଲିଖିତ ଅଭିଯୋଗ କରାଯାଇଛି।

# ନିଖିଳ ଓଡ଼ିଶା ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ନୂତନ କର୍ମକର୍ତ୍ତା ଚୟନ




ମୁନିଗୁଡ଼ା (ଭାସ୍କର ନ୍ୟୁଜ୍): ରାୟଗଡ଼ା ଜିଲ୍ଲାରେ ଜିଲ୍ଲା ସ୍ତରୀୟ ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଘର ନୂତନ କାର୍ଯ୍ୟକର୍ତ୍ତା ଚୟନ ସହ ଜିଲ୍ଲାର ୧୧ ଗୋଟି ବ୍ଲକରେ କାର୍ଯ୍ୟରତ ପଞ୍ଚାୟତ ନିର୍ବାହୀ ଅଧିକାରୀ ମାନେ କୋଲନରା ବ୍ଲକର ମୁକୁନ୍ଦପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଏକତ୍ରିତ ହୋଇ ଜିଲ୍ଲାସ୍ତରୀୟ ସଂଘର ନୂତନ କର୍ମକର୍ତ୍ତା ଚୟନ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ମଧ୍ୟ ଅବସର କାଳୀନ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ସଂଘ ଗଠନ ଓ ଅବସରକାଳୀନ ସମ୍ବର୍ଦ୍ଧନା ଉଭୟ କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ତଥା ବର୍ତ୍ତମାନ ସଂଘର ଉପଦେଷ୍ଟା ପି. ଦିବାକର ରାଓଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସଭା ରେ ଉପସ୍ଥିତ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ସର୍ବ ସମ୍ମତି କ୍ରମେ ମଳୟ ନାୟକଙ୍କୁ ସଭାପତି ଭାବେ ଚୟନ କରିଥିଲେ। ମଦନ ମୋହନ ନାୟକଙ୍କୁ ଉପସଭାପତି,ସୁନୀଲ ବ୍ରହ୍ମାଙ୍କୁ ସମ୍ପାଦକ, ରାଧାଗୋବିନ୍ଦ ପାଣିଗ୍ରାହୀଙ୍କୁ ସହ ସମ୍ପାଦକ,ଚିତ୍ତରଞ୍ଜନ ଦେଓଙ୍କୁ କୋଷାଧ୍ୟକ୍ଷ, ରାୟଗଡ଼ା ଜୋନାଲ ସମ୍ପାଦକ ଭାବେ କୁମାରୀ ପଲ୍ଲବୀ ପ୍ରିୟନାଥଙ୍କୁ ଓ ଗୁଣୁପୁର ଜୋନାଲ ସମ୍ପାଦକ ଭାବେ ଅକ୍ଷୟ ବେହେରାଙ୍କୁ ଚୟନ କରାଯାଇଥିଲା, କାର୍ଯ୍ୟକାରୀ ସଦସ୍ୟ ଭାବେ ବିଜୟ ଲକ୍ଷ୍ମୀ ଶବର, ଆଶୁତୋଷ ପାଣିଗ୍ରାହୀ,ଗୌରାଙ୍ଗ କଦମ୍ବାଲୁ, ଗୁପ୍ତେଶ୍ୱର ପଟ୍ଟନାୟକ, କିଶୋର ଚନ୍ଦ୍ର ସାହୁ ସେହିପରି ଉପଦେଷ୍ଟା ଭାବେ ପୂର୍ବତନ ସମ୍ପାଦକ ମନୋରଞ୍ଜନ ପାତ୍ର ଓ ପୂର୍ବତନ ସଭାପତି ପି. ଦିବାକର ରାଓ ଓ ସମୀକ୍ଷକ ଭାବେ ବୁଦ୍ଧିଆ କଣ୍ଡାରାଙ୍ଗା, ପ୍ରକାଶ ଚନ୍ଦ୍ର ସାହୁକାରଙ୍କୁ ଚୟନ କରାଯାଇଥିଲା। ନବ ନିଯୁକ୍ତ ସଭାପତି ଶ୍ରୀ ନାୟକଙ୍କ ବଳିଷ୍ଠ ନେତୃତ୍ୱରେ ପ୍ରତିଶ୍ରୁତି ବଦ୍ଧ ହୋଇ ପଞ୍ଚାୟତ ସ୍ତରରେ ସମସ୍ତ ମୌଳିକ ଯୋଜନାକୁ କାର୍ଯ୍ୟକ୍ଷମ କରିବା ସହ ପଞ୍ଚାୟତବାସୀଙ୍କ ବିକାଶକୁ ଅଗ୍ରଗତି କରାଇବାରେ ଏକ ଅତୁଳନୀୟ ଭୂମିକା ନିର୍ବାହ କରିବା ପାଇଁ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ଶପଥ କରିଥିଲେ। ନୂତନ ସଭାପତି ଶ୍ରୀ ନାୟକ ମଧ୍ୟ ପଞ୍ଚାୟତର ବିକାଶ ଉପରେ ଗୁରୁତ୍ୱ ଦେବା ସହ ସଂଘକୁ ସୁଦୃଢ଼ କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯିବ ଏବଂ ଉପାନ୍ତ ତୃଣମୂଳ ସ୍ତରରେ ବିକାଶରଧାରାକୁ ଆଗେଇ ନେବା ସହ ପଞ୍ଚାୟତକୁ ନିଜ ଗାଁ ଭାବି କୋଳେଇ ନେବାକୁ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲ୍ଲାର ପ୍ରାୟ ସମସ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ଥାୟୀ ପ୍ରାଣୀ ନିରୀକ୍ଷକ ନିଯୁକ୍ତି ପାଇଁ ଜିଲ୍ଲାପାଳଙ୍କୁ ଅଭିଯୋଗ

ବୌଦ୍ଧ(ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ଗୋପାଳନ ପାଇଁ ବିଭିନ୍ନ ଯୋଜନା କରୁଛନ୍ତି। ଗୋ ସମ୍ପଦ ବୃଦ୍ଧି ପାଇଁ ମାଗଣା ଔଷଧ, ଗୋ ଖାଦ୍ୟ, ଗୁହାଳ ଆଦି ଯୋଗାଇ ଦେଉଛନ୍ତି। ହେଲେ ଆବଶ୍ୟକ ଚିକିତ୍ସା ପାଇଁ ପ୍ରାଣୀ ନିରୀକ୍ଷକ ନିଯୁକ୍ତି ଦେଉନଥିବାରୁ ଗୋ ପାଳକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ଜହ୍ନାପଙ୍କରେ ଥିବା ନାରାୟଣ ନଗର ପ୍ରାଣୀ ସହାୟକ କେନ୍ଦ୍ରରେ। ସୂଚନାଯୋଗ୍ୟ ଯେ ଏହି ପ୍ରାଣୀ ସହାୟକ କେନ୍ଦ୍ରରେ ଖୁଣ୍ଟବନ୍ଧ, ଲକ୍ଷ୍ମୀପ୍ରସାଦ, ପଦ୍ମନପୁର, ମୁଣ୍ଡାପଡା, ତେଲିବନ୍ଧ ଆଦି ପଂଚାୟତର ଗୋପାଳକ ମାନେ ନିର୍ଭର କରନ୍ତି। ଗତ ଜାନୁଆରୀ ମାସରୁ ଏଠାରେ ପ୍ରାଣୀ ନିରୀକ୍ଷକ ନଥିବାରୁ ମୁଣ୍ଡାପଡା ଦାୟିତ୍ୱରେ ଥିବା ପ୍ରାଣୀ ନିରୀକ୍ଷକଙ୍କୁ ଏହି କେନ୍ଦ୍ରର ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରାଯାଉଛି। ମୁଣ୍ଡାପଡା ପଂଚାୟତର ପରିସର ବିସ୍ତୀର୍ଣ୍ଣ ହୋଇ ଥିବାରୁ ସେ ଜହ୍ନାପଙ୍କ କେନ୍ଦ୍ରକୁ ସମୟ ଦେଇ ପାରୁନଥିବାରୁ ବିଭିନ୍ନ ସମୟରେ ଗୋପାଳକ ମାନେ ଗାଇ, ବଳଦ, ବାଛୁରୀ, ମେଣ୍ଢା ଓ ଛେଳି ଆଣି ଅପେକ୍ଷା କରି ଶେଷରେ ଘରକୁ ଯାଇ ଘରୋଇ ଚିକିତ୍ସା କରି ଖର୍ଚ୍ଚାନ୍ତ ହେବାକୁ ପଡୁଛି ବୋଲି ଜହ୍ନାପଙ୍କ, ବାଘପାଲି, ଚନ୍ଦ୍ରପୁର, ଜଗତି, ଗୁଡ଼ିଆଲି, କୁମ୍ଭର ସିଙ୍ଗା, କୁସୁମଝୁଲି, ପଦ୍ମନପୁର, ବୁଢୀପଦର, ପୋଡ଼ବଲସ ଆଦି ଗ୍ରାମର ଗୋପାଳମାନେ ସୋମବାର ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି।ଜିଲ୍ଲାପାଳ ତତ୍କାଳ ଏହାର ସମାଧାନ କରିବାକୁ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଯୁକ୍ତ ଦୁଇ ନାମଲେଖା ଆରମ୍ଭ



ଲକ୍ଷ୍ମୀପୁର (ଭାସ୍କର ନ୍ୟୁଜ୍): ମଙ୍ଗଳବାର ଲକ୍ଷ୍ମୀପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ଦୁଇ ନିମନ୍ତେ ନାମଲେଖା ଆରମ୍ଭ ହୋଇଛି।କଳା ବିଭାଗରେ ମୋଟ ୩୯, ବିଜ୍ଞାନରେ ୨୫ ଏବଂ ଧନ୍ଦାମୂଳକ ଶିକ୍ଷାରେ ୨୭ ଜଣ ନାମ ଲେଖାଇଛନ୍ତି। ମଙ୍ଗଳବାର ଡ୍ରାଇଭର ମାନଙ୍କ ଆନ୍ଦୋଳନ ଯୋଗୁ କୌଣସି ଯାନବାହାନ ଚଳାଚଳ ବନ୍ଦ ଥିବା ହେତୁ ବହୁତ ସଂଖ୍ୟକ ଛାତ୍ର ଛାତ୍ରୀ ଆସି ପାରି ନାହାନ୍ତି । କିନ୍ତୁ ଆସନ୍ତା କାଲି ସୁଦ୍ଧା ବହୁତ ଛାତ୍ର ଛାତ୍ରୀ ଉପସ୍ଥିତ ହୋଇ ନାମଲେଖାଇବେ ବୋଲି ଆଶା କରାଯାଉଛି ।ଅଧ୍ୟକ୍ଷ ଗିରିଜା ଚୌଧୁରୀ ତଦାରଖ କରୁଥିବା ବେଳେ ଅଧ୍ୟାପକ ଜଗନ୍ନାଥ ରଥ ନାମ ଲେଖା ଇନଚାର୍ଜ ଦାୟିତ୍ୱ ତୁଲାଇଥିଲେ।

# ଡ୍ରାଇଭର ସଂଘର ଆନ୍ଦୋଳନରେ ସାମିଲ ହେଲେ ଖପ୍ରାଖୋଲ ବ୍ଲକ ଡ୍ରାଇଭର ସଂଘ

ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ସାରା ରାଜ୍ୟ ଡ୍ରାଇଭର ମହାସଂଘ ତରଫରୁ ସାତ ଦଫା ଦାବିନେଇ ଷ୍ଟେରିଙ୍ଗ ଛାଡ ଆନ୍ଦୋଳନ ଡ଼ାକରା ଦେଇଥିବା ବେଳେ ସ୍ଥାନୀୟ ଉପବଜାର କେନ୍ଦ୍ର ଠାରେ ଖପ୍ରାଖୋଲ ବ୍ଲକ ଡ୍ରାଇଭର ସଂଘ ସଭାପତି ଦିଲିପ କୁମାର ନାଏକଙ୍କ ନେତୃତ୍ୱରେ ୭ ଦଫା ଦାବି ନେଇ ଷ୍ଟେରିଙ୍ଗ ଛାଡ ଆନ୍ଦୋଳନରେ ସମସ୍ତ ଡ୍ରାଇଭର ସଙ୍ଗଠିତ ହୋଇଥିଲେ। ଯାହାଫଳରେ ପରିବହନ ଠାରୁ ଆରମ୍ଭ କରି ଲୋକଙ୍କ ଯାତାୟାତରେ ବ୍ୟାପକ ଅସୁବିଧା ହେଉଥିବା ଦେଖିବାକୁ ମିଳିଛି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଷ୍ଟେରିଙ୍ଗ ଛାଡ କରାଯିବ ବୋଲି ସଂଘ ତରଫରୁ ସୂଚନା ଦିଆଯାଇଛି। ଆନ୍ଦୋଳନରେ ସମ୍ପାଦକ ସିମାଞ୍ଚଳ ସାହୁ , ଉପ ସଭାପତି ରାଜୁ ମାଝୀ , ବ୍ଲକ ଆଡମିନ ଧନୁର୍ଦ୍ଧର ବାରିକ , ଅନ୍ତର୍ଯ୍ୟାମୀ ସେଠ, ନୃପ ମାଝୀ , ସୁରେନ୍ଦ୍ର ସାହୁ , ମୋହନ ଭୂଏ, ଫକୀର ପଧାନ, ମଧୁ ମେହେର ଓ ଶତାଧିକ ଡ୍ରାଇଭର ସାମିଲ ହୋଇଥିଲେ।

# ବୁଲା ଗାଈଗୋରୁଙ୍କ ପାଇଁ ଯାତାୟାତରେ ସମସ୍ୟା



କୁଚିଣ୍ଡା (ଭାସ୍କର ନ୍ୟୁଜ୍): କୁଚିଣ୍ଡା ସହରର ଜାତୀୟ ରାଜପଥ ଓ ବିଭିନ୍ନ ଛକମାନଙ୍କରେ ବୁଲା ଗାଈଗୋରୁ ଶୋଇବା ଫଳରେ ଯାତାୟତରେ ସମାସ୍ୟା ସୃଷ୍ଟି ହେଉଛି। ଗତ ଶନିବାର ସନ୍ଧ୍ୟାରେ ଉପଜିଲ୍ଲାପାଳଙ୍କସରକାରୀ ବାସଭବନ ସାମନା କୁଚିଣ୍ଡା ବଣାଇ ରାସ୍ତା ଛକ ପାର୍ଶ୍ୱସ୍ଥିତ ରାସ୍ତା ଉପରେ ବୁଲା ଗୋରୁଗାଈ ଶୋଇଥିଲେ। ଏହିରାସ୍ତା ବ୍ୟସ୍ତବହୁଳ ରାସ୍ତା ଅଟେ, ପ୍ରାୟ ଅଧଘଣ୍ଟାଧରି ଟ୍ରାଫିକ ଜାମ, ଗାଡି ମଟର ଅଟକି ରହିଥାଏ ଠିକ ଏହି ସମୟରେ ଜରୁରୀକାଳୀନ ଆମ୍ବୁଲାନ୍ସ ଆସି ଅଧଘଣ୍ଟା କାଳ ଅଟକି ରହିଥିଲା।ଏଣେ ଏହି ବ୍ୟସ୍ତବହୁଳ ଛକରେ, ଟ୍ରାଫିକ ନିୟନ୍ତ୍ରକ,ପୋଲିସ ମଧ୍ୟ ଉପସ୍ଥିତ ନଥିଲେ। ଗାଈଗୋରୁ ବାଟ ନଛାଡିବାରୁ ବାଧହୋଇ ଗାଡି ଚାଳକ ଆସି ଘଉଡାଇବା ପରେ, ରାସ୍ତାରୁ ଉଠିଥିଲେ। ଆମ୍ବୁଲାନ୍ସ ଓ ଅନ୍ୟସବୁ ଗାଡ଼ି ଯାତାୟତ କରିଥିଲ। କେବଳ ଏହି ଛକ ନୁହଁ ପଞ୍ଚମୁଖି ଛକ' ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କ ସାମନାରାସ୍ତା'ପୁରୁଣା ବସଷ୍ଟାଣ୍ଡ ସମେତ ବିଭିନ୍ନ ପଡା ଓ ଛକଗୁଡ଼ିକ ଏବେ ଯେମିତି ବୁଲା ଗାଈଗୋରୁଙ୍କ କବ୍ଜାରେ । ଏଥିପାଇଁ ବିଭିନ୍ନସମୟରେ ଦୁର୍ଘଟଣା ମାନ ଘଟୁଛି। ତଥାପି ଏନ୍ଏସି ଓ ପୋଲିସ ପ୍ରଶାସନର ନିଘା ନାହିଁ। ଏଣୁଏ ଦିଗରେ ଦୃଷ୍ଟିଦେଇ ଏନ୍ଏସି କାଞ୍ଜିଆ ହାଉସ ବ୍ୟବସ୍ଥା କରିବା ସହ ଗୋରୁ ମାଲିକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ,ଟ୍ରାଫିକ ପୋଲିସ ମୁତୟନ କରିବାକୁ ଦୃଢଦାବି ହେଉଛି।

**ଆରଡି ବିଭାଗ ରାସ୍ତା ନିର୍ମାଣରେ ମହାଦୁର୍ନୀତି**

# ନିର୍ମାଣର ମାସେ ନ ପୂରୁଣୁ ଏମ୍‌ଭି-୩୬ ଗ୍ରାମ ରାସ୍ତାରୁ ଉଠିଲା ପିଚୁ



ବାଲିମେଳା (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଆରଡି ବିଭାଗର ରାସ୍ତା ନିର୍ମାଣରେ ବାରମ୍ବାର ଦୁର୍ନୀତି ହେବା ନେଇ ଖବର ପ୍ରସାରଣ ପରେ ମଧ୍ୟ ଚେତୁନି ଜିଲ୍ଲା ପ୍ରଶାସନ। ଆରଡି ବିଭାଗର ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଜିଲ୍ଲାର ପ୍ରତ୍ୟେକ ଗ୍ରାମାଞ୍ଚଳରେ ନୂତନ ରାସ୍ତା ନିର୍ମାଣ ହେଉଥିଲେ ସୁଦ୍ଧା ତାହା ଅଳ୍ପ କେଇଟା ଦିନରେ ପୁଣି ନିଜର ପୂର୍ବ ଅବସ୍ଥାକୁ ଆସି ପୁନଃ ମରଣଯନ୍ତା ପାଲଟି ଯାଉଛି ରାସ୍ତା। ଆଜି ପୁଣି ଏପରି ଏକ ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା ମାଲକାନଗିରି-ବାଲିମେଳା ମୁଖ୍ୟ ରାସ୍ତାର ଏମଭି-୩୬ ଛକ ଠାରୁ ବାଲିମେଳା-ଜୟପୁର ମୁଖ୍ୟ ରାସ୍ତାର ଆପନମାଲା ଗ୍ରାମକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ। ତେବେ ଦୀର୍ଘ ଦିନ ହେବ ଏହି ରାସ୍ତାଟି ନିର୍ମାଣ ହେଉ ନଥିବାରୁ ନାନାଦି ସମସ୍ୟା ଭୋଗୁଥିଲେ ଗ୍ରାମବାସୀ। ତେବେ ଗ୍ରାମବାସୀଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ଆସିଲା ସତ, କିନ୍ତୁ ରାସ୍ତାଟି ଠିକାଦାରଙ୍କ ଦ୍ୱାରା ଏପରି ନିର୍ମାଣ କରାଗଲା ଯେ ରାସ୍ତା ନିର୍ମାଣର ୧ ମାସ ନ ପୁରୁଣୁ ଉଠିଲା ପିଚୁ, ସୃଷ୍ଟି ହେଲା ଶହ ଶହ ଖାଲଖମା। ପିଚୁ ଉପରକୁ ଉଠିଯିବା ଫଳରେ ଦୁର୍ଘଟଣାରେ ଆହତ ହେଉଥିବା ନେଇ କିଛି ବାଇକ ଚାଳକ ଅଭିଯୋଗ କରିଛନ୍ତି। ଏଥିସହ ଠିକାଦାର କେବଳ ପିଚୁ ରାତାରାତି ପକାଇ ନିଜ କାର୍ଯ୍ୟ ସାରି ଫେରି ଯାଇଥିବା ବେଳେ ଏମଭି-୩୬ ଗ୍ରାମ ଭିତର ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ କରିବାକୁ ଭୁଲିଗଲା। ଯାହାଦ୍ୱାରା ବର୍ତ୍ତମାନ ବର୍ଷା ଦିନରେ ଗ୍ରାମବାସୀ ବାହାରକୁ ବାହାରିଲେ କାଦୁଅ ରେ ଯିବା ପାଇଁ ବାଧ ହେଉଥିବା କହିଛନ୍ତି। ଏଥିସହ ନାମଫଳକରେ ୭ ଗୋଟି କଲଭର୍ଟ ନିର୍ମାଣ କରାଯାଇଥିବା ଦର୍ଶାଯାଇଥିବା ବେଳେ ଗ୍ରାମ ମଝିରେ କେବଳ ଏକ ନୂତନ ବଡ଼ କଲଭର୍ଟ ନିର୍ମାଣ କରାଯାଇଛି, ସେହି କଲଭର୍ଟର ଉଭୟ ପାର୍ଶ୍ୱରେ ସିମେଣ୍ଟ କଂକ୍ରିଟ କରିବାକୁ ଭୁଲିଯାଇଛନ୍ତି ଠିକାଦାର। ଯାହାଦ୍ୱାରା ଗତ କିଛିଦିନର ଲଗାଣ ବର୍ଷାରେ କଲଭର୍ଟ ର ଉଭୟ ପାର୍ଶ୍ୱରେ ପଡିଥିବା ଏହି ମାଟିରେ ଦୁଇ ଚକିଆ ଏବଂ ଚାରି ଚକିଆ ଯାନ ଅଟକି ଯାଉଥିବା ଦେଖିବାକୁ ମିଳୁଛି। ଏମଭି-୩୬ ଗ୍ରାମକୁ ଯିବା ପାଇଁ ହେଲେ ଏହି ଗୋଟିଏ ମାତ୍ର ରାସ୍ତା ରହିଥିବା ବେଳେ ଯଦି କେଉଁ ଦିନ କୌଣସି ରୋଗୀ କୁ ନେବା ନିମନ୍ତେ ଆମ୍ବୁଲାନ୍ସ ଆସେ ତ ବାଟରେ ଏହି କଲଭର୍ଟ ନିକଟରେ ଗାଡି ଦବିଯିବାର ଆଶଙ୍କା ରହିଛି। ତେବେ ଅନୁକୂଳ ଖରା ପାଗରେ ପିଚୁ ନ ପକାଇ ରାତାରାତି ଏହି ପିଚୁ ଢାଳିବା ଦ୍ୱାରା ଆଜି ରାସ୍ତାର ଅବସ୍ଥା ଏପରି ହୋଇଥିବା କିଛି ସ୍ଥାନୀୟ ବାସିନ୍ଦା କହିଛନ୍ତି। ତେବେ ଏହି ରାସ୍ତା ବାବଦକୁ ୨ କୋଟି ୭୭ ଲକ୍ଷ ଖର୍ଚ୍ଚ ହୋଇଥିବା ବେଳେ ସେହି ସରକାରୀ ଟଙ୍କା ବର୍ତ୍ତମାନ ପାଣିରେ ପଡିଯାଇଥିବା ଅଞ୍ଚଳବାସୀ କହିଛନ୍ତି। ଏଥିସହ ପି.କେ ସ୍ୱାଇଁ ନାମକ ଠିକାଦାର ଏହି କାର୍ଯ୍ୟ କରିଥିବା ବେଳେ ୨୦୨୨-୨୩ ମସିହାରେ ଏହି କାର୍ଯ୍ୟ ସାରିବା ପାଇଁ ନିର୍ଦ୍ଦେଶ ରହିଥିବା ବେଳେ ବର୍ତ୍ତମାନ ୩ ବର୍ଷ ପରେ ଏହି କାର୍ଯ୍ୟ ଆରମ୍ଭ କରାଯାଇଥିବା ଦେଖିବାକୁ ମିଳିଛି। ତେବେ ଠିକାଦାରଙ୍କ ଦ୍ୱାରା ଯନ୍ତ୍ରୀଙ୍କ ପକେଟ ଗରମ ହୋଇଥିବା ହେତୁ ଏପରି ଠିକାଦାରଙ୍କୁ ସୁହାଇଲା ପରି ନିମ୍ନମାନର ରାସ୍ତା ନିର୍ମାଣ କାର୍ଯ୍ୟ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ଆମେ ଆରଡି ବିଭାଗର ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ ଆମ କଲ ରିସିଭ କରିନଥିଲେ। କିନ୍ତୁ ବିଭାଗୀୟ ଏସଡିଓ ଭୋଳାନାଥ ସେଠୀଙ୍କୁ ଫୋନ ଯୋଗେ ପଚାରିବାରୁ ସେ ୨ ଦିନ ମଧ୍ୟରେ ଉକ୍ତ ରାସ୍ତାଟିର ପୁନଃ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବା ସହ କଲଭର୍ଟ ର ଉଭୟ ପାର୍ଶ୍ୱରେ ତୁରନ୍ତ ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ ଆରମ୍ଭ କରାଯିବ ବୋଲି ସୂଚନା ଦେଇଥିଲେ। ତେବେ ତୁରନ୍ତ ଏହି ରାସ୍ତାଟିର ପୁନଃନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଥିବା ବେଳେ ଯଦି ଆଗାମୀ ୧୦ ଦିନ ମଧ୍ୟରେ ଏହି ରାସ୍ତା ଉତ୍ତମ ମାନର ନିର୍ମାଣ କରାନ ଯାଏ ତାହେଲେ ଆଗାମୀ ଦିନରେ ଆରଡି ବିଭାଗର କାର୍ଯ୍ୟାଳୟ ଗ୍ରାମବାସୀ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ୪୪୩ ରୋହିଙ୍ଗିଆ ବାଙ୍ଗଲାଦେଶୀ ଅଟକ



ବ୍ରଜରାଜନଗର (ଭାସ୍କର ନ୍ୟୁଜ୍): ସମଗ୍ର ଝାରସୁଗୁଡ଼ା ଜିଲ୍ଲାରେ ୪୪୩ ଜଣ ବାଙ୍ଗଲାଦେଶୀଙ୍କୁ ଝାରସୁଗୁଡ଼ା ଜିଲ୍ଲା ପୋଲିସ ଅଟକ ରଖି ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିଛି । ଝାରସୁଗୁଡା ଏସପି ସ୍ମିତା ପରମାରଙ୍କ ନେତୃତ୍ୱରେ ୪୪୩ ଜଣଙ୍କୁ ବାଙ୍ଗଲାଦେଶୀ ସନ୍ଦେହରେ ଚିହ୍ନଟ ପ୍ରକ୍ରିୟାରେ ବିଭିନ୍ନ ଥାନାରେ ଅଟକ ରଖା ଯାଇଥିବା ସୂଚନା ମିଳିଛି। ୪୪୩ ମଧ୍ୟରୁ ଯେଉଁମାନେ ବେଆଇନ ଭାବେ ଅନୁପ୍ରବେଶ କାରି ବାଙ୍ଗଲାଦେଶୀ ଚିହ୍ନଟ ହେବେ ତାଙ୍କ ଉପରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ । ତାଙ୍କ ସ୍ଥାନକୁ ତାଙ୍କୁ ଫେରାଇ ଦିଆଯିବ ବୋଲି ସୂଚନା ମିଳିଛି । ଝାରସୁଗୁଡା ଜିଲ୍ଲାରେ ଅବୈଧ ବାଂଲାଦେଶୀ ନାଗରିକ ଏବଂ ରୋହିଙ୍ଗ୍ୟାମାନଙ୍କୁ ଚିହ୍ନଟ ଏବଂ ଦେଶାନ୍ତର କରିବା ପାଇଁ ଏକ ଅଭିଯାନ ଚାଲିଛି। ଗତ ରାତିରେ ଆରମ୍ଭ ହୋଇଥିବା ଏହି ଅଭିଯାନରେ ୪୪୩ ଜଣଙ୍କୁ ଯାଞ୍ଚ ପାଇଁ ଅଣାଯାଇଛି। ୪୪୩ ଜଣ ଙ୍କ ମଧ୍ୟରୁ ୨୬୪ ଜଣ ବ୍ରଜରାଜନଗର ପୋଲିସ ଉପଖଣ୍ଡ ଅଧିନରେ ଥିବା ବିଭିନ୍ନ ଥାନା ଅଞ୍ଚଳରୁ ଅଣାଯାଇ ହିଲଟପ କଲୋନୀ ସ୍ଥିତ ସୁରଭି କଲ୍ୟାଣ ମଣ୍ଡପରେ ରଖାଯାଇଥିବା ବେଳେ ଅବଶିଷ୍ଟ ୧୭୯ ଜଣଙ୍କୁ ଝାରସୁଗୁଡ଼ା ପୋଲିସ ଉପଖଣ୍ଡ ଅଧିନରେ ଥିବା ବିଭିନ୍ନ ଥାନା ଅଞ୍ଚଳରୁ ଅଣାଯାଇ ଝାରସୁଗୁଡ଼ା ସ୍ଥିତ ବ୍ଲାକ ଡାଇମଣ୍ଡ କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି ଝାରସୁଗୁଡ଼ା ଠାରେ ରଖାଯାଇ ଏସପିଙ୍କ ନିର୍ଦ୍ଦେଶ ରେ ବିଭିନ୍ନ ପୋଲିସ ଅଧିକାରୀ ମାନେ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଝାରସୁଗୁଡ଼ା ଜିଲ୍ଲାରେ ଦୁଇଟି କେନ୍ଦ୍ର କରାଯାଇ ଏମାନଙ୍କୁ ଅଟକ ରଖା ଯାଇଥିବା ସୂଚନା ମିଳିଛି। ଏହି ଅଟକ ବାଙ୍ଗଲାଦେଶୀ ବ୍ୟକ୍ତି ମାନେ ବିଭିନ୍ନ ସ୍ଥାନରେ ଶ୍ରମିକ ଓ ମିସ୍ତ୍ରୀ ଭାବରେ କାର୍ଯ୍ୟ କରୁଥିବା ବେଳେ ଅନ୍ୟ କେତେକ ଫେରିବାଲା ବୋଲି ସୂଚନା ମିଳିଛି। ପୋଲିସର ଯାଞ୍ଚ ପ୍ରକ୍ରିୟା ସରିଲେ ସବିଶେଷ ତଥ୍ୟ ଜଣାପଡିବ ବୋଲି ପୋଲିସ ପ୍ରକାଶ କରିଛି।



ପୁରୀ (ଭାସ୍କର ନ୍ୟୁଜ) : ମହାପ୍ରଭୁଙ୍କ ରଥଯାତ୍ରା ରେ ସାମିଲ ହେବା ଏକ ଗୌରବ ର କଥା ।ତେବେ ଏହାକୁ କେବଳ ଡିୟୁଟି ଅପେକ୍ଷା ଯଦି ମହାପ୍ରଭୁଙ୍କ ସେବା ବୋଲି ଭାବି କାର୍ଯ୍ୟ କରିବା ତେବେ ଆନନ୍ଦ ଲାଗିବ ବୋଲି ମତ ଦେଇଛନ୍ତି ଜିଲ୍ଲାପାଳ ଚଞ୍ଚଳ ରାଣା । ଆଜି ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ରଥଯାତ୍ରା କାର୍ଯ୍ୟ ରେ ନିୟୋଜିତ ମାଜିଷ୍ଟ୍ରେଟ ମାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆ ଯାଇଥିଲା ।ଏଥିରେ ଯୋଗ ଦେଇ ଜିଲ୍ଲାପାଳ ଶ୍ରୀ ରାଣା ରଥଯାତ୍ରା ଏକ ସାମୁହିକ କାର୍ଯ୍ୟ ।ସମସ୍ତଙ୍କ ସମନ୍ୱୟ ଓ ସହଯୋଗ ରେ ଏହା ସଫଳ ହୋଇଛି ।ମାଜିଷ୍ଟ୍ରେଟ ମାନେ ସେମାନଙ୍କ ଡିୟୁଟି ସମୟରେ ଅନୁଭବ କରିଥିବା ପରିସ୍ଥିତି, ତାହାର ସମାଧାନ,ରଥଯାତ୍ରା ରେ ଶ୍ରଦ୍ଧାଳୁ ଙ୍କ ପାଇଁ ଅଧିକ ଶୃଙ୍ଖଳା ଓ ସୁବିଧା ଲାଗି ଅଭିଜ୍ଞତାକୁ ଆଧାର କରି ନିଜ ନିଜର ମତାମତ ଦେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।ଯାହା ଆଧାର ରେ ଭବିଷ୍ୟତ ପାଇଁ ଅଧିକ ପ୍ରସ୍ତୁତି କରାଯାଇ ପାରିବ ବୋଲି ସେ କହିଥିଲେ ।ପରେ ଦାୟିତ୍ୱ ନିର୍ବାହ କରିଥିବା ମାଜିଷ୍ଟ୍ରେଟ ମାନଙ୍କୁ ମହାପ୍ରଭୁଙ୍କ ପ୍ରସାଦ ପ୍ରଦାନ କରାଯାଇ ବିଦାୟ ଦିଆଯାଇଥିଲା ।ମାଜିଷ୍ଟ୍ରେଟ ମାନେ ସେମାନଙ୍କ ଅନୁଭବ କୁ ବର୍ଣ୍ଣନା ସହ ବିବିଧ ପ୍ରସ୍ତାବ ମାନ ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା,ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ.ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଅତିରିକ୍ତ ଉପ ଜିଲ୍ଲାପାଳ ନୀଳମାଧବ ମାଝୀ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ ।

# ପୁଣି ଖୋଲିଲା ଜିଲ୍ଲାପାଳଙ୍କ ଅଫିସ

ପୁରୀ (ଭାସ୍କର ନ୍ୟୁଜ): ଦୀର୍ଘ ଦିନ ବନ୍ଦ ରହିଲା ପରେ ପୁଣି ଥରେ ଖୋଲିଛି ଜିଲ୍ଲାପାଳଙ୍କ ଅଫିସ। ପବିତ୍ର ନୀଳାଦ୍ରି ବିଜେ ଦିନ ବ୍ୟସ୍ତତା ସତ୍ୱେ କଲେକଟରିୟେଟ ରେ ଥିବା ନିଜସ୍ୱ କାର୍ଯ୍ୟାଳୟ ରେ ଯୋଗ ଦେଇ ଭେଟି ବାକୁ ଆସିଥିବା ଜନସାଧାରଣ, ସଂଗଠନ ଓ କର୍ମଚାରୀ ମାନଙ୍କ ସହିତ ପୁରୀ ର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ ପୁରୀର ନୂତନ ଜିଲ୍ଲା ପାଳ ଚଞ୍ଚଳ ରାଣା। ଏହି ଅବସରରେ ସମସ୍ତ ବିଭାଗର ବରିଷ୍ଠ ଅଧିକାରୀ ମାନଙ୍କୁ ଅଗ୍ରାଗିଧିକର ଭିତ୍ତିରେ ସାଧାରଣ ଲୋକଙ୍କ କଥା ବୁଝିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।ସୂଚନା ଯୋଗ୍ୟ ଯେ କେବଳ ଜନ ଶୁଣାଣି ଛଡ଼ା କଲେକ୍ଟରଙ୍କ ନିଜସ୍ୱ ବାସ ଭବନରେ ଅନ୍ୟ ସମସ୍ତ ଅଫିସ କାର୍ଯ୍ୟ ହେଉ ଥିଲା ।ଯେଉଁ ଠାରେ ସାଧାରଣ ଲୋକୋ ସହଜରେ ଯାଇ ଆସି ପାରୁ ନଥିଲେ ।ଦିର୍ଘ ଦିନ ଧରି କଲେକ୍ଟରଙ୍କ ଅଫିସ ବନ୍ଦ ରହିଥିଲା ଏହା ନେଇ ଜନ ଅସନ୍ତୋଷ ରହିଥିଲା। ନୂତନ ଜିଲ୍ଲା ପାଳ ଭାବେ ଚଞ୍ଚଳ ରାଣା ପୁରୀ ଆସିବା ପରେ ନୀଳାଦ୍ରି ବିଜେ ଦିନ କଲେକ୍ଟରୀୟଟରେ ନିଜ ଅଫିସ ରେ କାର୍ଯ୍ୟ କରିବା ସହିତ ସାଧାରଣ ଲୋକଙ୍କ କଥା ଶୁଣିବା ଓ ଅଗ୍ରାଧିକାର ଭିତ୍ତିରେ ସମାଧାନ ପାଇଁ ପ୍ରାଥମିକତା ରହିବ ବୋଲି କହିଛନ୍ତି। ଦୀର୍ଘ ଦିନ ପରେ ଜିଲ୍ଲା ପାଳଙ୍କ କାର୍ଯ୍ୟାଳୟ ପୁଣି ଖୋଲି ଥିବାରୁ ପୁରୀ ଜନ ସାଧାରଣ ଖୁସିବ୍ୟକ୍ତ କରିଛନ୍ତି ।

**AFFIDAVIT**

By virtue of an affidavit No-23 sworn before the Executive Magistrate, Nimapara on dated: 09.06.2025, I Ranulata Behera, W/o- Sisira Kumar Senapati, resident of village- Biluamundali, Post- Jhadaling, Ps- Astaranga, Dist- Puri, declares that I have changed my minor son's name from Akalesh Kumar Behera to SaiKrushna Senapati. Henceforth, He shall be known as Saikrishna Senapati for all purposes.

**Sd/-Renulata Behera**

**AFFIDAVIT**

By virtue of an affidavit sworn before the Executive Magistrate, Nimapara, I Kanchan Hati, W/o- Late Sarat Chandra Hati, resident of village- Bhuan, Post- Sunugoradi, Ps- Nimapara, Dist- Puri, declares that I have changed my name from Kanchanbala Hati to Kanchan Hati. Henceforth, I shall be known as Kanchan Hati for all purposes.

**Sd/- Kanchan hati**

**ଡକ୍ୟୁମେଣ୍ଟ ହଜିଛି**

ମୁଁ, ତ୍ରିଲୋଚନ ପଧାନ, ପିତା: ନିମାଇଁ ଚରଣ ପଧାନ, ବୟସ ୪୫ବର୍ଷ, ସା.: ବିବିନା, ପୋ.: ସଇଁତଲା, ଥାନା: ସଇଁତଲା, ଜିଲ୍ଲା: ବଲାଙ୍ଗିର, ଓଡ଼ିଶା-୭୬୭୦୩୨ଙ୍କ ନାମରେ ଥିବା ଜମି ଯାହାରଖାତା ନଂ.: ୧୩୨/୨୬୮, ପ୍ଲଟ୍ ନଂ.: ୫୦୮/୧୨୫୮, ସମୁଦାୟ କ୍ଷେତ୍ର: ଏକର୦.୦୮ ୦ଡିସିମିଲି, ସୁରେନ୍ଦ୍ର ପାଢ଼ୀଙ୍କ ଭାଇଡ୍ ନଂ.: ୧୦୩୩୧୫୦୦୫୮୮ ଏବଂ ଲିଙ୍କ ଆର୍‌ଏସ୍‌ଡି ବିରିଂ ନଂ.: ୧୨୬/୨୦୦୮, ତାରିଖ: ୧୮.୦୧.୨୦୦୮ ରିଖ ଠାରୁ କିଣା ଯାଇଥିଲା । ଉକ୍ତ ଜମିର ଅରିଜିନାଲ ଆରଏସ୍‌ଡି ବିରିଂ ନଂ.: ୧୨୬/୨୦୦୮, ତାରିଖ: ୦୩.୦୭.୨୦୨୫ ଅପରାହ୍ନ ୦୧.୩୦ଘଟିକା ସମୟରେ ବଲାଙ୍ଗିର ବସଷ୍ଟାଣ୍ଡକୁ ଯିବା ରାସ୍ତାରେ କୌଣସି ସ୍ଥାନରେ ହଜିଯାଇଛି ଏବଂ ବହୁତ ଖୋଜାଖୋଜି ପରେ ମଧ ତାହା ମିଳିପାରିଲା ନାହିଁ ଏବଂ ଏହା ପୁନରୁଦ୍ଧାର ହୋଇପାରିବ ନାହିଁ । ମୁଁ ଏହି ଶପଥପତ୍ରକୁ ପିଏସ୍ ସମ୍ମୁଖରେ ଦାଖଲ କରିବା ଏବଂ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ଦାଖଲ କରିବା ପାଇଁ ଏକ ଏଫଆଇଆର ଜାରି କରିବା ଉଦ୍ଦେଶ୍ୟରେ ଶପଥ କରୁଛି । ଯେକୌଣସି ପକ୍ଷକୁ ଏହି ନୋଟିସ୍ ପ୍ରକାଶନର **୧୫ଦିନ** ମଧ୍ୟରେ ନିମ୍ନସ୍ୱାକ୍ଷରିତ ଭାବରେ ତାଙ୍କର ଦାବି ଦାଖଲ କରିବାକୁ ପଡିବ । ଏପରି ନହେଲେ ଏହା ଧରି ନିଆଯିବ ଯେ ଉକ୍ତ ଡକ୍ୟୁମେଣ୍ଟ ଗୁଡ଼ିକ ସହିତ ଜଡିତ ସମ୍ପତ୍ତି ଭାରମୁକ୍ତ ଏବଂ ଆବେଦନକାରୀ ଏବଂ ବନ୍ଧକ ଭାବରେ କମ୍ପାନୀ ବିରୁଦ୍ଧରେ ଏହି ନୋଟିସ୍ ପ୍ରକାଶନର **୧୫ଦିନ** ବିତିବା ପରେ ଏହା ସମ୍ପର୍କରେ ଯେକୌଣସି ଦାବି ଗ୍ରହଣ କରାଯିବ ନାହିଁ । ଯଦି କୌଣସି ବ୍ୟକ୍ତି ଉପରୋକ୍ତ ହଜିଯାଇଥିବା ଡକ୍ୟୁମେଣ୍ଟ (କାଗଜପତ୍ର)କୁ ପାଆନ୍ତି ତେବେ ଦୟାକରି ମୋବାଇଲ ନଂ.: ୯୪୩୭୩୬୨୩୪୩ରେ ଯୋଗାଯୋଗ କରନ୍ତୁ ।

ସ୍ୱା/- ବିକାଶ ଚନ୍ଦ୍ର ପ୍ରଧାନ

**AFFIDAVIT**

By virtue of an affidavit No-1385 sworn before the Executive Magistrate, Khordha on dated: 01.05.2025, I Sabita Bagha, W/o- Mohan Bagha, resident of village- Palla, Post- Pallahat, Ps- Khordha Model, Dist- Khordha, declares that the real name & surname of my minor daughter is Mamuni Bagha, which is mentioned in her Birth Certificate, but wrongly mentioned as Mamuni Begum in her Aadhar Card. Mamuni Bagha & Mamuni Begum is same and one person belongs to my daughter. this affidavit is to be produced before concerned authority for Aadhar Correction as Mamuni Bagha.

**Sd/- Sabita Bagha**

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated: 08.08.2025, I Arabinda Sahoo, Address: At- Chutipalanga, Po- Bhuasunipatana, via- Baghamari, Ps- Begunia, Dist- Khordha, Odisha, PIN-752061, declare that I have changed my son's name from Sai Pritam to Sai Pritam Sahoo. Henceforth, He shall be known as Sai Pritam Sahoo for all purposes.

**Sd/- Arabinda Sahoo**

**AFFIDAVIT**

By virtue of an affidavit sworn before the Executive Magistrate, Kendrapara, dated: 05.04.2025, I Baijayanti Panda, Address: village- Sahaspur, Po- Ostapur, Ps- Kendrapara Sadar, Dist- Kendrapada, Odisha, PIN-754212, declare that I have changed my name from Baijanty Panda to baijayanti Panda. Henceforth, I shall be known as Baijayanti Panda for all purposes.

**Sd/- Baijayanti Panda**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବନ୍ଦ, ବନ୍ଦ...

ଓ ରାଷ୍ଟ୍ର ବିରୋଧୀ ତଥା କର୍ପୋରେଟ ସମର୍ଥନ ନୀତିକୁ ବିରୋଧ କରି ଏହି ବନ୍ଦ ଡାକରା ଦିଆଯାଇଛି। ଫଳରେ ବ୍ୟାଙ୍କିଙ୍ଗ, ପରିବହନ, ଡାକସେବା, ଖନନ ଓ ନିର୍ମାଣ ଭଳି ପ୍ରମୁଖ କ୍ଷେତ୍ରର ୨୫ କୋଟିରୁ ଅଧିକ ଶ୍ରମିକ ଏହି ବନ୍ଦ ଡାକରାରେ ସାମିଲ ହୋଇଛନ୍ତି। ତେବେ ବନ୍ଦ ସମୟରେ ସେୟାର ମାର୍କେଟ ଖୋଲା ରହିଥିବା ଦେଖା ଯାଇଥିଲା। ଦେଶର ପ୍ରମୁଖ ରାଜ୍ୟ ମଧ୍ୟପ୍ରଦେଶ, ପଶ୍ଚିମବଙ୍ଗ, କେରଳ, ଓଡ଼ିଶା, ଝାଡ଼ଖଣ୍ଡ, କର୍ଣ୍ଣାଟକ ଓ ତାମିଲନାଡୁରେ ମଧ୍ୟ ବନ୍ଦର ପ୍ରଭାବ ଦେଖିବାକୁ ମିଳିଛି। ବିହାରରେ ମଧ୍ୟ ବଡ଼ଧରଣର ବନ୍ଦର ପ୍ରଭାବ ପଡ଼ିଛି। ମଧ୍ୟପ୍ରଦେଶରେ ୮୭୦୦ ବ୍ୟାଙ୍କ ଶାଖାରେ କାମ ଠପ୍ ହୋଇଛି। ତାମିଲନାଡୁର ଥୁଥୁକୁଡ଼ିରେ ସଫେଇ କର୍ମଚାରୀ ଦିନିକିଆ ବନ୍ଦ ଡାକରାରେ ସାମିଲ ହୋଇଛନ୍ତି। ଶ୍ରମିକ ସଂଗଠନର ଦାବି ଶ୍ରମ ସଂହିତାକୁ ଶେଷ କରିବା, ଠିକା ପ୍ରଣାଳୀ ଶେଷ କରିବା, ସାର୍ବଜନୀନ କ୍ଷେତ୍ରରେ ଘରୋଇ କରଣ ବନ୍ଦ କରିବା ତଥା ନ୍ୟୂନତମ ମଜୁରି ବୃଦ୍ଧି କରି ୨୬ ହଜାର ଟଙ୍କା କରିବାକୁ ଦାବି କରାଯାଇଛି। ସେଣ୍ଟର ଅଫ୍ ଇଣ୍ଡିଆନ ଟ୍ରେଡ଼ ୟୁନିୟନର କର୍ମକର୍ତ୍ତାମାନେ ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଛନ୍ତି। ଅନ୍ୟପକ୍ଷରେ ବିରୋଧୀଦଳ ନେତା ରାହୁଲ ଗାନ୍ଧି, ଆରଜେଡି ନେତା ତେଜସ୍ୱୀ ଯାଦବ ଓ ଇଣ୍ଡିଆ ବ୍ଲକର ବହୁ ନେତା ପାଟନାରେ ଶୋଭାଯାତ୍ରା କରିଛନ୍ତି। ସେମାନେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି। ସେହିପରି ପଶ୍ଚିମବଙ୍ଗରେ ବନ୍ଦ ସମୟରେ ପୋଲିସ ଲାଠିଚାର୍ଜ କରିଥିବା ସୂଚନା ମିଳିଛି।

### ଜେଲରୁ ମୁକୁଳିଲେ...

୩୫୧(୨), ୬୨ ଓ ୩୦୪, ୫୪, ୬୧(୨), ୧୮୯(୨), ୧୯୦/୩ (୫)ରେ ମାମଲା ରୁଜୁ ହୋଇଥିଲା। ଗତ ଗୁରୁବାର ରାତିରେ ସମର୍ଥକଙ୍କୁ ଧରି ଜଗନ୍ନାଥ ଡିସିପିଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଆତ୍ମସମର୍ପଣ କଲାପରେ କମିଶନରେଟ ପୋଲିସ ତାଙ୍କୁ ଗିରଫ କରିବା ସହ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ସେଠାରେ ୨ଜଣ ଡାକ୍ତର ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଏସଡିଜେଏମ କୋର୍ଟ ତାଙ୍କ ଜାମିନ ନାମଞ୍ଜୁର କରି ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲେ। ଏହାପରେ ତାଙ୍କ ଓକିଲ ତହିଁ ପରଦିନ ଦୌରାଜଜ୍‌ଙ୍କ ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଜାମିନ ଶୁଣାଣି ପାଇଁ ୯ ତାରିଖକୁ ଦିନ ଧାର୍ଯ୍ୟ କରାଯାଇଥିଲା। ଏହି ଘଟଣାରେ ପୂର୍ବରୁ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

### ଭୁଶୁଡ଼ିଲା ବ୍ରିଜ୍...

ଆନନ୍ଦ, ଭଦୋଦରା, ଭରୁଚ ଓ ଅଙ୍କଲେଶ୍ୱର ଲୋକଙ୍କ ପାଇଁ ଏହା ବହୁ ଗୁରୁତ୍ୱ ରଖେ। ଏହି ବ୍ରିଜରେ ସବୁବେଳେ ଭିଡ଼ ଲାଗି ରହିଥାଏ। ତଥାପି ଦୀର୍ଘଦିନ ହେବ ଏହି ବ୍ରିଜର ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲେ ମଧ୍ୟ ପ୍ରଶାସନ ଗୁରୁତ୍ୱ ନ ଦେବାରୁ ଏହି ଅଘଟଣ ଘଟିଲା ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି ପୁରୁଣା ବ୍ରିଜ ବଦଳରେ ଏକ ନୂତନ ବ୍ରିଜ ନିର୍ମାଣ ପାଇଁ ୩ ମାସ ତଳେ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ୨୧୨ କୋଟି ଟଙ୍କା ମଞ୍ଜୁର କରିଥିଲେ। କିନ୍ତୁ ଅର୍ଥ ମଞ୍ଜୁର ସତ୍ତ୍ୱେ ବ୍ରିଜର ଡିଜାଇନ ପ୍ରସ୍ତୁତ ହୋଇପାରି ନାହିଁ କିମ୍ବା ଟେଣ୍ଡର ଡକାଯାଇନାହିଁ । ବ୍ରିଜ ଭୁଶୁଡ଼ି ପଡ଼ିବା ପରେ ମୁଖ୍ୟମନ୍ତ୍ରୀ ଏକ ସ୍ୱତନ୍ତ୍ର ଟିମ୍‌କୁ ଘଟଣାସ୍ଥଳକୁ ପଠାଇଛନ୍ତି। ଏହି ଘଟଣାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଦୁଃଖ ପ୍ରକାଶ ସହ ମୃତକଙ୍କ ନିକଟ ସଂପର୍କୀୟଙ୍କ ପାଇଁ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି। ସେହିପରି ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କା ଲେଖାଏଁ ଘୋଷଣା କରାଯାଇଛି।

# ବିଜେଡ଼ି ଛାଡ଼ି ପ୍ରଦୀପ ପ୍ରଧାନ କଂଗ୍ରେସକୁ ଫେରିଲେ

ଭୁବନେଶ୍ୱର (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ାର ସାଂସଦ ପ୍ରାର୍ଥୀ ସିଦ୍ଧାର୍ଥ ସ୍ୱରୂପ ଦାଶ ଏବଂ କେନ୍ଦ୍ରାପଡ଼ା ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ ଦାସଙ୍କ ଉପସ୍ଥିତିରେ ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ ଠାରେ ଏକ ମିଶ୍ରଣପର୍ବ ଅନୁଷ୍ଠିତ ହୋଇଯାଇଛି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱକୁ ଆସ୍ଥାପ୍ରକଟ କରି ଏବଂ ରାହୁଲ ଗାନ୍ଧୀ ଓ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ନୀତି ଓ ଆଦର୍ଶକୁ ପାଥେୟ କରି କେନ୍ଦ୍ରାପଡ଼ାର ବିଜେଡ଼ି ନେତା ପ୍ରଦୀପ ପ୍ରଧାନ ତାଙ୍କର ବହୁ ସମର୍ଥକମାନଙ୍କ ସହିତ କଂଗ୍ରେସ ଦଳରେ ଆନୁଷ୍ଠାନିକ ଭାବେ ଯୋଗଦେଇଛନ୍ତି। ଏହି ଅବସରରେ ପିସିସି ସଭାପତି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଯୁବନେତା ପ୍ରଦୀପ ପ୍ରଧାନ ତାଙ୍କ ସମର୍ଥକ ଜିଲ୍ଲା ସମ୍ପାଦକ ସତ୍ୟରଞ୍ଜନ ପାଢ଼ୀ, ପୂର୍ବତନ କାଉନସିଲର କିଶୋର ସାହୁ, ରଣଜିତ ସାହୁ, ପୂର୍ବତନ ନଗର ସଭାପତି ରଙ୍ଗାଧର ମଲ୍ଲିକ, ପୂର୍ବତନ ଛାତ୍ର ସଭାପତି ଆଶିଷ ଲେଙ୍କା, ସୂର୍ଯ୍ୟକନ୍ତ ମଲ୍ଲିକ, ସଂଗ୍ରାମ ମଳିକ, ବିନୋଦ ମଳିକ, ପ୍ରକାଶ ମଳିକ, ବିକାଶ ସାହୁ, ବାପି ସାହୁ, ତୁଷାର ତ୍ରିପାଠୀଙ୍କୁ କଂଗ୍ରେସ ଦଳକୁ ସ୍ୱାଗତ କରି ସେମାନଙ୍କ ଯୋଗଦାନ ଆଗକୁ କେନ୍ଦ୍ରାପଡ଼ାରେ ଓ ରାଜ୍ୟରେ କଂଗ୍ରେସ ସଂଗଠନ ସୁଦୃଢ଼ ହେବ ବୋଲି କହିଥିଲେ। ଉଲ୍ଲେଖ୍ୟଯୋଗ୍ୟ ଶ୍ରୀ ପ୍ରଧାନ କଂଗ୍ରେସ ଦଳରେ ପୂର୍ବତନ ପିସିସି ସଭ୍ୟ ଭାବେ କାର୍ଯ୍ୟ କରିଥିଲେ। ଆଜିର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ଅରବିନ୍ଦ ଦାସ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ, ଉପସଭାପତି ରାଜେଶ ରାଉତ, ପ୍ରଶାନ୍ତ ରାଉତ, ଆଶିଷ ଲେଙ୍କା ଉପସ୍ଥିତ ଥିଲେ।

## ବାୟୁସେନା ବିମାନ ଦୁର୍ଘଟଣାଗ୍ରସ୍ତ
# ୨ ପାଇଲଟ୍ ମୃତ

ଚୁରୁ: ରାଜସ୍ଥାନର ଚୁରୁ ଜିଲ୍ଲାରେ ବାୟୁସେନାର ଏକ ଲଢୁଆ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ସେଥିରେ ଥିବା ଦୁଇ ପାଇଲଟଙ୍କର ମୃତ୍ୟୁ ଘଟିଛି। ସେମାନଙ୍କ ମୃତଦେହ ଘଟଣାସ୍ଥଳରୁ ଉଦ୍ଧାର କରାଯାଇଛି। ରତନଗଡ଼ର ଭାନୁଦା ଗାଁରେ ଏହି ଦୁର୍ଘଟଣା ଘଟିବାବେଳେ ପ୍ରଚଣ୍ଡ ଶବ୍ଦ ହୋଇଥିଲା ଓ ସେଥିରୁ ନିଆଁ ଓ ଧୂଆଁ ବାହାରୁଥିବାର ଦେଖିବାକୁ ମିଳିଥିଲା। ଖବର ପାଇ ପୋଲିସ ଓ ପ୍ରଶାସନ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଏହି ବିମାନଟି ବାୟୁସେନାର ଜାଗୁଆର ବୋଲି କୁହାଯାଉଛି। ଦୁର୍ଘଟଣା ଖବର ପ୍ରସାରିତ ହେବାମାତ୍ରେ ରତନଗଡ଼ରେ ତୀବ୍ର ଉତ୍ତେଜନା ଦେଖା ଦେଇଥିଲା। ଜିଲ୍ଲାପାଳ ଓ ସ୍ଥାନୀୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତିର ଅନୁଧ୍ୟାନ କରୁଛନ୍ତି।

# ଦୁଇ ମହିଳା ମାଓବାଦୀ ଗିରଫ



ସୀମାନ୍ତରେ ଦୁଇ ମହିଳା ମାଓବାଦୀ ଙ୍କୁ ପୁଲିସ ଗିରଫ କରିବାରେ ସଫଳ ହୋଇଛନ୍ତି । ସୂଚନା ଅନୁଯାଇ, ମାଲକାନଗିରି ଜିଲ୍ଲା ସୀମାନ୍ତ ରାଜ୍ୟ ଛତିଶଗଡର ନାରାୟଣପୁର ଜିଲ୍ଲାର କୋହକାମେଟା ଥାନା ଅଞ୍ଚଳରେ ମାଡ଼ ଡିଭିଜନର କୁତୁଲ ଏଲଓଏସରେ ସକ୍ରିୟ ରହି ଥିବା ଦୁଇଣ ମହିଳା ମାଓବାଦୀଙ୍କୁ ଗିରଫ କରାଯାଇଛି। ଗିରଫ ଦୁଇ ମହିଳା ମାଓବାଦୀ ହେଲେ ପାରୋ ହାପକାଏବଂ ସଂଗୀତ ମଣ୍ଡାବି । ଉଭୟ ଦୁଇ ମହିଳା ମାଓବାଦୀ ମାଓ ସଂଗଠନର ମାଡ଼ ଡିଭିଜନର କୁତୁଲ ଏରିଆ ଆଲଓଏସ ରେ ସକ୍ରିୟ ରହିବା ସହ ଜନତାନା ସରକାର ସମ୍ପ୍ରସାରଣ, ମାଓବାଦୀ ବିଚାର ଧାରାର ପ୍ରଚାର କରିବା ଏବଂ ସୁରକ୍ଷାକର୍ମୀ ଉପରେ ଆକ୍ରମଣ କରିବା ଜଡିତ ଥିଲେ। ଗିରଫ ସମୟରେ ସେମାନଙ୍କ ନିକଟରୁ ବିପୁଳ ପରିମାଣର ମାଓ ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଥିବା ବେଳେ ଗିରଫ କରି କୋର୍ଟ ଚାଲାଣକରାଯାଇଥିବା ନାରାୟଣପୁର ପୁଲିସ ଠାରୁ ସୂଚନା ମିଳିଛି।

**ZILLA SWATHYA SAMITI, RAYAGADA**
**(UNDER NATIONAL HEALTH MISSION)** E-223

In- House Advertisement

Advt. No. 03/NHM/2025 Date 07/07/2025

Zilla Swasthya Samiti (ZSS) Rayagada invites the application from In-house contractual employees of NHM working in same post under OSH&FWS Society in other district and desiring to be posted in Rayagada district. Interest candidates are requested to log on the district website i.e. (www.rayagada.odisha.gov.in.) for down loading the application form, detail vacancies and guideline etc. The complete filled application forms along with other documents should reach the office of CDM&PHO, Rayagada, At-Barijhola, Po-Rayagada Pin-765002 by 25.07.2025 at 5.00 P.M through speed/Regd. posts only. The envelope containing the application should be superscripted clearly the name of the post applied for..........under NHM otherwise it is rejected. The under signed reserve right to reject/ cancel any or all application without assign reason thereof.

Sd/-
CDMPHO Cum DMD, Rayagada

OIPR 10035/11/0016/2526

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲଡିଂ,
ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା ୧୨୩୩୪/ଭୁ.ଉ.କ., ଭୁବନେଶ୍ୱର ତା ୨୬.୦୬.୨୦୨୫ ରିଖ
PEP-2870/2000

**ସୂଚନା**

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପ୍ରାଚୀ ଏନ୍‌କ୍ଲାଭ ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ଫେଜ୍-୧, ମୌଜା-ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ପ୍ଲଟ୍ ନଂ-110 କୁ ଶ୍ରୀମତୀ ସରୋଜିନୀ ମହାନ୍ତି, ସ୍ୱାମୀ-ସ୍ୱର୍ଗତ ଦୁର୍ଯ୍ୟୋଧନ ମହାନ୍ତି, ଗ୍ରାମ/ପୋଷ୍ଟ-ଡେଙ୍ଗାକୁଦା, ଥାନା-ପାଟକୁରା, ଜିଲ୍ଲା-କେନ୍ଦ୍ରାପଡା, ରାଜ୍ୟ-ଓଡିଶାଙ୍କ ଙ୍କ ନାମରେ ଆବଣ୍ଟନ କରାଯାଇଥିଲା ।

ଆବଣ୍ଟନଗ୍ରାହୀ ସରୋଜିନୀ ମହାନ୍ତି ଗତ ତା-୦୯.୦୭.୨୦୨୨ ରିଖରେ ମୃତ୍ୟୁ ବରଣ କରିଅଛନ୍ତି (**Death certificate Issue No. 5880/2022** dated **16.07.2022.**

**Legal heir certificate Misc.Case No. E-LHC/2022/173038 dated 18.01.2023** ଅନୁଯାୟୀ ସରୋଜିନୀ ମହାନ୍ତିଙ୍କର ଉତ୍ତରାଧିକାରୀ **ଶ୍ରୀ ଚନ୍ଦ୍ରଶେଖର ମହାନ୍ତି (ପୁତ୍ର)** ଅଟନ୍ତି ।

ବର୍ତ୍ତମାନ ଉକ୍ତ ଉତ୍ତରାଧିକାର ତାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି ।

ଏଣୁ ପ୍ଲଟ୍‌ର ମାଲିକାନାସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବାପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର(୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ସତ୍ୱ **ଶ୍ରୀ ଚନ୍ଦ୍ରଶେଖର ମହାନ୍ତିଙ୍କ** ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସଂପାଦନ କରାଯିବ ।

ସ୍ୱା/-ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

CAD-1026 OIPR 13033/13/0325/2526

**DIRECTORATE OF AGRICULTURE & FOOD PRODUCTION, ODISHA** L-36

**REQUEST FOR PROPOSAL**

**"Selection of Agency for Programme Secretariat for the state sector scheme "Revival and Sustainable Intensification of Forgotten Food & Neglected crops in Odisha" under the Administrative Control of Director of Agril & FP (Odisha).**

**RFP No 22759 Dated 08.07.2025** : The Director of Agriculture & Food Production, Odisha, Bhubaneswar of Department of Agriculture & Farmers Empowerment, Odisha invites proposal through e-procurement mode from the interested bidders "Selection of Agency for Programme Secretariat for the state sector scheme "Revival and Sustainable Intensification of Forgotten Food & Neglected crops in Odisha" under the Administrative Control of Director of Agril & FP (Odisha).

The RFP document is available and can be downloaded from the **tendersodisha.gov.in.** from 10.07.2025. Last date for submission of proposals is 08.08.2025 at 17.00 hrs. (IST). Further updates on this tender will be available on this website only.

The proposals received beyond the scheduled last date & time will be rejected out rightly. The Director of Agriculture & Food Production, Odisha, Bhubaneswar reserves the right to reject any/all proposals without assigning any reason thereof.

Sd/-
Director of Agriculture & Food Production, Odisha

OIPR 01034/11/0007/2526

B-280

Email- eepwd.bgr@rediffmail.com
eepwd.bgr@gmail.com
Ph. No. 06652-232374

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, BALANGIR (R&B) DIVISION: BALANGIR**
**e - Procurement Notice**
**BID IDENTIFICATION No: BGR R&B/ 08/ 2025-26**
**No. 4485 // Dtd.04.07.25**

1. The Superintending Engineer, Balangir (R&B) Division, Balangir on behalf of Governor of Odisha invites percentage rate Composite bid in Double cover system in ONLINE MODE for the construction of works detailed in the table below from B Class Contractors registered with the State Governments and contractors of equivalent Grade/ Class registered with Central Government/ MES/ Railways for execution of Road /Building /Bridge works. The proof of registration from the appropriate authority shall be enclosed along with the bid.

2. Nature of Work : Building work, Road work
3. No. of tender : Building work: 02 Nos. Road work:-01 Nos.
4. Tender Cost : Rs.10, 000/-
5. Class of Contractor : "B" Class (Registered with CDMS)
6. Date & Time of sale & Receipt of Bids : From Dt.15.07.25, 10.00 A.M. to Dt.29.07.25 up to 05.00 P.M.
7. Date of opening Bid : Dt.30.07.25 at 11.00 A.M.
8. The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendums will be available on ONLINE MODE only.

Sd/- Superintending Engineer
Balangir (R&B) Division

OIPR 34028/11/0033/2526

O-386

By E_Mail/e-Despatch
E_Mail ID : serwcbaripada@gmail.com
Ph-No-06792-261343/261344
Gangraj, Baripada

**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BARIPADA**
"e" Procurement Notice for Bridge Works

Identification No.- Online Tender- Bridge N.C.B. No. 380 for 2025-26.

Letter No. 2820 / Date_03.07.2025 //

1. Name of the work :- Bridge works under SBY in the District of Mayurbhanj
2. Total No. of work :- 09 Nos (Nine)
3. Estimated Cost :- **Rs.355.38 lakhs & Rs.718.75 lakhs** (approximately).
4. Eligible Class of Contractor : - **: As per annexure.**
5. Period of Completion :- **As per annexure.**
6. Other details :-

| Procurement Officer | Bid Identification No. | Availability of tender On-line for bidding | | Last Date & Time of seeking Tender Clarification. | Date & Time of Opening of Tender in O/O C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Bridge On-line N.C.B. No. 380 | Dt.16.07.2025 at 11.00 A.M. | Dt.30.07.2025 up to 5.00 P.M. | Dt.29.07.2025 up to 5.00 P.M. | Dt.31.07.2025 at 11.00 A.M. | Will be intimated later |

- Further details can be seen from the website: www.tendersorissa.gov.in.
- Any Corrigendum / Addendum will be displayed in the above e_tender website only.

Sd/- Er. A.K Naik
Chief Construction Engineer,
R.W. Circle, Baripada.

OIPR 25130/11/0038/2526

**ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍**
(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ୍ ଲିମିଟେଡ୍ ସହିତ ମିଶ୍ରଣ)
ସିଆଇଏନ୍:ଏଲ୍୬୫୧୧୦ଟିଏନ୍୨୦୧୪ପିଏଲ୍‌ସି୦୯୭୭୯୨
ପଞ୍ଜିକୃତ କାର୍ଯ୍ୟାଳୟ: କେଆର୍‌ଏମ୍ ଟାୱାର୍ସ, ୮ମ ମହଲା, ହ୍ୟାରିଙ୍ଗଟନ୍ ରୋଡ୍, ଚେଟପେଟ, ଚେନ୍ନାଇ-୬୦୦୦୩୧
ଟେଲିଫୋନ୍ ନଂ: +୯୧୪୪୪୫୬୪ ୪୦୦୦। ଫାକ୍ସ: +୯୧ ୪୪ ୪୫୬୪ ୪୦୨୨

IDFC FIRST Bank

**ଆପେଣ୍ଡିକ୍ସ ୪ (ରୁଲ୍ ୮(୧)**
**ପଜେସନ ନୋଟିସ**
**(ସ୍ଥାବର ସମ୍ପତ୍ତି ପାଇଁ)**

ଯେହେତୁ ନିମ୍ନ ସ୍ୱାକ୍ଷରକାରୀ ଆଇଡିଏଫ୍‌ସି ଫାଷ୍ଟବ୍ୟାଙ୍କ ଲିମିଟେଡ୍‌ର ପ୍ରାଧିକୃତ ଅଧିକାରୀ (ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)ସିକ୍ୟୁରାଇଜେସନ ଏବଂ ରିକନଷ୍ଟ୍ରକ୍ସନ ଅଫ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ- ୨୦୦୨ର ଧାରା ୧୩(୧୨), ଯାହାକୁ (ଆଇନ-୩) ପଢାଯିବ, ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ-୨୦୦୨ ଅନୁଯାୟୀ ରଣଗ୍ରହୀତା/ସହ ରଣଗ୍ରହୀତା ଏବଂ ଗ୍ୟାରେଣ୍ଟରମାନଙ୍କୁ ନିମ୍ନରେ ପ୍ରଦତ୍ତ ଅର୍ଥରାଶି ୬୦ ଦିନ ମଧ୍ୟରେ ସୁଧ ଓ ଅନ୍ୟାନ୍ୟ ସର୍ତ୍ତ ସହ ଡିମାଣ୍ଡ ନୋଟିସ ପରିଶୋଧ ପାଇଁ ପଠାଯାଇଥିଲା। ରଣଗ୍ରହୀତା/ସହ ରଣଗ୍ରହୀତା ଏବଂ ଗ୍ୟାରେଣ୍ଟର ରଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ ମାଧ୍ୟମରେ ରଣଗ୍ରହୀତା/ସହ ରଣଗ୍ରହୀତା/ ଗ୍ୟାରେଣ୍ଟର ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ଆଇନ ୨୦୦୨ର ଧାରା ୮ ସେକ୍ସନ ୧୩ ଏବଂ ଉପଧାରା (୪) ଅନୁଯାୟୀ ସମସ୍ତ ବନ୍ଧକ ସମ୍ପତ୍ତିକୁ ନିଜ ଅଧିନକୁ ନେଇଛନ୍ତି।

| ରଣ ଏକାଉଣ୍ଟ ନଂ | ରଣଗ୍ରହୀତା/ ସହଗ୍ରହୀତା/ ଗ୍ୟାରେଣ୍ଟରଙ୍କ ନାମ | ବନ୍ଧକ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ | | ତାରିଖ ଏବଂ ପଜେସନ ନେବାର ପ୍ରଣାଳୀ |
|---|---|---|---|---|---|
| | | | ତାରିଖ | ବକେୟା ପରିମାଣ (ଟଙ୍କାରେ) | |
| ୪୨୨୭୭୬୫୪ ଏବଂ ୯୮୩୮୦୭୨ | ୧. ସନ୍ତୋଷିନୀ ପ୍ରଧାନ ୨. ସୁନୀଲ କୁମାର ପ୍ରଧାନ | ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶ ବିଶେଷ: ଘରୋଇ ସମ୍ପତ୍ତି, ଖାତା ନଂ ୭୧୯/୧୩୦, ପ୍ଲଟ ନଂ ୨୩୭୯/୨୫୩୭, ଏରିଆ- ଏ.୦.୦୧୯ ଡିସିମିଲ କିମ୍ବା ୮୨୭.୬୪ ବର୍ଗଫୁଟ, ମୌଜା ଅବସ୍ଥିତି: ଦଣ୍ଡିପଦର, ଏସଆରଓ/ତହସିଲ- ଘୁମୁସର, ଜିଲ୍ଲା- ଗଞ୍ଜାମ, ଓଡ଼ିଶା-୭୬୧୧୨୫ ଏବଂ ବାଉଣ୍ଡରୀ ଯଥା: ପୂର୍ବ- ଶଙ୍କର ବେହେରା, ପଶ୍ଚିମ- କୁବେର ପ୍ରଧାନ, ଉତ୍ତର- ରାସ୍ତା, ଦକ୍ଷିଣ- ସରକାରୀ ଜମି । | ୨୯.୦୩.୨୦୨୫ | ଟ. ୯,୧୪,୪୭୯.୫୫/- | ୦୩.୦୭.୨୦୨୫ ପଜେସନ୍ |
| ୫୧୨୫୧୬୭୮ | ୧. ହାରାଧନ ସାହୁ ୨. ଅକ୍ଷୟ ସାହୁ | ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶ ବିଶେଷ: ଖାତା ନଂ ୧୩୭/ ୨୩୭, ଆପାତତଃ ଜମି ପରିମାଣ ୧୭୪୧.୫୦ ବର୍ଗଫୁଟ, ଆଇଇ, ଏ.୦.୦୪ ଡିସିମିଲ, ପ୍ଲଟ ନଂ ୪୭୧/୬୪୮, ମୌଜା- ଗଣ୍ଡପାଲି, ବିଜେପୁର, ବରଗଡ଼, ଓଡ଼ିଶା- ୭୬୮୦୩୨ ଏବଂ ବାଉଣ୍ଡରୀ ଯଥା: ପୂର୍ବ- ପଦ୍ମନାଭ ସାହୁ ଏବଂ ରାସ୍ତା, ପଶ୍ଚିମ- ଭଗବାନ ସାହୁ, ଉତ୍ତର- ରାସ୍ତା, ଦକ୍ଷିଣ- ହାରାଧନ ସାହୁ। | ୨୨.୦୩.୨୦୨୫ | ଟ. ୪,୩୪,୫୩୩.୯୩/- | ୦୩.୦୭.୨୦୨୫ ପଜେସନ୍ |
| ୧୩୮୫୩୮୫୯ | ୧. କାବୁଲି ସାହୁ ୨. ଲକ୍ଷ୍ମୀ ସାହୁ | ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶ ବିଶେଷ: ପ୍ଲଟ ନଂ ୨୧୭୬, ଏରିଆ- ଏ.୦.୦୨୦ ଡିସିମିଲ, ଖାତା ନଂ ୮୯୫/୧୧୯, ମୌଜା ଅବସ୍ଥିତି: କଞ୍ଜିଆ, ତହସିଲ- ସତ୍ୟବାଦୀ, ଜିଲ୍ଲା- ପୁରୀ, ଓଡ଼ିଶା-୭୫୨୦୧୪ | ୨୯.୦୩.୨୦୨୫ | ଟ. ୫,୩୨,୯୮୨.୦୭/- | ୦୩.୦୭.୨୦୨୫ ପଜେସନ୍ |

ଏତଦ୍ୱାରା ରଣଗ୍ରହୀତା/ସହ ରଣଗ୍ରହୀତା/ଗ୍ୟାରେଣ୍ଟର ଏବଂ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଆଇଡିଏଫସି ଫାଷ୍ଟବ୍ୟାଙ୍କ ଲିମିଟେଡ(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ) ଏହି ସମ୍ପତ୍ତି ନିଜ ଅଧୀନକୁ ନେଇଥିବାରୁ ଏହାକୁ କୌଣସି ପ୍ରକାର ବିକ୍ରି କିମ୍ବା ଅନ୍ୟତ୍ର ବ୍ୟବହାର କରାଯାଇପାରିବ ନାହିଁ । ସମସ୍ତ ରଣଗ୍ରହୀତାଙ୍କୁ ପରିଶୋଧ ପାଇଁ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ସହ ଦେବା ନିମନ୍ତେ ଡିମାଣ୍ଡ ନୋଟିସ ପଠାଯାଇଛି।

ସ୍ୱା/- ଅଧିକୃତ ଅଧିକାରୀ
ଆଇଡିଏଫସି ଫାଷ୍ଟ ବ୍ୟାଙ୍କ ଲିମିଟେଡ
(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)

ତାରିଖ: ୦୩.୦୭.୨୦୨୫
ସ୍ଥାନ: ଓଡ଼ିଶା

OFFICE OF THE SUPERINTENDING ENGINEER
BHUBANESWAR (R&B) DIVISION NO III
BHUBANESWAR
bbsrrandb03@yahoo.com B-283
60Estg.No - 4821 Date – 08.07.2025

Government of Odisha "e"-Procurement Notice No (13 ) of 2025-26
Bid Identification No: - C.C. (R&B) 03

| | | |
|---|---|---|
| 1 | Name of the Work | Road Works |
| 2 | Total No of works | 4nos. works |
| 3 | Estimated Cost | i)Rs. 87,73,560.00, ii)Rs.83,88,600.00, iii)Rs.96,85,000.00, iv)Rs.60,28,800.00, |
| 4 | Class of Contractor | "B" Class Contractor |
| 5 | Period of Completion | 2 (Two ) Calendar Months |
| 6 | Type of Tender | Double Cover System (Online) |
| 7 | Date & time of availability of bid document in the portal | From **11/07/2025 at 11.30 A.M. to 27/07/2025 at 5.30 P.M.** |
| 8 | Last Date & Time for Receipt of bids in the Portal | **27/07/2025, upto 5.30 P.M.** |
| 9 | Name & Address of the Officer inviting Bid | **Er. Narendra Kumar Ghadal**, Superintending Engineer, Bhubaneswar (R&B) Division No III, Bhubaneswar |

Further details can be seen from the e-procurement portal https://tendersorissa.gov.in
*N.B: Subsequent corrigendum / addendum if required shall be available in the website as indicated above*

Sd/-Superintending Engineer
BBSR (R&B) Division No.III, BBSR

OIPR 34185/11/0006/2526

C-637

**OFFICE OF THE NOTIFIED COUNCIL, RAMBHA**
*Rambha N.A.C,Ganjam,Odisha,761028*
*Tel: 06810-278336 E-mail:* rambhanac123@gmail.com

*Sl No.* 1412 */NAC* *Dated* 05.07.2025

*QUOTATION CALL NOTICE*

Sealed quotations in conformity with detail quotation schedule are invited from the intending authorized reputed IT/Engineering Consulting /High End Engineering Execution Organisations accredited to ISO 9001-2015/Agencies having (HT/MV) and Civil license and having credential of executing similar projects for **" Installation, Testing and Commissioning of IT enabled Day Night Illuminated LED Acrylic Digital Graphics Welcome Gate near Badasankha of NAC Rambha**. The bidders interested to take part in quotation are requested to visit the site prior to quote their rates. The quotation schedule with detailed design and specification can be obtained from the office of the N.A.C Rambha during the Office hours **from dt.08.07.2025 to 19.07.2025** (excluding Govt. Holidays) on payment of **the bid cost of Rs 6000/-(Rupees Six Thousand Only Non refundable)** in shape of Bank Draft /Banker Cheque from any Nationalized Bank in favour of the Executive Officer, N.A.C. Rambha, payable at Rambha. The bidders are requested to attach **EMD of Rs 20,000/-(Twenty Thousand only)in shape of FD/TDR/NSC pledged to the Executive Officer, NAC, Rambha** and the Xerox copy of PAN Number, GST clearance/credentials /EPF ESI registration etc along with the quotation. The quotations will be received at the office of the undersigned on **or before 1.00PM of 21.07.25.The quotation will be opened on dt 21.07.25 at 03.30 PM**, in presence of the bidder or their authorized representative. All terms and conditions are printed in the quotation schedule for information of the bidder. The authority reserves the rights to accept or reject any or all quotations without assigning any reason thereof.

Sd/-Executive Officer,
N.A.C Rambha.

OIPR 13114/11/0037/2526



ନୂଆଦିଲ୍ଲୀ: ଭାରତ ବିଶ୍ୱର ତୃତୀୟ ସର୍ବବୃହତ ଉର୍ଜା ବ୍ୟବହାରକାରୀ ରାଷ୍ଟ୍ର। ଏହି ପରିପ୍ରେକ୍ଷୀରେ ଆମ ସମାଜର ଆକାଂକ୍ଷା ଏବଂ ଉର୍ଜା ଆବଶ୍ୟକତା ପୂରଣ କରିବା ସହିତ ୨୦୭୦ ସୁଦ୍ଧା ଭାରତ ଶୂନ୍ୟ ଅଙ୍ଗାରକାମ୍ଳ ପ୍ରତିବଦ୍ଧତା ହାସଲ କରିବା ଦିଗରେ ଅଗ୍ରସର ବୋଲି ବୁଧବାର ଆଇଆଇଟି ଦିଲ୍ଲୀରେ ଆୟୋଜିତ 'ଭବିଷ୍ୟତରେ ପ୍ରସ୍ତୁତ ଶକ୍ତି ଶିକ୍ଷା: ସୁଯୋଗ ଏବଂ ଚ୍ୟାଲେଞ୍ଜ' ଶୀର୍ଷକ ଜାତୀୟ କର୍ମଶାଳାରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ସମ୍ମିଳନୀରେ ସେ କହିଛନ୍ତି ଯେ ଆମକୁ ଏକ ସ୍ମାର୍ଟ ରଣନୀତି ପ୍ରସ୍ତୁତ କରିବାକୁ ପଡିବ, ଯାହା ଜ୍ଞାନର ସମନ୍ୱୟରେ ସାମାଜ ପାଇଁ ଲାଭଦାୟକ ହେବ । ଆଇଆଇଟି ଦିଲ୍ଲୀ ଉର୍ଜା ଶିକ୍ଷା ପାଇଁ ଭବିଷ୍ୟତର ପଥ ସୃଷ୍ଟି କରିବା ପାଇଁ ଏକ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଛି, ଯାହା ପ୍ରଶଂସନୀୟ। ଏହି ପଦକ୍ଷେପ ସାମଗ୍ରିକ ଶିକ୍ଷା ପାଠ୍ୟକ୍ରମ ସହିତ ଶକ୍ତି ଶିକ୍ଷାକୁ ସମନ୍ୱିତ କରିବା ପାଇଁ ଏକ ଦୀର୍ଘ ଯାତ୍ରାର ମୂଳଦୁଆ ଅଟେ।

## ପ୍ରଖ୍ୟାତ କବିଙ୍କୁ ବିଷ୍ଣୁଦେବଙ୍କ ଶ୍ରଦ୍ଧାଞ୍ଜଳି

ରାୟପୁର: ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ବୁଧବାର ରାଜଧାନୀ ରାୟପୁରର ଯୋରାସ୍ଥିତ ସାଲାସର ବାଲାଜୀ ଧାମର ସଭାଗୃହରେ ଆୟୋଜିତ ସୁପ୍ରସିଦ୍ଧ କବି ପଦ୍ମଶ୍ରୀ ଡ. ସୁରେନ୍ଦ୍ର ଦୁବେଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିସହ ଦିବଂଗତ ଆତ୍ମାର ସଦଗତି ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଶୋକାକୁଳ ପରିବାରଙ୍କୁ ସେ ସମବେଦନା ଜଣାଇବା ସହ ଏଭଳି ଦୁଃଖ ସମୟରେ ଭଗବାନ ଶକ୍ତି ଦିଅନ୍ତୁ ବୋଲି କାମନା କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସୁରେନ୍ଦ୍ର ଦୁବେ ଜଣେ ଜାତୀୟ ସ୍ତରର କବିଭାବେ ପ୍ରସିଦ୍ଧ ଲାଭ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ସେ ତାଙ୍କ ଜୀବନରେ ବହୁ କବି ସମ୍ମିଳନୀରେ ଅଂଶ ଗ୍ରହଣ କରିଥିଲେ। ଯେଉଁ କବି ସମ୍ମିଳନୀରେ ଉପସ୍ଥିତି ରହୁ ନଥିଲା ତାହା ବୋଧଗମ୍ୟ ହୋଇ ପାରୁନଥିଲା। ବିଭିନ୍ନ ସ୍ଥାନରୁ ସେ ବହୁ ସମ୍ମାନର ମଧ୍ୟ ଅଧିକାରୀ ହୋଇଛନ୍ତି। ଏହି ସଭାରେ ଛତିଶଗଡ ଉପମୁଖ୍ୟମନ୍ତ୍ରୀ ଅରୁଣ ସାଏ ମଧ୍ୟ ଉପସ୍ଥିତ ରହିଥିଲେ।



## ପତଞ୍ଜଳିର ଦନ୍ତକାନ୍ତି ଗଣ୍ଡୁଷ ତେଲର ଶୁଭାରମ୍ଭ



ହରିଦ୍ୱାର: ପତଞ୍ଜଳି ପକ୍ଷରୁ ଦନ୍ତକାନ୍ତି ଗଣ୍ଡୁଷ ତେଲର ଶୁଭାରମ୍ଭ କରାଯାଇଛି। ଏହି ଉତ୍ପାଦ ଆୟୁର୍ବେଦିକ ଗଣ୍ଡୁଷ ପଦ୍ଧତି ଉପରେ ଆଧାରିତ। ଦନ୍ତକାନ୍ତି ଗଣ୍ଡୁଷ ତେଲ ପୁର୍ଙ୍ଗିର ମହାନ ଉନ୍ମୋଚନ ପରମପୂଜ୍ୟ ସ୍ୱାମୀ ରାମଦେବ ଏବଂ ବାଲକୃଷ୍ଣ ତଥା ଭାରତୀୟ ଦନ୍ତ ସଂଘ, ଉତ୍ତରାଖଣ୍ଡ ଶାଖାର ସଭାପତି ଡ. ରାଜୀବ ବଂଶଲ, ସଚିବ ଡ. ବିଶ୍ୱଜିତ୍ ଉଲିଆ, କୋଷାଧ୍ୟକ୍ଷ ଡ. ବୈଭବ ପାହୱାଙ୍କ ଦ୍ୱାରା ଲଞ୍ଚ କରାଯାଇଛି। ଏହି ଅବସରରେ ସ୍ୱାମୀ ରାମଦେବ କହିଥିଲେ ଯେ, ପତଞ୍ଜଳିର ଏହି ପ୍ରୟାସ ଯୋଗ ଏବଂ ଆୟୁର୍ବେଦ କ୍ଷେତ୍ରରେ ଏକ ନୂତନ ମାଇଲଖୁଣ୍ଟ। ପତଞ୍ଜଳି କେବଳ ଉପଚାର ନୁହେଁ ବରଂ ବିଶ୍ୱ ସମ୍ମୁଖରେ ସଂସ୍କୃତି, ପରମ୍ପରା ଏବଂ ବୈଜ୍ଞାନିକ ଜ୍ଞାନର ଏକ ସମନ୍ୱୟ ମଧ୍ୟ। ସେ କହିଥିଲେ ଯେ, ଆଜିକାଲି ଲୋକମାନେ ନିଜ ଶରୀରକୁ କିପରି ପରିଚାଳନା କରିବେ ଏବଂ କିପରି ସହଯୋଗ କରିବେ ତାହା ଭୁଲି ଯାଇଛନ୍ତି। ପତଞ୍ଜଳି ଯୋଗ ଏବଂ ଆୟୁର୍ବେଦ ମାଧ୍ୟମରେ ଲୋକଙ୍କୁ ଏହା ଶିଖାଇବା ପାଇଁ କାମ କରୁଛି। ଏହି ଅବସରରେ ଆଚାର୍ଯ୍ୟ ବାଲକୃଷ୍ଣ କହିଥିଲେ ଯେ, ଏହି ଉତ୍ପାଦ ଆମର ପତଞ୍ଜଳି ଗବେଷଣା ପ୍ରତିଷ୍ଠାନର ବୈଜ୍ଞାନିକମାନଙ୍କ ୩ବର୍ଷର ଅକ୍ଳାନ୍ତ ପ୍ରୟାସ ଏବଂ ସମର୍ପଣର ଫଳାଫଳ।

## ପବିତ୍ର ନୀଳାଦ୍ରିବିଜେ ଅବସରରେ...

























































ଓଡ଼ିଶା ଭାସ୍କର
ODISHA BHASKAR

# ଖେଳ ଖବର





ନୂଆଦିଲ୍ଲୀ: ଭାରତୀୟ ଟେଷ୍ଟ ଦଳର ଅଧିନାୟକ ଶୁଭମନ ଗିଲ ଏବଂ କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ଝିଅ ସାରା ତେନ୍ଦୁଲକର ପୁଣି ଥରେ ଚର୍ଚ୍ଚାକୁ ଆସିଛନ୍ତି। ନିକଟରେ ଉଭୟଙ୍କୁ ଇଂଲଣ୍ଡରେ ଏକ କାର୍ଯ୍ୟକ୍ରମରେ ଦେଖିବାକୁ ମିଳିଥିଲା। କହିବାକୁ ଗଲେ ଗିଲ ଏବଂ ସାରା ପୂର୍ବତନ ଭାରତୀୟ ଖେଳାଳି ଯୁବରାଜ ସିଂହଙ୍କ ୟୁୱିକ୍ୟାନ୍ ଫାଉଣ୍ଡେଶନର ଚ୍ୟାରିଟି ଡିନରରେ ପହଞ୍ଚିଥିଲେ। ସେଠାରେ ଉଭୟଙ୍କ ସହ ଜଡିତ ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଭାଇରାଲ ଭିଡିଓରେ ଶୁଭମନ ଗିଲ ସାରା ତେନ୍ଦୁଲକରଙ୍କୁ ଅଣଦେଖା କରୁଥିବାର ଦେଖାଯାଇଛି। ଏହି ଭିଡିଓ କେବଳ ପ୍ରଶଂସକଙ୍କ ମଧ୍ୟରେ ଆଲୋଚନାର ବିଷୟ ପାଲଟି ନାହିଁ, ବରଂ ଏହା ଶୁଭମନ ଏବଂ ସାରାଙ୍କ ମଧ୍ୟରେ ପୂର୍ବରୁ ଚାଲିଥିବା ଗୁଜବକୁ ଏକ ନୂତନ ମୋଡ଼ ଦେଇଛି। ଯେତେବେଳେ ଶୁଭମନ ଗିଲ କାର୍ଯ୍ୟକ୍ରମରେ ପହଞ୍ଚିଥିଲେ, ସାରା ପୂର୍ବରୁ ସେଠାରେ ଉପସ୍ଥିତ ଥିଲେ ଏବଂ ଗିଲ ତାଙ୍କ ସାମ୍ନା ଦେଇ ଚାଲିଯାଇଥିଲେ ହେଲେ ତାଙ୍କୁ ଚାହିଁ ନ ଥିଲେ। ସେହିଭଳି ପ୍ରଶଂସକମାନେ ବିଶ୍ୱାସ କରନ୍ତି ଯେ ସାରା ଗିଲଙ୍କୁ ଦେଖିଥିଲେ ଏବଂ ଭାରତୀୟ ଅଧିନାୟକ ତାଙ୍କୁ ଅଣଦେଖା କରିଥିଲେ। କହିରଖୁଛୁ, ଗିଲ ଇଂଲଣ୍ଡ ଗସ୍ତରେ ଏପର୍ଯ୍ୟନ୍ତ ୨ଟି ଟେଷ୍ଟ ମ୍ୟାଚରେ ୫୮୫ ରନ କରିଛନ୍ତି। ଯେଉଁଥିରେ ତିନୋଟି ଶତକ (ଗୋଟିଏ ଦ୍ୱିଶତକ) ଅନ୍ତର୍ଭୁକ୍ତ। ଏଜବାଷ୍ଟନ ଟେଷ୍ଟରେ, ସେ ଉଭୟ ଇନିଂସରେ ମିଳିତ ଭାବରେ ୪୩୦ ରନ କରିଥିଲେ।

# ତୃତୀୟ ଟେଷ୍ଟ ପୂର୍ବରୁ ପିଚ୍‌କୁ ନେଇ ଗିଲ୍‌ଙ୍କ ଚିନ୍ତା

ଲଣ୍ଡନ: ଶୁଭମନ ଗିଲଙ୍କ ଅଧିନାୟକତ୍ୱରେ ଟିମ ଇଣ୍ଡିଆ ଏଜବାଷ୍ଟନ୍ ଗ୍ରାଉଣ୍ଡରେ ଏକ ଐତିହାସିକ ବିଜୟ ହାସଲ କରିବା ପରେ ଗୁରୁବାରଠାରୁ ଲର୍ଡସରେ ଇଂଲଣ୍ଡ ବିପକ୍ଷରେ ଭାରତ ୩ୟ ଟେଷ୍ଟମ୍ୟାଚ୍ ଖେଳିବାକୁ ଯାଉଛି । ବର୍ତ୍ତମାନ ପରବର୍ତ୍ତୀ ପଦକ୍ଷେପ ଏହାଠାରୁ ଏହାଠାରୁ ଆହୁରି କଷ୍ଟକର ମନେ ହେଉଛି । ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ସିରିଜର ତୃତୀୟ ମ୍ୟାଚ୍ ଲର୍ଡସ୍ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବାରୁ ଏହାକୁ ନେଇ ଗିଲଙ୍କୁ ଘାରିଛି ଚିନ୍ତା। ଏଜବାଷ୍ଟନ୍ ପରି ଲର୍ଡସ୍ ଗ୍ରାଉଣ୍ଡରେ ପୂର୍ବରୁ ଟିମ୍ ଇଣ୍ଡିଆର ପରିସଂଖ୍ୟାନ ମଧ୍ୟ ଲଜ୍ଜାଜନକ ରହିଛି। ଏପରି ପରିସ୍ଥିତିରେ ଯଦି ଶୁଭମନ ଗିଲ୍‌ଙ୍କୁ ଏହି ମ୍ୟାଚ୍ ଜିତିବାକୁ ହେଲେ, ଦଳର ଖେଳାଳି ମାନଙ୍କଠାରୁ କିଛି ବିଶେଷ ପ୍ରଦର୍ଶନ ଆଶା କରାଯିବ। ଅନେକ ସମୟରେ ଭାରତୀୟ ଉପମହାଦେଶୀୟ ଦଳଗୁଡ଼ିକ ବିରୋଧରେ ନିଜ ଆବଶ୍ୟକ ମୁତାବକ ପିଚ୍ ତିଆରି କରୁଥିବା ଅଭିଯୋଗ ଆଣୁଥିବା ଇଂଲଣ୍ଡ ଏବେ ଲର୍ଡସରେ ନିଜ ମନ ମତାଣିଆ ପିଚ୍ ପ୍ରସ୍ତୁତ କରିବାକୁ ଯୋଜନା କରିଛି। ସେଥିପାଇଁ ଏହି ମ୍ୟାଚ୍ ଆରମ୍ଭ ହେବାର ତିନି ଦିନ ପୂର୍ବରୁ ଲର୍ଡସ ପିଚ୍‌କୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। ଇଂଲଣ୍ଡର କୌଣସି ଗ୍ରାଉଣ୍ଡରେ ଟିମ୍ ଇଣ୍ଡିଆର ରେକର୍ଡ ଭଲ ହୋଇନାହିଁ । ଲର୍ଡସ୍‌ରେ ମଧ୍ୟ ସମାନ ପରିସ୍ଥିତି ରହିଛି। ଟିମ୍ ଇଣ୍ଡିଆ ଏପର୍ଯ୍ୟନ୍ତ ଏହି ଗ୍ରାଉଣ୍ଡରେ ୧୯ଟି ଟେଷ୍ଟ



ମ୍ୟାଚ୍ ଖେଳିଛି, ଯେଉଁଥିରେ କେବଳ ୩ଟିରେ ଜିତିଛି ଏବଂ ୧୨ଟି ମ୍ୟାଚ ହାରିଛି। ଅନ୍ୟପକ୍ଷରେ ଯଦି ଆମେ ଇଂଲଣ୍ଡ ବିଷୟରେ କହିବା ତେବେ ଦଳ ଏହି ଗ୍ରାଉଣ୍ଡରେ ୧୪୫ଟି ମ୍ୟାଚ୍ ଖେଳିଛି, ଯେଉଁଥିରୁ ୫୯ଟି ମ୍ୟାଚ୍ ଜିତିଥିବା ବେଳେ ୩୫ଟିରେ ପରାଜିତ ହୋଇଛି । ଲର୍ଡସ୍‌ରେ କେବଳ ୩ଜଣ ଭାରତୀୟ ଅଧିନାୟକ ଟିମ ଇଣ୍ଡିଆକୁ ବିଜୟୀ କରିଥିଲେ। ଏହି ଐତିହାସିକ ଗ୍ରାଉଣ୍ଡରେ ପୂର୍ବତନ କ୍ୟାପଟେନ କପିଲ ଦେବଙ୍କ ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆ ପ୍ରଥମ ବିଜୟ ହାସଲ କରିଥିଲା। ଏହା ପରେ ଏହି ଗ୍ରାଉଣ୍ଡରେ ପରବର୍ତ୍ତୀ ବିଜୟ ପାଇଁ ଟିମ୍ ଇଣ୍ଡିଆକୁ ଦୀର୍ଘ ୨୮ ବର୍ଷ ଅପେକ୍ଷା କରିବାକୁ ପଡିଥିଲା। ୨୦୧୪ ମସିହାରେ ଟିମ୍ ଇଣ୍ଡିଆର କ୍ୟାପଟେନ୍ କୁଲ୍ ଏମ୍‌ଏସ୍ ଧୋନିଙ୍କ ଅଧିନାୟକତ୍ୱରେ ଏଠାରେ ମ୍ୟାଚ୍ ଜିତିଥିଲା । ଏହାପରେ ଶେଷ ଥର ପାଇଁ ୨୦୨୧ରେ ବିରାଟ କୋହଲିଙ୍କ ନେତୃତ୍ୱରେ ବିଜୟର ସ୍ୱାଦ ଚାଖିଥିଲା ଭାରତୀୟ ଦଳ। ଏଜବାଷ୍ଟନର ଦୁର୍ଗ ଜିତିବା ପରେ ଏବେ ଲର୍ଡସରେ ପାଳି। ଯୁବ ଭାରତୀୟ ଦଳ ଭଲ ଫର୍ମରେ ଥିବାରୁ ଏଠାରେ ଭଲ ସ୍କୋର ହେବା ଆଶା ରଖିବା ସହିତ ଟିମ୍ ଇଣ୍ଡିଆ ବିଜୟ ହୋଇ ଇତିହାସ ସୃଷ୍ଟି କରିବ ବୋଲି ଆଶା କରାଯାଉଛି। ଲର୍ଡସରେ ଯଦି ଅଧିକ ଗତିଶୀଳ ପିଚ୍ ମିଳେ ତାହେଲେ ଏହା ଭାରତୀୟ ବୋଲରଙ୍କ ପାଇଁ ମଧ୍ୟ ଶୁଭଖବର ହେବ। କାରଣ ଲର୍ଡସରେ ଦଳର ପ୍ରମୁଖ ବୋଲର୍ ଯଶପ୍ରୀତ୍ ବୁମ୍ରା ଫେରିବେ ବୋଲି ଅଧିନାୟକ ଶୁବମନ୍ ଗିଲ୍ ସୂଚନା ଦେଇସାରିଛନ୍ତି। ବୁମ୍ରା ଫେରିବା ପରେ ଭାରତର ଦ୍ରୁତ ବୋଲିଂ ବାହିନୀ ଆହୁରି ଶକ୍ତିଶାଳୀ ହେବ। ବୁମ୍ରା-ସିରାଜ-ଆକାଶ ଦୀପ ଯଦି ଏକାଠି ଖେଳନ୍ତି, ତାହେଲେ ଇଂଲଣ୍ଡ ପୁଣି ଥରେ ନିଜ ଜାଲରେ ଫସିବାର ଭୟ ମଧ୍ୟ ରହିଛି। ପରିସଂଖ୍ୟାନ ଅନୁସାରେ ଲର୍ଡସରେ ସର୍ବମୋଟ ୧୪୮ଟି ଟେଷ୍ଟ ମ୍ୟାଚ୍ ଖେଳାଯାଇଛି। ସେଥିମଧ୍ୟରୁ ପ୍ରଥମେ ବ୍ୟାଟିଂ କରିବା ଦଳ ୫୩ ମ୍ୟାଚ୍ ଜିତିଥିଲା ବେଳେ ଦ୍ୱିତୀୟରେ ବ୍ୟାଟିଂ କରିଥିବା ଦଳ ୪୪ଟି ମ୍ୟାଚ୍ ଜିତିଛି। ଏଠାକାର ସର୍ବୋଚ୍ଚ ଗୋଟିଏ ପାଳି ସ୍କୋର୍ ୭୨୯/୬ ଇଂଲଣ୍ଡ ବିପକ୍ଷରେ ଅଷ୍ଟ୍ରେଲିଆ ହାସଲ କରିଥିଲା। ଅନ୍ୟପକ୍ଷରେ ସର୍ବନିମ୍ନ ଗୋଟିଏ ପାଳି ସ୍କୋର୍ ୩୮/୧୦, ଇଂଲଣ୍ଡ ବିପକ୍ଷରେ ଆୟର୍ଲାଣ୍ଡ କରିଥିଲା।

## ଶ୍ରୀଲଙ୍କା ସହ ସୀମିତ ଓଭର ସିରିଜ ଖେଳିବ ଭାରତ !

ନୂଆଦିଲ୍ଲୀ: ସୁରକ୍ଷା ଦୃଷ୍ଟିକୋଣରୁ ଭାରତୀୟ କ୍ରିକେଟ ଟିମ ତାର ବାଂଲାଦେଶ ଗସ୍ତକୁ ସେପ୍ଟେମ୍ବର ୨୦୨୬କୁ ଘୁଂଚାଇ ଦେଇଛି । ରିପୋର୍ଟ ମୁତାବକ ଭାରତ ଏବଂ ଶ୍ରୀଲଙ୍କା କ୍ରିକେଟ ବୋର୍ଡ ଏହି ସମୟ ମଧ୍ୟରେ ଏକ ସୀମିତ ଓଭର ସିରିଜ ଆୟୋଜନ କରିବା ନେଇ ଆଲୋଚନା କରୁଛନ୍ତି । ଆଇସିସି ଫ୍ୟୁଚର ଟୁର ପ୍ରୋଗ୍ରାମର ଏହା ଅଂଶବିଶେଷ ନ ଥିଲେ ଦୁଇ ଟିମ ପାଖରେ ଖାଲି ସମୟ ରହିଛି । ଶ୍ରୀଲଙ୍କା କ୍ରିକେଟ ବୋର୍ଡ ଶ୍ରୀଲଙ୍କା ପ୍ରିମିୟର ଲିଗକୁ ଏଥର ସ୍ଥଗିତ ରଖିଛନ୍ତି । ଉଭୟ ଟିମ ୩ଟି ଲେଖାଏଁ ଦିନିକିଆ ଏବଂ ଟି୨୦ ମୁକାବିଲା ଖେଳିବା ପାଇଁ ଯୋଜନା କରୁଛନ୍ତି। ବାଂଲାଦେଶ ବିପକ୍ଷ ସିରିଜ ଜୁଲାଇ ୧୬ରେ ଶେଷ ହେବ । ଏହା ପରେ ଶ୍ରୀଲଙ୍କା ନିକଟରେ ଅଗଷ୍ଟ ଶେଷ ସପ୍ତାହ ପର୍ଯ୍ୟନ୍ତ କୌଣସି ମ୍ୟାଚ ନାହିଁ । ଶ୍ରୀଲଙ୍କା ସେପ୍ଟମ୍ବରରେ ଜିମ୍ବାୱେ ଗସ୍ତରେ ଯିବ । ଗତ ବର୍ଷ ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ଦିନିକିଆ ଓ ଟି୨୦ ସିରିଜ ଆୟୋଜିତ ହୋଇଥିଲା । ଦିନିକିଆରେ ଶ୍ରୀଲଙ୍କା ଓ ଟି୨୦ରେ ଭାରତ ବିଜୟୀ ହୋଇଥିଲା।

# ଆଇସିସି ର‌୍ୟାଙ୍କିଂ : ହ୍ୟାରି ବ୍ରୁକ୍ ନମ୍ବର ୱାନ୍ ବ୍ୟାଟର



ନୂଆଦିଲ୍ଲୀ: ଆଇସିସିର ସଦ୍ୟତମ ଟେଷ୍ଟ ରାଙ୍କିଂରେ ଇଂଲଣ୍ଡ ବ୍ୟାଟର ହ୍ୟାରି ବ୍ରୁକ୍ ନମ୍ବର ୱାନ୍ ବ୍ୟାଟର ହୋଇଛନ୍ତି। ସେ ନିଜର ଟିମ୍‌ମେଟ୍ ଜୋ ରୁଟ୍‌ଙ୍କୁ ହଟାଇ ଏହି ସ୍ଥାନ ହାସଲ କରିଛନ୍ତି। ବ୍ରୁକ୍ ଏଜବାଷ୍ଟନ ଟେଷ୍ଟରେ ଭାରତ ବିପକ୍ଷରେ ପ୍ରଥମ ଇନିଂସରେ ୧୫୮ ରନ୍ କରିଥିଲେ। ନୂଆ ରାଙ୍କିଂରେ ଜୋ ରୁଟ୍ ଦ୍ୱିତୀୟ ସ୍ଥାନକୁ ଖସି ଆସିଛନ୍ତି। ସେ ବ୍ରୁକ୍‌ଙ୍କଠାରୁ ୧୮ ରେଟିଂ ପଏଣ୍ଟ ପଛରେ ଅଛନ୍ତି। ତାଙ୍କ ବ୍ୟତୀତ ଭାରତୀୟ ଟେଷ୍ଟ କ୍ୟାପ୍ଟେନ ଶୁଭମନ୍ ଗିଲ୍ ଓ ଇଂଲଣ୍ଡ ବ୍ୟାଟର ଜେମି ସ୍ମିଥଙ୍କ ରାଙ୍କିଂରେ ସୁଧାର ଆସିଛି। ଗିଲ୍ ୧୫ ସ୍ଥାନ ଉପରକୁ ଉଠି କ୍ୟାରିୟରର ବେଷ୍ଟ ରାଙ୍କିଂ ପଏଣ୍ଟ ହାସଲ କରିଛନ୍ତି।

## ଶୀର୍ଷ ୧୦ରେ ଗିଲ୍ ସାମିଲ

ସେ ବ୍ୟାଟିଂ ରାଙ୍କିଂରେ ଷଷ୍ଠ ସ୍ଥାନରେ ପହଞ୍ଚିଛନ୍ତି । ଅନ୍ୟପଟେ ସ୍ମିଥ୍ ମଧ୍ୟ ଶୀର୍ଷ ୧୦ରେ ପହଞ୍ଚିଛନ୍ତି। ଗିଲ୍ ଏଜବାଷ୍ଟନ ଟେଷ୍ଟର ପ୍ରଥମ ଇନିଂସରେ ୨୬୯ ଓ ୧୬୧ ରନ୍ କରିଥିଲେ । ଏହା ବଳରେ ଇଂଲଣ୍ଡକୁ ୩୩୬ ରନରେ ପରାସ୍ତ କରି ଭାରତ ସିରିଜର ପ୍ରଥମ ବିଜୟ ହାସଲ କରିଥିଲା। ଟେଷ୍ଟ ରାଙ୍କିଂରେ ବ୍ରୁକଙ୍କ ପରେ ରୁଟ୍ (ଦ୍ୱିତୀୟ), କେନ୍ ୱିଲିୟମସନ (ତୃତୀୟ), ଯଶସ୍ୱୀ ଜୟସ୍ୱାଲ (ଚତୁର୍ଥ) ଓ ଷ୍ଟିଭ୍ ସ୍ମିଥ୍ (ପଞ୍ଚମ) ନମ୍ବରରେ ଅଛନ୍ତି। ଶୀର୍ଷ ୧୦ରେ ଗିଲ୍ ଓ ଜୟସ୍ୱାଲଙ୍କ ସହ ରିଷଭ ପନ୍ତ ବି ଅଛନ୍ତି। ରିଷଭ ପନ୍ତ ଅଷ୍ଟମ ସ୍ଥାନରେ ଅଛନ୍ତି। ସପ୍ତମ ସ୍ଥାନରେ ଦ.ଆଫ୍ରିକାର ତେମ୍ବା ବଭୁମା, ନବମ ସ୍ଥାନରେ କାମିନ୍ଦୁ ମେଣ୍ଡିସ୍ ଓ ଦଶମ ସ୍ଥାନରେ ଇଂଲଣ୍ଡର ଜେମି ସ୍ମିଥ୍ ଅଛନ୍ତି। ଭାରତର ଅନୁଭବୀ ଖେଳାଳି ରବିନ୍ଦ୍ର ଜାଡେଜା ଟେଷ୍ଟ ଅଲରାଉଣ୍ଡର୍ସ ସୂଚୀରେ ଶୀର୍ଷ ସ୍ଥାନରେ ଅଛନ୍ତି। ଅନ୍ୟପଟେ ଜଶପ୍ରିତ ବୁମରା ମଧ୍ୟ ଟେଷ୍ଟ ବୋଲର ରାଙ୍କିଂରେ ଏକ ନମ୍ବର ସ୍ଥାନ ବଜାୟ ରଖିଛନ୍ତି। ସେହିପରି ମହମ୍ମଦ ସିରାଜଙ୍କୁ ଇଂଲଣ୍ଡ ବିପକ୍ଷରେ ଭଲ ପ୍ରଦର୍ଶନ ଫାଇଦା ହୋଇଛି। ସଦ୍ୟ ରାଙ୍କିଂରେ ସେ ୬ ସ୍ଥାନ ଉପରକୁ ଉଠି ୨୨ତମ ସ୍ଥାନରେ ଅଛନ୍ତି।

# ନେଟ୍‌ସରେ ବୁମ୍ରାଙ୍କ ଜୋରଦାର ପ୍ରାକ୍ଟିସ୍



ଲଣ୍ଡନ : ଭାରତୀୟ ଦଳର ପ୍ରମୁଖ ବୋଲର ଯଶପ୍ରୀତ୍ ବୁମ୍ରା ତୃତୀୟ ଟେଷ୍ଟ ଖେଳିବା ନେଇ ଅଧିନାୟକ ଶୁଭମନ ଗିଲ୍ ସୂଚନା ଦେଇଛନ୍ତି। ଯାହାଫଳରେ ଭାରତୀୟ ଦଳର ବୋଲିଂ ବିଭାଗ ଶକ୍ତିଶାଳି ହୋଇଛି। ଏ ନେଇ ବୁମ୍ରା ମଙ୍ଗଳବାରଠାରୁ ନେଟ୍‌ସକୁ ଫେରିଛନ୍ତି। ଲର୍ଡସରେ ଭାରତୀୟ ଦଳର ପ୍ରଥମ ଅଭ୍ୟାସ ଅଧିବେଶନରେ ଯୋଗଦେଇ ୪୫ ମିନିଟ୍ କାଳ ଅଗ୍ନିବର୍ଷୀ ବୋଲିଂ କରିଥିଲେ। ଏହା ପରେ ବାମହାତୀ ସ୍ପିନର କୁଲଦୀପ ଯାଦବଙ୍କ ସମ୍ମୁଖୀନ ହେବା ସହ ଥ୍ରୋ ବାଉନ୍ସର ମୁକାବିଲା ବି କରିଥିଲେ। ଏହା ପୂର୍ବରୁ ବର୍ମିଂହାମ୍‌ରୁ ଲଣ୍ଡନ ଅଭିମୁଖେ ଯାତ୍ରା କରିବା ବେଳେ ସେ ବେଶ୍ ଖୁସି ଥିଲା ବେଳେ ସାଥୀ ଖେଳାଳିଙ୍କ ସହ ମଜାଗପ କରିଥିଲେ। ସେହିଭଳି ଭାରତୀୟ ଦଳ ସହ ଯାତ୍ରା କରୁଥିବା ଗଣମାଧ୍ୟମ ପ୍ରତିନିଧିଙ୍କ ସହ ମଧ୍ୟ କେବେ କେବେ କଥାବାର୍ତ୍ତା ହେଉଥିଲେ। ଯାହାର ପ୍ରତିଫଳନ ନେଟ୍‌ସରେ ଦେଖିବାକୁ ମିଳିଥିଲା। ବୁମ୍ରା ପୂରା ଆତ୍ମବିଶ୍ୱାସର ସହ ବୋଲିଂ କରୁଥିବା ଦେଖିବାକୁ ମିଳିଥିଲା। ସୂଚନାଯୋଗ୍ୟ ଯେ ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟରେ ବୁମ୍ରା ଖେଳିଥିଲେ। ତେବେ କାର୍ଯ୍ୟଭାର କମାଇବା ଲାଗି ତାଙ୍କୁ ବର୍ମିଂହାମ ଟେଷ୍ଟରୁ ବିଶ୍ରାମ ଦିଆଯାଇଥିଲା।


# ନ୍ୟୁଜିଲାଣ୍ଡ ଦଳ ଛାଡ଼ିଲେ ୱିଲିୟମ୍‌ସନ୍



ନୂଆଦିଲ୍ଲୀ: ନ୍ୟୁଜିଲାଣ୍ଡ ଜୁଲାଇ ୩୦ରୁ ଜିମ୍ବାୱେ ବିପକ୍ଷରେ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ଏହି ଟେଷ୍ଟ ସିରିଜ ପାଇଁ ନ୍ୟୁଜିଲାଣ୍ଡ ତାର ଦଳ ଘୋଷଣା କରିଛି। ଦଳରେ ଅନେକ ଖେଳାଳିଙ୍କୁ ସାମିଲ କରାଯାଇଛି। କିନ୍ତୁ ଏହି ତାଲିକାରେ ଅଭିଜ୍ଞ ବ୍ୟାଟ୍ସମ୍ୟାନ କେନ ୱିଲିୟମସନଙ୍କ ନାମ ନାହିଁ। ସେ ନିଜକୁ ଟେଷ୍ଟ ସିରିଜରୁ ଦୂରେଇ ରଖିଛନ୍ତି। କେବଳ ଏତିକି ନୁହେଁ, ମାଇକେଲ ବ୍ରେସୱେଲ ମଧ୍ୟ ସମାନ ନିଷ୍ପତ୍ତି ନେଇଛନ୍ତି ଯେ ସେ ଏହି ସିରିଜରେ ଅଂଶଗ୍ରହଣ କରିବେ ନାହିଁ। ମାଇକେଲ ବ୍ରେସୱେଲ ବର୍ତ୍ତମାନ ମେଜର ଲିଗ କ୍ରିକେଟରେ ଅଂଶଗ୍ରହଣ କରୁଛନ୍ତି ଏବଂ ତା'ପରେ ସେ ଦି ହଣ୍ଡରେଡ ଟୁର୍ଣ୍ଣାମେଣ୍ଟରେ ସାଉଦର୍ଣ୍ଣ ବ୍ରେଭସ ପାଇଁ ଖେଳିବେ। ନ୍ୟୁଜିଲାଣ୍ଡ ମୁଖ୍ୟ ପ୍ରଶିକ୍ଷକ ରବ ୱାଲ୍ଟର କହିଛନ୍ତି, ଆମେ କେନ ଏବଂ ବ୍ରେସୱେଲ୍‌ଙ୍କୁ ନ୍ୟୁଜିଲାଣ୍ଡ ଦଳରେ ଚାହୁଁଥିଲୁ। କିନ୍ତୁ ସେମାନେ ଏହି ଗସ୍ତ ବିଷୟରେ ନ୍ୟୁଜିଲାଣ୍ଡ କ୍ରିକେଟ ସହିତ କଥା ହୋଇସାରିଛନ୍ତି। ଏହି ଦୁଇ ଖେଳାଳି ନ ଖେଳିବା ଯୋଗୁ ଦଳ ନିଶ୍ଚିତ ଭାବରେ କିଛି ଅସୁବିଧାର ସମ୍ମୁଖୀନ ହେବ। ମ୍ୟାଟ ହେନରୀ, ମ୍ୟାଟ ଫିସର ଏବଂ ଜାକବ ଡଫିଙ୍କୁ ଦଳରେ ସ୍ଥାନ ମିଳିଛି। ମ୍ୟାଟ ଫିସରଙ୍କୁ ପ୍ରଥମ ଥର ପାଇଁ ନ୍ୟୁଜିଲାଣ୍ଡ ଟେଷ୍ଟ ଦଳରେ ସ୍ଥାନ ମିଳିଛି। ନ୍ୟୁଜିଲାଣ୍ଡ ଦଳ: ଟମ ଲାଥାମ (ଅଧିନାୟକ), ଟମ ବ୍ଲଣ୍ଡେଲ (ୱିକେଟକିପର), ଡେଭନ କନୱେ, ଜାକବ ଡଫି, ମ୍ୟାଟ ଫିସର, ମ୍ୟାଟ ହେନରୀ, ଡାରିଲ ମିଚେଲ, ହେନରି ନିକୋଲ୍ସ, ୱିଲିୟମ ଓ'ରୌର୍କେ, ଅଜାଜ ପଟେଲ, ଗ୍ଲେନ ଫିଲିପ୍ସ, ରାଚିନ ରବିନ୍ଦ୍ର, ମିଚେଲ ସାଣ୍ଟନର, ନାଥନ ସ୍ମିଥ, ୱିଲ ୟଙ୍ଗ।

## ୱିମ୍ବଲଡନ୍ ଟେନିସ୍ ପ୍ରତିଯୋଗିତା

# ପ୍ରଥମ ଥର ସେମିରେ ଫ୍ରିଜ୍



ଲଣ୍ଡନ: ଆମେରିକାର ଟେଲର ଫ୍ରିଜ୍ ପ୍ରଥମ ଥର ଲାଗି ୱିମ୍ବଲଡନ୍ ଟେନିସ୍ ପ୍ରତିଯୋଗିତାର ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ପୁରୁଷ ଏକକ କ୍ୱାର୍ଟରଫାଇନାଲ୍‌ରେ ପଞ୍ଚମ ମାନ୍ୟତାପ୍ରାପ୍ତ ଫ୍ରିଜ୍ ୬-୩, ୬-୪, ୧-୬, ୭-୬ ସେଟ୍‌ରେ ସପ୍ତଦଶ ମାନ୍ୟତାପ୍ରାପ୍ତ ରୁଷିଆର କାରେନ ଖାଚାନୋଭଙ୍କୁ ମାତ୍ ଦେଇଛନ୍ତି। ଏଥିସହ ୟୁଏସ୍ ଓପନ୍ ଫାଇନାଲିଷ୍ଟ ଫ୍ରିଜ୍ ୨୦୧୮ (ଜନ୍ ଇଜ୍‌ନର) ପରେ ପ୍ରଥମ ଆମେରିକୀୟ ପୁରୁଷ ଖେଳାଳି ଭାବେ ଗ୍ରାସ୍ କୋର୍ଟ ସ୍ଲାମ୍ ସେମିଫାଇନାଲ୍‌ରେ ପହଞ୍ଚିଛନ୍ତି। ସେ ମଧ୍ୟ ଫ୍ରାନ୍‌ସେସ୍ ଟିଆଫୋ ଓ ବେନ୍ ସେଲଟନ୍‌ଙ୍କ ପରେ ତୃତୀୟ ଆମେରିକା ପୁରୁଷ ଖେଳାଳି ଭାବେ ଅନେକ ବାର ଗ୍ରାଣ୍ଡସ୍ଲାମ ସେମିଫାଇନାଲ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ପ୍ରଥମ ଆମେରିକୀୟ ପୁରୁଷ ଭାବେ ମଧ୍ୟ ନନ୍-ହାର୍ଡକୋର୍ଟ ଗ୍ରାଣ୍ଡ ସ୍ଲାମ୍ ସେମିଫାଇନାଲ୍‌ରେ ପହଞ୍ଚିଛନ୍ତି। ମହିଳା ଏକକ ସେମିଫାଇନାଲ୍‌ରେ ବିଶ୍ୱର ଏକ ନମ୍ବର ଆରିନା ସାବାଲେଙ୍କା ତୃତୀୟ ଥର ଲାଗି ପ୍ରବେଶ କରିଛନ୍ତି। ମଙ୍ଗଳବାର କ୍ୱାର୍ଟରଫାଇନାଲ୍‌ରେ ୩ ଗ୍ରାଣ୍ଡ ସ୍ଲାମ୍ ବିଜୟିନୀ ତଥା ଫ୍ରେଞ୍ଚ ଓପନ୍ ଫାଇନାଲିଷ୍ଟ ସାବାଲେଙ୍କା ୪-୬, ୬-୨, ୬-୪ ସେଟ୍‌ରେ ଜର୍ମାନୀର ଲେରା ସିଗମୁଣ୍ଡଙ୍କୁ ପରାସ୍ତ କରିଥିଲେ। ଏହି ବେଲାରୁଷ ମହିଳା ପ୍ରଥମ ସେଟ୍ ହାରିବା ପରେ ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ଦୁଇ ସେଟ୍ ଜିତି ପ୍ରଥମ ୱିମ୍ବଲଡନ୍ ଟ୍ରଫି ବିଜୟ ଦିଗରେ ଗୋଟିଏ ପାଦ ଆଗକୁ ବଢ଼ିଛନ୍ତି।

## ରାଜ୍ୟସ୍ତରୀୟ ୱାକୋ କିକ୍ ବକ୍ସିଙ୍ଗ ପ୍ରତିଯୋଗିତା

# ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଲେ ଶିଳ୍ପମନ୍ତ୍ରୀ



ପାରାଦୀପ (ଭାସ୍କର ନ୍ୟୁଜ୍) : ଆସନ୍ତା ଜୁଲାଇ ମାସ ୧୧ ରୁ ୧୩ ତାରିଖ ପର୍ଯ୍ୟନ୍ତ ଅନଗୁଳ ଠାରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ୱାକୋ କିକ ବକ୍ସିଙ୍ଗ ପ୍ରତିଯୋଗିତାରେ ଜଗତସିଂହପୁର ଜିଲ୍ଲାରୁ ୪ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଜିଲ୍ଲା ସଭାପତି ଅମର ଜ୍ୟୋତି ରାଉତଙ୍କ ନେତୃତ୍ୱରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର ବିଧାୟକ ତଥା ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସମସ୍ତ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିବାର ପ୍ରତିଶୃତି ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନୂଆଗଡ ଗ୍ରାମ ପଞ୍ଚାୟତ ସରପଞ୍ଚ ଦେବେନ୍ଦ୍ର କୁମାର ରାଉତ ଏବଂ ପାରାଦ୍ୱୀପ ଗଡ଼ ବିଜେପି ମଣ୍ଡଳ ସଭାପତି ଗଗନ ବିହାରୀ ରାଉତ ପଞ୍ଚାୟତ ସ୍ତରରେ ସବୁ ପ୍ରକାର ସାହାଯ୍ୟ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି। ଜଗତସିଂହପୁର କିକ ବକ୍ସିଙ୍ଗ ଆସୋସିଏସନର ସମ୍ପାଦକ ମାନସ ଦୋରା, ମ୍ୟାନେଜେର ମୋନାଲିସା ସ୍ୱାଇଁ ଏବଂ ରାଜ୍ୟ ସ୍ତରୀୟ ରେଫେରୀ କାହ୍ନୁ ମଲିକ ସମସ୍ତ ପ୍ରତିଯୋଗୀଙ୍କ ନେତୃତ୍ୱ ନେଉଛନ୍ତି।

# ଟେଷ୍ଟ କ୍ରିକେଟ୍‌ରୁ ଅବସର ନେବା ନେଇ ମୁହଁ ଖୋଲିଲେ କୋହଲି



ନୂଆଦିଲ୍ଲୀ: ପୂର୍ବତନ କ୍ରିକେଟର ଯୁବରାଜ ସିଂହ । କ୍ୟାନସରରୁ ବଞ୍ଚିବା ପରେ ନିଜେ କରିଛନ୍ତି ୟୁୱିଇକ୍ୟାନ୍ କର୍କଟ ଏନଜିଓ ଫାଉଣ୍ଡେସନ। ସଂସ୍ଥା ପାଇଁ ସେ ଅନେକ ସମୟରେ ଯୋଗାଡ କରନ୍ତି ପାଣ୍ଠି । ଏହି ଅବସରରେ ସେ ଲଣ୍ଡନରେ ଏକ ଭବ୍ୟ ଡିନର ପାର୍ଟିର ଆୟୋଜନ କରିଥିଲେ। ଏଥିରେ ବହୁ ନାମୀଦାମୀ ଖେଳାଳି ଓ ପୂର୍ବତନ କ୍ରିକେଟର ସାମିଲ୍ ହୋଇଥିଲେ। ଏହି ବିଶେଷ ଅବସରରେ, ଗୌତମ ଗମ୍ଭୀରଙ୍କ ନେତୃତ୍ୱରେ ଟିମ୍ ଇଣ୍ଡିଆର ସମସ୍ତ ଖେଳାଳି ଓ ସପୋର୍ଟ ଷ୍ଟାଫ୍ ପହଞ୍ଚିଥିଲେ। ସଚିନ ତେନ୍ଦୁଲକର, କ୍ରିସ୍ ଗେଲ୍, କେଭିନ୍ ପିଟରସେନ୍, ବ୍ରାଏନ୍ ଲାରା ଓ ଆଶିଷ ନେହେରାଙ୍କ ଭଳି କିମ୍ବଦନ୍ତୀ ମଧ୍ୟ ଏହି କାର୍ଯ୍ୟକ୍ରମ ଅଂଶ ଥିଲେ। ଏମିତିକି ଟିମ୍ ଇଣ୍ଡିଆର ଖେଳାଳି ବି ସେଠାରେ ଗୋଟିଏ ଘଣ୍ଟା ସେଠାରେ ରହି ଅନେକ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିଥିଲା । ଗାଲା ଡିନର ଆରମ୍ଭ ହେବା ପୂର୍ବରୁ ସମସ୍ତେ ଆରାମରେ ନିଜ ନିଜ ସ୍ଥାନରେ ବସିବା ମାତ୍ରେ, ବିରାଟ କୋହଲି ହଠାତ୍ ବଡ଼ ସ୍କ୍ରିନରେ ଏଣ୍ଟ୍ରି କରିଥିଲେ । ତାଙ୍କୁ ତାଙ୍କ ବନ୍ଧୁ କେଭିନ୍ ପିଟରସନ୍‌ଙ୍କ କଥାବାର୍ତ୍ତା ରାତ୍ରୀଭୋଜନ କରୁଥିବାର ଦେଖାଯାଇଥିଲା। ରାତ୍ରିଭୋଜନ ପରେ ପରବର୍ତ୍ତୀ ଅଧିବେଶନ ଗୌରବ କପୁରଙ୍କ ଦ୍ୱାରା ଆୟୋଜିତ ହୋଇଥିଲା । ରବି ଶାସ୍ତ୍ରୀ, ଯୁବରାଜ ସିଂହ, କେଭିନ୍ ପିଟରସେନ୍, କ୍ରିସ୍ ଗେଲ୍ ଏବଂ ଡାରେନ୍ ଗଫ୍ ଏଥିରେ ଅଂଶଗ୍ରହଣ କରିଥିଲେ। ପ୍ରାରମ୍ଭରେ ବିରାଟ କୋହଲି ମଞ୍ଚ ଉପରେ ନଥିଲେ। କିନ୍ତୁ ଗୌରବଙ୍କ ବାରମ୍ବାର ଅନୁରୋଧରେ ସେ ମଧ୍ୟ ମଞ୍ଚ ଉପରେ ଆସି ସମସ୍ତଙ୍କ ସହିତ ଯୋଗ ଦେଇଥିଲେ। ପରେ କ୍ରିସ୍ ଗେଲ୍ ସହିତ ଏକ ମଜାଦାର ସାକ୍ଷାତ ମଧ୍ୟ ଦେଖିବାକୁ ମିଳିଥିଲା। ଏହି ସମୟରେ ଯେତେବେଳେ ଗୌରବ କହିଥିଲେ ଯେ ଲୋକମାନେ ପଡ଼ିଆରେ ତୁମକୁ ମିସ୍ କରନ୍ତି । ଏହା ଉପରେ ବିରାଟ ତାଙ୍କ ଟେଷ୍ଟ ଅବସର ଉପରେ ହସି କହିଥିଲେ- ମୁଁ ମାତ୍ର ଦୁଇ ଦିନ ପୂର୍ବରୁ ମୋ ଦାଢ଼ି ରଙ୍ଗ କରିଛି, ଯେତେବେଳେ ତୁମକୁ ପ୍ରତି ଚାରି ଦିନରେ ତୁମର ଦାଢ଼ି ରଙ୍ଗ କରିବାକୁ ପଡ଼ିବ, ତେବେ ବୁଝ ଯେ ସମୟ ଆସିଗଲା। ବିରାଟ କୋହଲି ତାଙ୍କ ପୂର୍ବତନ ପ୍ରଶିକ୍ଷକ ରବି ଶାସ୍ତ୍ରୀଙ୍କ ସହ ବିତାଇଥିବା ସମୟକୁ ମନେ ପକାଇ କହିଥିଲେ ଯେ ଯଦି ସେ ସେଠାରେ ନଥାନ୍ତେ। ତେବେ ଟେଷ୍ଟ କ୍ରିକେଟରେ ସେ ଯାହା ହାସଲ କରିଥିଲେ ତାହା ସମ୍ଭବ ହୋଇନଥାନ୍ତା । କୋହଲି କହିଛନ୍ତି- ସତ କହିବାକୁ ଗଲେ, ଯଦି ମୁଁ ଶାସ୍ତ୍ରୀ ଭାଇଙ୍କ ସହିତ କାମ କରିନଥାନ୍ତି । ତେବେ ଟେଷ୍ଟ କ୍ରିକେଟରେ ଯାହା ଘଟିଥିଲା ତାହା ଘଟି ନଥାନ୍ତା, ଆମର ଯେଉଁ ସ୍ପଷ୍ଟ ବୁଝାମଣା ଏବଂ ସମନ୍ୱୟ ଥିଲା ତାହା ପାଇବା ବହୁତ କଷ୍ଟକର। କ୍ୟାରିୟରରେ ଆଗକୁ ବଢ଼ିବା ବହୁତ ଗୁରୁତ୍ୱପୂର୍ଣ୍ଣ। କୋହଲି ଆହୁରି କହିଛନ୍ତି-ଯଦି ସେ ସାମ୍ବାଦିକ ସମ୍ମିଳନୀରେ ଆସି ସବୁକିଛି ପରିଚାଳନା କରିବା ଭଳି ମୋତେ ସମର୍ଥନ କରିନଥାନ୍ତେ । ତେବେ ପରିସ୍ଥିତି ଭିନ୍ନ ହୋଇଥାନ୍ତା, ମୁଁ ସର୍ବଦା ତାଙ୍କୁ ସମ୍ମାନ କରେ । କାରଣ ସେ ମୋ କ୍ରିକେଟ କ୍ୟାରିୟରର ଏକ ବଡ଼ ଅଂଶ ରହିଆସିଛନ୍ତି।


कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमण्डल, धनबाद।
शुद्धि पत्र

सर्वसाधारण को सूचित किया जाता है कि इस कार्यालय के ई–निविदा आमंत्रण सूचना संख्या 04/RWD/ DHANBAD/25-26 दिनांक 23.06.2025 जिसका पी0आर0 355766 Rural Works Department (25-26) उक्त निविदा आमंत्रण सूचना के कंडिका 16, 18 एवं 25 के निविदा को अपरिहार्य कारणवश रद्द किया जाता है।

शेष सभी शर्तें यथावत रहेंगी।

PR 356900 Rural Work Department (25-26)D

कार्यपालक अभियंता
ग्रामीण कार्य विभाग, कार्य प्रमण्डल, धनबाद।

कार्यपालक अभियंता का कार्यालय
पथ निर्माण विभाग, पथ प्रमंडल, चाईबासा
E-mail Id- eercdchaibasa-jhr@nic.in

शुद्धि पत्र

कार्यपालक अभियंता, पथ निर्माण विभाग, पथ प्रमण्डल, चाईबासा का E- Tender Reference No. RCD/CHAIBASA/2024-25/17 (9th Call) दिनांक 03.07.2025 एवं PR 356479 West Singhbhum (24-25):D द्वारा आमंत्रित निविदा में निम्नांकित संशोधन किया जाता है :–

| क्र० सं० | विवरण | पूर्व के आमंत्रित निविदा में तिथि एवं समय | संशोधित तिथि एवं समय |
|---|---|---|---|
| 04 | Date of Publication of Tender on website | 07.07.2025 at 11:30 AM | 11.07.2025 at 11:30 AM, |
| 05 | Last date/Time for receipt of bids | 21.07.2025 up to 03:00 PM | 28.07.2025 up to 03:00 PM |
| 06 | Date of opening of Bid | 22.12.2025 at 11:30 AM | 29.07.2025 at 03:30 PM |

शेष शर्तें यथावत् रहेगी।

PR 356903 West Singhbhum (25-26)_D

कार्यपालक अभियंता,
प०नि०वि०,पथ प्रमण्डल, चाईबासा

कार्यालय नगर परिषद् चक्रधरपुर
(पश्चिमी सिंहभूम)
email : npchakradharpur@gmail.com

"शुद्धि-पत्र"

एतद् द्वारा सूचित किया जाता है कि इस कार्यालय द्वारा निकाली गई **REQUEST FOR PROPOSAL** जिसका **NIT No CKP/NP/05 / 2025-26** ज्ञापांक 758/नप0 चक्रधरपुर, दिनांक– 26.06.2025 है एवं **PR No. –356333 West Singhbhum (25-26).D** gSA mDr **RFP** में आंशिक संशोधन किया गया है। जो निम्नवत है :–

**शेष यथावत रहेंगे।**

| S. No. | Particulars | Details |
|---|---|---|
| 11 | Last Date/Time for submission of Bids | 21/07/2025 Till 2:00 pm |
| 14 | Date/Time of Technical Bid Opening | 21/07/2025 at 5:00 PM |

ह0/– प्रशासक
चक्रधरपुर नगर परिषद।

PR.NO.356930 West Singhbhum(25-26):D

कार्यपालक अभियंता का कार्यालय
ग्रामीण विकास विशेष प्रमंडल, गुमला
mail-rdsdgumla123@gmail.com

अति अल्पकालीन ई–निविदा आमंत्रण सूचना

ई– निविदा सूचना संख्या – RDD/SD/GUMLA/05/2025-26
1.कार्य की विस्तृत विवरणीः

| ग्रुप० सं० | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | गुमला जिलान्तर्गत कामडारा प्रखण्ड के सरिता पंचायत में ग्राम पकरा में कम्पाट मुण्डा 22 पहड़ा भवन निर्माण | 2,49,99,700.00 | 5,00,000.00 | 10000.00 | 18 माह |
| 2 | Construction of Parha Cultural house at jhariya Dipa Near Dari Tongri Block Sisai Gumla | 2,49,99,700.00 | 5,00,000.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि –15.07.2025
3. ई–निविदा प्राप्ति की तिथि एवं समय – दिनांक 15.07.2025 से दिनांक 22.07.2025 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, गुमला।
5. ई–निविदा खोलने की तिथि एवं समय – 24.07.2025 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, गुमला।
7. ई–निविदा प्रकोष्ठ का दूरभाष सं० – 06524223013 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,गुमला

PR 356851 Rural Development(25-26).D

महानिदेशक एवं पुलिस महानिरीक्षक का कार्यालय, झारखण्ड, राँची

सूचना पट निविदा आमंत्रण सूचना सं0–06/2025–26

**Service Prismatic Liquid Compass Mark 3- 20 Nos.** की आपूर्ति हेतु GST निबंधित स्थानीय फर्मो से **दिनांक 24.07.2025 को समय 16:00 बजे तक** मुहरबन्द निविदांए आमंत्रित की जाती है।

**नियम एवं शर्तें :–**

1. ईच्छुक फर्म अपने लेटर पैड पर निविदा दो भागों – तकनीकी एवं वित्तीय भाग में देंगे। तकनीकी भाग में GST, पैन नम्बर तथा पूर्व में किसी सरकारी संस्थानों में समान/समरूप उपकरण की आपूर्ति संबंधी प्रमाण प्रत्र की छाया प्रति संलग्न करना अनिवार्य होगा।
2. **परिशिष्ट–01 के रूप में संलग्न विहित प्रपत्र के अनुसार वित्तीय भाग समर्पित करेंगे।** वित्तीय भाग में अंकित दर अंको/अक्षरों में होगी और उसमें कोई कटींग अथवा ओभर राईटींग मान्य नहीं होगा। ऐसी निविदा को अस्वीकृत कर दिया जायेगा।
3. Service Prismatic Liquid Compass Mark 3 का **Specifications परिशिष्ट–02 के रूप में संलग्न है।** उक्त Specifications के अनुरूप Service Prismatic Liquid Compass Mark 3 की आपूर्ति नहीं करने पर आपूर्ति स्वीकार नहीं किया जायेगा।
4. क्रयादेश निर्गत करने से पूर्व Procurement Committee आवश्यकतानुसार नमूना की मांग कर सकती है।
5. Service Prismatic Liquid Compass Mark 3 की आपूर्ति केन्द्रीय भंडार, होटवार, राँची में करना अनिवार्य होगा।
6. निविदा के दोनों भाग (तकनीकी एवं वित्तीय) को अलग–अलग लिफाफा में सील कर दोनों के उपर अलग–अलग यथा "तकनीकी भाग" एवं "वित्तीय भाग" लिख कर एक अन्य लिफाफा में डालकर और उसे भी सील कर अधोहस्ताक्षरी के पदनाम से भेजना होगा। लिफाफा के उपर फर्म का नाम लिखा रहना अनिवार्य होगा।
7. निविदा का तकनीकी भाग एवं वित्तीय भाग दिनांक 25.07.2025 को समय 11:00 बजे Procurement Committee के समक्ष अधोहस्ताक्षरी के कार्यालय कक्ष में खोली जायेगी। निविदा खुलने के समय निविदादाता या उनके प्रतिनिधि उपस्थित रह सकते हैं।
8. निविदा समर्पित करने के पश्चात् निविदा से संबंधित किसी प्रकार का कागजात स्वीकार नहीं किया जायेगा।
9. महानिदेशक एवं पुलिस महानिरीक्षक, झारखण्ड, राँची को यह अधिकार सुरक्षित होगा कि बिना कारण बताये निविदा को रद्द कर सकेंगे।
10. सम्पूर्ण निविदा दस्तावेज (परिशिष्ट–01 एवं 02 सहित) झारखण्ड पुलिस के वेबसाईट www.jhpolice.gov.in पर उपलब्ध है। कार्यालय दिवस के दौरान पुलिस मुख्यालय, झारखण्ड, राँची से भी संपूर्ण निविदा दस्तावेज प्राप्त कर सकते है।

पुलिस महानिरीक्षक (प्रोविजन)
झारखण्ड, राँची।

PR.NO.356933 Police(25-26):D



ଧୂମପାନ ଶରୀର ପାଇଁ ଅତ୍ୟନ୍ତ କ୍ଷତିକାରକ। ଧୂମପାନ କରୁଥିବା ବ୍ୟକ୍ତି ଏବଂ ଏହାର ଧୂଆଁ ଗ୍ରହଣ କରୁଥିବା ବ୍ୟକ୍ତି ଉଭୟଙ୍କ ପାଇଁ ଏହା କ୍ଷତି କରିଥାଏ। ପରିସଂଖ୍ୟାନ ତଥ୍ୟାନୁଯାୟୀ ଗୋଟିଏ ମାତ୍ର ସିଗାରେଟ୍ ପାନ କଲେ ଆମ ଜୀବନରୁ ୧୧ ମିନିଟ୍ କ୍ଷୟ ହୋଇଥାଏ। ସମସ୍ତ ପ୍ରକାର ହୃଦ୍‌ରୋଗଜନିତ ରୋଗର ୨୦ ପ୍ରତିଶତ ଧୂମପାନ ଯୋଗୁ ହୋଇଥାଏ। ଆମ ଦେଶରେ ପ୍ରତିବର୍ଷ ହାରାହାରି ୧୦ ଲକ୍ଷରୁ ଅଧିକ ଲୋକ ଧୂମପାନଜନିତ ରୋଗରେ ମୃତ୍ୟୁବରଣ କରିଥାଆନ୍ତି। ନିୟମିତ ଧୂମପାନ କଲେ ହୃଦ୍‌ରୋଗ, ଫୁସ୍‌ଫୁସ୍‌ଜନିତ ରୋଗ ସହିତ ଅନ୍ଧତ୍ୱ, ଦ୍ୱିତୀୟ ପ୍ରକାର ମଧୁମେହ (ଟାଇପ-୨ ଡାଇବେଟିସ୍), ଉଚ୍ଚ ରକ୍ତଚାପ, ଯୌନ ଅକ୍ଷମତା, ହାଡର ଦୁର୍ବଳତା ଏପରି କି ଜନ୍ମିତ ଶିଶୁର ବିକଳାଙ୍ଗତା ଇତ୍ୟାଦି ହୋଇଥାଏ। ଧୂମପାନ ଫୁସ୍‌ଫୁସ୍‌କୁ କ୍ଷତି ପହଞ୍ଚାଇବା ସହିତ ସ୍ୱାସ୍ଥ୍ୟାବସ୍ଥାକୁ ଅଧିକ ମାତ୍ରାରେ କ୍ଷତି କରିଥାଏ। ତମାଖୁର ସୂକ୍ଷ୍ମ କଣିକା ଶରୀର ମଧ୍ୟକୁ ଯାଇ ନିମୋନିଆ,ଏମ୍‌ଫିସିମା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ ଓ କ୍ୟାନ୍‌ସର ପରି ଜୀବନନାଶକ ରୋଗ ସୃଷ୍ଟି କରିଥାଏ। ପ୍ରକାର ଭେଦରେ ତମାଖୁ ଧୂମବିହୀନ ଏବଂ ଧୂମଯୁକ୍ତ-ଏହି ଦୁଇ ପ୍ରକାରର ଅଟେ। ଧୂମବିହୀନ ତମାଖୁ ମଧ୍ୟ ଅତ୍ୟନ୍ତ କ୍ଷତିକାରକ। ଧୂମପାନ ତ୍ୟାଗ ଅତ୍ୟନ୍ତ ଉପକାରୀ ହୋଇଥାଏ। ଧୂମପାନ ତ୍ୟାଗ ଦ୍ୱାରା ଉଚ୍ଚ ରକ୍ତଚାପ ହ୍ରାସ, କଫ ଓ କାଶରେ କମ୍ ଏବଂ ନିଃଶ୍ୱାସ ନେବାରେ କ୍ଷମତା ବଢ଼ିଥାଏ। ତେଣୁ ଏଭଳି ଅଭ୍ୟାସ ଠାରୁ ନିଜକୁ ଯେତେ ଦୂରେଇ ରଖିବେ ସେତେ ଭଲ।

## ପୁଣି ମା' ହେବେ କି କରିନା ?





ଅଭିନେତ୍ରୀ କରିନା କପୁର ତାଙ୍କ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନ ମଧ୍ୟରେ ସନ୍ତୁଳନ ବଜାୟ ରଖନ୍ତି। କରିନା ନିକଟରେ ତାଙ୍କ ଛୁଟିର କିଛି ଫଟୋ ସେୟାର କରିଛନ୍ତି। ଏହି ଫଟୋଗୁଡ଼ିକରେ ସେ ମୋନୋକିନି ପିନ୍ଧିଥିବାର ଦେଖାଯାଉଛି। କରିନାଙ୍କ ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏହା ସହିତ, କରୀନାଙ୍କ ଗର୍ଭଧାରଣକୁ ନେଇ ଗୁଜବ ମଧ୍ୟ ଆରମ୍ଭ ହୋଇଛି। କରିନାଙ୍କ ଦ୍ୱାରା ସେୟାର କରାଯାଇଥିବା ଫଟୋଗୁଡ଼ିକରେ, ସେ ସ୍କିନ୍ କଲର୍ ମୋନୋକିନିରେ ନଜର ଆସିଛନ୍ତି। ଫଟୋଗୁଡ଼ିକରେ କରିନାଙ୍କ ପେଟ ବାହାରକୁ ବାହାରିଥିବା ଦେଖାଯାଉଛି। ସେବେଠାରୁ, ୟୁଜର୍ସ କରିନାଙ୍କ ଗର୍ଭଧାରଣ ବିଷୟରେ ପ୍ରଶ୍ନ ପଚାରିବା ଆରମ୍ଭ କରିଛନ୍ତି। କରିନା ଏବଂ ସୈଫଙ୍କ ଦୁଇଟି ପୁଅ ତୈମୁର ଏବଂ ଜେହ ଅଲ୍ଲୀ ଖାନ ଅଛନ୍ତି। ଉଭୟଙ୍କ ଫଟୋ ପ୍ରାୟତଃ ସୋସିଆଲ ମିଡିଆରେ ଭାଇରାଲ ହୁଏ। କରୀନାଙ୍କୁ ଶେଷ ଥର ପାଇଁ ସିଂଘମ ଏଗେନ ଫିଲ୍ମରେ ଦେଖିବାକୁ ମିଳିଥିଲା। ଏହି ଫିଲ୍ମରେ ସେ ଅଜୟ ଦେବଗନଙ୍କ ସ୍ତ୍ରୀ ଭୂମିକାରେ ଅଭିନୟ କରିଥିଲେ। ଏହି ଫିଲ୍ମଟି ୨୦୨୪ ମସିହାରେ ମୁକ୍ତିଲାଭ କରିଥିଲା।

## କୁମ୍ଭୀର ସହ ବିବାହ



ମେକ୍ସିକୋର ଦକ୍ଷିଣ ଓକ୍ସାକା ରାଜ୍ୟରେ ଅବସ୍ଥିତ ସାନ୍ ପେଡ୍ରୋ ହୁଆମେଲୁଲା ସହରରେ ଗତ ୨୩୦ ବର୍ଷ ଧରି ପ୍ରତି ବର୍ଷ ଏକ ଅନନ୍ୟ ପରମ୍ପରାକୁ ପାଳନ କରାଯାଇଆସୁଛି, ଯାହା ସମ୍ପ୍ରତି ସାରାବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି। ଏଠାକାର ମେୟର ଡାନିଏଲ୍ ଗୁଟିରେଜ୍ ଗତ ୩୦ ତାରିଖରେ ପ୍ରତୀକାତ୍ମକ ଭାବେ ଏକ ମାଈ କୁମ୍ଭୀର ସହ ବିବାହ କରିଛନ୍ତି। ସ୍ଥାନୀୟ ଚୋଣ୍ଟାଲ ଏବଂ ହୁଆଭେ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଏକତାର ପ୍ରତୀକ ଭାବେ ଏହି ଅନନ୍ୟ ପରମ୍ପରାକୁ ନିଭା ଯାଇଥାଏ। ସେହିପରି ଉକ୍ତ ଅଞ୍ଚଳରେ ଭଲ ଫସଲ, ବର୍ଷା ଏବଂ ଲୋକଙ୍କ ସମୃଦ୍ଧି କାମନା କରିବା ପାଇଁ ମଧ୍ୟ ଏହି ପରମ୍ପରାକୁ ପାଳନ କରାଯାଇଥାଏ। ଏହି ରଙ୍ଗିନ ଉତ୍ସବରେ ଏକ ମାଈ କୁମ୍ଭୀରକୁ କନ୍ୟା ପରି ଧଳା ରଙ୍ଗର ବିବାହ ଗାଉନ୍ ପିନ୍ଧା ଯାଇଥିଲା। ସେହିପରି ମେୟର ଡାନିଏଲ୍ କୁମ୍ଭୀରର କପାଳକୁ ଚୁମ୍ବନ ଦେବା ସହ ଖୁସିରେ ସ୍ଥାନୀୟ ଲୋକଙ୍କ ସହ ନାଚିଥିଲେ। ସ୍ଥାନୀୟ ଲୋକକଥା ଅନୁଯାୟୀ, ଚୋଣ୍ଟାଲ ରାଜା ହୁଆଭେ ରାଜକୁମାରୀଙ୍କୁ ବିବାହ କରିଥିଲେ, ଯାହା ଦୁଇ ସମ୍ପ୍ରଦାୟ ମଧ୍ୟରେ ଦୀର୍ଘକାଳୀନ ଦ୍ୱନ୍ଦ୍ୱର ଅନ୍ତ ଘଟାଇଥିଲା। ତେଣୁ ସାନ୍ ପେଡ୍ରୋ ହୁଆମେଲୁଲା ସହରରେ ହେଉଥିବା ଏହି ପ୍ରତୀକାତ୍ମକ ବିବାହରେ ମେୟର ଚୋଣ୍ଟାଲ ରାଜାଙ୍କ ପ୍ରତିନିଧିତ୍ୱ କରୁଥିବାବେଳେ ହୁଆଭେ ରାଜକୁମାରୀଙ୍କୁ ଏକ କୁମ୍ଭୀର ରୂପେ ଦର୍ଶାଯାଇଥାଏ। ଏହି ପରମ୍ପରା ପୃଥିବୀ ମା' ଏବଂ ମାନବଜାତି ମଧ୍ୟରେ ରହିଥିବା ସମ୍ପର୍କକୁ ଦର୍ଶାଇ ଥାଏ ବୋଲି ସ୍ଥାନୀୟ ଲୋକଙ୍କ ବିଶ୍ୱାସ ରହିଛି। ଏହି ଅନନ୍ୟ ଉତ୍ସବରେ ବିବାହ କରୁଥିବା କୁମ୍ଭୀରକୁ ପ୍ରାରମ୍ଭରେ ସ୍ଥାନୀୟ ଲୋକମାନେ 'ଲା ନିନା ପ୍ରିନ୍ସେସା (ଛୋଟ ରାଜକୁମାରୀ)' ଡାକିଥାନ୍ତି। ସୁରକ୍ଷା ପାଇଁ ଏବଂ କୌଣସି ଦୁର୍ଘଟଣାକୁ ଏଡ଼ାଇବା ପାଇଁ କୁମ୍ଭୀରର ମୁହଁକୁ ଏକ ରିବନରେ ବାନ୍ଧି ଦିଆଯାଇଥାଏ। ଉତ୍ସବର ଗୋଟିଏ ଦିନ ପୂର୍ବରୁ କୁମ୍ଭୀରକୁ ଆନୁଷ୍ଠାନିକ ଭାବରେ ଏକ ନାମ ଦିଆଯାଏ। ଚଳିତ ବର୍ଷ ବିବାହ କରିଥିବା କୁମ୍ଭୀରର ନାମ ମିଗୁଏଲାନା ଏଷ୍ଟେଲା ଡେଲ୍ ମାର୍ ଜାଭାଲେଟା ରାମିରେଜ୍ ରଖାଯାଇଥିଲା। ଗତ ୩୦ରେ ଏହି ବିବାହ ସମାରୋହ ସହରର ଟାଉନ ହଲ୍‌ରେ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ସ୍ଥାନୀୟ ଲୋକ, ସଂଗୀତଜ୍ଞ ଏବଂ ନୃତ୍ୟଶିଳ୍ପୀମାନେ ଉତ୍ସାହର ସହ ଯୋଗ ଦେଇଥିଲେ।



## ପୁଣି ପରଦାକୁ ଫେରିଲେ ସ୍ମୃତି ଇରାନୀ

ଟିଭି ଇଣ୍ଡଷ୍ଟ୍ରିର ସବୁଠାରୁ ଲୋକପ୍ରିୟ ବୋହୂ ତୁଳସୀ ଭିରାନୀ ପୁଣି ଥରେ ପରଦାକୁ ଫେରିଛନ୍ତି। ୨୫ ବର୍ଷ ପରେ ସ୍ମୃତି ଇରାନୀ ତାଙ୍କର ସବୁଠାରୁ ଲୋକପ୍ରିୟ ଚରିତ୍ରକୁ ଫେରୁଛନ୍ତି। 'କିଉଁକି ଶାଶ୍ ଭି କଭି ବୋହୂ ଥି-୨'ର ନିକଟରେ ରିଲିଜ୍ ହୋଇଥିବା ପ୍ରୋମୋ ଏବଂ ପ୍ରଥମ ଲୁକ୍ ସାମାଜିକ ଗଣମାଧ୍ୟମରେ ହଇଚଇ ସୃଷ୍ଟି କରିଛି। ପ୍ରୋମୋରେ ତୁଳସୀ ଭିରାନୀଙ୍କ ଶୈଳୀରେ ସ୍ମୃତି ଇରାନୀଙ୍କୁ ପୁଣି ଥରେ ତୁଳସୀଙ୍କୁ ଜଳ ଅର୍ପଣ କରୁଥିବା ଦେଖିବାକୁ ମିଳିଛି। ଦୀର୍ଘ ବର୍ଷ ପରେ ତାଙ୍କୁ ସମାନ ରୂପ ଓ ସମାନ ଢଙ୍ଗରେ ଦେଖି ପ୍ରଶଂସକମାନେ ବହୁତ ଖୁସି ହୋଇଛନ୍ତି। ନିର୍ମାତାଙ୍କ ଦ୍ୱାରା ଶେୟାର କରାଯାଇଥିବା ପ୍ରୋମୋରେ ସୂଚନା ଦିଆଯାଇଛି ଯେ, ଜୁଲାଇ ୨୯ରୁ ରାତି ୧୦:୩୦ରେ ପ୍ରସାରିତ ହେବ ଏହି ଶୋ'। ଏଥର 'କିଉଁକି ଶାଶ୍ ଭି କଭି ବୋହୂ ଥି-୨' ଟିଭିରେ ନୁହେଁ, ବରଂ ଓଟିଟି ପ୍ଲାଟଫର୍ମ ଜିଓ ହଟଷ୍ଟାରରେ ପ୍ରସାରିତ ହେବ। ଦର୍ଶକମାନଙ୍କୁ ଆଉ ପ୍ରତି ସପ୍ତାହରେ ଟିଭି ପାଇଁ ଅପେକ୍ଷା କରିବାକୁ ପଡ଼ିବ ନାହିଁ, ବରଂ ସେମାନେ ଯେତେବେଳେ ଚାହିଁବେ ସେତେବେଳେ ଦେଖିପାରିବେ। କେବଳ ଇରାନୀ ନୁହଁନ୍ତି, ଏଥିରେ ଅମର ଉପାଧ୍ୟାୟ, ଶକ୍ତି ଆନନ୍ଦ, ହିତେନ ତେଜୱାନୀ ଏବଂ ଗୌରୀ ପ୍ରଧାନ ମଧ୍ୟ ନଜର ଆସିବେ- ଯେଉଁମାନେ ସମସ୍ତେ ମୂଳ କଳାକାରଙ୍କ ଅଂଶ ଥିଲେ। ନିର୍ମାତାଙ୍କ ଏହି ନୂଆ ରଣନୀତିକୁ ବେଶ୍ ପ୍ରଶଂସା କରାଯାଉଛି।





## 'କ୍ରିଶ୍ ୪'ରେ ହ୍ରିତିକ୍‌ଙ୍କ ଟ୍ରିପଲ ରୋଲ୍

## ଧମାଲ କରିବେ ପ୍ରିୟଙ୍କା-ପ୍ରୀତି-ରେଖା

ହ୍ରିତିକ୍ ରୋଶନ ବର୍ତ୍ତମାନ ତାଙ୍କର ଆଗାମୀ ଫିଲ୍ମ ୱାର୍ ୨ ପାଇଁ ବେଶ ଚର୍ଚ୍ଚାରେ। ଏହା ୱାଇଆର୍‌ଏଫ୍ ସ୍ପାଏ ୟୁନିଭର୍ସର ପରବର୍ତ୍ତୀ ଫିଲ୍ମ ହେବାକୁ ଯାଉଛି। ଏହି ଫିଲ୍ମରେ ବେଶ ଆକ୍ସନ ଦେଖିବାକୁ ମିଳିବ। ୱାର୍ ୨ ପରେ, ପ୍ରଶଂସକମାନେ ମଧ୍ୟ ହ୍ରିତିକଙ୍କ ଆଗାମୀ ଫିଲ୍ମ କ୍ରିଶ୍ ୪ ପାଇଁ ମଧ୍ୟ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ପ୍ରିୟଙ୍କା ଚୋପ୍ରାଙ୍କ ସହ ଆଉ ତିନି ଜଣ ହିରୋଇନ୍ ଏହି ହିଟ୍ ଫ୍ରାଞ୍ଚାଇଜର ପରବର୍ତ୍ତୀ ଭାଗରେ କମ୍‌ବ୍ୟାକ୍ କରିବେ। ସୂଚନା ଅନୁଯାୟୀ ପ୍ରିୟଙ୍କାଙ୍କ ବ୍ୟତୀତ ପ୍ରୀତି ଜିଣ୍ଟା



ଏବଂ ବଲିଉଡ୍‌ର ଏଭରଗ୍ରୀନ୍ ଅଭିନେତ୍ରୀ ରେଖା ମଧ୍ୟ କ୍ରିଶ୍ ୪ ରେ ନଜର ଆସିପାରନ୍ତି। ରିପୋର୍ଟରୁ ପ୍ରକାଶ, ଏହି ମଲ୍‌ଟିଷ୍ଟାରର୍ ଫିଲ୍ମରେ ହ୍ରିତିକଙ୍କୁ ଟ୍ରିପଲ ରୋଲରେ ଦେଖିବାକୁ ମିଳିବ। ହେଲେ ସ୍କ୍ରିପ୍ଟ କିମ୍ବା କାହାଣୀ ସମ୍ପର୍କରେ କୌଣସି ବଡ଼ ଅପଡେଟ୍ ଆସିନାହିଁ, ଏହା ନିଶ୍ଚିତ ହୋଇଛି ଯେ ପରବର୍ତ୍ତୀ ଅଂଶ ପ୍ରଥମ ଥର ପାଇଁ ହ୍ରିତିକ୍ ରୋଶନ ନିଜେ ନିର୍ଦ୍ଦେଶନା ଦେବେ। ବର୍ତ୍ତମାନ, କ୍ରିଶ୍ ୪ ପାଇଁ ପ୍ରଡକ୍ସନ୍ କାମ ୱାଇଆର୍‌ଏଫ୍ ଷ୍ଟୁଡିଓରେ ଚାଲିଛି। ଦମ୍‌ଦାର ଭିଏଫ୍‌ଏକ୍ସ ଟିମ୍ ଚଳଚ୍ଚିତ୍ରର ଭିଜୁଆଲାଇଜେସନ୍ ଉପରେ କାମ କରୁଛନ୍ତି। ସ୍କ୍ରିପ୍ଟକୁ ଉନ୍ନତ କରିବା ପାଇଁ ହ୍ରିତିକ୍ ତାଙ୍କ ଲେଖକଙ୍କ ଟିମ୍ ଏବଂ ଆଦିତ୍ୟ ଚୋପ୍ରାଙ୍କ ସହିତ ମିଶି କାମ କରୁଛନ୍ତି। ଫିଲ୍ମଟି ୨୦୨୬ ପ୍ରାରମ୍ଭରେ ରିଲିଜ୍ ହୋଇପାରେ। କୋଇ ମିଲ୍ ଗୟା ରିଲିଜ୍ ହେବାର ୨୩ ବର୍ଷ ପରେ କ୍ରିଶ୍ ୪ରେ ମଧ୍ୟ ଯାଦୁ ଫେରିବ। ପୂର୍ବରୁ ଗୁଜବ ଥିଲା ଯେ ଚୀନ୍ ଗାୟକ-ରାପର୍ ଏବଂ ବିଶ୍ୱସ୍ତରୀୟ ସେନସେସନ୍ ଜ୍ୟାକସନ୍ ୱାଙ୍ଗ କ୍ରିଶ୍ ୪ର ଅଂଶ ହେବେ। ହେଲେ ଏପରି କଳ୍ପନାଜଳ୍ପନାକୁ କେବଳ ଗୁଜବ ବୋଲି କହି ଖାରଜ କରିଥିଲେ।

## ଖାଦ୍ୟରେ ସାମିଲ କରନ୍ତୁ କ୍ୟାପ୍‌ସିକମ୍, ମିଳିବ ଅନେକ ଲାଭ



ଆମେ ପ୍ରାୟତଃ ସବୁଜ କ୍ୟାପ୍‌ସିକମ୍‌କୁ ଭାତ, ନୁଡୁଲ୍ସ, ପନିପରିବା କିମ୍ବା ସାଲାଡରେ ବ୍ୟବହାର କରିଥାଉ। କିନ୍ତୁ ଆପଣ ଜାଣନ୍ତି କି ଏହି ଛୋଟ ସବୁଜ ପନିପରିବା କେବଳ ଆପଣଙ୍କ ଖାଦ୍ୟର ସୁନ୍ଦରତାକୁ ବୃଦ୍ଧି କରେ ନାହିଁ, ବରଂ ଏହା ଆପଣଙ୍କ ଶରୀର ପାଇଁ ଅନେକ ଲାଭଦାୟୀ ଅଟେ। ଏଥିରେ ଏପରି ପୋଷକ ତତ୍ତ୍ୱ ରହିଛି ଯାହା ଶରୀରକୁ ଭିତରୁ ଶକ୍ତିଶାଳୀ କରିଥାଏ ଏବଂ ଅନେକ ରୋଗରୁ ରକ୍ଷା କରିଥାଏ। ସବୁଜ କ୍ୟାପସିକମ୍‌ରେ ଭିଟାମିନ ସି ବହୁତ ଅଧିକ ଥାଏ, ଯାହା ଆମର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରେ। ଏହାକୁ ସେବନ କରିବା ଦ୍ୱାରା ଶରୀର ସଂକ୍ରମଣ ସହିତ ଭଲ ଭାବରେ ଲଢ଼ିପାରେ। ଏହା ଚର୍ମକୁ ଯୁବକ ରଖିବା ଏବଂ କୋଷଗୁଡ଼ିକୁ ମରାମତି କରିବାରେ ମଧ୍ୟ ଉପଯୋଗୀ। ଯେଉଁମାନେ ବାରମ୍ବାର ଅସୁସ୍ଥ ହୁଅନ୍ତି, ସେମାନଙ୍କ ପାଇଁ ଏହା ଏକ ପ୍ରାକୃତିକ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧିକାରୀ ଭାବରେ କାମ କରିପାରିବ। ଏହି ପନିପରିବା ଫାଇବରରେ ଭରପୂର, ଯାହା ପାଚନ ତନ୍ତ୍ର ପାଇଁ ଭଲ। ଏହା ପେଟକୁ ସଫା ରଖେ ଏବଂ କୋଷ୍ଠକାଠିନ୍ୟ ଭଳି ସମସ୍ୟାରୁ ମୁକ୍ତି ଦିଏ। ଫାଇବରଯୁକ୍ତ ଖାଦ୍ୟ କେବଳ ପେଟ ପାଇଁ ଭଲ ନୁହେଁ, ବରଂ ଏହା ଆପଣଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଭୋକ ଅନୁଭବ କରିବାକୁ ଦିଏ ନାହିଁ, ଯାହା ଓଜନ ହ୍ରାସ କରିବାରେ ସାହାଯ୍ୟ କରେ। ମଧୁମେହ ଭଳି ରୋଗରେ ପୀଡିତ ଲୋକଙ୍କ ପାଇଁ ସବୁଜ କ୍ୟାପସିକମ ବହୁତ ଲାଭଦାୟକ ହୋଇପାରେ। ଏଥିରେ ଥିବା ବିଶେଷ ଉପାଦାନ ରକ୍ତ ଶର୍କରା ସ୍ତରକୁ ସନ୍ତୁଳିତ ରଖିବାରେ ସାହାଯ୍ୟ କରେ। ଏହା ଶରୀରରେ ଶର୍କରା ଅବଶୋଷଣ ପ୍ରକ୍ରିୟାକୁ ଧୀର କରିଦିଏ, ଯାହାଦ୍ୱାରା ଇନସୁଲିନ ସ୍ତର ଭଲ ରହିଥାଏ। ଏହା ହାର୍ଟକୁ ସୁସ୍ଥ ରଖିବାରେ ମଧ୍ୟ ଏକ ଉତ୍ତମ ବିକଳ୍ପ। ଏଥିରେ ପୋଟାସିୟମ ଏବଂ ଆଣ୍ଟିଅକ୍ସିଡାଣ୍ଟ ଭଳି ପୁଷ୍ଟିକର ତତ୍ତ୍ୱ ରହିଛି, ଯାହା ରକ୍ତଚାପ ନିୟନ୍ତ୍ରଣ କରିବାରେ ଏବଂ ହାର୍ଟକୁ ସୁସ୍ଥ ରଖିବାରେ ସହାୟକ। ଏହାର ନିୟମିତ ସେବନ ହୃଦୟ ସମ୍ବନ୍ଧୀୟ ସମସ୍ୟାର ଆଶଙ୍କାକୁ ହ୍ରାସ କରିପାରିବ। ସବୁଜ କ୍ୟାପସିକମ ଆଖି ପାଇଁ ମଧ୍ୟ ଲାଭଦାୟକ ବୋଲି ବିବେଚନା କରାଯାଏ। ଏଥିରେ ଲ୍ୟୁଟିନ ଏବଂ ଜିଆକ୍ସାନ୍ଥିନ ଭଳି ଉପାଦାନ ରହିଛି, ଯାହା ଆଖିକୁ ଦୁର୍ବଳ ହେବାରୁ ରକ୍ଷା କରେ ଏବଂ ମୋତିଆବିନ୍ଦୁ ଭଳି ବୟସ ସମ୍ବନ୍ଧୀୟ ସମସ୍ୟାରୁ ସୁରକ୍ଷା ପ୍ରଦାନ କରେ। ଏହାକୁ ସେବନ କରିବାର ଉପାୟ ମଧ୍ୟ ବହୁତ ସହଜ। ଆପଣ ଏହାକୁ ତରକାରୀରେ ରାନ୍ଧିପାରିବେ, ସାଲାଡରେ କଞ୍ଚା ଖାଇପାରିବେ, କିମ୍ବା ସୁପ ଏବଂ ଫ୍ରାଏ କରି ମଧ୍ୟ ବ୍ୟବହାର କରିପାରିବେ। ଯଦି ଆପଣ ଚାହାଁନ୍ତି, ତେବେ ଏହାକୁ ଷ୍ଟଫ୍ଡ଼ ପନିପରିବା କିମ୍ବା ପରଟା ଭାବରେ ମଧ୍ୟ ବ୍ୟବହାର କରାଯାଇପାରିବ।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲାର ଶକ୍ତି ସଦନ ସ୍ୱାଧାର ଗୃହରେ ରହୁଥିବା ଜଣେ ନାବାଳିକାର ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଥିବା ଜଣାପଡିଛି। ମୃତ ନାବାଳିକାର ନାମ ଉଷା ବିଶ୍ୱାସ। ସେ ଏମ୍ଭି ୮୧ ଗ୍ରାମର ଅମଲ ବିଶ୍ୱାସଙ୍କ ଝିଅ। କିଛି ଦିନ ତଳେ ଉଷାର ବୟସ ୧୮ବର୍ଷ ହୋଇ ନଥିବା ବେଳେ ଅନ୍ୟ ଏକ ପୁଅ ସହିତ ଫେରାର ହୋଇଯାଇଥିବା ବେଳେ ମୋଟୁ ଥାନାରେ ଏ ନେଇ ଅଭିଯୋଗ ହୋଇଥିଲା। ପରେ ଥାନା ପକ୍ଷରୁ ଉଷାକୁ ଆଣି ମଙ୍ଗମ ନିକଟରେ ହାଜର ପରେ ମଙ୍ଗମ ପକ୍ଷରୁ ଉଷାର ୧୮ବର୍ଷ ହେବା ଯାଏଁ ଶକ୍ତି ସଦନ ଗୃହରେ ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା। ମୃତ ନାବାଳିକାକୁ ଶକ୍ତି ସଦନ ଗୃହର କର୍ମଚାରୀ ମାରିଦେଇଥିବା ଅଭିଯୋଗ ଆଣି ପରିବାର ଲୋକଙ୍କ ତରଫରୁ ଉତ୍ତେଜନା ପ୍ରକାଶ ପାଇଛି। ଘଟଣା ସ୍ଥଳରେ ମାଲକାନଗିରି ଆଦର୍ଶ ଥାନା ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ବୁଧବାର ଉଷା ଆତ୍ମହତ୍ୟା କରିଥିବା ସୂଚନା ପାଇବା ପରେ ପରିବାର ପକ୍ଷରୁ ଶକ୍ତି ସଦନ ଗୃହ ନିକଟରେ ଉତ୍ତେଜନା ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି।



# ମୟୂରଭଞ୍ଜ ଜିଲ୍ଲାରେ ସାଧାରଣ ଧର୍ମଘଟ




ବାରିପଦା, (ଭାସ୍କର ନ୍ୟୁଜ୍): ଦେଶର କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନ ସମୂହଙ୍କ ପକ୍ଷରୁ ଆହୂତ ଦରବୃଦ୍ଧି ନିୟନ୍ତ୍ରଣ କରିବା, ୪ ଟି ଦାନବୀୟ ଶ୍ରମ କୋଡ଼ ବାତିଲ କରିବା, ଚାଷୀର ଉତ୍ପାଦିତ ଫସଲର ଆଇନ୍ ଗତ ସ୍ୱିକୃତି ଦେବା, ରାଷ୍ଟ୍ରାୟତ ଉଦ୍ୟୋଗର ଘରୋଇ କରଣ ବନ୍ଦ କରିବା, ପୁରୁଣା ପେନସନ ଯୋଜନା ଚାଲୁ କରିବା, ସ୍କିମ ୱ୍ୱାର୍କର ଆଶା, ଅଙ୍ଗନବାଡି, ପାଚିକା ସହାୟିକାଙ୍କୁ ଶ୍ରମିକ ର ମାନ୍ୟତା ସହ ମାସିକ ୨୬ ହଜାର ଟଙ୍କା ମଜୁରୀ ପ୍ରଦାନ କରିବା, ଇପିଏଫ୍ ପେନସନ୍ ଭୋଗିକୁ ମାସିକ ୯ ହଜାର ଟଙ୍କା ପେନସନ ପ୍ରଦାନ କରିବା, ଜାତୀୟ ଶିକ୍ଷା ନୀତି, ୨୦୨୦ ବାତିଲ କରିବା, ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ସୁଧାରିବା ଇତ୍ୟାଦି ୧୭ ଦଫା ଦାବି ନେଇ ଅନୁଷ୍ଠିତ ଦେଶବ୍ୟାପୀ ସାଧାରଣ ଧର୍ମଘଟର ଅଂଶବିଶେଷ ଭାବେ ବୁଧବାର ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମିଳିତ ବିକ୍ଷୋଭ ସିପିଆଇ ତଥା ଏଆଇଟିୟୁସି, ମୟୂରଭଞ୍ଜ ଜିଲ୍ଲା ସମ୍ପାଦକ ସାଥୀ ଜଗବନ୍ଧୁ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିପିଆଇ ଏମ୍ ଜିଲ୍ଲା ସମ୍ପାଦକ ସାଥୀ ମୃତ୍ୟୁଞ୍ଜୟ ବେହେରା, ସିଆଇଟିୟୁର ରବି ଗୋସ୍ୱାମୀ, ଏଆଇୟୁଟିୟୁସିର ସାଥୀ ପିତାମ୍ବର ନାଏକ, କଂଗ୍ରେସର ପୂର୍ବତନ ଟାଉନ ସଭାପତି ଶାନ୍ତନୁ ପାଲ, ପ୍ରମୁଖ ବକ୍ତାମାନେ ୧୭ ଦଫା ଦାବି ଉପରେ ବକ୍ତବ୍ୟ ରଖି ଉଭୟ ସରକାରଙ୍କ ଶ୍ରମିକ, କୃଷକ, କର୍ମଚାରୀ ଓ ସାଧାରଣ ମଣିଷ ମାରଣ ନୀତିକୁ ନେଇ ନିନ୍ଦା କରିବା ସହ ଏ ନୀତି ଆପଣାଇବା ଯୋଗୁଁ ହିଁ ଆଜିର ଧର୍ମଘଟ ସୃଷ୍ଟି ହୋଇଛି ବୋଲି ପ୍ରକାଶ କରିଛନ୍ତି। କେନ୍ଦ୍ରୀୟ ଶ୍ରମିକ ସଂଗଠନ ଆଇଏନଟିୟୁସି, ଏଆଇଟିୟୁସି, ସିଆଇଟିୟୁ, ଏଆଇୟୁଟିୟୁସି, ଏଚ ଏମ୍ ଏସ୍ ର ସଦସ୍ୟ ମାନେ ଶୋଭାଯାତ୍ରାରେ ବାରିପଦା ରେଳ ଷ୍ଟେସନରୁ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଏଥିରେ ଏଆଇ-ଟିୟୁସି ପକ୍ଷରୁ କାହ୍ନୁଚରଣ ବେହେରା, ଶ୍ରୀକାନ୍ତ ସାମଲ, ବୁଧୁ ସିଂ, ଗୋବିନ୍ଦ ବେହେରା, ରୋହିଦାସ ସିଂ, ଶ୍ରୀକାନ୍ତ ବୋଷ, ସୋମବାରୀ ପାତ୍ର, ଫୁଲ ମଣୀ ବିନ୍ଧାଣି, ମହେଶ୍ୱର ବେହେରା, ସୁବାସିନୀ ବିନ୍ଧାଣି, ସିଆଇଟିୟୁ ପକ୍ଷରୁ କୁଞ୍ଜଲତା ମହାନ୍ତ, କାଲୁ ଦେହୁରୀ, ଚମ୍ପା ସୋରେନ୍, ବାହା ମାଝୀ, ଗାୟତ୍ରୀ ମହାପାତ୍ର, କମଳା ମାଝୀ, ଏଚଏମ୍ଏସ୍ର ସିନଗଲତା ମାଝୀ, ବାରିପଦା ପରିବହନ ସଂଘ ପକ୍ଷରୁ ଅଶୋକ ଭଞ୍ଜଦେଓ, ସୁବାସ ଚନ୍ଦ୍ର ତ୍ରିପାଠୀ, ଗଙ୍ଗାଧର ସାମଲ, ଦାଶରଥି ରାଉତ୍, ଜିଲ୍ଲା ଇପିଏଫ୍ ପେନସନ୍ ସଂଘ ପକ୍ଷରୁ ମଦନମୋହନ ଜେନା, ଗୋପାଳ ଚନ୍ଦ୍ର ଦାସ, କୁଳମଣି ପାତ୍ର, ଏଆଇଡିଏସ୍ ଓ ଜିଲ୍ଲା ସମ୍ପାଦକ ଫୁଲଚାନ୍ଦ ଲୋହାର, କଂଗ୍ରେସର ଭବାନୀ ଶଙ୍କର ସାହୁ ପ୍ରମୁଖ ଧର୍ମଘଟରେ ସାମିଲ ଥିଲେ।

# ସୋରରେ କେନ୍ଦ୍ରୀୟ ଶ୍ରମିକ ସଂଗଠନର ସାଧାରଣ ଧର୍ମଘଟ




ସୋର, (ଭାସ୍କର ନ୍ୟୁଜ୍): ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏବଂ ସ୍ୱାଧୀନ ଫେଡେରେସନ ମାନଙ୍କ ଦ୍ୱାରା ଆହୁତ ସାଧାରଣ ଧର୍ମଘଟ ସୋରରେ ଅନୁଷ୍ଠିତ ହୋଇଯାଇଛି। ଏଆଇଟିୟୁସି ଏବଂ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ସଦସ୍ୟ ମାନେ ସକାଳ ୭ ଟାରୁ ୧୬ ନମ୍ବର ଜାତୀୟ ରାଜପଥକୁ ଅବରୋଧ କରିଥିଲେ ଫଳରେ ଜରୁରୀ କାଳୀନ ଗାଡ଼ିଗୁଡିକୁ ବାଦ ଦେଇ ଅନ୍ୟ ସମସ୍ତ ଶତାଧିକ ଯାନବାହାନ ଅଟକି ରହିଥିଲେ। ସେହିପରି ଆନ୍ଦୋଳନ କାରୀ ମାନେ ପିକେଟିଙ୍ଗ କରି ସମସ୍ତ ବ୍ୟାଙ୍କ, ପୋଷ୍ଟ ଅଫିସ, କୋର୍ଟ, ବ୍ଲକ ଅଫିସକୁ ଅଚଳ କରିଥିଲେ। ଶତାଧିକ ଅଙ୍ଗନବାଡି କର୍ମୀ ସାହାୟିକା ମାନେ ଆଶ୍ରମ ଛକ ଠାରୁ ଏକ ଶୋଭାଯାତ୍ରାରେ ବାହାରି ସୋର ମ୍ୟୁନିସିପାଲିଟି, କୋର୍ଟ ଦେଇ ବ୍ଲକ ଅଫିସକୁ ଅଚଳ କରି ରଖିଥିଲେ। ମୁଖ୍ୟତଃ ୪୪ ଗୋଟି ଶ୍ରମ ଆଇନକୁ ପ୍ରଚଳନ ଏବଂ ୪ ଗୋଟି ଶ୍ରମ କୋଡ଼କୁ ବାତିଲ, ଆକାଶ ଛୁଆଁ ଦରଦାମ ବୃଦ୍ଧି ରୋକିବା, ଶିକ୍ଷିତ ବେକାରୀଙ୍କୁ ନିଯୁକ୍ତି, ନୂତନ କୃଷି ଆଇନ ପ୍ରତ୍ୟାହାର, କୃଷିଜାତ ଦ୍ରବ୍ୟର ଲାଭଦାୟକ ସହାୟକ ମୂଲ୍ୟ ଧାର୍ଯ୍ୟ ପାଇଁ ସ୍ୱାମୀନାଥନ କମିଶନ ରିପୋଟକୁ କାର୍ଯ୍ୟକାରୀ, ସର୍ବନିମ୍ନ ମଜୁରୀ ୨୬ ହଜାର ଟଙ୍କା ଧାର୍ଯ୍ୟ, ୧୦ ବର୍ଷରୁ ଅଧିକ ସମୟ କାର୍ଯ୍ୟ କରିଥିବା ସ୍କିମ ୱ୍ୱାର୍କରମାନଙ୍କୁ ସ୍ଥାୟୀ ନିଯୁକ୍ତି, ପୁରୁଣା ପେନସନ ପ୍ରଚଳନ, ଇପିଏଫ ପେନସନ ସର୍ବନିମ୍ନ ୯ ହଜାର ଟଙ୍କା ଧାର୍ଯ୍ୟ, ଲାଭ ଦାୟକ ରାଷ୍ଟ୍ରାୟତ ସଂସ୍ଥାକୁ ଘରୋଇକରଣ ବନ୍ଦ କରିବା, ନୂତନ ଶିକ୍ଷା ନୀତିକୁ ବନ୍ଦ କରିବା ପ୍ରଭୃତି ୧୭ ଦଫା ଦାବିକୁ କାର୍ଯ୍ୟକାରୀ ପାଇଁ ଧର୍ମଘଟର ଡାକରା ବୋଲି ଆନ୍ଦୋଳନକାରୀମାନେ ସୂଚନା ଦେଇଥିଲେ। ଏହି ଧର୍ମଘଟର ନେତୃତ୍ୱ ଏଆଇଟିୟୁସିର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ମାୟାଧର ନାୟକ, ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଜିଲ୍ଲା ସହ ସମ୍ପାଦକ ଅନାମ ପ୍ରସାଦ ବାରିକ, ସୋର ଅଞ୍ଚଳ ସମ୍ପାଦକ ଶଶୀକାନ୍ତ ପଣ୍ଡା, ବିପିନ ବିହାରୀ ବାରିକ, ସୀତାରାମ ସାହୁ, ସୁରେନ୍ଦ୍ର ପ୍ରସାଦ ମହାର୍ଣ୍ଣା, ରମେଶ ଚନ୍ଦ୍ର ପୁହାଣ, ଗଙ୍ଗାଧର ସାହୁ, ପ୍ରଶାନ୍ତ ଦାସ, ଆରତୀ ଦାଶ ମହାପାତ୍ର, ପୁର୍ଣ୍ଣିମା ସି, ଅର୍ଣ୍ଣପୂର୍ଣ୍ଣା ପ୍ରଧାନ, ସୁରେନ୍ଦ୍ର ପ୍ରସାଦ ବେହେରା, ଶରତ ଚନ୍ଦ୍ର ମହାରଣା ପ୍ରଭୃତି ନେଇଥିଲା ବେଳେ, ଭାରତୀୟ କମ୍ୟୁନିଷ୍ଟ ପାର୍ଟି, ଉଠା ଜଳସେଚନ ନିଗମ, ଅଙ୍ଗନାୱାଡି, ପାଚିକା, ଆଶାକର୍ମୀ, ବ୍ୟାଙ୍କ, ପୋଷ୍ଟାଲ କର୍ମଚାରୀ ମାନେ ସହଯୋଗ କରିଥିଲେ।

# ତିହିଡ଼ିରେ ଭାରତ ବନ୍ଦ ପାଳନ



ତିହିଡ଼ି, (ଭାସ୍କର ନ୍ୟୁଜ୍): କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନ ଓ କର୍ମଚାରୀ ଫେଡେରେସନଙ୍କ ଡାକରେ ଭଦ୍ରକ ଜିଲା ତିହିଡ଼ି ବଜାରରେ ବନ୍ଦ ପାଳନ କରାଯାଇଥିଲା। ଏହି ବନ୍ଦ ପାଳନକୁ କୃଷକ ସଂଗଠନ, କ୍ଷେତମଜଦୁର ସଂଗଠନ, ନିର୍ମାଣ ଶ୍ରମିକ ସଂଗଠନ, ସିଆଇଟ୍ୟୁର କର୍ମକର୍ତ୍ତାମାନେ ସମର୍ଥନ ଜଣାଇ ସାମିଲ ହୋଇଥିଲେ। ସେମାନେ ତହସିଲ କାର୍ଯ୍ୟାଳୟ, ସବରେଜେଷ୍ଟ୍ରି କାର୍ଯ୍ୟାଳୟ, ସବଟ୍ରେଜେରୀ, ବ୍ୟାଙ୍କ, ପୋଷ୍ଟଅଫିସ, ବ୍ଲକ କାର୍ଯ୍ୟାଳୟ, ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ବନ୍ଦ କରିଥିଲେ। ଏହି ଅବସରରେ ତିହିଡ଼ି ବଜାରରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। କେନ୍ଦ୍ର ସରକାର ଯେଉଁଭଳି ଭାବରେ ଶ୍ରମ ଆଇନକୁ ଉଚ୍ଛେଦ କରି ୪ଟି ଶ୍ରମ କୋଡ଼ରେ ପରିଣତ କରିଛନ୍ତି ତାହା ବନ୍ଦ କରିବା, ମାସିକ ସର୍ବନିମ୍ନ ମଜୁରୀ ୨୬ହଜାର କରିବା, ଆଶା, ଅଙ୍ଗନୱାଡ଼ି, ପାଚିକାମାନଙ୍କୁ ସ୍ଥାୟୀ ନିଯୁକ୍ତି ଦେବା, ସ୍କିମ ଶ୍ରମିକମାନଙ୍କୁ ଶ୍ରମିକର ମାନ୍ୟତା ଦେବା, ସମସ୍ତ ନିର୍ମାଣ ଶ୍ରମିକ ମାନଙ୍କୁ କାର୍ଡ଼ ଯୋଗାଇ ଦେବା ସହିତ ବିଭିନ୍ନ ସହାୟତା ଦେବା, ମନରେଗାକୁ ସୁଦୃଢ଼ କରିବା ପାଇଁ ୨୦୦ ଦିନର କାମ ଯୋଗାଇ ଦେବା ଇତ୍ୟା ୧୮ଦଫା ଦାବି କରାଯାଇଥିଲା। ଏହି ଆନ୍ଦୋଳନରେ କ୍ଷେତମଜଦୁର ୟୁନିୟନର ଜିଲା ସଭାପତି ପ୍ରଫୁଲ୍ଲ ପାଢ଼ୀ, ସିଆଇଟିୟୁ ବ୍ଲକ ସଭାପତି ବିଷ୍ଣୁ ଦାଶ, କୃଷକ ନେତା ନାରାୟଣ ଦାଶ, କୃଷ୍ଣ ଚନ୍ଦ୍ର ମଲିକ, ଯୁବନେତା ଜ୍ୟୋତିର୍ମୟ ମଲିକ, ଅଣ ସଂଗଠିତ କଂଗ୍ରେସ କର୍ମୀ ସଂଗଠନର ବ୍ଲକ ସଭାପତି ଗଗନ ବିହାରୀ ମହାନ୍ତି, ଶ୍ରୀଧର ଜେନା, ଗୟାଧର ସେଠୀ, ପୀତାମ୍ବର ମଲିକ, ଭାଗବତ ସେନାପତି, ବାବୁରାମ ମଲିକ, କୈଳାସ ଦାସ, ହୃଷିକେଶ ଦାସ, ତଉଲି ଦାସ, ମଦନ ମଲିକ, ନିର୍ମଳ ଦଳେଇ, ସତ୍ୟବ୍ରତ କୁଣ୍ଡ, ଗେଣ୍ଡୁ ମଲିକ, ସୁବାସ ଦାସ, ସଂଜୟ କୁମାର ଦାସ, ରାଜକିଶୋର ଦାସ, ରବିନ୍ଦ୍ର ଦାସ, ବନମାଳି ମହାନ୍ତି, ସୁବାସ ମହାଳିକ, ଅଭିମନ୍ୟୁ ମହାଳିକ, ଖଗେଶ୍ୱର ମଲିକ ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ପୀରହାଟରେ ମଧ୍ୟ ବନ୍ଦ ପାଳନ ହୋଇଥିଲା। ଏଥିରେ ସିପିଆଇ ବ୍ଲକ ସମ୍ପାଦକ ସନ୍ତଚରଣ ବିଶ୍ୱାଳ, ବାମପନ୍ଥୀ ଓ ଶ୍ରମିକ ସଂଗଠନ ନେତା ରବିନ୍ଦ୍ର ବାରିକ, ସନାତନ ଦାସ, ନାରାୟଣ ତ୍ରିପାଠୀ, ଶରତ ବେହେରା, ଉପେନ୍ଦ୍ର ବେହେରା, ସୁଶାନ୍ତ ବେହେରା, ସ୍ନେହାଶିଷ ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ।

## ବିଧାୟକଙ୍କ ଗାଡ଼ି ଧକାରେ ଜଣେ ମୃତ, ଜଣେ ଗୁରୁତର

ବାଲେଶ୍ୱର, (ଭାସ୍କର ନ୍ୟୁଜ୍): ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ୧୬ନଂ ଜାତୀୟ ରାଜପଥ ଜାମୁଝାଡି ନିକଟରେ ପଶ୍ଚିମବଙ୍ଗ ହାଉଡ଼ା ଉତ୍ତର ବିଧାୟକ ଗୌତମ ଚୌଧୁରୀଙ୍କ ଗାଡି ସ୍କୁଟି ଚାଳକଙ୍କୁ ଧକ୍କା ଦେବାରୁ ଘଟଣା ସ୍ଥଳରେ ସ୍କୁଟି ଚାଳକଙ୍କର ମୃତ୍ୟୁ ଘଟିଛି ଏବଂ ଅନ୍ୟଜଣେ ଗୁରୁତର ହୋଇ ସିମୁଳିଆ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ମୃତ ବ୍ୟକ୍ତିଙ୍କ ଘର ସୋର ବ୍ଲକ ସାଜନପୁର ଗ୍ରାମର ରାଧାକାନ୍ତ ଲେଙ୍କା, ବିନାୟକପୁର ଉଚ୍ଚ ବିଦ୍ୟାଳୟର ପିଅନ ଭାବେ କାର୍ଯ୍ୟ କରୁଥିବା ବେଳେ ବିଦ୍ୟାଳୟକୁ ଯାଉଥିଲେ। ଜାମୁଝାଡ଼ି ନିକଟରେ ଦୁର୍ଘଟଣାର ତାଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁସାରେ ପଶ୍ଚିମବଙ୍ଗ ହାଉଡ଼ା ଉତ୍ତର ବିଧାୟକ ଗୌତମ ଚୌଧୁରୀ ତାଙ୍କ ପରିବାର ସହିତ ପୁରୀ ଜଗନ୍ନାଥ ମନ୍ଦିରରୁ ଦର୍ଶନ ସାରି ନିଜ ଘର ହାଉଡ଼ାକୁ ଫେରୁଥିଲେ। ସ୍କୁଟି ରାସ୍ତା ପାର ହେଉଥିବା ବେଳେ ବିଧାୟକଙ୍କ ଗାଡି ଧକ୍କା ଦେଇଥିଲା। ବିଧାୟକଙ୍କ ପରିବାର ସମସ୍ତ ସୁସ୍ଥ ଥିବା ବେଳେ ବିଧାୟକ ଘଟଣାସ୍ଥଳରୁ ପରିବାର ସହ ଅନ୍ୟ ଗାଡ଼ିରେ ପଶ୍ଚିମବଙ୍ଗ ପଳାଇ ଯାଇଥିବା ବେଳେ ଡ୍ରାଇଭର ସିମୁଳିଆ ଥାନାରେ ଅଟକ ଥିବା ସୂଚନା ମିଳିଛି।

# ଆସିକା ଅମଲା ସଙ୍ଘ ପକ୍ଷରୁ କଳାବ୍ୟାଜ୍ ପରିଧାନ

ଆସିକା, (ଭାସ୍କର ନ୍ୟୁଜ୍): ଓଡିଶା ରାଜସ୍ୱ ଅମଲା ସଂଘର ନିର୍ଦ୍ଦେଶ କ୍ରମେ ଆସିକା ଅମଲା ସଂଘ ପକ୍ଷରୁ କଳାବ୍ୟାଜ ପରିଧାନ କରିଛନ୍ତି। ପୂର୍ବ ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ ପିନ୍ଧି ଶାନ୍ତି ପୂର୍ଣ୍ଣ ଭାବେ ପ୍ରତିବାଦ କରିବେ। ରାଜ୍ୟ ସରକାର ଯଦି ଜୁଲାଇ ୧୪ ତାରିଖ ମଧ୍ୟରେ ସଂଘ ପକ୍ଷରୁ ଉପସ୍ଥାପନା କରାଯାଇଥିବା ୧୦ ଦଫା ନପୁରଣ ହୁଏ ତେବେ ଅମଲା ସଂଘ ସମ୍ପୂର୍ଣ୍ଣ ସାମୂହିକ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ ବୋଲି ପ୍ରକାଶ କରିଛନ୍ତି। ଅମଲା ସଂଘର ଦାବିଗୁଡିକ ହେଲା ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ମନ୍ତ୍ରୀସ୍ତରୀୟ କର୍ମଚାରୀଙ୍କ ପ୍ରାରମ୍ଭିକ ଦରମା ଓ ଆରଏସପି -୨୦୧୭ ନିୟମ ଅନୁଯାୟୀ ସ୍ତର-୯ କୁ ବୃଦ୍ଧି କରିବା, ସରକାରଙ୍କ ପତ୍ର ସଂଖ୍ୟା ୮୮୯୮/ ଜି.ଏ. ଏବଂ ପି.ଜି. ବିଭାଗରେ ୧୫.୩.୨୦୨୪ ଏବଂ ସମସ୍ତ ଜିଲ୍ଲା କଲେକ୍ଟରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସୂଚନା ଆଧାରରେ, ନୂତନ ପଦବୀ ସହ କ୍ୟାଡର ପୁନର୍ଗଠନ କରାଯିବା, କେନ୍ଦ୍ର ସରକାରଙ୍କ ଦ୍ୱାରା କରାଯାଇଥିବା ସମସ୍ତ ରାଜ୍ୟ ସରକାରୀ କର୍ମଚାରୀଙ୍କ ପାଇଁ, ଅଖିଳ ଭାରତୀୟ ସେବା କର୍ମଚାରୀଙ୍କ ପାଇଁ ୨୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ପ୍ରଦାନ, ଗତ ୨୦୨୦ ମସିହାରେ କାର୍ଯ୍ୟକାରୀ ହୋଇଥିବା ପୁନର୍ବାସ ଯୋଜନାର ନିୟମଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରିବା ଏବଂ ୧୯୯୦ ମସିହାରେ କାର୍ଯ୍ୟକାରୀ ହୋଇଥିବା ନିୟମ ଅନୁଯାୟୀ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ, ଜିଲ୍ଲା କ୍ୟାଡର ରାଜସ୍ୱ କର୍ମଚାରୀଙ୍କୁ ଓଡ଼ିଶା ରାଜସ୍ୱ ସେବାରେ ୧୦୦% ପଦୋନ୍ନତି ଦାବୀ, ନୂତନ ପେନସନ ଯୋଜନାକୁ ଉଚ୍ଛେଦ କରି ସମସ୍ତ ସରକାରୀ କର୍ମଚାରୀଙ୍କୁ ପୁରୁଣା ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ପଦୋନ୍ନତି ଢାଞ୍ଚା ବଜାୟ ରଖିବା ପାଇଁ ଜୁନିଅର ସହାୟକରୁ ବରିଷ୍ଠ ସହାୟକଙ୍କ ପଦୋନ୍ନତି ପାଇଁ ଆବଶ୍ୟକୀୟ ବାସସ୍ଥାନ ଅବଧି ୪ବର୍ଷ ପର୍ଯ୍ୟନ୍ତ ସ୍ଥିର କରିବା ସେକ୍ସନ୍ ଅଫିସର ପଦବୀକୁ ପଦୋନ୍ନତି, ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ କର୍ମଚାରୀଙ୍କ ୟୁଜର ଆଇଡି ବିଭିନ୍ନ ରାଜସ୍ୱ ମାମଲା ପରିଚାଳନା ପାଇଁ ସୃଷ୍ଟି କରାଯିବା ଉଚିତ। କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ତାଲିମ ପ୍ରଦାନ କରାଯିବା ଉଚିତ ବୋଲି ଅମଲା ସଂଘ ଦାବି ରଖିଛନ୍ତି। ଏହି କାର୍ଯ୍ୟକ୍ରମରେ ଅମଲା ସଂଘ କିରଣ ପାଢ଼ୀ, ଜ୍ଞାନଚାନ୍ଦ ମହାନ୍ତି,ଅଭଜିତ ପାଣିଗ୍ରାହୀ, ମୃତ୍ୟୁଞ୍ଜୟ ତ୍ରିପାଠୀ, ତୋଫାନ ଗୌଡ଼, ଚନ୍ଦନ ରଥ, ସୁନିତା ପାତ୍ର, ଶିବ ଶମ୍ଭୁ ଗୌଡ଼, ଜଗଦୀଶ ନାୟକ, ସନ୍ତୋଷ ପ୍ରଧାନ, ସୁମନ ବିଶୋୟୀ, କେ. ଲିଲୁ, ସାମିଲ ରହିଥିଲେ।

## ଗୋପ ତହସିଲଦାରଙ୍କୁ ୫ ଦଫା ଦାବି ପ୍ରଦାନ

ଗୋପ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା ଗୋପ ବ୍ଲକ ଚାଷୀ ମୂଲିଆ ସଂଘ ପକ୍ଷରୁ ୫ ଦଫା ଦାବୀ ନେଇ ଆଜି ଶତାଧିକ ଜନତା ଏକ ଶୋଭାଯାତ୍ରାରେ ସରକାରୀ ବିରୋଧରେ ବିଭିନ୍ନ ନାରାବାଜି କରି ଗୋପ ବ୍ଲକ ଏବଂ ପରେ ତହସିଲ କାର୍ଯ୍ୟାଳୟକୁ ଘେରିବା ସହ ଏକ ଦାବିପତ୍ର ଗୋପ ତହସିଲଦାରଙ୍କୁ ପ୍ରଦାନ କରିଥିଲେ। ଚାଷୀ ମୁଲିଆ ଓଡ଼ିଶା ଅଲ ଇଣ୍ଡିଆ କ୍ଷେତ ମଜଦୂର କିଷାନ ସଭା ସହ ଅନୁବନ୍ଧିତ ଚାଷୀ ମୂଲିଆ ସଂଘର ସଦସ୍ୟ ଆର୍ତ୍ତତ୍ରାଣ ରାଉତରା, ମହେନ୍ଦ୍ର ମଲ୍ଲିକ, ବିଜୟ ସ୍ୱାଇଁଙ୍କ ନେତୃତ୍ୱରେ ଏହି ସଂଘ ଗୋପ ତହସିଲ ଅନ୍ତର୍ଗତ ମହାପୁର ରେଭେନ୍ୟୁ ସର୍କଲରେ ଥିବା ଉଛୁପୁର ଓ ସୁଦୁଖଣ୍ଡ ମୌଜାରେ କିଛି ଅନୁସୂଚିତ ଜାତି ଲୋକଙ୍କ ଜମି ବେଆଇନ ଭାବେ ସାଧାରଣ ବର୍ଗ ଲୋକ କବଜ୍ଜା କରି, (ଆନ୍ଧ୍ର ମାଫିଆ ଓ ସେମାନଙ୍କ ସ୍ଥାନୀୟ ସହଯୋଗୀ)ଙ୍କୁ ହସ୍ତାନ୍ତର ହୋଇଛି। ଏପରିକି କେତେଗୁଡ଼ିଏ ଜମି ପାୱାର ଅଫ ଆଟର୍ଣ୍ଣି ମାଧ୍ୟମରେ ହସ୍ତାନ୍ତର ହୋଇଛି। ଏପରି ବେଆଇନ ହସ୍ତାନ୍ତର ଜମି ଗୁଡ଼ିକ ଚିହ୍ନଟ କରି ଅନୁସୂଚିତ ଜାତିର ମୂଳ ଜମି ମାଲିକଙ୍କୁ ଫେରସ୍ତ କରିବା, ଏହି ମୌଜାରେ ଭୂମିହୀନ ପ୍ରଜାମାନେ ଦୀର୍ଘ ବର୍ଷ ଧରି ଅନାବାଦୀ ଜମି ଚାଷ କରି ଜୀବିକା ନିର୍ବାହ କରି ଆସୁଥିବା ଭୂମିହୀନଙ୍କୁ ଏହି ଜମି ଉପରେ ମାଲିକାନା ସ୍ୱତ୍ତ୍ୱ ପ୍ରଦାନ କରିବା, ଏହି ସବୁ ମୌଜାରେ ଥିବା ମଠ ଓ ଜଗନ୍ନାଥ ମହାପ୍ରଭୁଙ୍କ ଜମିରେ ପୁରୁଷ ପୁରୁଷ ଧରି ଚାଷ କରି ଜୀବିକା ନିର୍ବାହ କରି ଆସୁଥିବା ପ୍ରଜାମାନଙ୍କୁ ବିନା ମୂଲ୍ୟରେ ମାଲିକାନା ସ୍ୱତ୍ତ୍ୱ ପ୍ରଦାନ କରିବା, ବଣିଆ ସାହି ଓ ନାଗପୁର ସୋସାଇଟରେ ଆଜି ବି ହଜାର କ୍ୱିଣ୍ଟାଲରୁ ଅଧିକ ଧାନ ବିକ୍ରି ହୋଇପାରି ନାହିଁ। ଟୋକେନ୍ ପାଇଥିବା ଚାଷୀଙ୍କ ଠାରୁ ତୁରନ୍ତ ସମସ୍ତ ଧାନ କ୍ରୟ କରିବା ପାଇଁ ବ୍ୟବସ୍ଥା କରିବା, ଗ୍ରାମସଭା ମାଧ୍ୟମରେ ଭାଗଚାଷୀ ମାନଙ୍କୁ ଚିହ୍ନଟ କରାଯାଇ ଚାଷୀ ପାଉଥିବା ସମସ୍ତ ସୁବିଧା ସେମାନଙ୍କୁ ପ୍ରଦାନ କରିବା ଆଦି ୫ଦଫା ସମ୍ବଳିତ ଏକ ଦାବିପତ୍ର ଗୋପ ତହସିଲଦାର ଅନିଲ କୁମାର ମହାନ୍ତିଙ୍କୁ ପ୍ରଦାନ କରିଥିଲେ। ରାଜ୍ୟ ସରକାର ଏହାର ବିଚାର କରିବେ ବୋଲି ଉକ୍ତ ସଂଗଠନର ସଦସ୍ୟମାନେ ଆଶା ରଖିଛନ୍ତି।

# ଡ୍ରାଇଭର ସଂଘ ପକ୍ଷରୁ ୭ଦଫା ନେଇ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ



ବେଲପଡା, (ଭାସ୍କର ନ୍ୟୁଜ୍):ଓଡିଶା ଡ୍ରାଇଭର ମହାସଂଘର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଡାକରା ଫଳରେ ବଲାଙ୍ଗୀର ଜିଲ୍ଲା ବେଲପଡା ବ୍ଲକ ଡ୍ରାଇଭରସଂଘ ପକ୍ଷରୁ ପୂର୍ଣ୍ଣ ସମର୍ଥନ କରି ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବେଲପଡା କାର୍ଯ୍ୟାଳୟ ଠାରେ ବ୍ଲକର କର୍ମକର୍ତ୍ତା ସହ ଡ୍ରାଇଭରମାନେ ଉପସ୍ଥିତ ରହି ଆନ୍ଦୋଳନ କରିଛନ୍ତି। ସଂଘ ଦେଇଥିବା ୭ଦଫା ଦାବି ପତ୍ର ରାଜ୍ୟ ସରକାର ତୁରନ୍ତ ପାଳନ କରିବାକୁ ସଂଘ ତରଫରୁ ଦାବି କରାଯାଇଛି। ଡ୍ରାଇଭରଙ୍କ ଆନ୍ଦୋଳନ ଫଳରେ ଲୋକ ମାନଙ୍କୁ ବହୁ ହଇରାଣ ହାରକତ ହେବାକୁ ପଡୁଛି। ବେଲପଡା ପଟୁ ବସ ଚଳାଚଳ ବନ୍ଦ ଥିବାରୁ ଯାତ୍ରୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡ୍ରାଇଭର ଧର୍ମଘଟରେ ବେଲପଡା ବ୍ଲକ ସଭାପତି ମହାଦେବ ମେହେର ଉପ ସଭାପତି ନରେଶ ଧରୁଆ ସହ ସମ୍ପାଦକ ଡୋଳା ମଣି ମେହେର କୋଷାଧକ୍ଷ ତାରା ଚନ ପଟେଲ ସହ ସମସ୍ତ ସଦସ୍ୟ ମାନେ ଉପସ୍ଥିତ ଥିଲେ।

# ନିରାମୟ ବଦଳରେ ବାହାର ଔଷଧ ଲେଖିବା ଘଟଣା ତଦନ୍ତ ପରିସରରେ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଗତ କିଛି ଦିନ ତଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଡକ୍ଟର ଶୁଭ୍ରଜିତ ମାହାରୀଙ୍କ ନାଁରେ ଅଭିଯୋଗ ଆସିଥିଲା, ଯାହାକୁ ନେଇ ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ମଧ୍ୟାହ୍ନ ସମୟରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨ଜଣିଆ ଟିମ୍ ପହଂଚି ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହିତ ଡକ୍ଟର ଙ୍କ ଠାରୁ ବିଭିନ୍ନ ବିଷୟରେ ବୁଝିଛନ୍ତି। ଖବର ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ କେନ୍ଦ୍ର ରେ କାର୍ଯ୍ୟରତ ଡକ୍ଟର ଶୁଭ୍ରଜିତି ମାହାରୀଙ୍କ ନାମରେ ସ୍ଥାନୀୟ ଅଞ୍ଚଳର କିଛି ଲୋକଙ୍କ ଅଭିଯୋଗ ଅନୁଯାୟୀ ଡକ୍ଟର ଜଣକ ଅସ୍ତରଙ୍ଗ ବ୍ଲକ ନିକଟବର୍ତ୍ତୀ ବ୍ଲକ ଅଂଚଳରେ ଫିଜିଓ ଥେରାପି କ୍ଲିନିକି କରି ରୋଗୀଙ୍କୁ କ୍ଲିନିକ ଯିବାକୁ ପରାମର୍ଶ ଦେଉଛନ୍ତି ଏହା ସହ ନିରାମୟ ଔଷଧ ବଦଳରେ ବାହାର ଔଷଧ ଲେଖୁଛନ୍ତି ବୋଲି ସ୍ଥାନୀୟ ଲୋକ ଲିଖିତ ଆକାର ରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜଣାଇଥିଲେ। ତଦନ୍ତକାରୀ ଅଧିକାରୀ ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଲଲାଟେନ୍ଦୁ ମିଶ୍ର ଓ ମାନସ ରଞ୍ଜନ ଦାଶ ବୁଧବାର ମଧ୍ୟାହ୍ନ ସମୟରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡକ୍ଟର ସଞ୍ଜୟ ପ୍ରଧାନ, ଡକ୍ଟର ଶୁଭ୍ରଜିତି ମାହାରୀଙ୍କ ଉପସ୍ଥିତ ରେ ଅଭିଯୋଗ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଘଟଣା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହା ସହ ଘଟଣା ସମ୍ପୂର୍ଣ୍ଣ ମିଥ୍ୟା ଓ କପର କଳ୍ପିତ ବୋଲି ନିଜେ ଡକ୍ଟର ମାହାରୀ ସ୍ୱୀକାର କରିଥିଲେ। ଏହା ସହ ଏକ କାଗଜ ପତ୍ରରେ ଉଲ୍ଲେଖ କରିଥିଲେ ସେ ନିରାମୟ ବ୍ୟତୀତ କୌଣସି ବାହାର ଔଷଧ ଲେଖନ୍ତି ନାହିଁ ବୋଲି ଡକ୍ଟର ଶୁଭ୍ରଜିତି ମାହାରୀ ତଦନ୍ତ କାରୀ ଅଧିକାରୀଙ୍କ ନିକଟରେ ସ୍ପଷ୍ଟ କରିଥିଲେ।କିନ୍ତୁ ତଦନ୍ତ କାରୀ ଅଧିକାରୀ ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଥିବା ବେଳେ ଏ ସମ୍ପର୍କରେ ସେ ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ଜଣାଇବେ ବୋଲି ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ମିଶ୍ର ସୂଚନା ଦେଇଥିଲେ। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବଜାର ସମେତ ବିଭିନ୍ନ ଗାଁରେ ଛତୁ ଫୁଟିଲା ଭଳି ବେଆଇନି ପାଥୋଲୋଜି ପରୀକ୍ଷାଗାର କାମ କରୁଛି। ବର୍ଷ ତମାମ ବେଆଇନି ଭାବେ ଚାଲିଥିବା ଏହି ପାଥୋଲାବ ଗୁଡିକ ପ୍ରତି ଅନୁକମ୍ପା ଥିବାରୁ ତଦନ୍ତ ହେଉନାହିଁ। ଆଉ ରୋଗୀ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ପୁଣି ଅଧିକାଂଶ ରୋଗୀଙ୍କ ରିପୋର୍ଟ ତ୍ରୁଟିପୂର୍ଣ୍ଣ ରହୁଥିବାରୁ ରୋଗ ଭଲ ହେବା ପରିବର୍ତ୍ତେ ବଢ଼ିଚାଲିଛି। ୫ରୁ ୧୦ହଜାର ଟଙ୍କା ଖର୍ଚ୍ଚ କଲେ ବିଭିନ୍ନ ଅନାମଧେୟ ସଂସ୍ଥାରୁ ଟେକନିସିୟାନ ସାର୍ଟିଫିକେଟ ହାସଲ କରାଯାଇ ପାରୁଛି। ସାର୍ଟିଫିକେଟ ହାସଲ ପରେ କ୍ୟାବିନି ଖଣ୍ଡେ ପକାଇ ପାଥୋଲାବ ଫଳକଟିଏ ମାରି ରକ୍ତ, ମଳ, ମୂତ୍ର ଆଦି ପରୀକ୍ଷା କରୁଛନ୍ତି। ବ୍ୟବହାରିକ ଓ ବୃତ୍ତିଗତ ଜ୍ଞାନ ଅଭାବରୁ ରୋଗୀ ମାନେ ଆର୍ଥିକ ଦୃଷ୍ଟିରୁ ଶୋଷିତ ହୋଇ ଚାଲୁଛନ୍ତି। କାଗଜ କଲମ ନିୟମ ଅନୁସାରେ ପାଥୋଲୋଜି ପରୀକ୍ଷାଗାର ଖୋଲିବା ପାଇଁ ସରକାରଙ୍କ ସ୍ୱତନ୍ତ୍ର ନିୟମ ରହିଛି। ନିୟମ ଅନୁସାରେ ଜିଲ୍ଲା ମୁଖ୍ୟଚିକିତ୍ସାଅଧିକାରୀ (ସିଡିଏମଓ) ନିକଟରେ ନିର୍ଦ୍ଧାରିତ କରି ପଞ୍ଜିକୃତ କରାଯାଇପାରିବ। କିନ୍ତୁ ଉଚ୍ଚ ସ୍ତରୀୟ କର୍ତ୍ତୃପକ୍ଷ ପାଥୋଲୋଜି ପ୍ରକୃତ ନିୟମ ଅନୁସାରେ ଖୋଲାଯାଇଛି କି ନାହିଁ ବିଭାଗୀୟ ଅଧିକାରୀ ତଦନ୍ତ କରୁନାହାନ୍ତି। କେବେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ନଜର ପଡିବ ତାହା ହିଁ ଅପେକ୍ଷା।

## ପାଣି ଘେରରେ ଅସହାୟ ମହିଳା ସାବିତ୍ରୀ ଦଳେଇ

କରଞ୍ଜିଆ, (ଭାସ୍କର ନ୍ୟୁଜ୍): ଦୀର୍ଘଦିନ ଧରି କରଞ୍ଜିଆ ରେ ଲଗାଣ ବର୍ଷା ହେଉନଥିବାରୁ ସହର ବେହାଲ ହୋଇପଡିଛି। ଏହି ବର୍ଷା ଯୋଗୁଁ କରଞ୍ଜିଆ ଏନ୍ଏସିର ବ୍ୟାପକ କ୍ଷତି ହୋଇଛି। ଦେଓ ନଦୀକଳରେ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ନିର୍ମିତ ହୋଇଥିବା ହରିଶଚନ୍ଦ୍ର ଆଦର୍ଶ ଶ୍ମଶାନର ବ୍ୟାପକ କ୍ଷତି କରିଥିବା ବେଳେ ୧୫ନମ୍ବର ୱାର୍ଡରେ ବାସ କରୁଥିବା ଅସହାୟ ମହିଳା ସାବିତ୍ରୀ ଦଳବେହେରାର ଘର ପାଣିଘେରରେ ରହିଛି। ଘରଟି କଚ୍ଚା ମାଟିରେ ନିର୍ମାଣ ହୋଇଥିବାରୁ କୋଉ ମୁହୂର୍ତ୍ତରେ ଘରଟି ଭୁଶୁଡ଼ି ଯାଇପାରେ। ଘର ଛପର ମଧ୍ୟ ଭଲ ନାହିଁ, ଛିଣ୍ଡା ପଲିଥିନ ଢ଼ଙ୍କାଯାଇଛି ଘର ଉପରେ। ତାଙ୍କ ଘରେ ରୋଜଗାର କରିବାକୁ କେହି ନାହିଁ। ଆମ ପ୍ରତିନିଧି ତାଙ୍କ ଘର ସ୍ଥିତି ପରଖିବାକୁ ଯାଇଥିବା ବେଳେ କୋହ ସମ୍ଭାଳି ନପାରି ଅସହାୟ ସାବିତ୍ରୀ ପଲିଥିନ ପାଇଁ ଆକୁଳ ପ୍ରାର୍ଥନା କରିଥିଲା ଓ ଅଯୋଗ୍ୟ ଲୋକ ଘର ପାଉଛନ୍ତି ହେଲେ ୭୦ବର୍ଷ ହେଲାଣି ଘର ଟେ ପାଇଲି ନାହିଁ ବୋଲି ଆକୁଳ ନିବେଦନ କରିଥିଲା। ଲଗାଣ ବର୍ଷାର କ୍ଷୟକ୍ଷତି ଆକଳନ କରି ଯଥାଶୀଘ୍ର ସାବିତ୍ରୀଙ୍କୁ କ୍ଷତିପୂରଣ ଦେବା ସହିତ ନିୟମ ଅନୁଯାଇ ଘରଟିଏ ଯୋଗାଇ ଦେବାକୁ ପ୍ରଶାସନକୁ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଦାବି କରିଛନ୍ତି।

# ବାଜିରାଉତ ସ୍ମୃତି ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ




ଭୁବନ, (ଭାସ୍କର ନ୍ୟୁଜ୍): ଭୁବନ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟର ୪୯ତମ ପ୍ରତିଷ୍ଠା ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି। ଅଧ୍ୟକ୍ଷ କେଶବଚନ୍ଦ୍ର ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାମାକ୍ଷା ନଗର ବିଧାୟକ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ଏହି ମହାବିଦ୍ୟାଳୟଟି ୪୯ବର୍ଷ ପୂର୍ବେ ଆଜିର ଦିନରେ ସହିଦ୍ ବାଜି ରାଉତଙ୍କ ନାମରେ ପ୍ରତିଷ୍ଠା ହୋଇ ଶିକ୍ଷା, ସଂସ୍କୃତିର ଉଜ୍ଜ୍ୱଳ ପ୍ରତୀକ ଭାବେ ଦିନକୁଦିନ ଅଗ୍ରଗତି କରିଚାଲିଛି। ଛାତ୍ରଛାତ୍ରୀମାନେ କଠିନ ପରିଶ୍ରମ କରି ନିଜର ଲକ୍ଷ୍ୟ ପ୍ରାପ୍ତି ହେବା ସହ କଲେଜ ପାଇଁ ଗୌରବ ଅର୍ଜନ କରନ୍ତୁ ବୋଲି ବିଧାୟକ ଶ୍ରୀଯୁକ୍ତ ଜେନା ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଡ଼ିଓ ଆୟୁଷୀ ମହାପାତ୍ର ଓ ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ପ୍ରଫୁଲ୍ଲ କୁମାର ଭୂୟାଁ ଯୋଗ ଦେଇଥିଲେ। ମୋ କଲେଜ, ମୋ ଗୌରବ ସଂଯୋଜକ ଅଧ୍ୟାପକ ପ୍ରଭାତ କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗ୍ରନ୍ଥାଗାରିକ ନନ୍ଦ କିଶୋର ଧୀର ବିବରଣୀ ପାଠ ଜରିଆରେ ମହାବିଦ୍ୟାଳୟର ସଫଳତା ଓ ଅଭାବ ଅସୁବିଧା ସମ୍ପର୍କରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବେଷ୍ଟ ଗ୍ରାଜୁଏଟ ଭାବେ ସିମରନ ବେହେରା (ବାଣିଜ୍ୟ ବିଭାଗ), ତେଜସ୍ୱୀନି ବେହେରା (ଜୁଲୋଜି) ଏବଂ ମନୋଜ ଦଳେଇ (ଇତିହାସ)ଙ୍କୁ ପୁଷ୍ପଗୁଚ୍ଛ,ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ସୁବାସ ଚନ୍ଦ୍ର ପତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ୟୁଥ୍ ରେଡ଼କ୍ରସ ତରଫରୁ ବୃକ୍ଷ ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ କିରାଣୀ କୈଳାସ ଚନ୍ଦ୍ର ବେହେରାଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ମୁସ୍ତଫାପୁର ଡ୍ରେନ ନିର୍ମାଣ ନିମ୍ନମାନର



ଧାମନଗର, (ଭାସ୍କର ନ୍ୟୁଜ୍): ଧାମନଗର ସେଣ୍ଡପୁର ଭାୟା ଦୋବଲ ରାସ୍ତାଟି ଦୁଇ ବର୍ଷ ହେବ କାମ ଆରମ୍ଭ ହୋଇଥିଲେ ମଧ୍ୟ ଏ ଯାଏ କାମ ସରୁନି। ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ତରଫରୁ ୯ କୋଟି ଟଙ୍କା ମଞ୍ଜୁରୀ ହୋଇ କାମ ଆରମ୍ଭ ହୋଇଛି। ହେଲେ ଠିକାଦାର ଓ ଯନ୍ତ୍ରୀଙ୍କ ମନମୁଖୀ ଯୋଗୁଁ କାର୍ଯ୍ୟ ବିଳମ୍ବ ହେଉଛି। ଦୋବଲ ବସଷ୍ଟାଣ୍ଡ ବଜାର ଓ କାଳୀ ପଡ଼ିଆ ଘୋସରା ପର୍ଯ୍ୟନ୍ତ ନିର୍ମାଣ ହେଉଥିବା କଂକ୍ରିଟ ଡ୍ରେନର ସ୍ଥାୟୀତ୍ୱ ନେଇ ପ୍ରଶ୍ନ ଉଠିଛି। କାମଟି ଅତ୍ୟନ୍ତ ନିମ୍ନମାନର ହୋଇଚି। ଡ୍ରେନୱାଲରେ ରଡ ବାଇଣ୍ଡି ଠିକ କରାଯାଇ ନାହିଁ। କଂକ୍ରିଟର ଅନୁପାତ ମଧ୍ୟ କମ୍ ରହୁଛି। କାଳୀବଜାରରୁ ଦୋବଲ ବଜାର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ସହ ଡ୍ରେନ ନିର୍ମାଣ ଲାଗି ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଟେଣ୍ଡର ଆହ୍ୱାନ ହୋଇଥିଲା। ବହୁ ବାଦବିବାଦ ପରେ ଠିକାଦାର ପ୍ରଥମେ ଡ୍ରେନ ନିର୍ମାଣ କରିଥିଲେ। ଡ୍ରେନର ଦୁଇ ପାଖର ୱାଲ ୮ଇଞ୍ଚ ରହିବା କଥା। ହାଟବଜାର ଷ୍ଟ୍ରେଚରେ ୮ଇଞ୍ଚ ରହିଛି। ସେଟ୍ରିଂ ଯୋଗୁଁ କାଁଭାଁ ୮ଇଞ୍ଚ ହୋଇଛି। ହେଲେ ଡ୍ରେନର ୱାଲରେ ପ୍ରତି ୬ ଇଞ୍ଚ ବ୍ୟବଧାନରେ ମେନ ବାର ଛିଡ଼ା ହେବା କଥା ଓ ପ୍ରତି ୮ ଇଞ୍ଚରେ ଡିଷ୍ଟ୍ରିବ୍ୟୁସନ ବାର ଦେବା କଥା। ହେଲେ ଠିକାଦାର ମନଇଛା ବାର ବାଇଣ୍ଡିଂ ସିଡ୍ୟୁଲ ବା ରଡବାଇଣ୍ଡି କରୁଛନ୍ତି। କେଉଁଠି ୧୦ଇଞ୍ଚ ତ କେଉଁଠି ୧ ଫୁଟ୍ ଦୂରରେ ରଡ ଛିଡ଼ା କରିଛନ୍ତି। ଫଳରେ ଡ୍ରେନ କାମ ଅତି ନିମ୍ନମାନର ହୋଇଚି। ଯେଉଁ ଡ୍ରେନ କାମ ହୋଇଚି ଘୋଡ଼ାଗଣ୍ଡ ନାଳ ଠାରୁ ଦୋବଲ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଅଧିକାଂଶ ଜାଗାରେ ଢାଙ୍କୁଣି ପକା ଯାଇନଥିବାରୁ ବ୍ୟବସାୟରେ ବାଧାପ୍ରାପ୍ତ ହେଉଚି ଦୋକାନୀ ଭାଇମାନେ ବେପାର କରିପାରୁ ନାହାନ୍ତି। ସୂଚନା ଥାଉକି ଉକ୍ତ ବଜାରର ଦୁଇ ପାଖ ରେ ଜବରଦଖଲ ଥିବାବେଳେ ପ୍ରଶାସନ ତରଫରୁ ମାପ କରାଯାଇ କାର୍ଯ୍ୟ ପାଇ ନିଷ୍ପତି ହୋଇଥିଲା। ମାତ୍ର ଏବେ ରାସ୍ତା କାର୍ଯ୍ୟ ଆରମ୍ଭ ବେଳେ ଠିକାଦାର ଚିହ୍ନଟ ସ୍ଥାନରୁ କଂକ୍ରିଟ ନକରି ନିଜ ଇଚ୍ଛାରେ କାମ କରୁଥିଲେ ଫଳ ରେ ସ୍ଥାନୀୟ ଲୋକ ଉକ୍ତ କାର୍ଯ୍ୟକୁ ବିରୋଧ କରିଥିଲେ। ବିଭାଗୀୟ ଅଧିକାରୀ ଙ୍କ ଉପସ୍ଥିତି ରେ କାମ କରାଯିବା ସହ ଜବର ଦଖଲ ହଟାଇ କାମ କରିବାକୁ ଦାବି କରିଥିଲେ। ଦୀର୍ଘସମୟ ହୋହାଲା ପରେ ଠିକାଦାର ବାଧହୋଇ କାମବନ୍ଦ କରିଥିଲେ। ସୂଚନା ଥାଉକି କୋଟି କୋଟି ଟଙ୍କାର କାମ ଚାଲୁଥିବା ବେଳେ କାମ ପାଖରେ ବିଭାଗୀୟ ଅଧିକାରୀ ମାନେ ଅନୁପସ୍ଥିତ ଯୋଗୁଁ କାର୍ଯ୍ୟ ନିମ୍ନମାନର ହେଉଚି ବୋଲି ସ୍ଥାନୀୟ ଲୋକ ଅଭିଯୋଗ କରିଛନ୍ତି। ତେବେ ସମସ୍ୟାର ସମାଧାନ ପରେ କାର୍ଯ୍ୟ କରାଯିବ ବୋଲି କନିଷ୍ଠ ଯନ୍ତ୍ରୀ ପ୍ରକାଶ ପାଣି କହିଛନ୍ତି।




ଶୁଳିଆପଦା (ଭାସ୍କର ନ୍ୟୁଜ୍): ଶୁଳିଆପଦା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଆନୁକୁଲ୍ୟରେ ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ରେ ଭାଲିଆଶୋଲ ସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ଚଷମା ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ବ୍ଲକ୍ ଅଧିନସ୍ଥ ପ୍ରଥମରୁ ଦଶମ ଶ୍ରେଣୀରେ ଅଧ୍ୟୟନରତ ଦୃଷ୍ଟି ଦୋଷ ଥିବା ୧୪୯ ଜଣ ଛାତ୍ରଛାତ୍ରୀଙ୍କୁ ଚଷମା ବଣ୍ଟନ କରାଯାଇଛି ।ଏହି କାର୍ଯ୍ୟକ୍ରମକୁ ଗୋଷ୍ଠୀ ଶିକ୍ଷାଧିକାରିଣୀ ମାଳତୀ ଟୁଡୁ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ନଗେନ୍ଦ୍ରନାଥ କିସ୍କୁ, ସ୍ଥାନୀୟ ସରପଞ୍ଚ ରାଇମାତ ମୁର୍ମୁ, ଓଏଭିର ଅଧ୍ୟକ୍ଷ ବିଜୟ କୁମାର ପୃଷ୍ଟି, ବିଆରସିସି ସରୋଜ କୁମାର ସାହୁ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କର ନିରାମୟ ଜୀବନ ଏବଂ ଚକ୍ଷୁର ଯତ୍ନ ସମ୍ପର୍କରେ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମ କୁ ବିଆରଟି ଶ୍ରୀଧର ପ୍ରସାଦ ସାହୁ ଓ ପ୍ରଦୀପ କୁମାର ଦଳାଇ ପରିଚାଳନା କରିଥିଲେ ।ଶୁଳିଆପଦା ଗୋଷ୍ଠୀ ଶିକ୍ଷାଧିକାରି କାର୍ଯ୍ୟାଳୟର ଆକାଉଣ୍ଟାଣ୍ଟ ପଙ୍କଜ ମହାପାତ୍ରଙ୍କ ସମେତ ସମସ୍ତ କର୍ମଚାରୀ,ସିଆରସିସି ଓ ଆଦର୍ଶ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ୬ ବର୍ଷରୁ ଊର୍ଦ୍ଧ୍ୱ ବିତିଲା | ଫଳକରେ ଅଟକିଛି ଏରକଣା ବଜାର ଦୋକାନ ଗୃହ ନିର୍ମାଣ






ମାହାଙ୍ଗା (ଭାସ୍କର ନ୍ୟୁଜ୍): ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତତ୍କାଳୀନ ସମୟରେ ସହର ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଗରିବ ଜନସାଧାରଣଙ୍କ ଉନ୍ନତି ପାଇଁ ବିଭିନ୍ନ ଯୋଜନା କରିବା ସହ ସେମାନଙ୍କୁ ଥଇଥାନ କରାଇଥିଲେ । କିନ୍ତୁ ମାହାଙ୍ଗା ବ୍ଲକ ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଥିଲା । ଗରିବ ଜନସାଧାରଣଙ୍କ ଥଇଥାନ ପରିବର୍ତ୍ତେ ସେମାନଙ୍କୁ ସେମାନଙ୍କ ପେଟରେ ଲାତ ମରାଯାଇ ଦୁର୍ଦ୍ଦଶା ଭିତରକୁ ଠେଲି ଦିଆଯାଇଥିଲା । ଏହା ମଧ୍ୟରେ ସରକାର ପରିବର୍ତ୍ତନ ହୋଇଥିବା ବେଳେ ଏହି ଗରିବ ଜନସାଧାରଣଙ୍କୁ ନ୍ୟାୟ ମିଳିବ ବୋଲି ଆଶା ରଖିଥିଲେ । କିନ୍ତୁ ନୂତନ ସରକାରକୁ ବର୍ଷେ ପୁରିଥିବା ବେଳେ ପ୍ରକଳ୍ପ ନିର୍ମାଣକୁ ୬ ବର୍ଷ ପୁରିବାକୁ ବସିଲାଣି । ଯାହାକି ତତ୍କାଳୀନ ପୂର୍ବତନ ବିଧାୟକ ପ୍ରତାପ ଜେନାଙ୍କ ସମୟରେ ପ୍ରକଳ୍ପ କେବଳ ଶିଳାନ୍ୟାସରେ ରହି ନିର୍ମାଣ ହୋଇପାରିନଥିଲା । ଏବେ ବିଧାୟକ ଶାରଦା ପ୍ରଧାନଙ୍କ ସମୟରେ ପ୍ରକଳ୍ପ ନିର୍ମାଣ ପାଇଁ ଗରିବ ଦୋକାନୀ ମାନେ ଆଶା ବାନ୍ଧି ରହିଛନ୍ତି । ପ୍ରକାଶଯେ, ଦୀର୍ଘ ବର୍ଷ ଧରି ମାହାଙ୍ଗା କଟିକଟା ପୂର୍ତ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ଏରକଣା ଓ ଗୋରତାଙ୍ଗ ଠାରେ ଶତାଧିକ ଖୁଚୁରା ବ୍ୟବସାୟୀମାନେ ବିଭିନ୍ନ ବ୍ୟବସାୟ କରି ନିଜର ପରିବାର ପ୍ରତିପୋଷଣ କରିବା ସହ ଗୁଜୁରାଣ ମେଣ୍ଟାଉଥିଲେ । ରାସ୍ତା କଡରେ ଥିବା ସରକାରୀ ସ୍ଥାନରେ ଖୁଚୁରା ବ୍ୟବସାୟୀମାନେ ଧାର କରଜ କରି ଘର ତୋଳି ସେମାନଙ୍କ ବ୍ୟବସାୟ ଚଳାଇଥିଲେ । ୨୦୧୯ ମସିହାରେ ରାସ୍ତା ଉନ୍ନତିକରଣ ଆଳରେ ଅନାବଶ୍ୟକ ଭାବେ ଦୋକାନ ଗୃହ ଗୁଡିକୁ ଭାଙ୍ଗି ମାଟିରେ ମିଶାଯାଇଥିଲା । ଏହି ସମୟରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଦୋକାନ ବଜାର ବନ୍ଦ କରାଯାଇ ପ୍ରତିବାଦ କରାଯାଇଥିଲା । ଅସନ୍ତୁଷ୍ଟ ଦୋକାନୀମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ପୂର୍ବତନ ବିଧାୟକ ପ୍ରତାପ ଜେନାଙ୍କ ଦ୍ୱାରା କ୍ଷତିଗ୍ରସ୍ତ ବ୍ୟବସାୟୀମାନଙ୍କୁ ଥଇଥାନ କରିବା ପାଇଁ ଗୋରତାଙ୍ଗ ବଜାର ଦୋକାନ ଗୃହ ନିମନ୍ତେ ଗତ ୦୬/୦୩/୨୦୧୯ ରିଖରେ ଶିଳାନ୍ୟାସ କରିଥିଲେ । ଏହି ଶିଳାନ୍ୟାସକୁ ୫ ବର୍ଷ ବିତିଥିଲେ ମଧ୍ୟ ବ୍ୟବସାୟୀମାନେ ଘର ପାଇବା ଦୂରର କଥା ଦୁଃଖ , ଦୁର୍ଦ୍ଦଶା , ଖରା , ବର୍ଷା ଭିତରେ ଖୋଲା ଆକାଶ ଓ ଜରିପାଲ ତଳେ ବ୍ୟବସାୟ ଜାରି ରଖିଥିଲେ । ସେହିପରି ବହୁ ବ୍ୟବସାୟ ନିଜ ଦୋକାନ ଗୃହ ହରାଇ ବ୍ୟବସାୟ ଛାଡି ଦୁର୍ଦ୍ଦଶା ଭିତରେ ଜୀବନ ଅତିବାହିତ କରୁଛନ୍ତି । ଫଳରେ ଦୋକାନଗୃହ ନିର୍ମାଣ ଆଳରେ ସେମାନଙ୍କୁ ପ୍ରତାରଣା କରାଯାଇଥିଲା । ଏହା ମଧ୍ୟରେ ସରକାର ପରିବର୍ତ୍ତନ ହେବା ସହ ନୂତନ ବିଧାୟକ ଭାବେ ଶାରଦା ପ୍ରଧାନ ନିର୍ବାଚିତ ହୋଇଥିଲେ । ବିଧାୟକ ସ୍ଥାନୀୟ ବାସିନ୍ଦା ହୋଇଥିବା ବେଳେ ଏହି ଦୋକାନ ଗୃହ ହରାଇଥିବା ବ୍ୟବସାୟୀମାନେ ଆଶା ରଖିଥିବେ ସେମାନଙ୍କ ଆଶା ପୂରଣ ହେବ, କିନ୍ତୁ ଶାରଦା ବିଧାୟକ ହେବାର ଏକ ବର୍ଷ ପୂରିଥିଲେ ମଧ୍ୟ ଦୁର୍ଦ୍ଦଶା ଭୋଗୁଥିବା ବ୍ୟବସାୟୀଙ୍କ ସମସ୍ୟା ଦୂର ହୋଇପାରିଲା ନାହିଁ । ଏବେବି ଜରିପାଲ ତଳେ ଜିବନ ଜାବିକା ଚଳାଇଛନ୍ତି । ଏଣୁ ଲୁଲୁଙ୍କ ଅମଳରେ ହୋଇନଥିବା ନିର୍ମାଣ କାର୍ଯ୍ୟ ବୁଲୁଙ୍କ ସମୟରେ କେବେ ହେବ ବୋଲି ବ୍ୟବସାୟୀ ମାନେ ଆଶା ବାନ୍ଧି ବସିଛନ୍ତି ।

## ନନ୍ଦ କିଶୋର ଉଚ୍ଚ ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ପବିତ୍ରନଗର(ଭାସ୍କର ନ୍ୟୁଜ୍): କଣିହାଁ ବ୍ଲକ ଅନ୍ତର୍ଗତ ଶିପୁର ଗ୍ରାମର ନନ୍ଦ କିଶୋର ଉଚ୍ଚ ବିଦ୍ୟାଳୟରେ ଆଜି ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚନ୍ଦନ କୁମାର ବେହେରା ସଭାପତିତ୍ୱ କରିଥିଲେ । ନନ୍ଦ କିଶୋର ଉଚ୍ଚ ବିଦ୍ୟାଳୟର ତିନି ଜଣ ଶିକ୍ଷକ ମହର୍ଗା ପ୍ରଧାନ,ସୋମନାଥ ଦାସ, ସତ୍ୟବାଦୀ ବେହେରା ଅବସର ଗ୍ରହଣ କରିଥିଲେ । ମଞ୍ଚାସୀନ ଅତିଥି ପୂର୍ବତନ ଶିକ୍ଷକ ପୁରୋଷୋତ୍ତମ ବେହେରା, ବୀରବର ସାହୁ, ରବିଚନ୍ଦ୍ର ରାଉତ, ସମିତି ସଭ୍ୟା ରଶ୍ମିତା ବିଶ୍ୱାଳ, ଗୌରଚନ୍ଦ୍ର କବି ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ, ଅଭିବାକ, ଶିପୁର, କର୍ଣ୍ଣପାଳ ଗ୍ରାମର ସଭାପତି, ମାନ୍ୟଗଣ୍ୟ ବ୍ୟକ୍ତି,ପବିତ୍ରନଗର ଅଞ୍ଚଳ ର ସମସ୍ତ ବିଦ୍ୟାଳୟ ର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧନା କରିଥିଲେ । ଶେଷରେ ସମସ୍ତ ଛାତ୍ର, ଛାତ୍ରୀ ପୁରାତନ ଛାତ୍ରଛାତ୍ରୀ ତିନି ଶିକ୍ଷକଙ୍କୁ କର୍ଣ୍ଣପାଳ ଗ୍ରାମଦେଇ ସିପୁର ଗ୍ରାମରୁ ବିଦାୟ ଦେଇଥିଲେ ।

## ଦୀନକୃଷ୍ଣ କଲେଜ ଶାଖା ପକ୍ଷରୁ ଦାବିପତ୍ର

ଜଳେଶ୍ୱର(ଭାସ୍କର ନ୍ୟୁଜ୍): ସର୍ବଭାରତୀୟ ସାଧାରଣ ଧର୍ମଘଟକୁ ସଫଳ କରିବା ନେଇ ବୁଧବାର ଛାତ୍ର ସଂଗଠନ ଏସ୍‌ଏଫ୍‌ଆଇ ଦୀନକୃଷ୍ଣ କଲେଜ ଶାଖା ତରଫରୁ ୭ ଦଫା ଦାବୀ ନେଇ ଛାତ୍ରଛାତ୍ରୀ ମାନେ ବିଭିନ୍ନ ସ୍ଥାନରେ ପିକେଟିଂ କରିବା ବିଶେଷ କରି ଦୀନକୃଷ୍ଣ ମହାବିଦ୍ୟାଳୟ ସମ୍ମୁଖରେ ଗଣଧାରଣା ଅନୁଷ୍ଠିତ କରିବା ସହିତ ଏକ ପଟୁଆରରେ ଯାଇ ଅଧ୍ୟକ୍ଷଙ୍କ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଦାବୀ ସମୂହ ଭିତରେ ଯୁକ୍ତ ତିନି ଅରିଜିନାଲ ସାର୍ଟିଫିକେଟ ନିୟମିତ ଓ ଏକ ବର୍ଷ ମଧ୍ୟରେ ଦେବାର ବ୍ୟବସ୍ଥା କରିବା । ଯୁକ୍ତ ତିନି ପ୍ରଭିଜନାଲ ସାର୍ଟିଫିକେଟ କଲେଜ ମେଲକୁ ନ ଦେଇ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରଦାନ କରାଯିବା ଓ ଉନ୍ନତମାନର କାଗଜ ବ୍ୟବହାର କରାଯିବା, ପ୍ରତି ସେମିଷ୍ଟରରେ ପରୀକ୍ଷା ଫଳ ସଫ୍ଟ ଓ ହାର୍ଡ କପି ବିଶ୍ୱବିଦ୍ୟାଳୟ ଦ୍ୱାରା ଯୋଗାଇ ଦେବା, ରାଜ୍ୟସ୍ତରୀୟ ପରୀକ୍ଷା ନିୟମ ଉଲଂଘନ କରି ଏଫ୍.ଏମ୍. ବିଶ୍ୱବିଦ୍ୟାଳୟ ଅଡ଼ ଓ ଇଭିନରେ ୫୦୦ ଓ ୭୦୦ ମାର୍କର ପରୀକ୍ଷା କରାଇବା ବନ୍ଦ କରିବା, ସମସ୍ତ ସେଲ୍ଫ ଫାଇନାସିଂ କୋର୍ସକୁ ନିୟମିତ କରିବା, କଲେଜ ମେଲରୁ ଯାଇଥିବା ଗ୍ରୀଭେନ୍ସକୁ ତୁରନ୍ତ ସମାଧାନ କରିବା, ନୂତନ ଶିକ୍ଷା ନୀତି ୨୦୨୦କୁ ବାତିଲ କରିବାର ବିଭିନ୍ନ ଦାବିପତ୍ରରେ ଉଲ୍ଲେଖ ରହିବା ସହିତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଦୁର୍ବାର ସହ ଆନ୍ଦୋଳନ ହେବ ବୋଲି ଛାତ୍ରସଂଗଠନ ଏସ୍‌ଏଫ୍‌ଆଇ ତରଫରୁ ଚେତାବନୀ ଦିଆଯାଇଛି । ଏସ୍‌ଏଫ୍‌ଆଇର ରାଜ୍ୟ ସଭାପତି ଚନ୍ଦନ କାମିଲାଙ୍କ ନେତୃତ୍ୱରେ ଦୀନକୃଷ୍ଣ କଲେଜ ଜଳେଶ୍ୱର ଶାଖା ଛାତ୍ର ସଂଗଠନର ସଭାପତି ଅଚ୍ୟୁତାନନ୍ଦ ଜେନା, ସଂପାଦକ ସୌରଭ ସାହୁ, ସତ୍ୟଜିତ୍ ପରିଡା, ସୁବ୍ରତ ପାତ୍ର, ବାସୁଦେବ ପଲାଇ, ପର୍ଶୁରାମ ବାରିକ, ଅନୀତା ଜେନା, ଝାନସୀ ସାହୁ, ଶୁଭମ ରାଜ, ଓମ୍ ପ୍ରକାଶ ଦାସ, ତରୁଣ ରାଉତ୍ ଆଦି ବହୁ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।



## କୁହୁଡ଼ି ଜନତା ହାଇସ୍କୁଲର ପ୍ରତିଷ୍ଠା ଦିବସ ପାଳିତ



ଟାଙ୍ଗୀ (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ନିକଟସ୍ଥ କୁହୁଡି ଜନତା ଉଚ୍ଚ ବିଦ୍ୟାଳୟର ୬୯ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ପୁରାତନ ଛାତ୍ର ସଂସଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକ ଫ୍ରି ସ୍ୱାସ୍ଥ୍ୟ ସେବା ଶିବିର ଅନ୍ନପୂର୍ଣ୍ଣା ଫାଇନାନ୍ସ ର ସିଇଓ ସଞ୍ଜୟ କୁମାର ପଟ୍ଟନାୟକଙ୍କ ପକ୍ଷରୁ କରାଯାଇଥିଲା । ଚିଲିକାର ଏକ୍ସ ବିଧାୟକ ଡାକ୍ତର ବିଭୂତି ଭୂଷଣ ହରିଚନ୍ଦନ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ଚିଲିକା ବ୍ଲକ ପୂର୍ବତନ ଅଧ୍ୟକ୍ଷ ଲଳିତ ମୋହନ ପଟ୍ଟନାୟକ, ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମମତା ଦାଶ, ଆୟୋଜକ କମିଟିର ସମ୍ପାଦକ ପ୍ରଶାନ୍ତ ଭୁଜବଳ, ଆଇନଜୀବୀ ତଥା ଆୟୋଜକ କମିଟିର ସଭାପତି ମନୋଜ କୁମାର ମାନସିଂହ, ଆଇନଜୀବୀ ହୃଷୀକେଶ ପ୍ରଧାନ, ବରିଷ୍ଠ ଶିକ୍ଷକ ରଘୁନାଥ ସ୍ୱାଇଁ, ରତନପୁର ସରପଞ୍ଚ ଗୁରୁବନ୍ଧୁ ବେହେରା, କୁହୁଡି ଏକ୍ସ-ସରପଞ୍ଚ ଜୟଦେବ ବେହେରା, ପବିତ୍ର ଭୁଜବଳ, ସାମ୍ବାଦିକ ରମେଶ ନାଇଡୁ, ଉପ ସଭାପତି ପ୍ରସନ୍ନ ସୁବୁଦ୍ଧି ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ଲଳିତ ମୋହନ ଭୁଜବଳ, ଜୟରାମ ବେହେରା, ରତ୍ନାକର ସାମନ୍ତରାୟ, ପ୍ରଫୁଲ୍ଲ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ସ୍କୁଲର ଅଡିଟୋରିୟମ , ଖେଳ ପଡିଆକୁ ସରସ ସୁନ୍ଦର କରିବା ପାଇଁ ଆର୍ଥିକ ଅନୁଦାନ ଘୋଷଣା କରିଥିଲେ ଖୋର୍ଦ୍ଧା ବିଧାୟକ ଶ୍ରୀ ଜଗଦ୍ଦେବ । ସ୍କୁଲର କୃତୀ ଛାତ୍ରୀ ନିବେଦିତା ନାଇଡୁଙ୍କୁ ପୁରାତନ ଛାତ୍ର ପ୍ରଫୁଲ୍ଲ ପ୍ରଧାନଙ୍କ ପକ୍ଷରୁ ଏକ ସାଇକେଲ ଉପହାର ପ୍ରଦାନ କରିଥିଲେ । ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ପୁରାତନ ଛାତ୍ର ସଂସଦର ସହସମ୍ପାଦକ ନିଶିରଞ୍ଜନ ବଳବନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ । ସ୍କୁଲର ଶିକ୍ଷକ ଓ କର୍ମଚାରୀମାନଙ୍କ ସହିତ ପୁରାତନ ଛାତ୍ର ସଂସଦ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରାଯାଇଥିଲା ।

## ବିଭିନ୍ନ ସ୍ଥାନରେ ଡ୍ରାଇଭର ସଂଘର ଷ୍ଟିୟରିଂ ଛାଡ଼



ବୋଲଗଡ(ଭାସ୍କର ନ୍ୟୁଜ୍): ବୋଲଗଡ଼ ବ୍ଲକ ଡ୍ରାଇଭର ସଂଘ ପକ୍ଷରୁ ତହସିଲ ଛକ ୫୭ନଂ ଜାତୀୟ ରାଜପଥ ପାର୍ଶ୍ୱରେ ସଂଘବଦ୍ଧ ଭାବେ ୮ଜୁଲାଇ ଠାରୁ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ବସି ରହିବାକୁ ସଂଘ ସୂଚନା ଦେଇଛି । ସୂଚନାଯୋଗ୍ୟ ଓଡିଶା ଡ୍ରାଇଭର ମହାସଂଘ ବିଗତ ଦିନ ମାନଙ୍କରେ ଡ୍ରାଇଭର ମାନଙ୍କ ସମସ୍ୟା ଗୁଡିକର ସମାଧାନ ପାଇଁ ବାରମ୍ବାର ସରକାରଙ୍କ ନିକଟରେ ଦ୍ୱାରସ୍ଥ ହୋଇ ଦାବି ରଖିଥିଲା ।ଏହା ମଧ୍ୟରୁ ସମୁଦ୍ରକୁ ଶଙ୍ଖେ ପରି ଗୋଟିଏ ମାତ୍ର ସମସ୍ୟା ସରକାର ସମାଧାନ କରିଥିଲେ ହେଁ ସିଂହଭାଗ ଦାବିଗୁଡିକୁ ସମାଧାନ ଦିଗରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି ।ପରିଶେଷରେ ଓଡିଶା ସଂଘ ପକ୍ଷରୁ ଗତ ୨୯ ମାର୍ଚ୍ଚ ୨୦୨୫ ଲୋୟର ପିଏମଜି ଛକରେ ଦୀର୍ଘ ୬ଦିନ ବସିଲା ପରେ ମଧ୍ୟ ସରକାରଙ୍କ ପକ୍ଷରୁ ଏ ଦିଗରେ କୌଣସି କର୍ଣ୍ଣପାତ କରାଗଲା ନାହିଁ ବରଂ ସରକାର ଏହି ଦାବୀ ସମ୍ପର୍କରେ ବିମୁଖ ରହିଥିଲେ। ଏଣୁ ଡ୍ରାଇଭର ସଂଘ ପକ୍ଷରୁ ୬ଦଫା ଦାବିକୁ ନେଇ ବୋଲଗଡ଼ ଡ୍ରାଇଭର ସଂଘ ରାଜରାସ୍ତା ପାର୍ଶ୍ୱରେ ଶାନ୍ତିପୂର୍ଣ୍ଣ ଭାବେ ବସିରହିଛି । ସଂଘ କହିଛି ଯେ ସରକାର ସହଯୋଗ ନକଲେ ଆମ୍ଭେ ଗାଡି ଚଳାଇବୁ ନାହିଁ । ଏପରିକି ଷ୍ଟିୟରିଙ୍ଗ ଧରିବୁ ନାହିଁ । ଯଦି ପକ୍ଷେ ପରିସ୍ଥିତି ଅଣାୟତ ହେବା ସହ ସରକାରଙ୍କ ପକ୍ଷରୁ ଡ୍ରାଇଭର ମାରଣ ନୀତି ଉପୁଜିଲେ ଆମ୍ଭେମାନେ ସମୂହ ଭାବେ ରାଜରାସ୍ତାକୁ ଓହ୍ଲାଇ ପରିବହନ କ୍ଷେତ୍ରରେ ସରକାରଙ୍କୁ ଅସହଯୋଗ କରିବୁ ।ଫଳରେ ପରିବହନ କ୍ଷେତ୍ରରେ ସମ୍ପୂର୍ଣ୍ଣ ବ୍ୟାଘାତ ସୃଷ୍ଟି ହୋଇ ଜନ ସାଧାରଣ ଘୋର ଅସୁବିଧାର ସମ୍ମୁଖୀନ ହେଲେ ସରକାର ଏଥିପାଇଁ ଦାୟୀ ରହିବେ ବୋଲି ବ୍ଲକ ଡ୍ରାଇଭର ସଂଘ ସଭାପତି ସୁକାନ୍ତ କୁମାର ବେହେରା ସୂଚନା ଦେଇଛନ୍ତି ।



କଣିହାଁ (ଭାସ୍କର ନ୍ୟୁଜ୍): ୭ଦଫା ଦାବିନେଇ ରାଜ୍ୟ ଡ୍ରାଇଭର ମହାସଂଘ ର ଆହ୍ୱାନ କ୍ରମେ କଣିହାଁ ବ୍ଲକର ଡ୍ରାଇଭର ମାନେ କଣିହାଁସ୍ଥ ଏନଟିପିସିର ଏମଜିଆର ଠାରେ ଏକତ୍ରିତ ହୋଇ ଧାରଣାରେ ବସି ରହିଛନ୍ତି । ଧାରଣା ସ୍ଥଳରେ ଅନୁଗୋଳ ଜିଲା ଡ୍ରାଇଭର ମହାସଂଘର ସଭାପତି ଲକ୍ଷ୍ମୀଧର କବି, କଣିହାଁ ବ୍ଲକ ଡ୍ରାଇଭର ମହାସଂଘ ର ସଭାପତି ବିପିନି ବିହାରୀ ପ୍ରଧାନ, ଉପ ସଭାପତି ହୃଷୀକେଶ ସାହୁ, ସଂପାଦକ ଧୀରେନ୍ଦ୍ର ବିଶ୍ୱାଳ, ସହ ସଂପାଦକ ବିଷ୍ଣୁ ଚରଣ ବିଲାସ, କୋଷାଧ୍ୟକ୍ଷ କ୍ଷେତ୍ରବାସୀ ନାୟକ ପ୍ରମୁଖ ଶହ ଶହ ଡ୍ରାଇଭର ଉପସ୍ଥିତ ରହି ଆନ୍ଦୋଳନ ଚଳାଇଛନ୍ତି । ଆନ୍ଦୋଳନ ଯୋଗୁଁ କଣିହାଁ ବ୍ଲକରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିଛି । ଆନ୍ଦୋଳନ ଯୋଗୁଁ ଯାତ୍ରୀ, ଛାତ୍ରଛାତ୍ରୀ ଯାତାୟତ ବନ୍ଦ ରହିଥିଲା । କୌଣସି ସମାଧାନ ହୋଇ ନଥିବାରୁ ଡ୍ରାଇଭର ମାନେ ଆନ୍ଦୋଳନ ସ୍ଥଳରେ ବସି ରହିଛନ୍ତି ।

ଟାଙ୍ଗୀ (ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ ଡ୍ରାଇଭର ସଂଘ ପକ୍ଷରୁ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ କରାଯାଇଛି । ଏହି ଆନ୍ଦୋଳନ ଯୋଗୁଁ ଖୋର୍ଦ୍ଧା , ଟାଙ୍ଗୀ ସହରକୁ କୌଣସି ବସ୍, ଟ୍ରକ, ଅଟୋ ଏବଂ ଯାତ୍ରୀବାହୀ ଯାନ ଚଳାଚଳ ଠପ୍ ହୋଇଯାଇଛି । ବିଭିନ୍ନ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ଯାତ୍ରୀ ଓ ସାଧାରଣ ଜନତା , ପ୍ରଭାବିତ ହୋଇଛନ୍ତି । ସମସ୍ତ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ରହିଥିବା ବେଳେ ରାସ୍ତାଘାଟ ଶୂନଶାନ୍ ଦେଖିବାକୁ ମିଳିଥିଲା । ସମଗ୍ର ଓଡିଶାରେ ଡ୍ରାଇଭର ମାନଙ୍କର ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ହୋଇଥିବା ବେଳେ ଏହାର ପ୍ରଭାବ ଖୋର୍ଦ୍ଧା ଜିଲ୍ଲାରେ ମଧ୍ୟ ଦେଖିବାକୁ ମିଳିଛି । ଓଡିଶା ଡ୍ରାଇଭର ମହାସଂଘ ଡାକରାକୁ ସମର୍ଥନ ଜଣାଇ ଟାଙ୍ଗୀ ବ୍ଲକ ଡ୍ରାଇଭର ଆସୋସିଏସନ୍ ପକ୍ଷରୁ ଏହି ଆନ୍ଦୋଳନ କରାଯାଇଛି । ୬ଗୋଟି ଦାବିକୁ ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଡ୍ରାଇଭର ଆସୋସିଏସନ୍ ଯଥା ଓଡିଶା ମୋଟର ଟ୍ରାନ୍ସଫର ଡ୍ରାଇଭର ଏବଂ ୱାର୍କର ୱେଲଫେୟାର ବୋର୍ଡରେ ଅଟୋ ଡ୍ରାଇଭରଙ୍କୁ ସାମିଲ, ଜନ ସାଧାରଣଙ୍କ ଆକ୍ରୋଶ ରେ ଶିକାର ହେଉଥିବା ଡ୍ରାଇଭର ମାନଙ୍କର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ , ବୃତ୍ତିଗତ ଡ୍ରାଇଭର ଙ୍କୁ ୬୦ ବର୍ଷ ବୟସ ପରେ ଏକ ସ୍ୱତନ୍ତ୍ର ଭତ୍ତା ପ୍ରଦାନ , ଗାଡି ଗୁଡିକ ପାର୍କିଂ ଏବଂ ଡ୍ରାଇଭର ମାନଙ୍କ ବିଶ୍ରାମ ନେବା ପାଇଁ ପାର୍କିଂ ସହିତ ବିଶ୍ରାମଗାର ଏବଂ ଶୌଚାଳୟ ବ୍ୟବସ୍ଥା ପ୍ରତି ୧୦୦ କି.ମି. ଅନ୍ତରରେ କରାଯିବା , ଓଡିଶା ରେ ଥିବା ପ୍ରତ୍ୟକ ଖଣି ଖାଦନ ଗୁଡିକରେ ଶତକଡା ୭୦ ଭାଗ ଓଡିଶା ର ଡ୍ରାଇଭର ମାନଙ୍କୁ କାମ କରିବା ପାଇଁ ଅଗ୍ରାଧିକାର ଦିଆଯାଉ ଏବଂ ପ୍ରତ୍ୟେକ ବର୍ଷ ସେପ୍ଟେମ୍ବର ୧ ତାରିଖକୁ ଜାତୀୟ ଡ୍ରାଇଭର ଦିବସ ରୂପେ ଘୋଷଣା କରାଯାଉ ।

ଚିଲିକା(ଭାସ୍କର ନ୍ୟୁଜ୍): ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଡ୍ରାଇଭର ସଂଘ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଦାବି ପୂରଣ ନ ହେବା ଯାଏଁ ଷ୍ଟିରିଙ୍ଗ ଛାଡ଼ ଆନ୍ଦୋଳନ କରାଯାଉଛି । ଖୋର୍ଦ୍ଧା ଚିଲିକା ସହରକୁ କୌଣସି ବସ୍, ଟ୍ରକ, ଅଟୋ ଏଂବ ଯାତ୍ରୀବାହୀ ଯାନ ଚଳାଚଳ ଅନେକ ସମସ୍ୟା ଦେଖା ଦେଇଛି । ନାନା ଅସୁବିଧା ସମ୍ମୁଖୀନ ହେଉଛନ୍ତି ଯାତ୍ରୀ । ସମଗ୍ର ଓଡିଶାରେ ଷ୍ଟିୟରିଙ୍ଗ ବନ୍ଦ ଆନ୍ଦୋଳନ ହେଉଥିବା ବେଳେ ଏହାର ପ୍ରଭାବ ଖୋର୍ଦ୍ଧା ଜିଲ୍ଲାରେ ମଧ୍ୟ ଦେଖିବାକୁ ମିଳିଛି । ଓଡିଶା ଡ୍ରାଇଭର ମହାସଂଘ ପକ୍ଷରୁ ଏହି ଆନ୍ଦୋଳନ ଡାକରା ଦିଆଯାଇଛି । ୭ଗୋଟି ଦାବି ନେଇ ଆନ୍ଦୋଳନ ତେଜିଛି ଯଥା ୧. ଓଡିଶା ମୋଟର ଟ୍ରାନ୍ସଫର ଡ୍ରାଇଭର ଏଂବ ୱାରକର ୱେଲଫୋର ବୋର୍ଡ ରେ ଅଟୋ ଡ୍ରାଇଭର ଙ୍କୁ ସାମିଲ, ୨.ଜନ ସାଧାରଣଙ୍କ ଆକ୍ରୋଶ ରେ ଶିକାର ହେଉଥିବା ଡ୍ରାଇଭର ମାନଙ୍କର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ କରାଯାଉ, ୩.ବୃତ୍ତିଗତ ଡ୍ରାଇଭର ଙ୍କୁ ୬୦ ବର୍ଷ ବୟସ ପରେ ଏକ ସ୍ୱତନ୍ତ୍ର ଭତ୍ତା ପ୍ରଦାନ କରାଯାଉ, ୪. ଗାଡି ଗୁଡିକ ପାର୍କିଂଏଂବ ଡ୍ରାଇଭର ମାନଙ୍କ ବିଶ୍ରାମ ନେବା ପାଇଁ ପାର୍କିଂ ସହିତ ବିଶ୍ରାମଗାର ଏଂବ ଶୌଚାଳୟ ବ୍ୟବସ୍ଥା ପ୍ରତି ୧୦୦ କି. ମି ଅନ୍ତରରେ କରାଯାଉ, ୫.ଓଡିଶା ରେ ଥିବା ପ୍ରତ୍ୟକ ଖଣି ଖାଦନ ଗୁଡିକରେ ଶତକଡା ୭୦ ଭାଗ ଓଡିଶା ର ଡ୍ରାଇଭର ମାନଙ୍କୁ କାମ କରିବା ପାଇଁ ଅଗ୍ରାଧିକାର ଦିଆଯାଉ, ୬. ସେପ୍ଟେମ୍ବର ୧ ତାରିଖକୁ ଜାତୀୟ ଡ୍ରାଇଭର ଦିବସ ରୂପେ ଘୋଷଣା କରାଯାଉ। ଏହି ଦାବି କୁ ନେଇ ଆନ୍ଦୋଳନ କରାଯାଇଛି ବୋଲି ଚିଲିକା ବ୍ଲକ ଡ୍ରାଇଭର ମହାସଂଘ ପକ୍ଷରୁ । ଏହି ଆନ୍ଦୋଳନରେ ଓଡ଼ିଶା ଡ୍ରାଇଭର ମହାସଂଘ ଚିଲିକା ବ୍ଲକ୍ ଜିଲ୍ଲା ଖୋର୍ଦ୍ଧା ସଭାପତି ୧୬ ନଂ ଜାତୀୟ ରାଜପଥ କଡ଼ରେ ସାମିଲ ହୋଇଛନ୍ତି ।

ଭାପୁର (ଭାସ୍କର ନ୍ୟୁଜ୍): ରାଜ୍ୟ ଡ୍ରାଇଭର ମହାସଂଘର ଚକାବନ୍ଦ ଆନ୍ଦୋଳନ ଆହ୍ୱାନରେ ଭାପୁର ବ୍ଲକ ଡ୍ରାଇଭର ସଂଘ ମଙ୍ଗଳବାର ଦିନ ଆନ୍ଦୋଳନକୁ ଓହ୍ଲେଇବା ସହିତ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଜାରି ରଖିଛନ୍ତି । ଡ୍ରାଇଭର ସଂଘର ୭ ଗୋଟି ଦାବୀ ମଧ୍ୟରୁ ପୂର୍ବ ସରକାର ପ୍ରମୁଖ ମୁଖ୍ୟ ଦାବୀ ମୃତ୍ୟୁକାଳୀନ ବୀମା ରାଶି ପ୍ରଦାନ ଦାବିଟି ପୂରଣ କରିବା ସହ ପୁନର୍ବାର ଶାସନକୁ ଆସିଲେ ଅନ୍ୟ ୬ ଗୋଟି ଦାବି ପୂରଣ କରିବ ବୋଲି ପ୍ରତିଶ୍ରୁତି ଦେଇଥିଲା । କିନ୍ତୁ, ରାଜ୍ୟରେ ଶାସକ ବଦଳି ଗଲାପରେ ବିଜେପି ସରକାର ଅନ୍ୟ ଦାବୀ ପୂରଣ କରିବା ପାଇଁ ଭୁଆଁ ବୁଲେଇ ଆସୁଛି । ସେମାନଙ୍କର ନାଯ୍ୟ ଦାବୀ ପାଇଁ ଗତ ମାର୍ଚ୍ଚ ମାସ ୨୯ ତାରିଖ ଠାରୁ ୬ ଦିନ ପାଇଁ ଭୁବନେଶ୍ୱର ଲୋୟର ପିଏମଜି ଛକରେ ଶାନ୍ତିପୂର୍ଣ୍ଣ ଭାବରେ ଧାରଣା ଦେଇଥିଲେ ହେଁ ରାଜ୍ୟ ସରକାର ସେଥିପାଇଁ କର୍ଣ୍ଣପାତ କରିନଥିଲେ । ସେମାନଙ୍କର ଦାବି ମୁତାବକ ଚଳିତ ମାସ ଜୁଲାଇ ମାସ ୭ ତାରିଖ ମଧ୍ୟରେ ସେମାନଙ୍କର ନାଯ୍ୟ ଦାବୀ ପୂରଣ ନ ହେବାରୁ ମଙ୍ଗଳବାର ଦିନ ସାରା ରାଜ୍ୟରେ ଚକାବନ୍ଦ ଆନ୍ଦୋଳନ ଜାରି ରଖିବା ନେଇ ରାଜ୍ୟ ସରକାରଙ୍କୁ ଲିଖିତ ଅଭିଯୋଗ କରିଥିଲେ । ଏହି ପରିପ୍ରେକ୍ଷୀରେ ଭାପୁର ବ୍ଲକ ଡ୍ରାଇଭର ସଂଘ ପକ୍ଷରୁ ଭାପୁର ଅଗ୍ନିଶମ ବାହିନୀ ନିକଟସ୍ଥ ଡ୍ରାଇଭର ସଂଘ କାର୍ଯ୍ୟାଳୟ ସମ୍ମୁଖରେ ଫତେଗଡ – ଖଣ୍ଡପଡ଼ା କୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗର ମୁଖ୍ୟରାସ୍ତାକୁ ଅବରୋଧ କରିବା ସହ ଶାନ୍ତିପୂର୍ଣ୍ଣ ଧାରଣାରେ ଆନ୍ଦୋଳନ ଜାରି ରଖିଛନ୍ତି । ଯାହାଫଳରେ, ଭାପୁର ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳ ଦେଇ ଯାତାୟାତ କରୁଥିବା ଯାତ୍ରୀବାହୀ ବସ, ମାଲ ବୋଝେଇ ଗାଡ଼ି, ଚାରିଚକିଆ ଯାନବାହନ ଆଦି ଚଳାଚଳ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଛି । ରାଜ୍ୟ ସରକାର ଡ୍ରାଇଭର ମହାସଂଘର ୭ଦଫା ଦାବି ଗୁଡ଼ିକୁ ପୂରଣ ନ କରିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଭାପୁର ବ୍ଲକ ସଭାପତି ସନ୍ତୋଷ କୁମାର ଜେନା ଓ ସମ୍ପାଦକ ବିନୋଦ ବିହାରୀ ଜେନା ପ୍ରକାଶ କରିଛନ୍ତି ।



## ବନ ମହୋତ୍ସବ ପାଳନବେଳେ କାଠମାଫିଆ ସକ୍ରିୟ, ବିଭାଗୀୟ ଅଧିକାରୀ ନିଷ୍କ୍ରିୟ



ଗୋପ (ଭାସ୍କର ନ୍ୟୁଜ୍): ଜଙ୍ଗଲ ଓ ପ୍ରକୃତିର ଅବକ୍ଷୟ ନ କରିବା ପାଇଁ ସରକାରଙ୍କ ବିଭାଗୀୟ ଅଧିକାରୀ ଓ ପ୍ରକୃତିପ୍ରେମୀଙ୍କ ଦ୍ୱାରା ବନମହୋତ୍ସବ ପାଳନ ହେଉଛି । ସ୍କୁଲ ଓ କଲେଜର ଛାତ୍ର ଛାତ୍ରୀ ଏବଂ ସ୍ୱେଚ୍ଛାସେବୀଙ୍କୁ ନେଇ ବନ ବିଭାଗ ପକ୍ଷରୁ ପିଲ ସଚେତନତା ସୃଷ୍ଟି କରାଯାଉଛି । ଅପର ପକ୍ଷରେ ଏସବୁ ସତ୍ତ୍ୱେ ଚୋରା କାଠ ମାଫିଆ ଓ ସ’ ମିଲର ମାଲିକ ମାନେ ପୁନଃ ସକ୍ରିୟ ହୋଇଉଠିଛନ୍ତି । ଏମିତି ଏକ ଅଭାନୀୟ ଘଟଣା ଦେଖିବାକୁ ମିଳୁଛି ପୁରୀ ଜିଲ୍ଲା ର ଗୋପ ଫରେଷ୍ଟ ବିଭାଗ ଅଧିନସ୍ଥ ଅଞ୍ଚଳ ଗୁଡିକରେ । ଦୀର୍ଘ ମାସ ହେବ ଗୋପ ବନ୍ୟବିଭାଗ ମୁଖ୍ୟ ଅଧିକାରୀ ଙ୍କ ପଦବୀ ଟି ଖାଲି ପଡ଼ିଥିବା ହେତୁ ଚୋରା କାଠ ବେପାରୀ ଓ ସ’ ମିଲ ମାଲିକମାନେ ଏବେପୁରା ସକ୍ରିୟ ହୋଇପଡିଛନ୍ତି । ଏହାଦ୍ୱାରା ଆସ୍ତେ ଆସ୍ତେ ଜଙ୍ଗଲ ଅବକ୍ଷୟ ହେବାକୁ ଲାଗିଛି । ଖାଲି ଯେ ଚୋରା କାଠ ମାଫିଆ ଙ୍କ ଦ୍ୱାରା ଜଙ୍ଗଲ ନଷ୍ଟ ହେଉଛି ତା ନୁହେଁ ବରଂ ରାସ୍ତା ଘାଟ ଆଦିର ସଂସପ୍ରସାରଣ ଓ ନବୀକରଣ ହେତୁ ପୂର୍ବରୁ ରାସ୍ତା ର ଉଭୟ ପାର୍ଶ୍ୱ ରେ ଥିବା ହାଜର ହଜାର ସଂଖ୍ୟାର ଗଛ କଟା ହେଉଛି । ଏମିତି ବି ଏକ ଘଟଣା ଘଟିଛି ପିପିଲି ଠାରୁ ନିମାପଡା ଚାରି ଲାଇନ ବିଶିଷ୍ଟ ରାସ୍ତା ନିର୍ମାଣ ପାଇଁ ଶହ ଶହ ସଂଖ୍ୟାରେ ବଡ଼ ବଡ଼ ଗଛ କଟାଗଲା । ତାର ପୁନରୁଦ୍ଧାର ଓ ଭରଣା ନିମନ୍ତେ ଲକ୍ଷାଧିକ ଟଙ୍କା ପୂର୍ତ୍ତ ବିଭାଗ ଦେଇଛି । ତାର ବଦଳ ରେ ଗୋଟେ ବି ଗଛ ବିଭାଗୀୟ ଅଧିକାରୀ ଙ୍କ ଦ୍ୱାରା ଉକ୍ତ ରାସ୍ତା କଡରେ ଲଗାଯାଇନି । ଏହିଭଳି ଅବସ୍ଥାରେ ବନ୍ୟ ବିଭାଗର ପ୍ରମୁଖ ଅଧିକାରୀ ଙ୍କ ଦ୍ୱାରା ଜଙ୍ଗଲ ସୃଷ୍ଟି ପରିବର୍ତ୍ତେ ନଷ୍ଟ ହେଉଥିବାର ଅଭିଯୋଗ ଶୁଣିବାକୁ ମିଳୁଛି । ଏବେତ ଗୋପ ଫରେଷ୍ଟ ଅଧିନସ୍ଥ ସମସ୍ତ କରତ କଳ ରେ ଦୈନିକ ଶତାଧିକ ମୂଲ୍ୟବାନ କାଠ ଚିରାଯାଉଛି । ସେଥିମଧ୍ୟରୁ ଗୋପ ନିକଟସ୍ଥ ଖଡିସ ପାଖରେ ୨ ଟା କୁସୁପୁରରେ ୨ଟା ସ୍ୱବର୍ଣ୍ଣପୁରରେ ଗୋଟେ, ଶଙ୍ଖାରିଆରେ ଗୋଟେ ଗୋପ ବଜାର ଉପରେ ୨ ଟା ଅରିକ୍ଷଣ୍ଡରେ ଗୋଟେ ଅଛି । ଆହୁରି ଅନେକ ବେନାମୀ କରତ କଳ ଦିନ ରାତି ଚାଲିଛି । ଏ ସମ୍ପର୍କ ରେ ବାରମ୍ବାର ଅଭିଯୋଗ ସହିତ ବିଭନ୍ନ ଗଣମାଧ୍ୟମ ରେ ଖବର ପ୍ରସାରଣ ପରେ ବି ବିଭାଗୀୟ ଅଧିକାରୀ ନିରବ କାହିଁକି ? ଯଦି ଅଭିଯୋଗ ପରେ ବିଭାଗୀୟ ଅଧିକାରୀ କାଠ ମାଫିଆ ଓ ବେନାମୀ କରତ କଳ ମାଲିକଙ୍କ ବିରୁଦ୍ଧରେ କୌଣସି ପଦକ୍ଷେପ ନେଉନାହାନ୍ତି କାହିଁକି ଯାହାକି ଚର୍ଚ୍ଚାର ବିଷୟ ପାଲଟିଛି । ଏହାଦ୍ୱାରା ଜଙ୍ଗଲ ଅବକ୍ଷୟ ହେବା ସହିତ ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟ ହେଉଛି । ସରକାର କହୁଛନ୍ତି ମା ପାଇଁ ଗଛ ଟିଏ ଓ ଗୋଟିଏ ମଣିଷ ଗୋଟିଏ ଗଛ ବୋଲି ସଭା ସମିତି ରେ ସ୍ଲୋଗାନ ଦିଆଯାଉଛି । ସେଥିପାଇଁ କୋଟି କୋଟି ଟଙ୍କା ମଧ୍ୟ ବ୍ୟୟ ବରାଦ ହେଉଛି । କିପରି ବୃକ୍ଷ ରୋପଣ ଅଧିକରୁ ଅଧିକ ହେବ । ଜଳବାୟୁ ଓ ବନ୍ୟ ଜନ୍ତୁ ସୁରକ୍ଷିତ ରହିବେ ସେଥିପାଇଁ ଖୁବ ପ୍ରଚାର ପ୍ରସାର ହେଉଛି । କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଲୋଭଖୋର ନୀତି ଯୋଗୁଁ ଆଜି ଗୋପ, ନିମାପଡା, କୋଣାର୍କ, ନୟାହାଟ ପ୍ରଭୃତି ଅଞ୍ଚଳରେ କାଠ ମାଫିଆ ଓ ବେନାମୀ କରତ କଳ ମାଲିକ ସକ୍ରିୟ ହୋଇପଡିଛନ୍ତି । ଏହାକୁ ତୁରନ୍ତୁ ବନ୍ଦ କରିବାକୁ ଗୋପ ସୁରକ୍ଷା ମଞ୍ଚ ଓ ବିପ୍ଳବୀ ସଂଗଠନ ପକ୍ଷରୁ ଦାବି କରାଯାଇଛି । ଯଦି କାଠ ମାଫିଆ ଓ ଚୋରା କରତ କଳ ବନ୍ଦ ନକରାଯାଏ ଗୋପ ବନ୍ୟ ବିଭାଗ ଅଫିସ ଘେରାଉ କରାଯିବ ବୋଲି ସୁରକ୍ଷା ମଞ୍ଚ ଚେତାବନୀ ଦେଇଛି ।

## ଜାତୀୟସ୍ତରୀୟ ବୁଥ୍ ଅଧିକାରୀଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମ

ପାରଳାଖେମୁଣ୍ଡି,(ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ସଦର ମହକୁମା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଜାତୀୟ ବୁଥ ସ୍ତରୀୟ ଅଧିକାରୀଙ୍କ ପାଇଁ ତାଲିମ କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ମୁନିନ୍ଦ୍ର ହନେଗା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ତୃତୀୟ ଦିବସ ତାଲିମ କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିବା ବେଳେ ଡେପୁଟି କଲେକ୍ଟର ମିତାଲି ମଧୁସ୍ମିତା ପାଢ଼ୀ ଓ ସହକାରୀ ଜିଲ୍ଲାପାଳ ନିର୍ବାଚନ ବିଭାଗ ମନୋଜ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଭାରତ ନିର୍ବାଚନ କମିଶନର ନିର୍ଦ୍ଦେଶ କ୍ରମେ ଗଜପତି ଜିଲ୍ଲାର ୧୩୬-ମୋହନା (ଏସ୍‌ଟି)ବିଧାନସଭା ନିର୍ବାଚନମଣ୍ଡଳୀର ଓ ପାରଳାଖେମୁଣ୍ଡି ବିଧାନସଭା ନିର୍ବାଚନ ମଣ୍ଡଳୀର ବୁଥ ସ୍ତରୀୟ ଅଧିକାରୀ ମାନଙ୍କୁ ତାଲିମ ପ୍ରଦାନ କରାଯାଉଛି । ଆଜିର ଏହି ତୃତୀୟ ଦିବସ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୋହନା ଓ ପାରଳାଖେମୁଣ୍ଡି ନିର୍ବାଚନ ମଣ୍ଡଳୀର ୧୦୦ ଜଣଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି । ଯେଉଁ ନାଗରିକଙ୍କ ବୟସ ୧୮ ବର୍ଷ ହେଉଥିବ ସେମାନେ ନୂତନ ଭୋଟର ନିଜର ନାମକୁ ନୂତନ ଭାବେ ଫର୍ମ -୬ ଯୋଗ କରିବା, ଭୋଟର ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରବାସୀ ଭୋଟରଙ୍କ ଫର୍ମ -୬ (କ) ଯୋଗ କରିବା ,ଫର୍ମ-୬ (ଖ)ରେ ନିଜର ଭୋଟର ପରିଚୟ ପତ୍ରକୁ ଆଧାର କାର୍ଡ ସହିତ ସଂଯୋଗ କରିବା ,ଫର୍ମ -୭ ରେ ନାମକୁ ବାଦ କରିବା, ଫର୍ମ -୮ ରେ ଭୋଟର ତାଲିକାରେ ନିଜର ତଥ୍ୟରୁ ସଂଶୋଧନ ଏବଂ ନିଜର ସ୍ଥାନକୁ ପରିବର୍ତ୍ତନ କରିବା ଇତ୍ୟାଦି ବିଷୟରେ ତାଲିମ ପ୍ରଦାନ କରାଯାଉଛି । ସେହିପରି ଯୋଗ୍ୟ ବିବେଚିତ ଭୋଟରମାନେ ଅନଲାଇନ୍ ମାଧ୍ୟମରେ www.nvsp.voterportal.eci.gov.in ଭୋଟର ହେଲ୍ପ ଲାଇନ ଅପ୍ ବ୍ୟବହାର କରିବା ସହିତ ବୁଥ ସ୍ତରୀୟ ଅଧିକାରୀଙ୍କ ଠାରେ ମଧ୍ୟ ଆବେଦନ କରିପାରିବେ । ଆଜିର ତାଲିମ ପ୍ରଦାନ ପରେ ପରେ ସମସ୍ତ ବୁଥସ୍ତରୀୟ ଅଧିକାରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।

## ଆଦିବାସୀଙ୍କ ଜୀବନ ଜୀବିକା ପାଲଟିଛି ‘ବୋଡା ଛତୁ’



ମାଲକାନଗିରି (ଭାସ୍କର ନ୍ୟୁଜ୍): ବଣପାହାଡ ଘେରା ବନାନୀର ବନବାସୀଙ୍କ ପାଇଁ ପ୍ରକୃତି ମେଲିଦେଇଛି ଜଙ୍ଗଲଜାତ ପସରା । ଆଉ ଯୋଗାଇ ଦେଉଛି ବର୍ଷକ ୧୨ ମାସପାଇଁ ପେଟକୁ ଦାନା । ଆଦିବାସୀଙ୍କ ପେଟର ଭୋକ ମେଣ୍ଟାଇବାକୁ ପ୍ରକୃତି ସାଇତି ରଖିଛି ଅନେକ ପ୍ରକାର ଜଙ୍ଗଲଜାତ ଦ୍ରବ୍ୟ । ସେଥିମଧ୍ୟରୁ ସର୍ଗୀ(ଶାଳ)ଗଛ ଅନ୍ୟତମ । ଖରା ଦିନେ ଏହି ଗଛରୁ ଫୁଲ ଓ ମଞ୍ଜି ସଂଗ୍ରହକରି ସାରିବାପରେ ବର୍ଷାଦିନେ ଗରିବ ଆଦିବାସୀମାନେ ଗଛ ମୂଳରୁ ବଡା ଛତୁ ସଂଗ୍ରହ କରି ନିଜପରିବାର ପାଇଁ ୩ମାସର ଦାନା ଯୋଗାଡ କରିଥାନ୍ତି । ମାଲକାନଗିରି ଜିଲ୍ଲାରେ ପ୍ରଚୁର ପରିମାଣରେ ଶାଳଗଛ ଭରପୁର । ଏହାକୁ ଆଦିବାସୀମାନେ ସର୍ଗୀ ଗଛ ବୋଲି କହିଥାନ୍ତି । ଏହିଗଛରେ ଫୁଲର ପସରା ମେଲି ମେ ମାସ ଶେଷ ପର୍ଯ୍ୟନ୍ତ ଫୁଲ ଫୁଟିଥାଏ । ବିଭିନ୍ନ ଗାଁର ଆଦିବାସୀ ଲୋକେ ପିଲାଛୁଆ ଧରି ସକାଳୁ ନିକଟସ୍ଥ ଜଙ୍ଗଲକୁ ଯାଇ ଶାଳ ଫୁଲ ସଂଗ୍ରହକରି ଘରକୁ ଆଣିଥାନ୍ତି । ଫୁଲକୁ ପୋଡି ସେଥିରୁ ମଞ୍ଜି ବାହାର କରିଥାନ୍ତି । ଏହାକୁ ଖରାରେ ଶୁଖାଇ ବିକ୍ରି ଯୋଗ୍ୟ କଲାପରେ ଗାଁ ପାଖ ହାଟକୁ ମୁଣ୍ଡାଇ ନେଇଥାନ୍ତି । ଶାଳମଞ୍ଜି ଆଦିବାସୀ ଅଚଂଳର ଏକ ପ୍ରମୁଖ ବନଜାତ ଦ୍ରବ୍ୟ । ଗଛରୁ ଫୁଲ ମଞ୍ଜି ସରିଗଲାପରେ, ବର୍ଷାହେଲେ ଗଛମୂଳେ ଛତୁ ଫୁଟିଥାଏ । ଏହି ଛତୁକୁ ସାଧାରଣତଃ ଆଦିବାସୀମାନେ ବଡାଛତୁ ବୋଲି କହିଥାନ୍ତି ।ଏହି ଛତୁ ଦେଖିବାକୁ ଠିକ୍ କୁଣ୍ଡା ଛତୁ ଭଳି ଧଳା ମାଟିଆ ଗୋଲ ଗୋଲ ।ଅନ୍ୟାନ୍ୟ ଛତୁ ଠାରୁ ଏହା ଅତ୍ୟନ୍ତ ସ୍ୱାଦିଷ୍ଟ ଥିବାରୁ ହାଟବଜାରରେ ବଡାଛତୁର ଚାହିଦା ଅଧିକ । ଅଧିକ ଦାମରେ ବିକ୍ରୀହୋଇଥାଏ । ଆଦିବାସୀ ମାନେ ସକାଳୁ ଡାଲା ପାଛିଆ ଧରି ଜଙ୍ଗଲକୁ ଚାଲିଯାଆନ୍ତି । ଶାଳଗଛ ଖୋଜି ଖୋଜି ତାର ମୂଳକୁ ଏକ ଲୁହାପାତିଆରେ ବାରେଇଥାନ୍ତି । ଉପରୁ କିଛି ମାଟି ଉଠିଗଲାପରେ ଦେଖିଥାନ୍ତି ବଡାଛତୁକୁ । ଦିନତମାମ ବୁଲି କେହି ୩୦୦ ଗ୍ରାମ ତ ଆଉକିଏ ୫୦୦ ଗ୍ରାମ ପର୍ଯ୍ୟନ୍ତ ଛତୁ ସଂଗ୍ରହ କରିଥାନ୍ତି । ହାଟ ବଜାରରେ ଶାଳପତ୍ର ଦନାରେ ଛତୁରଖି ଗୋଟିଏ ଦନାକୁ ୫୦ଟଙ୍କା ମୂଲ୍ୟରେ ବିକ୍ରୀ କରିଥାନ୍ତି । ଜଣେ ଜଣେ ଲୋକ ଦିନକୁ ବଡାଛତୁ ବିକ୍ରୀକରି ପ୍ରାୟ ୧୦୦୦ରୁ ୨୦୦୦ଟଙ୍କା ଲେଖା ରୋଜଗାର କରିଥାନ୍ତି ।



# ଆମ କଳାହାଣ୍ଡି





## ୩ବର୍ଷରେ ୬ବିଡ଼ିଓଙ୍କ ବଦଳି

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍‌ରେ ବିଡ଼ିଓଙ୍କ ବଦଳି ହେବା ପ୍ରତି ଚାରି ଛଅ ମାସ ବ୍ୟବଧାନରେ ହେଉଛି । ଯାହାଫଳରେ ବ୍ଲକର ଓ ବ୍ଲକ ଅଧିନରେ ଥିବା ପଞ୍ଚାୟତର ବହୁ ଉନ୍ନୟନ ମୂଳକ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି । ନିକଟରେ ଗୋଲାମୁଣ୍ଡା ବ୍ଲକର ନୂତନ ଉନ୍ନୟନ ଅଧିକାରୀ ଭାବେ ଯୋଗଦାନ କରିଛନ୍ତି ତ୍ରିପୁରା ମହାନନ୍ଦ । ଏଥିପୂର୍ବରୁ ସେ ବରଗଡ଼ ଜିଲ୍ଲା ଭେଡେନ ବ୍ଲକର ଉନ୍ନୟନ ଅଧିକାରୀ ଭାବେ କାର୍ଯ୍ୟ ତୁଲାଇଥିଲେ । କିନ୍ତୁ ବିଗତ ୩ ବର୍ଷରେ ଗୋଲାମୁଣ୍ଡା ବ୍ଲକରେ ଶ୍ରୀ ମହାନନ୍ଦ ହେଉଛନ୍ତି ୬ ନମ୍ବର ବିଡ଼ିଓ । ଗତ ୩ ବର୍ଷ ତଳେ ୨୦୨୨ ମସିହା ଅଗଷ୍ଟ ମାସ ୨୯ ତାରିଖ ଦିନ ବିଡ଼ିଓ ସ୍ନିଗ୍ଧାରାଣୀ ପ୍ରଧାନଙ୍କ ବଦଳି ହୋଇଥିବା ବେଳେ ତାଙ୍କ ଯାଗାରେ ଏବିଡ଼ିଓ ଶ୍ରୀଧର ପଣ୍ଡା ବିଡିଓ ଭାବେ ଯୋଗଦାନ କରିଥିଲେ । ଶ୍ରୀ ପଣ୍ଡା ୩୭୩ ଦିନ ବିଡ଼ିଓ ଭାବେ ଦାୟୀତ୍ୱ ତୁଲାଇଥିବା ବେଳେ ୨୦୨୩ ମସିହା ସେପ୍ଟେମ୍ବର ୫ ତାରିଖ ଦିନ ଅକ୍ଷୟମିତା କାର୍ତ୍ତିକ ବିଡ଼ିଓ ଭାବେ ଦାୟୀତ୍ୱ ଗ୍ରହଣ କରିଥିଲେ । ପଞ୍ଚମୀ ଦୀପ ବ୍ଲକ ଅଧକ୍ଷ ଦାୟିତ୍ୱରେ ଥିବା ସମୟରେ ନିଜ ଗାଡିରେ ଲକ୍ଷାଧିକ ଟଙ୍କା ସହିତ ବିଡିଓ ଅକ୍ଷୟମିତା କାର୍ତ୍ତିକଙ୍କୁ ଭିଜିଲାନ୍ସ ଧରିଥିବା ବେଳେ ଟଙ୍କା ବିଷୟରେ କିଛି ସନ୍ତୋଷ ଜନକ ଉତ୍ତର

### ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ

ଦେଇ ନ ପାରିବାରୁ ଭିଜିଲାନ୍ସ ତାଙ୍କୁ ଗରିଫ କରି କୋର୍ଟଚଲାଣ କରିଥିଲା ସେ ମାସାଧିକ କାଳ ଜେଲରେ ଥିଲେ । ତାଙ୍କୁ ଜେଲ ହେବାରୁ ତାଙ୍କ ସ୍ଥାନରେ ପୁଣି ଥରେ ଏବିଡ଼ିଓ ଶ୍ରୀଧର ପଣ୍ଡା ୨୦୨୪ ମସିହା ଅଗଷ୍ଟ ମାସ ୫ ତାରିଖ ଦିନ ବିଡ଼ିଓ ଭାବେ ଯୋଗଦାନ କରିଥିଲେ । କିନ୍ତୁ ଗତ ମାସରେ ଗୋଲାମୁଣ୍ଡା ବିଡ଼ିଓ ଭାବେ କାର୍ଯ୍ୟରତ ଥିବା ଶ୍ରୀ ପଣ୍ଡାଙ୍କ ସ୍ଥାନରେ ଏବିଡ଼ିଓ ବିଶ୍ୱନାଥ ରାଉତ ବିଡ଼ିଓ ଭାବେ ଯୋଗଦାନ କରିଥିଲେ । ଆଜି ତ୍ରିପୁରା ମହାନନ୍ଦ ଗୋଲାମୁଣ୍ଡା ବ୍ଲକ ନୂତନ ବିଡ଼ିଓ ଭାବରେ କାର୍ଯ୍ୟରେ ଯୋଗଦାନ କରିଛନ୍ତି । ଗତ ୩ ବର୍ଷରେ ୬ ବିଡ଼ିଓଙ୍କ ଯୋଗଦାନ ଯୋଗୁଁ ଉନ୍ନୟନ କାର୍ଯ୍ୟରେ ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି । କାରଣ ବିଡ଼ିଓଙ୍କ ବାରମ୍ଭାର ବଦଳି ଦ୍ୱାରା ବ୍ଲକର ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେବା ସହିତ ଗତିଶୀଳ କାର୍ଯ୍ୟ ଗୁଡ଼ିକ ଠପ ହୋଇ ଯାଇଥାଏ । ଅପରପକ୍ଷରେ ଉନ୍ନୟନ କାର୍ଯ୍ୟର ମଧ୍ୟ କାର୍ଯ୍ୟ ପ୍ରଣାଳୀ ବଦଳି ଯାଇଥାଏ । ବିଡ଼ିଓ ବଦଳି ହେବାଦ୍ୱାରା ସମାପନ ହୋଇଥିବା କାର୍ଯ୍ୟର ମଧ୍ୟ ବିଲ ହେବାକୁ ମଧ୍ୟ ସମୟ ଲାଗି ଥାଏ । ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ଭାବେ ବିନ୍ଦୁ ମହାନନ୍ଦ ଦାୟୀତ୍ୱ ଗ୍ରହଣ କରିବା ଦିନଠାରୁ ବ୍ଲକର ଉନ୍ନୟନ କାର୍ଯ୍ୟ ସଫଳତାର ଶୀର୍ଷରେ ଥିବା ବେଳେ ବାରମ୍ଭାର ବିଡ଼ିଓଙ୍କ ବଦଳି ଓ ନୂତନ ବିଡ଼ିଓଙ୍କ ଯୋଗଦାନ ଦ୍ୱାରା ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହେଉଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

## ବିଦ୍ୟାଳୟରେ ନିମ୍ନମାନର ମଧ୍ୟାହ୍ନ ଭୋଜନ ଅଭିଯୋଗ

## କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଭାବକ ମହଲରେ ଦାବି

ଗୋଲାମୁଣ୍ଡା (ଭାସ୍କର ନ୍ୟୁଜ): ସରକାର ପିଲାଙ୍କ ପାଇଁ କରିଛନ୍ତି ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା । ଉଦ୍ଦେଶ୍ୟ, ପାଠପଢା ସହ ପିଲାଙ୍କୁ ସ୍କୁଲ ଆସିବାକୁ ଆଗ୍ରହ ସୃଷ୍ଟି କରିବା । ହେଲେ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଓ ସ୍କୁଲ କର୍ତ୍ତୃପକ୍ଷଙ୍କ ଅପାରଗତା ଯୋଗୁଁ ବାରମ୍ଭାର ଏହି ଯୋଜନାରେ ଅବ୍ୟବସ୍ଥା ଦେଖିବାକୁ ମିଳୁଛି । ଏମିତି ଏକ ଅଭିଯୋଗ ଆସିଛି କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକରୁ । ଗୋଲାମୁଣ୍ଡା ସ୍ଥିତ ଆଦର୍ଶ ବିଦ୍ୟାଳୟରେ ଛାତ୍ର ଛାତ୍ରୀ ମାନଙ୍କୁ ଅତି ନିମ୍ନମାନର ମଧ୍ୟାହ୍ନ ଭୋଜନ ଦିଆଯାଉଥିବା ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେଉଛି । ଉକ୍ତ ଭିଡିଓରେ ସ୍ପଷ୍ଟ ଭାବରେ ଜଣାପଡୁଛି ଯେ କେବଳ ଆଳୁ ସହ ସୋୟାବିନ ବଡିକୁ ସିଝାଇ ହଳଦୀ ପାଣିରେ ବୋଲି ଦେବା ଭଳି ଖାଦ୍ୟ ଭାତ ସାଙ୍ଗରେ ଛାତ୍ରଛାତ୍ରୀଙ୍କୁ ପରସା ଯାଉଛି ।



ଭାଇରାଲ ଭିଡିଓରେ ସ୍ପଷ୍ଟ ଭାବରେ ଦେଖା ଯାଉଛି । ସରକାରଙ୍କ ନିର୍ଦ୍ଧାରିତ ଥିବା




ମାନର କୌଣସି ଭାତ କିମ୍ବା ତରକାରୀ ଡାଲି ଅଣ୍ଡା ଦେଉନାହାନ୍ତି ବୋଲି ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟପଟେ ଦୀର୍ଘ ବର୍ଷ ଧରି ଏକ କ୍ଷମତାଶାଳୀ ସ୍ୱୟଂ ସହାୟକ ଗୋଷ୍ଠୀ ଉକ୍ତ ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ପାଇଁ ନିୟୋଜିତ ହୋଇଛନ୍ତି । ଜୁନାଗଡ଼ ନିର୍ବାଚନ ମଣ୍ଡଳୀର ଜଣେ ଟାଣୁଆ ନେତାଙ୍କ ଛତ୍ରଛାୟା ତଳେ ଉକ୍ତ ମହିଳା ଗୋଷ୍ଠୀ ରହିଥିବା ଜଣାଯାଏ । ନେତାଙ୍କ ଡ଼ରରେ ଅଭିଭାବକ ଓ ଛାତ୍ରଛାତ୍ରୀ ମାନେ ମୁହଁ ଖୋଲୁ ନ ଥିବା ଚର୍ଚ୍ଚାର ବିଷୟ ପାଲଟିଛି । ତେଣୁ ଏହି ଭାଇରାଲ ହେଉଥିବା ଭିଡିଓକୁ ନେଇ ତଦନ୍ତ କରି ମଧ୍ୟାହ୍ନ ଭୋଜନ ଯୋଗାଉଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବିରୁଦ୍ଧରେ ବା ସଂଶ୍ଳିଷ୍ଟ ଥିବା ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକ ଓ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି । ଏନେଇ ପ୍ରିନ୍ସିପାଲ ଲକ୍ଷ୍ମୀକାନ୍ତ ମେହେରଙ୍କୁ ପଚାରିବାରୁ ଘଟଣାକୁ ସ୍ୱୀକାର କରିବା ସହ ସ୍ୱୟଂ ସହାୟକ ଗୋଷ୍ଠୀକୁ ଯେତେ ତାଗିତ କଲେ ମଧ୍ୟ ବୃକ୍ଷେପ କରୁନଥିବା ପ୍ରକାଶ କରିଛନ୍ତି ।

## କୁନି ହାତରେ ଚାରାରୋପଣ



ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : ଜୁଲାଇ ଓ ଅଗଷ୍ଟ ମାସ ବର୍ଷାର ମାସ । ଏଇ ଦୁଇମାସ ବୃକ୍ଷରୋପଣ ପାଇଁ ପ୍ରକୃଷ୍ଟ ମାସ । ସରକାରୀ ହେଉ କି ବେସରକାରୀ ଭାବେ ହେଉ । ଏଇ ଦୁଇମାସରେ ପରିବେଶ ସୁରକ୍ଷା ପାଇଁ ବହୁଳ ଭାବେ ବୃକ୍ଷ ରୋପଣ କରାଯାଇଥାଏ । ଆଗାମୀ ପିଢିକୁ ସୁରକ୍ଷା ଦେବା ପାଇଁ ବୃକ୍ଷ ରୋପଣ ଯେ ଅପରିହାର୍ଯ୍ୟ ତାହା ଦେଶବ୍ୟାପୀ ସାଧାରଣ ଲୋକଟିଏ ମଧ୍ୟ ଉପଲବ୍ଧି କରି ସାରିଲାଣି । ଏବେ ଚାରି ଆଡେ ବୃକ୍ଷ ରୋପଣର ମାହୋଲ । ଜଙ୍ଗଲ ବିଭାଗ ଠାରୁ ଆରମ୍ଭ କରି ବନ ସୁରକ୍ଷା ସମିତି, ବେସରକାରୀ ଅନୁଷ୍ଠାନ, ବିଶ୍ୱବିଦ୍ୟାଳୟ ଠାରୁ ଆରମ୍ଭ କରି ପ୍ଲେ ସ୍କୁଲର ଛାତ୍ରଛାତ୍ରୀମାନେ ମାତି ଯାଇଛନ୍ତି ବୃକ୍ଷରୋପଣରେ । ଏହି କ୍ରମରେ ଟିପିଟିପି ବର୍ଷା ସାଙ୍ଗରେ ଦୁଇ ଟିକିଟିକି ହାତକୁ ମାଟି କାଦୁଅ ସରସର କରି କୁନିକୁନି ଚାରାଗଛ ଲଗାଉଥିବାର ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା ଭବାନୀପାଟଣା ସହରରେ ଥିବା 'ବଚପନ୍' ଏକାଡେମୀକ୍ ପବ୍ଲିକ ସ୍କୁଲରେ । ବନ ମହୋତ୍ସବ ପାଳନର ଅନ୍ତିମ ଦିନ ୭ ତାରିଖ ସୋମବାର ସ୍କୁଲର ଅନ୍ୟତମ ଶୁଭେଚ୍ଛୁ ବର୍ଷୀୟାନ୍ ଚିତ୍ରଶିଳ୍ପୀ ମୁକୁନ୍ଦ ରେଡ୍ଡି, ପ୍ରିନ୍ସିପାଲ୍ ମମତା ରାଣୀ ପଟ୍ଟନାୟକ ତଥା ସ୍କୁଲର ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ମାନଙ୍କ ଉପସ୍ଥିତିରେ ସ୍କୁଲ ପରିସରରେ ଛୋଟଛୋଟ ଫୁଲଗଛ ଓ ଅନ୍ୟାନ୍ୟ ଗଛ ସବୁ ଲଗାଇଥିଲେ କୁନି କୁନି ପିଲାମାନେ । ଛୋଟ ପିଲା ମାନଙ୍କର ଏ ଭଳି କାର୍ଯ୍ୟକ୍ରମକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଥିଲା ବେଳେ ଭବିଷ୍ୟତରେ ଏହି ଛୋଟ ପିଲା ମାନେ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣ ଦିଗରେ ଅଧିକ ସଚେତନ ହେବେ ବୋଲି ମତ ପ୍ରକାଶ କରିଥିଲେ ଉପସ୍ଥିତ ଅଭିଭାବକ ଓ ନିମନ୍ତ୍ରିତ ଅତିଥିମାନେ ।

## ଟ୍ରାକ୍ଟର ଧକ୍କାରେ ବାଇକ ଆରୋହୀ ମୃତ

ଗୋଲାମୁଣ୍ଡା (ଭାସ୍କର ନ୍ୟୁଜ): ଗୋଲାମୁଣ୍ଡା ଥାନା ଦଶପୁର ଫାଣ୍ଡି ଅଧିନସ୍ଥ ଚିଲଗାଁ ଠାରେ ବାଇକକୁ ଧକ୍କା ଦେଲା ଟ୍ରାକ୍ଟର । ଜଣେ ମୃତ । ମୃତ ଯୁବକ ଜଣକ ହେଲେ କେଗାଁ ଥାନା ଖଳିଆପାଲି ଗ୍ରାମର ବିଶ୍ୱନାଥ ମେହେର(୩୯) । କୌଣସି କାର୍ଯ୍ୟରେ ନିଜ ଗାଁ ରୁ ବାଇକ ଯୋଗେ ବନ୍ଧାଗାଁ ରାସ୍ତା ଦେଇ ଭବାନୀପାଟଣା ଯାଉଥିବା ସମୟରେ ବନ୍ଧାଗାଁ ପଟୁ ଚିଲଗାଁ ପଟେ ଆସୁଥିବା ଏକ ଟ୍ରାକ୍ଟର ଧକ୍କା ଦେଇଥିଲା । ଘଟଣାସ୍ଥଳରେ ଯୁବକ ଜଣକ ରାସ୍ତା କଡରେ ପଡି ଯାଇଥିଲେ ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଆମ୍ବୁଲାନ୍ସ ସାହାଯ୍ୟରେ ଯୁବକ ଜଣକକୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ବେଳେ ଚିକିତ୍ସାଧିନ ଅବସ୍ଥାରେ ଯୁବକ ଜଣକର ମୃତ୍ୟୁ ହୋଇଥିବା ଜଣାପଡିଛି । ତେବେ ଏନେଇ ଦଶପୁର ଫାଣ୍ଡି ରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି । ତୁରନ୍ତ ଦୁର୍ଘଟଣା ଘଟାଇଥିବା ଟ୍ରାକ୍ଟରକୁ ଜବତ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପରିବାର ଲୋକେ ଦାବି କରିଛନ୍ତି ।

## 'ଭାଗବତ ସୂକ୍ତି କୌମୁଦୀ' ପୁସ୍ତକ ଉନ୍ମୋଚିତ

ଗୋଲାମୁଣ୍ଡା, (ଭାସ୍କରନ୍ୟୁଜ): ପବିତ୍ର ବାହୁଡ଼ା ଯାତ୍ରା ଅବସରରେ ଗୋଲାମୁଣ୍ଡା ମାଉସୀ ମାଁ ମନ୍ଦିର ପ୍ରାଙ୍ଗଣରେ 'ଭାଗବତ ସୂକ୍ତି କୌମୁଦୀ' ପୁସ୍ତକ ଉନ୍ମୋଚନ ଉତ୍ସବ ମହା ଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ପୁସ୍ତକରେ ଅତିବଡ଼ି ଜଗନ୍ନାଥ ଦାସଙ୍କ ରଚିତ ଶ୍ରୀମଦ୍ ଭଗବତ ମହାପୁରାଣରୁ ଉଦ୍ଧୃତ କିଛି ପଦେୟ ପଦ୍ୟାବଳୀ ସ୍ଥାନ ପାଇଛି । ସଂଗ୍ରାହକ ଗଗନ ବିହାରୀ ମୁଣ୍ଡ ଗତ ୨୦୨୪ ମସିହା ପବିତ୍ର କାର୍ତ୍ତିକ ମାସ ପ୍ରତିପଦା ଠାରୁ କାର୍ତ୍ତିକ ପୂର୍ଣ୍ଣିମା ଏକ ମାସ ଯାଏଁ ପରିଶ୍ରମ କରି ଜନ ସମାଜର ମଙ୍ଗଳ ପାଇଁ ଏହି ପୁସ୍ତକଟିକୁ ରଚନା କରିଥିଲେ । 'ଭାଗବତ ସୂକ୍ତି କୌମୁଦୀ' ପୁସ୍ତକ ଟିକୁ ଗୋଲାମୁଣ୍ଡା ଗ୍ରାମର ସୌଭାଗ୍ୟ ଲତା ମୁଣ୍ଡ ମୁଦ୍ରଣ କରାଇଥିଲେ । ଉନ୍ମୋଚନ ଉତ୍ସବ ସମାରୋହରେ କୃଷ୍ଣ ଚନ୍ଦ୍ର ମୁଣ୍ଡ (ଗ୍ରୀଣ୍ଡୋଲ), କୁମର ମଣି ବିଶି, ଚତୁର୍ଭୁଜ ନାଏକ, ସୁବୋଧ



କୁମାର ପଣ୍ଡା, ଚନ୍ଦ୍ର କାନ୍ତି ଖମାରୀ, ସୁରେନ୍ଦ୍ର କୁମାର ମୁଣ୍ଡ, ଗଙ୍ଗା ବିଷ୍ଣୁ ମୁଣ୍ଡ, ସନ୍ଧ୍ୟା ରାଣୀ ଖମାରୀ, ଗୌରଚନ୍ଦ୍ର ରାଉତ, ଜଳନ୍ଧର ନାଏକ, ସଂଯୁକ୍ତା ରାଉତ, ପୁରୁଷୋତ୍ତମ ପଟେଲ, କୃଷ୍ଣ ଚନ୍ଦ୍ର ମୁଣ୍ଡ (ଗୋଲାମୁଣ୍ଡା), ପର୍ଶୁରାମ ଖମାରୀ, ଡମ୍ବରୁଧର ମୁଣ୍ଡ, ଧିରେନ୍ଦ୍ର କୁମାର ନାଏକ, ଗଗନ ବିହାରୀ ମୁଣ୍ଡ, ସୌଭାଗ୍ୟ ଲତା ମୁଣ୍ଡ, ଶ୍ୟାମସୁନ୍ଦର ଅଗ୍ରୱାଲା, ରାଜେଶ ଅଗ୍ରୱାଲ, ନବକିଶୋର ସାହୁ, ବାଳମୁକୁନ୍ଦ ପାଣିଗ୍ରାହୀଙ୍କ ସମେତ ଗୋଲାମୁଣ୍ଡା ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ଉପସ୍ଥିତରେ 'ଭାଗବତ ସୂକ୍ତି କୌମୁଦୀ' ପୁସ୍ତକ ଉନ୍ମୋଚନ ହୋଇଥିଲା ।

## ଭବାନୀପାଟଣା ମୁଖ୍ୟକାରାଗାରରେ ବନ ମହୋତ୍ସବ ପାଳିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଉତ୍ତର ବନଖଣ୍ଡର ଭବାନୀପାଟଣା ରେଞ୍ଜ ତରଫରୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ କାରାଗାର ପରିସରରେ ୭୬ତମ ବନ ମହୋତ୍ସବ ପାଳନ କରାଯାଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବରେ ଭବାନୀପାଟଣା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧିକାରିଣୀ ସ୍ନିଗ୍ଧା ପଣ୍ଡା ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ ଓ କାରାଗାର ଅଧିକ୍ଷକ ସରୋଜ କୁମାର ବିଶ୍ୱାଳ, ଜେଲର ନିରଞ୍ଜନ କିଷାନ ପ୍ରମୁଖ ବୃକ୍ଷରୋପଣ କରି ବୃକ୍ଷର ଉପକାରୀତା ସମ୍ପର୍କରେ ଆଲୋଚନା କରିବା ସହ ଅଧିକରୁ ଅଧିକ ବୃକ୍ଷରୋପଣ ପାଇଁ ଆହ୍ୱାନ ଦେଇଥିଲେ । ଏହି ଅବସରରେ କାରାଗାର ପାଚେରୀ ପାର୍ଶ୍ୱରେ ଜାମୁକୋଳି, ପିଜୁଳି, ଅଁଳା ଓ ନିମ୍ବ ଭଳି ବିଭିନ୍ନ ପ୍ରକାର ଚାରାଗଛ ରୋପଣ କରାଯାଇଥିଲା । ଏହି ୭୬ ତମ ଦିନ ମହୋତ୍ସବରେ ଭବାନୀପାଟଣା ରେଞ୍ଜ ଅଧିକାରିଣୀ ସ୍ନିଗ୍ଧା ସରିତା ବଳିଆର ସିଂ ବିଭାଗ ପକ୍ଷରୁ ଚାରାଗଛ ଯୋଗାଇଦେବା ସହ ଭବାନୀପାଟଣା ସେକ୍ସନ ଫରେଷ୍ଟର ଦେବବ୍ରତ ମିଶ୍ର, ଭବାନୀଶଙ୍କର ପରିଛା, ବନରକ୍ଷୀ ମିନା ନାଏକ, ରଜନୀକାନ୍ତ ମେହେର ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ପି ଏନ୍‌ଜିଓ ଟିମ୍‌ର ଲିଡର ସୁବାଷ ପଟେଲ, ଅଭିଜିତା ପରିଡା, ଉମେଶ ଗଉଡ, ଅଜୟ ଓ ସଞ୍ଜୟ ପ୍ରମୁଖ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।




## ଲୋକପ୍ରିୟ ଡାକ୍ତର ମଳୟ କୁମାର ବେହେରାଙ୍କ ପରଲୋକ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲାର ଅନ୍ୟତମ ଲୋକପ୍ରିୟ ଡାକ୍ତର ତଥା ପୂର୍ବତନ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ମଳୟ କୁମାର ବେହେରାଙ୍କ ଗତ ୮ ତାରିଖ ମଙ୍ଗଳବାର ଭୋର୍ ଘ.୪.୩୦ ମିନିଟରେ ତାଙ୍କ ଭବାନୀପାଟଣାସ୍ଥିତ ବାସଭବନରେ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ସ୍ୱର୍ଗତ ବେହେରାଙ୍କୁ ୭୩ ବର୍ଷ ବୟସ ହୋଇଥିଲା । କଳାହାଣ୍ଡି ଜିଲ୍ଲାର ଜୁନାଗଡ ବ୍ଲକ ମୁଣ୍ଡରାଗୁଡା ଗ୍ରାମ ଠାରେ ସେ ତା.୧୧.୦୧.୧୯୫୨ ମସିହାରେ ଜନ୍ମଗ୍ରହଣ କରିଥିଲେ । କଟକ ରେଭେନସା କଲେଜରେ ଶିକ୍ଷାଲାଭ କରି ଶ୍ରୀରାମ ଚନ୍ଦ୍ର ମେଡିକାଲ କଲେଜରୁ ଡାକ୍ତରୀ ପାଶ୍ କରିଥିଲେ ଓ ରାଜ୍ୟସରକାରଙ୍କ ସ୍ୱାସ୍ଥ୍ୟ ବିଭାଗରେ ଡାକ୍ତର ଭାବେ କାମ କରି ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲେ । ସ୍ୱର୍ଗତ ମଳୟ କୁମାର, ଓଡ଼ିଆ ସାହିତ୍ୟର ଖ୍ୟାତନାମା ଲେଖକ ତଥା ଯନ୍ତ୍ରୀ ସ୍ୱର୍ଗତ ପ୍ରଫେସର ଭୁବନେଶ୍ୱର ବେହେରାଙ୍କ ଜ୍ୟେଷ୍ଠପୁତ୍ର ତଥା ପୂର୍ବତନ ଡି.ଜିପି. ବିନୟ କୁମାର ବେହେରା, ପୂର୍ବତନ ରେଳବାଇର ଜି.ଏମ୍. ଅଜୟ କୁମାର



ବେହେରା ଏବଂ ଓଡ଼ିଆ ଭାଷା ସାହିତ୍ୟର ଅନ୍ୟତମ ଲେଖିକା ପ୍ରଫେସର ଯଶୋଧରା ମିଶ୍ରଙ୍କ ବଡଭାଇ ଅଟନ୍ତି । ମୃତ୍ୟୁବେଳକୁ ତାଙ୍କ ନିକଟରେ ପତ୍ନୀ ପ୍ରାକ୍ତନ ଅଧ୍ୟାପିକା ସତ୍ୟଭାମା ବେହେରା ଓ ପରିବାରବର୍ଗ ଉପସ୍ଥିତ ଥିଲେ । ଭବାନୀପାଟଣା ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଥିବା ବେଳେ କଳାହାଣ୍ଡିର ଜଣେ ଡାକ୍ତର ଭାବେ ଓ ତାଙ୍କ ଅମାୟିକ ବ୍ୟବହାର ଯୋଗୁଁ ରୋଗୀ ତଥା ଅନ୍ୟମାନଙ୍କର ପ୍ରିୟପାତ୍ର ହୋଇ ପାରିଥିଲେ । ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସେ ତାଙ୍କର ଦୁଇ ଝିଅ ଓ ଏକମାତ୍ର ପୁଅ ପ୍ରଭବଙ୍କୁ ଛାଡି ଯାଇଛନ୍ତି । ନିଜ ପୈତୃକ ଗ୍ରାମ ଜୁନାଗଡ ନିକଟସ୍ଥ ମୁଣ୍ଡରାଗୁଡା ଠାରେ ତାଙ୍କର ଅନ୍ତର୍ଗତ ସଂସ୍କାର କରାଯାଇଥିଲା ଓ ପୁତ୍ର ପ୍ରଭବ କୁମାର ମୁଖାଗ୍ନି ପ୍ରଦାନ କରିଥିଲେ ।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ

କୋକସରା, (ଭାସ୍କର ନ୍ୟୁଜ୍): ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଚାଲିଗଲା ପ୍ରବାସୀ ଶ୍ରମିକଙ୍କ ଜୀବନ । ପେଟ ପାଇଁ ଦାନା ଯୋଗାଡ଼ କରିବାକୁ ଯାଇ ଆଉ ଫେରିଲେନି । ହାଇଦ୍ରାବାଦରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ସୂଚନା ରହିଛି । ସୂଚନା ମୁତାବକ, କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ କାଉଡୋଳା ପଞ୍ଚାୟତ କୁମୁଡ଼ାମୁଣ୍ଡା ଗାଁର ରାଜ କିଶୋର ବେଶ୍ରା ହାଇଦ୍ରାବାଦର ଏକ ଠିକାସଂସ୍ଥାରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ସେଠାରେ ମଙ୍ଗଳବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ । ଶ୍ରମିକଙ୍କ ସମ୍ପର୍କୀୟମାନେ ତାଙ୍କୁ ଉଦ୍ଧାର କରି ତୁରନ୍ତ ଚିକିତ୍ସା ପାଇଁ ସରକାରୀ ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ହାଇଦ୍ରାବାଦ ପୋଲିସ ଘଟଣା ସମ୍ପର୍କରେ ଖବର ପାଇ ଶବ ବ୍ୟବଚ୍ଛେଦ ପରେ ସମ୍ପର୍କୀୟଙ୍କୁ ମୃତଦେହ ହସ୍ତାନ୍ତର କରିଛନ୍ତି । ଅନ୍ୟପଟେ ଠିକାସଂସ୍ଥା ସହାୟତାରେ ଏକ ଆମ୍ବୁଲାନ୍ସ ଯୋଗେ ମୃତଦେହକୁ ଭିଟାମାଟିକୁ ଅଣାଯାଉଛି ।

## ବୁଥ୍‌ସ୍ତରୀୟ କର୍ମଶାଳା ଉଦ୍‌ଯାପିତ

ଲାଞ୍ଜିଗଡ, (ଭାସ୍କର ନ୍ୟୁଜ)-ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ବ୍ଲକ ସମ୍ମିଳନୀ କକ୍ଷରେ ବୁଥସ୍ତରୀୟ ପରିଦର୍ଶକ ଓ ବୁଥସ୍ତରୀୟ ଅଧିକାରୀଙ୍କୁ ନେଇ ଦୁଇଦିନ ବ୍ୟାପି ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଲାଞ୍ଜିଗଡ଼ ବିଡିଓ ଶଶାଙ୍କ ପାତ୍ର ମୁଖ୍ୟଅତିଥି ଯୋଗଦେଇ କର୍ମଶାଳାର ଉଦଘାଟନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ଲାଞ୍ଜିଗଡ଼ ତହସିଲଦାର ବନମାଳୀ ମେହେର ଯୋଗଦେଇଥିଲେ । ମଙ୍ଗଳବାର ଅନୁଷ୍ଠିତ କର୍ମଶାଳାର ପ୍ରଥମ ଦିନରେ ଲାଞ୍ଜିଗଡ ବ୍ଲକର ୨୬ ଗୋଟି ପଞ୍ଚାୟତର ୫୦ ଜଣ ବୁଥସ୍ତରୀୟ ଅଧିକାରୀ ଓ ୭ ଜଣ ପରିଦର୍ଶକ ଯୋଗଦେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ପ୍ରଥମ ଦିନରେ ପ୍ରଶିକ୍ଷକ ଭାବେ ନିର୍ବାଚନ କମିଶନଙ୍କ ତରଫରୁ ନୂଆଦିଲ୍ଲୀରୁ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷିତ ହୋଇ ଫେରିଥିବା ବନ୍ଧପାରୀ କ୍ଲଷ୍ଟର ସଂଯୋଜକ ତ୍ରିନାଥ ଶ୍ୟାମ କୁମାର ଓ ଚମ୍ପାଦେଇପୁର କ୍ଲଷ୍ଟର ସଂଯୋଜକ ସୌଭାଗ୍ୟ ରଞ୍ଜନ ସାହୁ ତାଲିମ ପ୍ରଦାନ କରିଥିଲେ । ସେହିପରି ଆଜି ଦ୍ୱିତୀୟ ଦିନରେ ଲାଞ୍ଜିଗଡ ବ୍ଲକର ୨୦ ଜଣ ଓ ଥୁଆମୂଳ ରାମପୁର ବ୍ଲକର ୩୦ ଜଣ ବୁଥସ୍ତରୀୟ ଅଧିକାରୀ ଭାଗ ନେଇଥିବାବେଳେ ତାଲିମଦାତା ଭାବେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସମୀର କୁମାର ଠାକୁର ଓ ଚମ୍ପାଦେଇପୁର କ୍ଲଷ୍ଟର ସଂଯୋଜକ ଶ୍ରୀ ସାହୁ ତାଲିମ ପ୍ରଦାନ କରିଥିଲେ ।

## ୬ଦଫା ଦାବି ନେଇ ଡ୍ରାଇଭର ମହାସଂଘର ଷ୍ଟିୟରିଂଛାଡ଼ ଆନ୍ଦୋଳନ




ଜୁନାଗଡ଼ (ଭାସ୍କର ନ୍ୟୁଜ୍) : ସାରା ରାଜ୍ୟରେ ଓଡିଶା ଡ୍ରାଇଭର ମହାସଙ୍ଘ ପକ୍ଷରୁ ୬ଦଫା ଦାବି ନେଇ ଷ୍ଟିୟରିଂଛାଡ଼ ଆନ୍ଦୋଳନ ଚାଲିଥିବା ବେଳେ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା । ମହାସଂଘ ପକ୍ଷରୁ ସ୍ଥାନୀୟ ହାତୀନଦୀ ଜାତୀୟରାଜପଥ ଉପରେ ସମସ୍ତେ ଏକଜୁଟ ହୋଇ ନିଜର ଦାବି ଉପସ୍ଥାପନ କରିଥିଲେ । ଏଥିରେ ମହାସଂଘରେ ଅଟୋ ଡ୍ରାଇଭରଙ୍କୁ ସାମିଲ କରାଯାଉ, ଡ୍ରାଇଭର ମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ, ୬୦ ବର୍ଷ ପରେ ସ୍ୱତନ୍ତ୍ର ଭତ୍ତା ପ୍ରଦାନ, ପ୍ରତି ୧୦୦ କିଲୋମିଟର ଅନ୍ତରରେ ବିଶ୍ରାମଗାର ଓ ଶୌଚାଳୟ ନିର୍ମାଣ, ଖଣି ଖଦାନରେ ଡ୍ରାଇଭରଙ୍କୁ ନିଯୁକ୍ତି ସୁଯୋଗ, ଏବଂ ସେପ୍ଟେମ୍ବର ୧କୁ ଜାତୀୟ ଡ୍ରାଇଭର ଦିବସ ରୂପେ ଘୋଷଣା ପ୍ରଭୃତି ରହିଛି । ଏହି ଆନ୍ଦୋଳନରେ ବ୍ଲକ ସଭାପତି ତଙ୍କଧର ଭାର୍ଟି, ଉପସଭାପତି ଆଜିତକୁମାର ନାଗ, ସମ୍ପାଦକ ଲକ୍ଷଣ ଚାଲାନ, ସହ ସମ୍ପାଦକ ଘନଶ୍ୟାମ ପୁଝରି କୋଷାଧକ୍ଷ୍ୟ ଗଣେଶ ପୂଝରୀ ଉପଦେଷ୍ଟା ଦେବେନ୍ଦ୍ର କୁମାର ବାଗ ଓ ସତ୍ୟବାନ ନିଆଲ ପ୍ରମୁଖ ସାମିଲଥିଲେ ।

## ରାଶିଫଳ


**ଗୁରୁବାର, ୧୦ ଜୁଲାଇ ୨୦୨୫**



**ମେଷ:** ଏହି ରାଶିର ବ୍ୟକ୍ତିମାନେ ସମ୍ପତ୍ତି ସହିତ ଜଡିତ କୌଣସି ବଡ଼ ଲାଭ ପାଇପାରିବେ । ସମ୍ପତ୍ତି କାର୍ଯ୍ୟରେ ନିରନ୍ତର ସଫଳତା ହାସଲ ହେବ । ଭାଗ୍ୟ ଆପଣଙ୍କୁ ସମର୍ଥନ କରିବ । ଆପଣ ଲଗାଇଥିବା ପ୍ରୟାସ ଏହାର ସଠିକ୍ ଫଳାଫଳ ପାଇବ । ରୋଜଗାର ବୃଦ୍ଧି ହେବାର ସମ୍ଭାବନା ଅଛି ।



**ବୃଷ:** ଏହି ରାଶି ଥିବା ବ୍ୟକ୍ତିମାନେ ଆଜି ସେମାନଙ୍କ କାର୍ଯ୍ୟରେ ନିୟୋଜିତ ହେବେ । ଛାତ୍ରମାନେ ଶିକ୍ଷା କ୍ଷେତ୍ରରେ ସଫଳ ହେବେ । ପ୍ରଭାବଶାଳୀ ଲୋକମାନେ ମାର୍ଗ ଦର୍ଶନ ପାଇ ପାରିବେ । ମସ୍ତିଷ୍କରେ ନୂତନ ଚିନ୍ତାଧାରା ସୃଷ୍ଟି ହୋଇପାରେ । ଆପଣ ସାମାଜିକ କ୍ଷେତ୍ରରେ ସମ୍ମାନ ପାଇବେ ।



**ମିଥୁନ:** ଏହି ରାଶିର ଲୋକମାନେ କେବଳ କମ୍ ପରିଶ୍ରମ ସହିତ କାର୍ଯ୍ୟ ହାସଲ କରିବେ । ଦୀର୍ଘ ଦିନ ଧରି ଅଟକି ରହିଥିବା କାର୍ଯ୍ୟ ସମାପ୍ତ ହେବ । ଚାକିରି କ୍ଷେତ୍ରରେ ସହକର୍ମୀମାନେ ଆପଣଙ୍କୁ ସମ୍ପୂର୍ଣ୍ଣ ସମର୍ଥନ କରିବେ ।




**କର୍କଟ:** ଏହି ବ୍ୟକ୍ତିମାନେ ଭାଇମାନଙ୍କର ସମ୍ପୂର୍ଣ୍ଣ ସମର୍ଥନ ପାଇବେ । ବ୍ୟବସାୟ ଗତିଶୀଳ ହୋଇପାରେ । ପୁଞ୍ଜି ବିନିଯୋଗ ସମ୍ବନ୍ଧୀୟ କାର୍ଯ୍ୟରେ ଆବଶ୍ୟକୀୟ ଲାଭ ପାଇବା ସମ୍ଭାବନା ଅଛି । ପୁରୁଣା ସାଙ୍ଗମାନଙ୍କୁ ଭେଟିବାର ସମ୍ଭାବନା ଅଛି ।



**ସିଂହ:** ଏହି ବ୍ୟକ୍ତିମାନେ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହ ଯୋଗାଯୋଗ କରିପାରିବେ । ଆପଣ ଏକ ନୂତନ କାର୍ଯ୍ୟ ଆରମ୍ଭ କରିବେ । ହଠାତ୍ ଟେଲି ଯୋଗାଯୋଗ ମାଧ୍ୟମରେ କିଛି ଭଲ ଖବର ପାଇବାର ସମ୍ଭାବନା ଅଛି । ଆୟ ରହିବ । ଶତ୍ରୁମାନେ ସକ୍ରିୟ ରହିବେ, ତେଣୁ ସତର୍କ ରୁହନ୍ତୁ । ଆଜି କୌଣସି ପ୍ରକାରର ବିତର୍କକୁ ଉତ୍ସାହିତ କରନ୍ତୁ ନାହିଁ ।




**କନ୍ୟା:** ଏହି ରାଶି ଥିବା ଲୋକମାନେ ଭାଗ୍ୟ ଦ୍ୱାରା କରାଯାଇଥିବା ପ୍ରୟାସର ଉପଯୁକ୍ତ ଫଳାଫଳ ପାଇବେ । ଆପଣ ଏକ ଲାଭଜନକ ଯାତ୍ରାକୁ ଯାଇପାରିବେ । ଯଦି ଆପଣ କୌଣସି ସ୍ଥାନରେ ବିନିଯୋଗ କରିବାକୁ ଯୋଜନା କରୁଛନ୍ତି, ତେବେ ଭଲ ଭାବରେ ଚିନ୍ତା କରନ୍ତୁ ।



**ତୁଳା:** ଏହି ଲୋକଙ୍କ ଆର୍ଥିକ ସ୍ଥିତିରେ ବହୁତ ଉନ୍ନତି ହେବାର ସମ୍ଭାବନା ଅଛି । ଅନେକ ଉପାୟରେ ଲାଭ ପାଇବାର ଲକ୍ଷଣ ଅଛି । ଆପଣ ଏକ ବଡ କାର୍ଯ୍ୟ କରିବାକୁ ସମର୍ଥ ହୋଇପାରନ୍ତି । ସାମାଜିକ ପ୍ରତିଷ୍ଠା ବୃଦ୍ଧି ପାଇବ । ଆପଣଙ୍କ ମନ ବହୁତ ଖୁସି ହେବ । ଆପଣ ଭଲ ପ୍ରକୃତି ଅନ୍ୟମାନଙ୍କୁ ପ୍ରଭାବିତ କରିପାରିବ ।



**ବିଛା:** ଏହି ବ୍ୟକ୍ତିମାନେ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନିଷ୍ପତ୍ତି ନେବାବେଳେ ତତ୍ପର ହୁଅନ୍ତି ନାହିଁ, ନଚେତ୍ କ୍ଷତି ହୋଇପାରେ । ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଦେଇ ଗତି କରିବାକୁ ପଡିବ । ବ୍ୟବସାୟ ଭଲ ହେବ । ଯାନବାହାନ ଏବଂ ଯନ୍ତ୍ରପାତି ବ୍ୟବହାରରେ ଅବହେଳା କର ନାହିଁ, ନଚେତ୍ ଏହା ଅସମ୍ଭବ ହୋଇପାରେ ।




**ଧନୁ:** ଚାକିରିଆ ଲୋକଙ୍କୁ ଅଫିସରେ ପରିଚାଳନା କରିବାକୁ ପଡିବ କାରଣ ଗୁପ୍ତ ଶତ୍ରୁମାନେ ଆପଣଙ୍କୁ ହଇରାଣ କରିବାକୁ ଚେଷ୍ଟା କରିବେ । ରାଜନୀତି କ୍ଷେତ୍ର ସହିତ ଜଡିତ ଲୋକମାନେ ସଫଳତା ପାଇବେ । ଆପଣ ଆପଣଙ୍କ ଯୋଜନା ଉପରେ ଧ୍ୟାନ ଦିଅନ୍ତୁ । ନକାରାତ୍ମକ ଚିନ୍ତାଧାରା ଆପଣଙ୍କୁ ପ୍ରାଧାନ୍ୟ ଦେବାକୁ ଦିଅନ୍ତୁ ନାହିଁ । ପୁରୁଣା ଜିନିଷକୁ ନେଇ ଚିନ୍ତା ଏବଂ ଟେନସନ ବୃଦ୍ଧି ପାଇପାରେ । ପାରିବାରିକ ପରିବେଶ ଭଲ ରହିବ ।




**ମକର:** ଏହି ରାଶିର ଲୋକଙ୍କ ଅପଚୟ ଖର୍ଚ୍ଚରେ ବୃଦ୍ଧି ଘଟିବ, ଯେଉଁ କାରଣରୁ ବଜେଟ୍ ନଷ୍ଟ ହୋଇପାରେ । ଅନ୍ୟମାନଙ୍କ କାର୍ଯ୍ୟରେ ହସ୍ତକ୍ଷେପ କରନ୍ତୁ ନାହିଁ । ଆପଣଙ୍କର କିଛି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବିଳମ୍ବ ହୋଇପାରେ, ଯାହା ପାଇଁ ଆପଣ ବହୁତ ଚିନ୍ତିତ ହେବେ । ଚାକିରି କ୍ଷେତ୍ରରେ ଅଧିକ କାର୍ଯ୍ୟ ଭାର ରହିବ । ଧର୍ଯ୍ୟର ଅଭାବ ରହିବ । ଆପଣ ଏକ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କ ବିଷୟରେ ଖରାପ ଅନୁଭବ କରିପାରନ୍ତି ।



**କୁମ୍ଭ:** ଏହି ରାଶିର ଲୋକମାନେ ସେମାନଙ୍କର ଟଙ୍କା ଫେରସ୍ତ ପାଇ ପାରିବେ । ଆପଣ ଏକ ଲାଭଜନକ ଯାତ୍ରାକୁ ଯାଇପାରିବେ । ଲାଭ ପାଇଁ ଅନେକ ସୁଯୋଗ ହାତକୁ ଯିବ । ଘର ବାହାରେ ଖୁସିର ପରିବେଶ ରହିବ । ଆପଣଙ୍କର ଉତ୍ସାହ ବୃଦ୍ଧି ପାଇବ । ଚାକିରି କ୍ଷେତ୍ରରେ, ଆପଣ ସମସ୍ତ କାର୍ଯ୍ୟ ଠିକ୍ ସମୟରେ ସମାପ୍ତ କରିପାରିବ ।



**ମୀନ:** ଏହି ଲୋକଙ୍କ ଘରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜିତ ହୋଇପାରିବ । ଅବିବାହିତ ଲୋକମାନେ ବିବାହ ପ୍ରସ୍ତାବ ପାଇବାର ସମ୍ଭାବନା ଅଛି । ଚାକିରିରେ ପଦୋନ୍ନତି ଇତ୍ୟାଦି ମିଳିପାରିବ । ସାମାଜିକ କ୍ଷେତ୍ରରେ ସମ୍ମାନ ବୃଦ୍ଧି ପାଇବ । ଆପଣ ବ୍ୟବସାୟରେ ଲାଭବାନ ହେବାର ସମ୍ଭାବନା ଅଛି । ଆପଣ ପ୍ରଭାବଶାଳୀ ବ୍ୟକ୍ତିଙ୍କଠାରୁ ମାର୍ଗଦର୍ଶନ ପାଇବେ ।



ଶ୍ରୀପତି ଆଚାର୍ଯ୍ୟ
ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯